ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 25/2024 | Page 18 | ₹ 7.00
୫୦ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 271 | ମୂଲ୍ୟ ₹୭/-



## ନାଗାର୍ଜୁନଙ୍କ କନ୍‌ଭେନ୍‌ଶନ ସେଣ୍ଟର ଭଙ୍ଗାଗଲା

ତେଲୁଗୁ ସୁପରଷ୍ଟାର ନାଗାର୍ଜୁନଙ୍କ ହାଇଦ୍ରାବାଦସ୍ଥିତ ଏନ୍-କନ୍‌ଭେନ୍‌ଶନ ସେଣ୍ଟରକୁ ସରକାରୀ କର୍ତ୍ତୃପକ୍ଷ ଶନିବାର ଭାଙ୍ଗିଦେଇଛନ୍ତି।

୧୧

୧୬

## ଲାଣ୍ଡୋ ନୋରିସଙ୍କୁ ପୋଲ୍ ପୋଜିଶନ

ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ହାସଲ କରିଛନ୍ତି ମ୍ୟାକଲରେନର ଲାଣ୍ଡୋ ନୋରିସ।



# ଅବସର ନେଲେ ମିଷ୍ଟର ଆଇସିସି

**ନୂଆଦିଲ୍ଲୀ,୨୪।୮(ପି.ଟି.)**

ଭାରତୀୟ କ୍ରିକେଟର ଅନ୍ୟତମ ବିସ୍ଫୋରକ ଓପନର ତଥା ମିଷ୍ଟର ଆଇସିସି ନାମରେ ପରିଚିତ ଶିଖର ଧାୱନ ଶନିବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୦ରେ ପଦାର୍ପଣ କରିଥିବା ଶିଖର ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ସଫଳ ପ୍ରଦର୍ଶନ ସହ ଭାରତୀୟ ଫ୍ୟାନ୍‌ଙ୍କ ମଧ୍ୟରେ ମିଷ୍ଟର ଆଇସିସି ଭାବରେ ପ୍ରସିଦ୍ଧି ହାସଲ କରିଛନ୍ତି। ୧୨ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଖେଳିଛନ୍ତି ୩୪ ଟେଷ୍ଟ, ୧୬୭ ଦିନିକିଆ ଓ ୬୮ ଟି୨୦ ମ୍ୟାଚ୍। ତେବେ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରୁଥିଲେ ଏହି ବଡ଼ ମ୍ୟାଚ୍‌ର ଖେଳାଳି। ୨୦୧୩ ଚାମ୍ପିୟନ୍ସ ଟ୍ରଫି ଭାରତ ଜିତିଥିବା ବେଳେ ଧାୱନ ସ୍କୋର କରିଥିଲେ ୩୬୩ ରନ୍। ଟୁର୍ନାମେଣ୍ଟରେ ସେ ସର୍ବାଧିକ ସ୍କୋରର ରହିଥିଲେ। ଅନ୍ୟପକ୍ଷରେ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ଭାରତ ରନରଅପ୍ ରହିଥିବା ବେଳେ ଧାୱନ ୩୩୮ ରନ୍ ସ୍କୋର କରିବା ସହ ଟପ୍ ସ୍କୋରର ରହିଥିଲେ। ଏହା ବ୍ୟତୀତ ୨୦୧୫ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୪୧୨ ରନ୍ ସ୍କୋର କରିବା ସହିତ ସେ ଭାରତର ସର୍ବାଧିକ ରନ୍ ସ୍କୋରର ରହିଥିଲେ। ଶନିବାର ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରି ଅବସର ସମ୍ପର୍କରେ ସେ ଘୋଷଣା କରିଥିଲେ। "ମୁଁ ମୋ କ୍ରିକେଟ କ୍ୟାରିୟରର ଅନ୍ତିମ ଚାପ୍ଟର ବନ୍ଦ କରିବାକୁ ଯାଉଛି। ଏହି ଯାତ୍ରା ମଧ୍ୟରେ ଅନେକ ସ୍ମୃତି ମୋ ସହ ଜଡ଼ିତ ହୋଇଛି; ଯାହା ଆଜୀବନ ☞ପୃଷ୍ଠା-୧୩




ଶିଖର ଧାୱନ

# ମଦଭାଟିରେ ବୁଲ୍‌ଡୋଜର

ଟିକିଟି ମଦମୃତ୍ୟୁ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସରକାରଙ୍କୁ ବିରୋଧୀ ଟାର୍ଗେଟ କରି ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଜିଦ୍ ଧରିଛନ୍ତି। ସରକାର ମଧ୍ୟ ଦେଶୀ ମଦ କାରବାର ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହିକ୍ରମରେ କମିଶନରେଟ ପୋଲିସ ଶନିବାର ବୁଲ୍‌ଡୋଜର ଚଳାଇ ଭୁବନେଶ୍ୱର ସାଲିଆସାହିସ୍ଥିତ ବେଆଇନ ଦେଶୀ ମଦଭାଟିକୁ ଭାଙ୍ଗିବା ସହ ବହୁ ମଦ ଏବଂ ପୋଚ ନଷ୍ଟ କରିଛି। ପୂର୍ବରୁ ବହୁବାର ସାଲିଆ ସାହିରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୁଣି ମଦଭାଟି ଚାଲୁଥିଲା। ଏବେ ପ୍ରଥମ ଥର ପାଇଁ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରି ବୁଲ୍‌ଡୋଜର ଚଢ଼ାଇ ଦେଶୀ ମଦ ପ୍ରସ୍ତୁତ ହେଉଥିବା ୪ଟି ଘରକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି।



ଭୁବନେଶ୍ୱର ସାଲିଆସାହିରେ ବୁଲ୍‌ଡୋଜର ଲଗାଇ ଦେଶୀ ମଦଭାଟି ଭଙ୍ଗାଯାଉଛି।



ଚଢ଼ାଉବେଳେ ଜବତ ଦେଶୀ ମଦ ଓ ପୋଚ।

## ଟିକିଟି ମଦମୃତ୍ୟୁ ପରେ ତତ୍ପରତା

**ଭୁବନେଶ୍ୱର,୨୪।୮ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହି ବେଆଇନ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। ନା ଅଛି ଲୋକ ଲଜ୍ଜା, ନା ଅଛି ଜେଲ ଯିବାର ଭୟ। ଖୋଲାଖୋଲି ଦେଶୀ ମଦ ପ୍ରସ୍ତୁତି ଚାଲୁଛି। ଘର ଭିତରେ ସୁଡ଼ଙ୍ଗ ବା ସିକ୍ରେଟ ଚାମ୍ବର କରି ହାଣ୍ଡିଆଠୁ ଆରମ୍ଭ କରି ପୋଚ ପର୍ଯ୍ୟନ୍ତ ସମସ୍ତ ପ୍ରକାର ମଦ ସାଲିଆ ସାହି ବସ୍ତିରେ ପ୍ରସ୍ତୁତି କରାଯାଉଛି। ଏହି ଖବର ପାଇବା ପରେ ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ୩ଟି ଟିମ୍ ଏବଂ ସ୍ଥାନୀୟ ଥାନାର ମିଳିତ ଚଢ଼ାଉରେ ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ ହୋଇଛି। ତେବେ ସବୁଠାରୁ ବଡ଼ କଥା ହେଲା ଚଢ଼ାଉବେଳେ ପୋଲିସ ୪ଟି ଦେଶୀ ମଦ କାରଖାନା ଠାବ ସହ ଘର ଭିତରୁ ସିକ୍ରେଟ ଚାମ୍ବରର ସନ୍ଧାନ ପାଇଥିଲା। ଘର କାନ୍ଥ ଖୋଲି ଅଣ୍ଡରଗ୍ରାଉଣ୍ଡ କରାଯାଇଥିଲା। ଆଉ ସେହି ଭିତରେ ଦେଶୀମଦ ପ୍ରସ୍ତୁତ କରାଯାଉଥିଲା, ଯାହାକୁ ଦେଖି ପୋଲିସ ମଧ୍ୟ ତାଜୁବ ହୋଇଯାଇଥିଲା। ସେପଟେ ସାଲିଆ ସାହିରେ ୪ ଘରେ ଦେଶୀ ମଦ ପ୍ରସ୍ତୁତ ହୋଇଥିବା ପ୍ରମାଣ ପାଇବା ପରେ ପୋଲିସ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ଭାଙ୍ଗି ଦେଇଛି। ଏହି ଘଟଣାରେ ପୋଲିସ ୮ ମାମଲା ରୁଜୁ କରିଥିଲେ ମଧ୍ୟ ଚଢ଼ାଉରେ କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ପୋଲିସ ୧୧ ହଜାର ୫୦୦ ଲିଟର ଦେଶୀ ମଦ ଓ ୫୦ ହଜାର ଲିଟର ପୋଚ ☞ପୃଷ୍ଠା-୧୩




**ଫେବୃଆରୀ ଯାଏ ମହାକାଶରେ ରହିବେ ସୁନୀତା**

ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଶୁଣିବାକୁ ପଡୁଛି**

## ବନ୍ଦ ଘରେ ମହିଳା ଜେଇଙ୍କ ଝୁଲନ୍ତା ମୃତଦେହ



ମୋନାଲିସା ହେମ୍ବ୍ରମ

**ଭୋଗରାଇ,୨୪।୮(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ କାର୍ଯ୍ୟରତ ମହିଳା କନିଷ୍ଠଯନ୍ତ୍ରୀ(ଜେଇ) ମୋନାଲିସା ହେମ୍ବ୍ରମ(୨୬)ଙ୍କ ଝୁଲନ୍ତା ମୃତଦେହ ବନ୍ଦ ଘରୁ ପୋଲିସ ଜବତ କରିଛି। ସେ ମନ୍ଦାରସାହି ପଞ୍ଚାୟତ ଦାୟିତ୍ୱରେ ଥିଲେ। ଥାନାଛକସ୍ଥିତ ଭଡ଼ାଘରୁ ପୋଲିସ ଶନିବାର ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ଏହିଘଟଣାରେ ପୋଲିସ ଏକ ମାମଲା (ନଂ.୧ ୯/୨୪) ରୁଜୁ କରିଛି। ମୃତ କନିଷ୍ଠଯନ୍ତ୍ରୀଙ୍କ ଘର ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ମସିଣାକାଥି ଅଞ୍ଚଳରେ।

କନିଷ୍ଠଯନ୍ତ୍ରୀ ମୋନାଲିସା ୬ମାସ ହେଲା ଚାକିରି କରିଥିଲେ। ଥାନାଛକ ସ୍ଥିତ କମଳାଭବନ ୩ ମହଲାରେ ଏକ ଭଡ଼ାଘରେ ସେ ରହୁଥିବା ବେଳେ ତାଙ୍କର ସମ୍ପର୍କୀୟ ଭାଇ ବୋଲି ପରିଚୟ ଦେଇ ପ୍ରୀତିରଞ୍ଜନ କିସ୍କୁ ନାମକ ଯୁବକ ମଝିରେ ମଝିରେ ତାଙ୍କ ପାଖକୁ ଆସି ରହୁଥିଲେ ବୋଲି ଘର ମାଲିକ କହିଛନ୍ତି। ଶନିବାର ପୂର୍ବାହ୍ନ ୧୦ଟାରେ ପ୍ରୀତିରଞ୍ଜନ କନିଷ୍ଠଯନ୍ତ୍ରୀ ମୋନାଲିସା ରହୁଥିବା ଘରକୁ ଆସି ବାରମ୍ବାର କଲିଂବେଲ ମାରି ନିରାଶ ହେବା ପରେ ଘର ମାଲିକାଣୀଙ୍କୁ ଡାକିଥିଲେ। ଭିତରପଟୁ କବାଟ ବନ୍ଦ ଥିବା ଦେଖି କୌଣସି ଉତ୍ତର ନ ମିଳିବାରୁ ମାଲିକାଣୀ କାଚ ଝରକା ଭାଙ୍ଗି ଦେଖିଥିଲେ। ମୋନାଲିସା ଫ୍ୟାନ୍‌ରେ ଝୁଲୁଥିବା ଦେଖି ସେ ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ପ୍ରୀତିରଞ୍ଜନ କୌଶଳକ୍ରମେ ☞ପୃଷ୍ଠା-୧୩






## ସଂକ୍ଷେପରେ

### ଚାଇନାରେ ବର୍ଷା ବିପ୍ରାତ: ୧୧ ମୃତ

ବେଜିଂ, ୨୪।୮

ଚାଇନାର ଲିୟୋନିଙ୍ଗ ପ୍ରଦେଶସ୍ଥିତ ହୁଲୁଡାଓ ସହରରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ଶନିବାର ସୁଦ୍ଧା ୧୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୪ ଜଣ ନିଖୋଜ ଅଛନ୍ତି। ଭୀଷଣ ବର୍ଷାରେ ସହରର ୧.୪୪ ବିଲିୟନ ଡଲାର ମୂଲ୍ୟର ରାସ୍ତା ଓ ବ୍ରିଜ୍‌ଗୁଡ଼ିକୁ ବ୍ୟାପକ କ୍ଷତି ପହଞ୍ଚିଥିବା ସ୍ଥାନୀୟ ମିଡିଆ ପ୍ରକାଶ କରିଛି। ସେହିପରି ହୁଲୁଡାଓ ସହରର ବିଦ୍ୟୁତ୍ ଲାଇନ, ଯୋଗାଯୋଗ ନେଟୱର୍କ, ଘର, ଫସଲ ଆଦି ପ୍ରଭାବିତ ହୋଇଛି। ଭୀଷଣ ବର୍ଷା ଯୋଗୁ ହୁଲୁଡାଓର ୧,୮୮,୭୫୭ ଜଣ ପ୍ରଭାବିତ ହୋଇଥିବା ସ୍ଥାନୀୟ ପ୍ରଶାସନ ପ୍ରକାଶ କରିଛି।

### ଅଭିନେତ୍ରୀ ପାୟଲଙ୍କୁ ଆକ୍ରମଣ

କୋଲକାତା, ୨୪।୮

ଲୋକପ୍ରିୟ ବଙ୍ଗଳା ଅଭିନେତ୍ରୀ ପାୟଲ ମୁଖାର୍ଜୀ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦକ୍ଷିଣ କୋଲକାତାସ୍ଥିତ ସଦର୍ନ ଆଭେନ୍ୟୁ ଅଞ୍ଚଳରେ ନିଜ ଏସ୍‌ୟୁଭି କାରରେ ଯାଉଥିବାବେଳେ ଆକ୍ରମଣର ଶିକାର ହୋଇଛନ୍ତି। ବାଇକ ଚଳାଉଥିବା ଜଣେ ଦୁର୍ବୃତ୍ତ ପାୟଲଙ୍କ କାର୍ ସମ୍ମୁଖରେ ନିଜ ବାଇକକୁ


ପାୟଲ ମୁଖାର୍ଜୀ

ଅଟକାଇଥିଲେ ଏବଂ କାର୍‌ରୁ ବାହାରିବାକୁ ତାଙ୍କୁ ଧମକ ଦେଇଥିଲେ। ତେବେ ପାୟଲ ଗାଡ଼ିରୁ ନ ବାହାରିବାରୁ ଦୁର୍ବୃତ୍ତ ଜଣକ ତାଙ୍କ କାର୍‌ର ଝରକା କାଚକୁ ଭାଙ୍ଗିବା ସହ ତାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ତାଙ୍କ ହାତରେ ଆଘାତ ଲାଗିଥିବା ପାୟଲ କହିଛନ୍ତି। ସ୍ଥାନୀୟ ଲୋକେ ଆସି ପାୟଲଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ବାଇକ ଚାଳକ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲା। ଶନିବାର ସମ୍ପୂର୍ଣ୍ଣ ଘଟଣାକୁ ନେଇ ପାୟଲ ସୋସିଆଲ ମିଡିଆରେ ସୂଚନା ଦେବା ସହ ରାଜ୍ୟରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

### ୟୁପିରେ ଅନର କିଲିଂ
### ଭିନ୍ନ ସମ୍ପ୍ରଦାୟରେ ବିବାହ କରିବାରୁ ଝିଅଙ୍କୁ ହତ୍ୟା

କନୌଜ, ୨୪।୮

ଉତ୍ତରପ୍ରଦେଶର କନୌଜରେ ମୁସଲମାନ ଯୁବକଙ୍କୁ ବିବାହ କରିବାରୁ ପାରୁଲ(୩୦) ନାମ୍ନୀ ଜଣେ ଯୁବତୀଙ୍କୁ ତାଙ୍କ ବାପା ସୁରେନ୍ଦ୍ର ସିଂ ଠାକୁର କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ୨ ବର୍ଷ ତଳେ ପରିବାରର ବିରୋଧ ସତ୍ତ୍ୱେ ପାରୁଲ ଭଲପାଇ ଜଣେ ମୁସଲମାନ ଯୁବକଙ୍କୁ ବିବାହ କରିଥିଲେ। ଗତ ରାଖୀ ପୂର୍ଣ୍ଣିମାରେ ପାରୁଲ ବାପଘରକୁ ଆସିଥିଲେ। ଅନ୍ୟ ସମ୍ପ୍ରଦାୟରେ ବିବାହ କରିଥିବାରୁ ଶୁକ୍ରବାର ପରିବାର ସଦସ୍ୟଙ୍କ ସହ ପାରୁଲଙ୍କ ବଚସା ହୋଇଥିଲା। ବାପା ସୁରେନ୍ଦ୍ର କୁରାଢ଼ିରେ ପାରୁଲଙ୍କୁ ହାଣି ଦେଇଥିଲେ। ପୋଲିସ ପାରୁଲଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



ପ୍ରାଣୀଙ୍କ ମୁକ୍ତି ଦାବିରେ ଭେଗାନ୍ ଇଣ୍ଡିଆ ମୁଭ୍‌ମେଣ୍ଟ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଶନିବାର ଅନୁଷ୍ଠିତ ବିକ୍ଷୋଭରେ ପ୍ରାଣୀ ଅଧିକାର କର୍ମୀମାନେ ସାମିଲ ହୋଇଛନ୍ତି।

# ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତଙ୍କ ମୃତ୍ୟୁ

### ଆସାମ ଗଣବଳାତ୍କାର ମାମଲା

ଗୁଆହାଟୀ, ୨୪।୮

ଆସାମର ଧିଙ୍ଗ୍ ଅଞ୍ଚଳରେ ୧୪ ବର୍ଷୀୟା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ଶନିବାର ଭୋର ସମୟରେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ପୋଖରୀରେ ପଡ଼ି ପ୍ରାଣ ହରାଇଥିବା ପୋଲିସ କହିଛି। ପୋଲିସ ଅଭିଯୁକ୍ତ ତାଫିକୁଲ ଇସ୍‌ଲାମ ଓରଫ ତାଫଜୁଲଙ୍କୁ ଜେରା କରିବା ପରେ ଅଧିକ ତଦନ୍ତ ପାଇଁ ତାଙ୍କୁ ଶନିବାର ଭୋର ସମୟରେ ଅପରାଧ ସ୍ଥଳକୁ ନେଇଥିଲା। ଏହି ସମୟରେ ତାଫିକୁଲ ଖସିପଳାଇବାକୁ ଉଦ୍ୟମ କରି ନିକଟରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିଲେ ବୋଲି ନଗାଁଓ ଏସ୍‌ପି ସ୍ୱପ୍ନନିଲ ଡେକା କହିଛନ୍ତି। ପୋଲିସ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ତାଫିକୁଲଙ୍କ ମୃତଦେହ ପାଇଥିଲେ। ବନ୍ଧାଯାଇଥିବା ଦଉଡ଼ିକୁ ଝିଙ୍କି ଅଭିଯୁକ୍ତ ପଳାଇବାକୁ ଉଦ୍ୟମ କଲାବେଳେ କନ୍‌ଷ୍ଟେବଲଙ୍କ ହାତ କ୍ଷତାକ୍ତ ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ଏସ୍‌ପି କହିଛନ୍ତି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ଗାଁ ବୋରଭେଟିର ଲୋକମାନେ ତାଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ କବର ଦେବାକୁ ଅନୁମତି ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ନଗାଁଓ ଜିଲା ଧିଙ୍ଗ୍ ଗ୍ରାମର ଛାତ୍ରୀ ଜଣକ ଗୁରୁବାର ରାତିରେ ଟ୍ୟୁଶନରୁ ଘରକୁ ଫେରୁଥିବାବେଳେ ୩ ଜଣ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିବା ସହ ଗଣବଳାତ୍କାର କରିଥିଲେ। ସେମାନେ ପୀଡ଼ିତାଙ୍କୁ ଆହତ ଓ ଅଚେତ ଅବସ୍ଥାରେ ରାସ୍ତାପାର୍ଶ୍ୱରେ ଛାଡ଼ି ଚାଲିଯାଇଥିଲେ। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରତିଶ୍ରୁତି ଦେଇଥିଲେ। ହିନ୍ଦୁ ନାବାଳିକାଙ୍କ ପ୍ରତି ଏଭଳି ଜଘନ୍ୟ ଅପରାଧ କରିଥିବା ମୁସଲମାନ ଅଭିଯୁକ୍ତଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ପଶ୍ଚିମବଙ୍ଗ ଏବଂ ଆସାମ ଘଟଣା ସମ୍ପୂର୍ଣ୍ଣ ଅଲଗା। ପଶ୍ଚିମବଙ୍ଗରେ ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବାବେଳେ ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଛି। ସେଠାରେ ପୋଲିସର କାର୍ଯ୍ୟାନୁଷ୍ଠାନ ସନ୍ଦେହଜନକ। କିନ୍ତୁ ଆସାମରେ ନାବାଳିକାଙ୍କ ପ୍ରତି ଜଘନ୍ୟ ଅପରାଧ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି। ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ପୋଲିସ ଡିଜିଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ପାଇଁ ଜଣେ ମନ୍ତ୍ରୀଙ୍କୁ ମଧ୍ୟ ନଗାଁଓ ହସ୍ପିଟାଲକୁ ପଠାଯାଇଥିଲା। ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ଦାବିରେ ଶନିବାର ଗାଁ ମସ୍‌ଜିଦଠାରୁ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା।

### ଇସ୍ପାତ କାରଖାନା ବଏଲରରେ ବିସ୍ଫୋରଣ: ୩୦ ଆହତ

ମୁମ୍ବାଇ, ୨୪।୮

ମହାରାଷ୍ଟ୍ରର ଜଲ୍‌ନା ଜିଲାରେ ଥିବା ଏକ ଇସ୍ପାତ କାରଖାନା ବଏଲରରେ ଶନିବାର ଅପରାହ୍ଣରେ ବିସ୍ଫୋରଣ ହୋଇଛି। ଏହି ବିସ୍ଫୋରଣରେ ୩୦ ଜଣ ଶ୍ରମିକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଗୁରୁତର ଥିବା ଲୋକଙ୍କୁ ଛତ୍ରପତି ସାମ୍ଭାଜୀ ନଗରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗଜକେଶରୀ ଇସ୍ପାତ ଫ୍ୟାକ୍ଟ୍ରିରେ ଶ୍ରମିକମାନେ ବଏଲରରେ ଧାତବ ପଦାର୍ଥ ଢାଳୁଥିବାବେଳେ ବିସ୍ଫୋରଣ ହୋଇଥିଲା। ଉତ୍ତପ୍ତ ତରଳ ଧାତବ ପଡ଼ି ୩୦ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ସ୍ଥାନୀୟ ଓମ୍ ହସ୍ପିଟାଲକୁ ନିଆଯାଇଥିଲା। ଗୁରୁତର ଆହତଙ୍କ ଚିକିତ୍ସା ଜାରି ରହିଛି। ବିସ୍ଫୋରଣ ଘଟଣାର ତଦନ୍ତ ଜାରି ରହିଥିବା ଜଲ୍‌ନା ଏସ୍‌ପି କହିଛନ୍ତି।

### ଅସ୍ତ୍ରବିରତି ଆଲୋଚନା ପୂର୍ବରୁ ଗାଜାରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍: ୩୬ ମୃତ

ରାଫାହ, ୨୪।୮

ଦକ୍ଷିଣ ଗାଜାରେ ଶନିବାର ଇସ୍ରାଏଲର ଏକାଧିକ ଏୟାର ଷ୍ଟ୍ରାଇକ୍ ଯୋଗୁ ୩ ଡଜନରୁ ଅଧିକ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୨ ଶିଶୁଙ୍କ ସମେତ ୧୧ ଜଣ ରହିଛନ୍ତି। ତେବେ ଇସ୍ରାଏଲ ପକ୍ଷରୁ କରାଯାଇଥିବା ୩ଟି ଷ୍ଟ୍ରାଇକ୍‌ରୁ ମିଳିଥିବା ୩୩ଟି ମୃତଦେହ ଆସି ସ୍ଥାନୀୟ ନାସିର ହସ୍ପିଟାଲରେ ପହଞ୍ଚିଥିବାବେଳେ ଅନ୍ୟ ଏକ ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଥିବା ଆଉ ୩ ମୃତଦେହ ଅଲ୍ ଅକ୍‌ସା ହସ୍ପିଟାଲରେ ଆସି ପହଞ୍ଚିଥିବା ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି। ପଡ଼ୋଶୀ ଇଜିପ୍ଟରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଆଲୋଚନା ପାଇଁ ହମାସ ପ୍ରତିନିଧି ଦଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିବାବେଳେ ଇସ୍ରାଏଲ ପକ୍ଷରୁ ଉକ୍ତ ଆକ୍ରମଣ କରାଯାଇଥିବା ନେଇ ହମାସ ଦାବି କରିଛି।

### ହେଲିକପ୍ଟର ଦୁର୍ଘଟଣା: ୪ ଆହତ



ପୁଣେ, ୨୪।୮

ମହାରାଷ୍ଟ୍ରର ପୁଣେ ଜିଲାରେ ଶନିବାର ଗ୍ଲୋବାଲ ଭେକ୍ଟ୍ରା ଘରୋଇ ବିମାନ ଚଳାଚଳ କମ୍ପାନୀର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ମୁମ୍ବାଇର ଜୁହୁରୁ ଏଡବ୍ଲ୍ୟୁ-୧୩୯ ମଡେଲର ହେଲିକପ୍ଟରଟି ହାଇଦ୍ରାବାଦ ଯାଉଥିବାବେଳେ ପୁଣେ ଜିଲାର ପୌଦ ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଡାକ୍ତରଙ୍କ କାର୍ଯ୍ୟବନ୍ଦ ଜାରି
## ସ୍ୱାସ୍ଥ୍ୟସେବା ପ୍ରଭାବିତ

କୋଲକାତା,୨୪।୮ (ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ଶନିବାର କ୍ରମାଗତ ୧୬ ଦିନରେ ପହଞ୍ଚିଥିବାବେଳେ ପଶ୍ଚିମବଙ୍ଗର ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି। କେବଳ ବରିଷ୍ଠ ଡାକ୍ତରମାନେ ହସ୍ପିଟାଲରେ ରୋଗୀ ଦେଖୁଛନ୍ତି। ମୃତା ଡାକ୍ତରଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଆନ୍ଦୋଳନକାରୀ ଡାକ୍ତରମାନେ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଆନ୍ଦୋଳନକାରୀ ଡାକ୍ତର ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ସର୍ବୋଚ୍ଚ ଅଦାଲତ ଗୁରୁବାର ପରାମର୍ଶ ଦେଇଥିଲେ। ନ୍ୟାୟ ଓ ଜୀବନ ସହ ସମ୍ପୃକ୍ତ ଘଟଣାରେ ସାମିଲ ଥିବା ବିଚାରପତି ଓ ଡାକ୍ତର ଧର୍ମଘଟ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ। ଏହାପରେ ବିଭିନ୍ନ ରାଜ୍ୟରେ ଡାକ୍ତରମାନେ ଆନ୍ଦୋଳନରୁ ଓହରି ଯାଇଥିବାବେଳେ ପଶ୍ଚିମବଙ୍ଗରେ ଆନ୍ଦୋଳନ ଜାରି ରହିଛି। ମୃତା ଡାକ୍ତରଙ୍କୁ ନ୍ୟାୟ ଦାବି ସମେତ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରଶାସନର କେତେଜଣ ଅଫିସରଙ୍କୁ ବହିଷ୍କାର ପାଇଁ ସରକାରଙ୍କ ଉପରେ ଚାପ ପକାଇ ଆସୁଛନ୍ତି। ସେମାନଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ରାଜ୍ୟ ସରକାର ମେଡିକାଲ କଲେଜର ୩ ଜଣ ବରିଷ୍ଠ ଅଫିସରଙ୍କୁ ବୁଧବାର ରାତିରେ ବହିଷ୍କାର କରିଥିଲେ।

### ଆର୍.ଜି. କର ହସ୍ପିଟାଲ ଅନିୟମିତତା
## ସନ୍ଦୀପ୍‌ଙ୍କ ନାଁରେ ସିବିଆଇ ମାମଲା

କୋଲକାତା,୨୪।୮

ଟ୍ରେନି ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ବିବାଦ ମଧ୍ୟରେ ରହିଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲର ଆର୍ଥିକ ଅନିୟମିତତା ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ଗୋଇନ୍ଦା ବ୍ୟୁରୋ (ସିବିଆଇ) ଗ୍ରହଣ କରିବା ପରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ନାଁରେ ମାମଲା ରୁଜୁ କରିଛି। ଫଳରେ ସନ୍ଦିପଙ୍କ ଅଡୁଆ ଆହୁରି ବଢ଼ିଯାଇଛି। ଘୋଷ ଉକ୍ତ ମେଡିକାଲ କଲେଜର ଅଧ୍ୟକ୍ଷ ଥିବା ସମୟରେ ବ୍ୟାପକ ଆର୍ଥିକ ଅନିୟମିତତାର ଅଭିଯୋଗ ହୋଇଥିଲା। ମେଡିକାଲ କଲେଜର


ସନ୍ଦୀପ୍ ଘୋଷ

ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଖତର ଅଲିଙ୍କ ପିଟିଶନ୍‌ର ବିଚାର କରି କୋଲକାତା ହାଇକୋର୍ଟ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଥିଲେ। ଆର୍ଥିକ ଅନିୟମିତତାର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା କରାଇବାକୁ ଅଖତର ନିବେଦନ କରିଥିଲେ। ସିବିଆଇ ତଦନ୍ତ ଦାୟିତ୍ୱ ନେବା ପରେ ପ୍ରିନ୍ସିପାଲ ସନ୍ଦୀପଙ୍କ ବିରୋଧରେ ପ୍ରଥମ ମାମଲା ରୁଜୁ କରିଛି।

ଗତ ୯ ତାରିଖରେ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ହଲ୍‌ରୁ ୩୧ ବର୍ଷୀୟା ଟ୍ରେନି ମହିଳା ଡାକ୍ତରଙ୍କ ମୃତଦେହ ମିଳିବା ପରେ ସନ୍ଦୀପ ପ୍ରିନ୍ସିପାଲ ପଦବୀରୁ ଇସ୍ତଫା ଦେଇଥିଲେ। ପରେ ପରେ ତାଙ୍କୁ କୋଲକାତା ନ୍ୟାଶନାଲ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ଭାବେ ନିଯୁକ୍ତି ଦିଆଯାଇଥିଲା। ପଶ୍ଚିମବଙ୍ଗ ସରକାରଙ୍କ ଏହି ନିଷ୍ପତ୍ତିକୁ ଛାତ୍ରୀଛାତ୍ର ବିରୋଧ କରିବା ସହ ହାଇକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ତାଙ୍କୁ ଦୀର୍ଘ ଛୁଟିରେ ଯିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ୨୦ ତାରିଖରେ ପଶ୍ଚିମବଙ୍ଗ ସରକାର ଏସ୍‌ଆଇଟି ଗଠନ କରି ହସ୍ପିଟାଲରେ ହୋଇଥିବା ଆର୍ଥିକ ଅନିୟମିତାର ତଦନ୍ତ ଦାୟିତ୍ୱ ଦେଇଥିଲେ। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏସ୍‌ଆଇଟି ସମସ୍ତ ଦସ୍ତାବିଜ ଶନିବାର ସିବିଆଇକୁ ହସ୍ତାନ୍ତର କରିଥିଲା। ସୂଚନାଯୋଗ୍ୟ, ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାରେ ସିବିଆଇ ସନ୍ଦୀପଙ୍କୁ ୮୮ ଘଣ୍ଟା ଜେରା କରିବା ପରେ ଶନିବାର ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରାଇଛି।

## ଫୁର୍‌ସତ୍


କଙ୍ଗନା ରାଣାଓ୍ୱତ

### ‘ଏମର୍ଜେନ୍ସି’ ଫିଲ୍ମ ବିରୋଧରେ ହୋଇଥିଲା ଷଡ଼ଯନ୍ତ୍ର

**ମୁମ୍ବାଇ:** ସମ୍ପ୍ରତି ଅଭିନେତ୍ରୀ ତଥା ଏମ୍‌ପି କଙ୍ଗନା ରାଣାଓ୍ୱତ ନିଜର ଆଗାମୀ ଚଳଚ୍ଚିତ୍ର ‘ଏମର୍ଜେନ୍ସି’ ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଚଳଚ୍ଚିତ୍ରରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜରକୁ ଆସିବେ। ନିକଟରେ ‘ଏମର୍ଜେନ୍ସି’ର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଏହାକୁ ଦର୍ଶକଙ୍କ ଭଲ ପ୍ରତିକ୍ରିୟା ମିଳିଛି। ତେବେ ଶନିବାର ଏକ ସାକ୍ଷାତ୍‌କାର ସମୟରେ ‘ଏମର୍ଜେନ୍ସି’ ଫିଲ୍ମ ବିରୋଧରେ ଷଡ଼ଯନ୍ତ୍ର ହୋଇଥିବା ନେଇ କଙ୍ଗନା ଦାବି କରିଛନ୍ତି। ଅନେକ କାଷ୍ଟିଂ ନିର୍ଦ୍ଦେଶକ, ସିନେମାଟୋଗ୍ରାଫର ଏବଂ ଅଭିନେତାମାନଙ୍କୁ ଏହି ଫିଲ୍ମରେ କାମ କରିବାକୁ ମନା କରାଯାଇଥିବା ସେ କହିଛନ୍ତି। ତେଣୁ ଫିଲ୍ମ ପାଇଁ ଅନେକ କାଷ୍ଟିଂ ଡିରେକ୍ଟର ଓ ସିନେମାଟୋଗ୍ରାଫରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ କାମ କରିବାକୁ ମନା କରିଦେଇଥିଲେ। କଙ୍ଗନା କହିଛନ୍ତି, ଇଣ୍ଡଷ୍ଟ୍ରିର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅନ୍ୟମାନଙ୍କୁ ତାଙ୍କ ସହ କାମ ନ କରିବାକୁ ନିର୍ଦ୍ଦେଶ ଦେଉଥିଲେ। ସେହିପରି ‘ଏମର୍ଜେନ୍ସି’ ଫିଲ୍ମରେ କାମ ନ କରିବାକୁ ବହୁ ଅଭିନେତାଙ୍କ ନିକଟକୁ କଲ୍ ଆସୁଥିଲା। ତାଙ୍କ ନିର୍ମିତ ଏହି ଫିଲ୍ମ ବିରୋଧରେ ବଲିଉଡ୍‌ରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା ବୋଲି ସେ ତାଙ୍କ ସୂତ୍ରରୁ ଜାଣିପାରିଥିବା କଙ୍ଗନା କହିଛନ୍ତି। ଅନୁପମ ଖେର, ଶ୍ରେୟାସ ତଲପଡ୍ରେ, ମହିମା ଚୌଧୁରୀଙ୍କ ଭଳି ତାରକା ତାଙ୍କ ସହ ଉକ୍ତ ଫିଲ୍ମରେ କାମ କରିଥିବାରୁ ସେ ନିଜକୁ ଭାଗ୍ୟବାନ୍ ମନେକରୁଛନ୍ତି ବୋଲି କଙ୍ଗନା କହିଛନ୍ତି। ‘ଏମର୍ଜେନ୍ସି’ ଫିଲ୍ମର ସମସ୍ତ କାଷ୍ଟ ତାଙ୍କୁ ଯଥେଷ୍ଟ ସମ୍ମାନ ଦେଇଥିବା ସେ ଏହି ସାକ୍ଷାତ୍‌କାରରେ କହିଛନ୍ତି।

### ୩.୮ କେ.ଜି.ର ବାଇଗଣ

**ୱାଶିଂଟନ:** ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍(ଜିଡବ୍ଲ୍ୟୁଆର୍)ରେ ପ୍ରତିଦିନ ଅନେକ ମଜାଦାର ରେକର୍ଡ ସ୍ଥାନ ପାଇଥାଏ। ଆମେରିକାର ଡେଭ୍ ବେନେଟ୍ ନାମକ ଜଣେ ବ୍ୟକ୍ତି ୨୦୦ କିମ୍ବା ୪୦୦ ଗ୍ରାମର ନୁହେଁ ବରଂ ୩.୭୭ କିଲୋଗ୍ରାମ ଓଜନ ବିଶିଷ୍ଟ ଏକ ବାଇଗଣ ଫଳାଇ ଜିଡବ୍ଲ୍ୟୁଆର୍‌ରେ ନିଜ ନାମକୁ ସ୍ଥାନିତ କରିଛନ୍ତି। ଅଧିକାଂଶ ବାଇଗଣର ଓଜନ ୧୫୦ରୁ ୨୦୦ ଗ୍ରାମ୍ ମଧ୍ୟରେ ରହୁଥିବା ବେଳେ ଏହାର ଆକାର ମଧ୍ୟ ବହୁ ଛୋଟ ହୋଇଥାଏ। ତେବେ ଡେଭ୍ ଫଳାଇଥିବା ୩.୭୭ କେ.ଜି. ଓଜନ ବିଶିଷ୍ଟ ବାଇଗଣର ଆକାର ବହୁ ବଡ଼ ରହିଛି। ଜିଡବ୍ଲ୍ୟୁଆର୍‌ର ଆଧିକାରିକ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଉକ୍ତ ବାଇଗଣର ଏକ ଭିଡିଓ ଶେୟାର କରାଯାଇ ଏହି ସୂଚନା ଦିଆଯାଇଛି। ଅନ୍ୟ ସାଧାରଣ ବାଇଗଣର ଓଜନ ତୁଳନାରେ ଉକ୍ତ ବାଇଗଣର ଓଜନ ୧୦ ଗୁଣାରୁ ଅଧିକ ହେବ ବୋଲି ଏହି ପୋଷ୍ଟରେ କୁହାଯାଇଛି। ଗତ ଏପ୍ରିଲ୍‌ରେ ଉକ୍ତ ବାଇଗଣ ଗଛ ଡେଭ୍‌ଙ୍କ ଦ୍ୱାରା ରୋପିତ ହୋଇଥିବାବେଳେ ଏହାକୁ ଗତ ଜୁଲାଇ ୩୧ରେ ଅମଳ କରାଯାଇଥିଲା।

#### ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ



### ଆକାଶରେ ଏକସଙ୍ଗେ ୭ ସୂର୍ଯ୍ୟ



**ବେଜିଂ:** ବେଳେବେଳେ ଆକାଶରେ ଏପରି କିଛି ବିରଳ ଦୃଶ୍ୟ ଦେଖିବାକୁ ମିଳିଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ନିକଟରେ ସୂର୍ଯ୍ୟ ସହ ଜଡ଼ିତ ଏକ ରହସ୍ୟମୟ ଦୃଶ୍ୟ ଆକାଶରେ ଦେଖିବାକୁ ମିଳିଛି। ଆକାଶରେ ଗୋଟିଏ କି ୨ଟି ନୁହେଁ, ଏକସଙ୍ଗେ ୭ଟି ସୂର୍ଯ୍ୟ ଦେଖିବାକୁ ମିଳିଛି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦକ୍ଷିଣ ପଶ୍ଚିମ ଚାଇନାର ସିଚୁଆନ ପ୍ରଦେଶସ୍ଥିତ ଚେଙ୍ଗଡୁ ସହରର ଆକାଶରେ ଏପରି ଅବିଶ୍ୱସନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶୁକ୍ରବାର ଚେଙ୍ଗଡୁ ସହରର ଏକ ହସ୍ପିଟାଲର ଝରକାରୁ ୱାଙ୍ଗ୍ ନାମ୍ନୀ ଜଣେ ମହିଳା ଆକାଶରେ ଏକସଙ୍ଗେ ୭ଟି ସୂର୍ଯ୍ୟଙ୍କୁ ଦେଖିବାକୁ ପାଇ ଏହାର ଭିଡିଓକୁ ରେକର୍ଡ କରିଥିଲେ। ଗୋଟିଏ ସୂର୍ଯ୍ୟ ବାଦଲ ପଛରେ ରହିଥିବା ବେଳେ ଅନ୍ୟ ୬ଟି ସୂର୍ଯ୍ୟ ଆକାଶରେ ଅଲଗା ରହି ଅଲଗା ଚମକୁଥିବା ନେଇ ୱାଙ୍ଗ୍ ଦେଖିଥିଲେ। ତେବେ ଲାଇଟ ରିଫ୍ଲେକ୍ସନରେ ଅପ୍ଟିକାଲ ଇଲୁଜନ ଯୋଗୁ ଏକସଙ୍ଗେ ୭ଟି ସୂର୍ଯ୍ୟ ଦେଖାଯାଇଥିବା ନେଇ ବିଭିନ୍ନ ବିଶେଷଜ୍ଞ ମତ ରଖିଛନ୍ତି। ଲାଇଟ ରିଫ୍ଲେକ୍ସନ ଲେୟର୍ଡ ଗ୍ଲାସ ଯୋଗୁ ଏପରି ଘଟିଥିଲା। ଝରକା କାଚର ପ୍ରତ୍ୟେକ ଲେୟାରରେ ଏକ ଅଲଗା ସୂର୍ଯ୍ୟର ପ୍ରତିଛବି ତିଆରି ହୋଇଥିଲା ଏବଂ ଆକାଶରେ ୭ ସୂର୍ଯ୍ୟ ଦେଖାଯିବାର ଭ୍ରମ ସୃଷ୍ଟି ହୋଇଥିଲା। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାକୁ ଏକ ସାମାନ୍ୟ ଅପ୍ଟିକାଲ ଭ୍ରମ ବୋଲି ବହୁ ବୈଜ୍ଞାନିକ କହିଛନ୍ତି।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୨୪ | Bhubaneswar, Sunday, August 25/2024


# ସନ୍ଦୀପ, ୪ ଅଭିଯୁକ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ


ସନ୍ଦୀପ ଘୋଷ

**ଆର୍.ଜି. କର କଳା ଇତିହାସ**

କୋଲକାତା,୨୪।୮(ପି.ଟି.)



ଆର୍.ଜି. କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟାର ପ୍ରତିବାଦରେ ଶନିବାର କୋଲକାତାର ପ୍ରାତଃ ଭ୍ରମଣକାରୀମାନେ ବିକ୍ଷୋଭ କରୁଛନ୍ତି।

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଶନିବାର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷ ସମେତ ୬ ଜଣଙ୍କ ପଲିଗ୍ରାଫ୍ ଟେଷ୍ଟ ବା ମିଛଧରା ପରୀକ୍ଷା ଆରମ୍ଭ ହୋଇଛି। ସନ୍ଦୀପ, ବଳାତ୍କାର ଓ ହତ୍ୟା ଘଟଣା ରାତିରେ ଡ୍ୟୁଟିରେ ଥିବା ୪ ଡାକ୍ତର ଏବଂ ଜଣେ ସିଭିଲ୍ ସ୍ୱେଚ୍ଛାସେବୀଙ୍କ ଲାଏ ଡିଟେକ୍ଶନ ପରୀକ୍ଷା ସିବିଆଇ କାର୍ଯ୍ୟାଳୟରେ କରାଯାଇଥିବାବେଳେ ରବିବାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ପଲିଗ୍ରାଫ୍ ପରୀକ୍ଷା ଜେଲରେ କରାଯିବ। ପରୀକ୍ଷା କରାଇବା ପାଇଁ ଦିଲ୍ଲୀର ସେଣ୍ଟ୍ରାଲ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରିର ପଲିଗ୍ରାଫ୍ ବିଶେଷଜ୍ଞମାନଙ୍କ ଏକ ଟିମ୍ କୋଲକାତା ଆସିଛନ୍ତି। ସିବିଆଇ ମାମଲାର ତଦନ୍ତ ଦାୟିତ୍ୱ ନେବା ☞ପୃଷ୍ଠା-୧୩

# ଶ୍ୱାସରୁଦ୍ଧ ହୋଇ ୩ ମୃତ

**ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ସମୟରେ ଅଘଟଣ**

ଜମନକିରା,୨୪।୮(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଫାଶୀମାଳ ପଞ୍ଚାୟତ ଅନ୍ତର୍ଗତ ପୁକୁଡ଼ା ଗ୍ରାମରେ ଶନିବାର ପାଇଖାନା ଘର ଟାଙ୍କି ସେଣ୍ଟ୍ରିଂ ଖୋଲିବା ବେଳେ ଶ୍ୱାସରୁଦ୍ଧ ହୋଇ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଘର ମାଲିକ ବସନ୍ତ ଦେହୁରୀ(୨୮) ଓ ଅନ୍ୟ ଦୁଇ ଶ୍ରମିକ ପୁକୁଡାର ଭରତ ରଣା(୨୭) ଓ ଦେହୁରୁଣିମାଲ ଗ୍ରାମର ଶ୍ରୀକାନ୍ତ ମୁଣ୍ଡା(୨୮)। ସେଣ୍ଟ୍ରିଂ ଖୋଲିବାକୁ ଯାଇଥିବା ଅନ୍ୟତମ ଶ୍ରମିକ ସିଦ୍ଧାନ୍ତ ମୁଣ୍ଡା(୨୭) ଗୁରୁତର ହୋଇଛନ୍ତି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଯାଇଥିବା ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି।

ସୂଚନା ଅନୁସାରେ, ପୁକୁଡ଼ା ଗ୍ରାମର ବସନ୍ତ ଦେହୁରୀଙ୍କ ଘରେ ଏକ ପାଇଖାନା ଟାଙ୍କିର ଛାତ ୩ ମାସ ☞ପୃଷ୍ଠା-୧୩

# ମୋଦି, ଯୋଗୀଙ୍କ ପ୍ରଶଂସା କରିବାରୁ ୩ ତଲାକ୍

ବହରାଇଚ, ୨୪।୮

ଅଯୋଧ୍ୟାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରଶଂସା କରିବା ବହରାଇଚ ଜିଲା ମହୋଲ୍ଲା ସରାୟଠାରେ ରହୁଥିବା ମରିୟମ ନାମ୍ନୀ ଜଣେ ମୁସଲମାନ ମହିଳାଙ୍କୁ ଭାରି ପଡ଼ିଛି। ମରିୟମଙ୍କ ଉପରେ ତାଙ୍କ ସ୍ୱାମୀ ଅର୍ସଦ ଗରମ ଡାଲି ପକାଇବା ସହ ତାଙ୍କୁ ଟ୍ରିପଲ ତଲାକ୍ ଦେଇଛନ୍ତି। ଶନିବାର ବହରାଇଚ ଜିଲା ଜରୱାଲ ରୋଡ୍ ଥାନାରେ ଅଭିଯୋଗ କରି ପୀଡ଼ିତା କହିଛନ୍ତି, ଟ୍ରିପଲ ତଲାକ୍ ଦେବା ପୂର୍ବରୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ମାଡ଼ ମାରିବା ସହ ବହୁ ଅତ୍ୟାଚାର କରିଥିଲେ। ଏପରିକି ଶାଶୁ, ନଣନ୍ଦ ଓ ଦିଅର ମିଶି ତାଙ୍କୁ ଗଳା ଚିପି ହତ୍ୟା କରିବାକୁ ପ୍ରୟାସ କରିଥିଲେ। ଅଯୋଧ୍ୟାର କୋଟ୍ୱାଲି ନଗରରେ ରହୁଥିବା ଅର୍ସଦଙ୍କ ସହ


ମରିୟମ

ଗତବର୍ଷ ଡିସେମ୍ବର ୧୩ରେ ମରିୟମଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ତେବେ ବିବାହ ପରେ ଯେତେବେଳେ ମରିୟମ ଅଯୋଧ୍ୟା ଧାମର ଭ୍ରମଣ କରୁଥିଲେ, ସେତେବେଳେ ଏହାର ରାସ୍ତା, ସୌନ୍ଦର୍ଯ୍ୟକରଣ, ବିକାଶ ଏବଂ ପରିବେଶ ତାଙ୍କୁ ପ୍ରଭାବିତ କରିଥିଲା। ସେଥିପାଇଁ ସେ ସ୍ୱାମୀ ଅର୍ସଦଙ୍କ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ପ୍ରଶଂସା କରିଥିଲେ। ତେବେ ଏଥିରେ ଅର୍ସଦ କ୍ଷୁବ୍ଧ ହୋଇ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ବିରୋଧରେ ଅପ ଶବ୍ଦ ପ୍ରୟୋଗ କରିବା ସହ ମରିୟମଙ୍କୁ ତଲାକ୍, ତଲାକ୍, ତଲାକ୍ କହି ତାଙ୍କୁ ତିନି ତଲାକ୍ ଦେଇଥିଲେ ବୋଲି ଜରୱାଲ ରୋଡ୍ ଥାନାର ଇନ୍ସପେକ୍ଟର ବ୍ରିଜଲାଲ ପ୍ରସାଦ କହିଛନ୍ତି। କେବଳ ଅର୍ସଦ ନୁହନ୍ତି, ତାଙ୍କ ଶାଶୁ, ଶ୍ୱଶୁର, ନଣନ୍ଦ ଓ ଦିଅରଙ୍କ ବିରୋଧରେ ମଧ୍ୟ ମରିୟମ ଅଭିଯୋଗ କରିଥିବା ସେ କହିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଜରୱାଲ ରୋଡ୍ ପୋଲିସ ଶନିବାର ଅର୍ସଦଙ୍କୁ ମିଶାଇ ତାଙ୍କ ପରିବାରର ୮ ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ଆକ୍ରମଣ, ଦୁର୍ବ୍ୟବହାର, ଧମକ, ଯୌତୁକ ନିଷେଧ ଆଇନ, ମୁସଲମାନ ମହିଳା (ବିବାହ ଅଧିକାରର ସୁରକ୍ଷା ଆଇନ) ଆଦି ଅଧିନିୟମ ଅନୁଯାୟୀ ପୋଲିସ ଉକ୍ତ ମାମଲା ରୁଜୁ କରିଛି।

# କେନ୍ଦ୍ର ଆଣିଲା ଏକୀକୃତ ପେନ୍ସନ୍ ଯୋଜନା

**ଉପକୃତ ହେବେ ୨୩ ଲକ୍ଷ କର୍ମଚାରୀ**

- ୨୦୨୫ ଏପ୍ରିଲରୁ ଲାଗୁ ହେବ ୟୁପିଏସ୍
- ସରକାରଙ୍କ ଅଂଶଦାନ ୧୮.୫%କୁ ବଢ଼ିବ

ନୂଆଦିଲ୍ଲୀ,୨୪।୮(ପି.ଟି.)

ଏକୀକୃତ ପେନ୍ସନ ଯୋଜନା (ୟୁପିଏସ୍)କୁ ଶନିବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ନ୍ୟାଶନାଲ ପେନ୍ସନ ବ୍ୟବସ୍ଥା (ଏନ୍‌ପିଏସ୍) ଅଧୀନରେ ସେବାରେ ଯୋଗଦେଇଥିବା ୨୩ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଉପକୃତ ହେବେ। ସେମାନଙ୍କୁ ଅବସର ସମୟରେ ମିଳୁଥିବା ମୂଳ ଦରମାର ୫୦ ପ୍ରତିଶତ ପେନ୍ସନ ଆକାରରେ ମିଳିବ। ୨୦୨୫ ଏପ୍ରିଲ ୧ରୁ ଏହା ଲାଗୁ ହେବ। କର୍ମଚାରୀ ଚାହିଁଲେ ଏନ୍‌ପିଏସ୍ କିମ୍ବା ୟୁପିଏସ୍‌କୁ ବିକଳ୍ପ ଭାବେ ବାଛିପାରିବେ ବୋଲି କ୍ୟାବିନେଟ ବୈଠକ ଶେଷରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

୨୦୦୪ ଏପ୍ରିଲ ୧ ପରେ ସରକାରୀ ନିଯୁକ୍ତିରେ ଯୋଗଦେଇଥିବା କର୍ମଚାରୀମାନଙ୍କ ପାଇଁ ଏନ୍‌ପିଏସ୍ ଲାଗୁ ହେଉଥିଲା। ପୂର୍ବରୁ ଥିବା ପେନ୍ସନ ଯୋଜନାରେ ବେତନର ୫୦% କର୍ମଚାରୀଙ୍କୁ ମିଳୁଥିଲା। ଏନ୍‌ପିଏସ୍‌ରେ ☞ପୃଷ୍ଠା-୧୩



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସ୍ଥପତି ବିପ୍ର ଚରଣ ମହାନ୍ତିଙ୍କ ପଞ୍ଚଦଶତମ ପୁଣ୍ୟତିଥି, ସ୍ଥାନ: ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ୱାର୍ଲ୍ଡ କିଚେନ ଗାର୍ଡେନ ଡେ', ସ୍ଥାନ: ଷ୍ଟେଟ୍ କ୍ୱାଲିଟି କଣ୍ଟ୍ରୋଲ ଲାବରେଟାରୀ, ଶହୀଦ ନଗର, ସମୟ: ସକାଳ ୯ଟା ୩୦।
- ଜାତୀୟ ବୃନ୍ଦଗାନ ପ୍ରତିଯୋଗିତା, ସ୍ଥାନ: ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ସମୟ: ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ପ୍ଲଟ ନଂ. ୫୩, ଫରେଷ୍ଟ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ ସ୍ପେଶ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିପିଆଇ (ଏମ୍–ଏଲ୍) ଲିବରେଶନ, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନାଗଭୂଷଣ ଭବନ, ଏ/୧୩, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଶ୍ରମ ସ୍ପେଶାଲ ସ୍କ୍ରିନିଂ, ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, ପିଭିଆର୍, ସ୍କ୍ରିନ–୩, ସମୟ: ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ତ୍ରୟୋଦଶ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ୪୭ତମ ଜାତୀୟ ବର୍ଷା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୩ୟ ପଦ୍ମାବତୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଆଇଏମ୍ଏ ଏବଂ ରୋଟାରୀ କ୍ଲବ୍ ଅଫ୍ କଟକ ରାଡିଆନ୍ସ ମିଳିତ ଆନୁକୂଲ୍ୟରେ ମହିଳାଙ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: କଟକ କ୍ଲବ୍ ଏମ୍‌ଜିଏମ୍ ସେଣ୍ଟିନାରୀ ହଲ୍ ପରିସର, ସମୟ: ସକାଳ ୮ଟା।
- ବସୁଧୈବ କୁଟୁମ୍ବକମ୍ ମିଶନର ୧୦୦ତମ ଅଧିବେଶନ ଓ ୮ମ ବାର୍ଷିକ ମହାମିଳନ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଧନାମୁ ଏକାଡେମୀ ପକ୍ଷରୁ ଚିତ୍ରକଳା ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କଟକ ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟକ ସଦର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ନୂତନ ସଦସ୍ୟ ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ୪୨ମୌଜାସ୍ଥିତ କଳପଡ଼ା ପଞ୍ଚାୟତ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ପ୍ରବଚନ ସପ୍ତାହର ତୃତୀୟ ଦିବସ, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ରାଜ ଯୋଗିନୀ ପ୍ରକାଶ ମଣିଜିଙ୍କ ସ୍ମୃତିସଭା ଓ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ବ୍ରହ୍ମାକୁମାରୀ ଆଶ୍ରମ, ରାମଚଣ୍ଡି ସାହି, ପୁରୀ, ସମୟ: ସକାଳ ୮ଟା।
- ଅଷ୍ଟମ ରୋଟାରୀ ଅଲ୍ ଓଡ଼ିଶା ଚେସ ଚାମ୍ପିୟନଶିପ, ସ୍ଥାନ: ହୋଟେଲ ହଲିଡେ ରିଶର୍ଟ, ପୁରୀ, ସମୟ: ସକାଳ ୯ଟା ୩୦।
- ପୁରୀ ଐତିହ୍ୟ ଯାତ୍ରା, ସ୍ଥାନ: ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଂଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଓ ସଂସ୍କୃତି ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ହରଚଣ୍ଡି ସାହି, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନ୍ୟୁ ମେରାଇନ ଡ୍ରାଇଭ୍ ରୋଡ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ଆଇନଜୀବୀ ସଂଘର ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀକୃଷ୍ଣ ଜନ୍ମମହୋତ୍ସବ ୨୦୨୪ ବିଶ୍ୱଶାନ୍ତି ମହାଯଜ୍ଞ ଓ ଭଜନ ସମାରୋହର ପ୍ରଥମ ଦିବସରେ ମଣ୍ଡପ ସଂସ୍କାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶ୍ରୀଅରବିନ୍ଦ ସାହିତ୍ୟ ପାଠଚକ୍ର, ସ୍ଥାନ: ମାତୃଭବନ, ରେଡଙ୍ଗ କଲୋନୀ, ଜଟଣୀ, ସମୟ: ସକାଳ ୯ଟା ୪୫।
- ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ସ୍ମୃତିଚାରଣ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ିପୋଖରୀ ଛକ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବରୁଣେଇ ପୂର୍ତ୍ତ ବଙ୍ଗଳା, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବାଲେଶ୍ୱର ଯୁବ ଶକ୍ତି ଓ ଜିଲା ପୋଲିସ ଆନୁକୂଲ୍ୟରେ ଚାରାରୋପଣ, ସ୍ଥାନ: ପୋଲିସ ଲାଇନ ପଡିଆ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ ଅଭିଯାନ କର୍ମଶାଳା, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ବାର୍ଷିକ ସାହିତ୍ୟ ଉତ୍ସବ ଓ ଧ୍ୱନି ପ୍ରତିଧ୍ୱନି ପତ୍ରିକାର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଭେନିଆ ପାରାଡାଇସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଆର୍ଯ୍ୟ ସମାଜର ଉଦ୍‌ଘାଟନୀ ଉତ୍ସବ, ବିଶ୍ୱକଲ୍ୟାଣ ଯଜ୍ଞ ଏବଂ ବୈଦିକ ପ୍ରବଚନ, ସ୍ଥାନ: ଶୋଭାରାମପୁର ଓଁକାର ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷପତି ଦିଦି ଯୋଜନା ଆଭସୀ ମାଧ୍ୟମରେ ଉଦ୍‌ଘାଟନ, ସ୍ଥାନ: ବ୍ଲକ ସଭାଗୃହ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତା ବ୍ଲକ ଦେବସେନା ପରିବାର ପକ୍ଷରୁ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର, ସ୍ଥାନ: ଦରଡ଼ା ମହାଲକ୍ଷ୍ମୀ ହୋଟେଲ ପରିସର, ବସ୍ତା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଡିଜିଟାଲ କ୍ରପ୍ ସର୍ଭେ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ପ୍ରତିଯୋଗିତା, ସ୍ଥାନ: ଇସ୍କନ ମନ୍ଦିର, କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅଧ୍ୟକ୍ଷଙ୍କ ବହିଷ୍କାର ଦାବିରେ ଧାରଣାର ୫ମ ଦିନ, ସ୍ଥାନ: ବରପଦା ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ପାଲାଗାୟକ ଅମର ନାଥ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ପଦ୍ମପୁର ବାସଭବନ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସତ୍ୟ ସାଇ ସମିତି ତରଫରୁ ଆଧ୍ୟାତ୍ମିକ ଶିକ୍ଷା, ସ୍ଥାନ: ମଠ କପୁଣ୍ଡି, ମର୍ଚ୍ଚେଗାଁ, ଇଂଚୋଳ, ହାଟଡିହୀ, ସମୟ: ସକାଳ ୮ଟା।
- ଆମ ଆଦମୀ ପାର୍ଟିର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: କେନ୍ଦୁଝର ଟାଉନ ସହିଦ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଖୁଦୁରୁକୁଣୀ ଓଷା ଏବଂ ପୂଜା, ସ୍ଥାନ: ଶାସଙ୍ଗ, କାନପୁର, କୁଣ୍ଡିସାହି, ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ: ହନୁମାନ ବାଟିକା, ବୈଶିଙ୍ଗା, ବେତନଟୀ, ସମୟ: ସକାଳ ୭ଟା।
- ଲକ୍ଷପତି ଦିଦି ପ୍ରୋଗ୍ରାମର ସିଧାପ୍ରସାରଣ, ସ୍ଥାନ: ବ୍ଲକ୍ କନଫରେନ୍ସ ହଲ, ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଆପନା ଗେଷ୍ଟହାଉସ୍‌ର ଉଦ୍‌ଘାଟନ, ସ୍ଥାନ: କେ ସି ସର୍କଲ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଦୁର୍ଗାପୂଜା ମଣ୍ଡପ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ସଂସ୍କୃତ ଦିବସ ସମାରୋହ, ସ୍ଥାନ: ଆଇଟିଆଇ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ କାର୍ଯ୍ୟାଦେଶ ବଣ୍ଟନ ମେଳା,ସ୍ଥାନ:ବୁଗୁଡ଼ା ପ୍ରାଣୀ ସମ୍ପଦ ବିକାଶ ବିଭାଗ କାର୍ଯ୍ୟାଳୟ ପରିସର,ସମୟ: ମଧ୍ୟାହ୍ନ ୧୨ଟା।
- ଗଞ୍ଜାମ,ଗଜପତି ଓ କନ୍ଧମାଳ ଜିଲା ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।

## କନ୍ଧମାଳ
- ମଦ ମୁକ୍ତ ଅଞ୍ଚଳ ପାଇଁ ବୈଠକ, ସ୍ଥାନ: ବୁଡ଼ାଗୁଡା, ସମୟ: ଅପରାହ୍ନ ୧ଟା।

## ଢେଙ୍କାନାଳ
- ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଢେଙ୍କାନାଳ କଲେଜ ଆଲୁମନି ଆସୋସିଏଶନ ବୈଠକ, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରୟାଲ ବିରିୟାନୀ ହବ୍ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ଜଗନ୍ନାଥରୋଡ୍ ମହାବୀର ବଜାର, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ
- ତାଳଚେର ପ୍ରଜାମଣ୍ଡଳ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କଣିହାଁସ୍ଥିତ ପବିତ୍ର ମୋହନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଇକ୍ଲୋଥନ, ସ୍ଥାନ: ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ଆରମ୍ଭ, ସମୟ: ସକାଳ ୬ଟା।
- କବି ରାଧାମୋହନ ଗଡ଼ନାୟକ ଜୟନ୍ତୀ, ସ୍ଥାନ: ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ ଘଟିକା।

## ଜଗତ୍‌ସିଂହପୁର
- ଚିନ୍ତା ମୁକ୍ତ ସୁସ୍ଥ ଶରୀର ପାଇଁ ଆନନ୍ଦ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଶ୍ରୀ ରବିଶଙ୍କରଙ୍କ ଆଶ୍ରମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ମା'ଦକ୍ଷିଣକାଳୀ ମନ୍ଦିର ପରିସର, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ସଂସ୍କୃତ ଦିବସ ସମାରୋହ, ସ୍ଥାନ: ଯାଜପୁର ବିରଜା ସଂସ୍କୃତ ଟୋଲ ପରିସର, ସମୟ: ସକାଳ ୯ଟା।
- ଦିନଚର୍ଯ୍ୟା ଲାଇଭର ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଯାଜପୁର ଭିବଗିୟୋର କ୍ଲାସେସ ପକ୍ଷରୁ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଥ ପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ଚଣା ବ୍ଲକ୍‌ର ବାଜେଣୀ ଗୁମ୍ଫା ସ୍ଥିତ କାଇମାଟିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ଖୁଦୁରୁକୁଣି ମହୋତ୍ସବ ଆରମ୍ଭ, ସ୍ଥାନ: ଭାପୁର ବ୍ଲକ, ମଙ୍ଗଳପୁର, ସମୟ:ସକାଳ ୮ଟା।
- ଜିଲାସ୍ତରୀୟ ବର୍ଷା କବିତା ଆସର, ସ୍ଥାନ: ନୟାଗଡ଼ କେସି କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- କ୍ୟାରମ ଟୁର୍ନାମେଣ୍ଟ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଣ୍ଡପଡ଼ା ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ମୋବାଇଲ ହେଲ୍‌ଥ କେୟାର ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସାଇ ମନ୍ଦିର କ୍ୟାମ୍ପସ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ପାଠୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ଚରିତ ମାନସ ଜ୍ଞାନଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଡିପ୍ଲୋମା ଇଞ୍ଜିନିୟରିଂ ସେବା ସଂଘ ନବରଙ୍ଗପୁର ଜିଲା ଶାଖା ବୈଠକ, ସ୍ଥାନ: ଡାବୁଗାଁ ପଥପ୍ରାନ୍ତ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଗୋକର୍ଣ୍ଣିକା ସାହିତ୍ୟ ସମାଜର କବିତା ପାଠୋତ୍ସବ, ସ୍ଥାନ: ଆଦିବାସୀ ସଂଗ୍ରାହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର
- ମାରୱାଡି ଯୁବାମଞ୍ଚ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସାଇକ୍ଲୋଥନ, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୬ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ସର୍ବୋଦୟ ଶିବିର, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସକାଳ ୯ଟା ୩୦।
- ନୂଆଁଖାଇ ନନି ପ୍ରତିଯୋଗିତା, ସ୍ଥାନ : ପାନ୍ଥ ନିବାସ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ, ସ୍ଥାନ: ପଡିଆବାହାଲ ବେହେରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ–ହିନ୍ଦ କ୍ଲବ ବନାମ ଡିଷ୍ଟ୍ରିକ ଜିମ୍ନାଷ୍ଟିକ ଆସୋସିଏଶନ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା୧୫।
- ଜିଲା ବ୍ରାହ୍ମଣ ସମାଜର ପୁରୋଧା ଶଶୀଭୂଷଣ ତ୍ରିପାଠୀଙ୍କ ବିୟୋଗରେ ଶୋକ ସଭା, ସ୍ଥାନ : ଝାଡୁଆପଡାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ସାଗୁଆ ବଲାଙ୍ଗୀର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ : ସକାଳ ୯ଟା।
- ପୂଜ୍ୟପୂଜା ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ୧୦ଟା ୩୦।

## ସୁବର୍ଣ୍ଣପୁର
- ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ:ସୁବର୍ଣ୍ଣପୁର ଅଗ୍ରସେନ ଭବନ , ସମୟ: ସକାଳ ୮ଟା।
- ଭଏସ ଅଫ ସମ୍ବଲପୁରୀର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୮ ଟା।
- ମିନି ମାରାଥନ, ସ୍ଥାନ: ପିତମହୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ହାଇସ୍କୁଲ ଛକ ନିକଟ ଡ୍ୟାନ୍ସ ଏକାଡେମୀରେ ନନ୍ଦ ଉତ୍ସବ ଉପଲକ୍ଷେ ଶିଶୁମାନଙ୍କୁ ନେଇ ଫେନ୍‌ସି ଡ୍ରେସ୍ ପ୍ରତିଯୋଗିତା, ସ୍ଥାନ: ଡ୍ୟାନ୍ସ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜାଣ୍ଡୋଲ ହାଇସ୍କୁଲ, ଭେଡ଼େନ, ସମୟ: ସକାଳ ୯ଟା।
- ଉତ୍କଳ ଗୌରବ କଳାକାର ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କାଦମ୍ବିନୀ ମଣ୍ଡପ, କଲେଜ ରୋଡ଼, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ପ୍ରତିଷ୍ଠା ଦିବସ, ସ୍ଥାନ: କନଭେନ୍‌ସନ ହଲ, ଭିଏଚ୍ଇଆଇ କ୍ୟାମ୍ପସ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିଚାର ପ୍ରଶିକ୍ଷଣ ଶିବିର, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ୍ଧୁତ୍ୱ ଦିବସ, ସ୍ଥାନ: ବ୍ରହ୍ମାକୁମାରୀ ବିଦ୍ୟାଳୟ, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଦେଶାତ୍ମବୋଧକ କବିତା ପାଠୋତ୍ସବ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୫ଟା।।

## ରାଉରକେଲା
- ଶିଶୁ ମହୋତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ସିଭିଲଟାଉନଶିପ୍ ତ୍ରିଶକ୍ତିଧାମ, ସମୟ: ପୂର୍ବାହ୍ନ ୧୦ଟା।
- ଅର୍ବାନ କୋ–ଅପରେଟିଭ ବ୍ୟାଙ୍କର ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଆମ୍ ଆଦମୀ ପାର୍ଟିର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଏମ୍–୭୨, ବାସନ୍ତୀ କଲୋନୀ, ସମୟ: ଅପରାହ୍ନ ୫ଟା ୩୦।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଦେବେନ୍ଦ୍ର କୁମାର ଦାଶଙ୍କ ପ୍ରଥମ ସ୍ମାରକୀ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ବୈଠକ, ସ୍ଥାନ: ସେଣ୍ଟର ଫର୍ କଲଚର୍, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଭାଗ ଓ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେଣ୍ଟର ଫର୍ କଲଚର୍, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଚେତାବନୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କେସିଙ୍ଗା ଉଚ୍ଚ ବିଦ୍ୟାପୀଠ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର ଗାଁ, ସମୟ ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ୭ତମ ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- କୁଆରୀ ଝିଅଙ୍କ ଖୁଦୁରୁକୁଣି ଓଷା, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ ଗାଁ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର କାରଣରୁ ବୈଷୟିକ ଅଭିବୃଦ୍ଧି ଘଟିବ। ପାରିବାରିକ ଜୀବନର ଦୁଃଖ, ସୁଖକୁ ମନ ଭିତରେ ଲୁଚାଇ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହିବେ। କର୍ମକ୍ଷେତ୍ର ଓ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନ ହେଲା ଅପ୍ରିୟଥିବା ସହକର୍ମୀଙ୍କ ମନଗଢ଼ା କଥା ମନକୁ ବେଶୀ ଆନ୍ଦୋଳିତ କରିପାରେ।

**ବୃଷ** ବନ୍ଧୁଙ୍କ ଆଦର, ପ୍ରିୟଜନଙ୍କ ସାନ୍ନିଧ୍ୟ, ଫେରି ପାଇଥିବା ଜିନିଷକୁ ନେଇ ମନ ଖୁସି ରହିବ। ସ୍ଥାନାନ୍ତର, ବ୍ୟୟବହୁଳ କାର୍ଯ୍ୟ, ଦୂରଯାତ୍ରା କରିପାରନ୍ତି। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରିବେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ପାରିବାରିକ ଜୀବନକୁ ସୁଧାରିବାରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। କର୍ମକ୍ଷେତ୍ରରେ ଅସୁବିଧାବଶତଃ କାମଗୁଡ଼ିକ ଅଟକି ରହିଥିବାରୁ ଚିନ୍ତା ବଢ଼ିଯିବ। ସମ୍ପର୍କୀୟଙ୍କ ସହ ଅଧିକାଂଶ ସମୟ ଆଳାପରେ ସମୟ କଟାଇବେ। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** କର୍ମକ୍ଷେତ୍ରରେ ସୁବିଧାରେ କାର୍ଯ୍ୟ ହାସଲ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ନିଜ ପରିସରରେ ରହୁଥିବା କିମ୍ବା ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ସହଯୋଗ ପାଇପାରିବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ର ହେବେ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ ହେବେ।

**ସିଂହ** ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ନିଜର କାମ ହାସଲ କରିବାରେ ସମର୍ଥ ହେବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିବ। ସାହିତ୍ୟ, କଳା ଓ ରଚନାତ୍ମକ କାମରୁ ପ୍ରଶଂସିତ ହେବେ। ଆଲୋଚନା ପରିସରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କନ୍ୟା** ଆପଣଙ୍କ ଶ୍ରୁତିମଧୁର କଥା ଓ କାମ କରିବାର ଦକ୍ଷତା ହେତୁ ବହୁଜନ ପ୍ରଶଂସିତ ହେବେ। ଆର୍ଥିକ ଦିଗଟି ଭଲ ରହିବା ସହ ପ୍ରତ୍ୟେକ କାମ ସମ୍ପାଦିତ ହୋଇପାରିବ। ବ୍ୟବସାୟ, ବାଣିଜ୍ୟ, ପ୍ଲଟିଂ କାରବାରରେ ମାନମନାନ୍ତର ଦେଖାଦେଇପାରେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

**ତୁଳା** ଆଜି ନୂତନ ଉଦ୍ଦୀପନାର ସହ ପ୍ରତ୍ୟେକ କାମ କରିପାରିବେ। ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା** ବନ୍ଧୁଙ୍କ ସହ ଆଳାପର ସୁଯୋଗ ପରିପ୍ରେକ୍ଷୀରେ ଦୂରଯାତ୍ରା ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିପାରନ୍ତି। କର୍ମକ୍ଷେତ୍ରରୁ ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ହେବେ। ସୁସମ୍ପର୍କ ନଥିବା ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ଆଜିର କାର୍ଯ୍ୟାରମ୍ଭରେ ସାମାନ୍ୟ ଯୁକ୍ତିତର୍କ ମନକୁ ନିରୁତ୍ସାହିତ କରିପାରେ। ବାଣିଜ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ବ୍ୟକ୍ତିଙ୍କଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ କିମ୍ବା ସ୍ଥାନାନ୍ତର ସକାଶେ ମନ ବଳିବ ଏବଂ ଆନୁଷଙ୍ଗିକ ଅନୁକୂଳ ସୂଚନା ପାଇପାରିବେ।

**ମକର** ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଓ ସହମତି ମାଧ୍ୟମରେ ପ୍ରତ୍ୟେକ କାମ ସମ୍ପନ୍ନ ହେବ। ପରିବାରରେ ମଧ୍ୟ ଆଦରଣୀୟ ରହିବେ ଓ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। ବକେୟା ଅର୍ଥ ସାମାନ୍ୟ ଯୁକ୍ତିତର୍କ ପରେ ପାଇବେ, କିନ୍ତୁ ସାଧାରଣ କଥା କଟାକଟି ପରେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**କୁମ୍ଭ** ଅଟକି ରହିଥିବା କାମ, ପରୋକ୍ଷ ଶତ୍ରୁତା, ବନ୍ଧୁଙ୍କ ବେଖାତିର ମନୋଭାବ ତିକ୍ତ ଅନୁଭୂତି ସୃଷ୍ଟି କରିବ। ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ଭଲ। ସାହିତ୍ୟ, ସଙ୍ଗୀତ ଓ କ୍ରୀଡ଼ା କ୍ଷେତ୍ରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ସାମାଜିକ ସ୍ତରରେ, ସଭାସମିତିରେ, ପ୍ରଶାସନିକ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିବେ।

**ମୀନ** ଆଜିର କର୍ମାରମ୍ଭ ଓ ସଭାସମିତିରେ ଆଲୋଚନା ତଥା ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ପାରିପାର୍ଶ୍ୱିକ କ୍ଷେତ୍ରରେ ନୀଚ ବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଜମିଜମା, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ସହ ଭ୍ରମଣ, ଧାର୍ମିକ କାର୍ଯ୍ୟ, ପାରିବାରିକ ସ୍ନେହ, ସୌହାର୍ଦ୍ଦ୍ୟ ମଧ୍ୟରେ ଦିନଟି ଅତିବାହିତ ହେବ।

ଆଜି ଅଗଷ୍ଟ ୨୫ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, (ଅଗଷ୍ଟ ଚତୁର୍ଥ ରବିବାର), ଚକ୍ଷୁଦାନ ପକ୍ଷ ଆରମ୍ଭ (ଅଗଷ୍ଟ୨୫ଠାରୁ ସେପ୍ଟେମ୍ବର ୮ ତାରିଖ) ଭାଦ୍ରବ କୃଷ୍ଣ ସପ୍ତମୀ ରବିବାର, ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା ଓ ଜେଉଡ ଭୋଗ, ରାଶିନକ୍ଷତ୍ର–ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୦ ଗତେ ଘ.୦୬।୦୩ ମଧ୍ୟେ ରାହୁକାଳ।

# ଅନ୍ଧାରକୋଟ ଟନେଲ ଖନନ ଶେଷ

## ୩ ଟନେଲରୁ ଦଶପଲ୍ଲା ଓ ବୁଗୁଡ଼ା କାର୍ଯ୍ୟ ଚାଲିଛି

ନୟାଗଡ଼/ଦଶପଲ୍ଲା,୨୪।୮ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଖୋର୍ଦ୍ଧା–ବଲାଙ୍ଗୀର ରେଳ ପଥ ସଂଯୋଗରେ ସଫଳତାର ସହ ଯୋଡ଼ି ହୋଇଛି ବୌଦ୍ଧ ପରେ ନୟାଗଡ଼ ଜିଲାର ଦଶପଲ୍ଲା ଅନ୍ଧାରକୋଟ ଗାଁ ନିକଟସ୍ଥ ଟନେଲ୍। ୮ଶହ ମିଟର ପର୍ଯ୍ୟନ୍ତ ଲମ୍ବା ଟନେଲ୍‌ର ଖନନ(ବ୍ରେକ୍ ଥ୍ରୋ) ଶେଷ ହୋଇଛି। ୭ ମାସ ମଧ୍ୟରେ ସଫଳତାର ସହ ଦୁଇଟି ଟନେଲ୍‌ର ବ୍ରେକ୍ ଥ୍ରୋ ହୋଇଥିବାରୁ ରେଲୱେକୁ ମିଳିଛି ସଫଳତା। ଚଳିତ ମାସ ୨୦ ତାରିଖରେ ୧.୭୯୫ କି.ମି. ଟନେଲ୍(ନମ୍ବର–୭)ର ବ୍ରେକ୍ ଥ୍ରୋ କରାଯାଇଥିବା ବେଳେ ପରଦିନ ଅର୍ଥାତ୍ ଅଗଷ୍ଟ ୨୧ରେ ଟନେଲ୍ ନମ୍ବର–୧ର ବ୍ରେକ୍ ଥ୍ରୋ ହୋଇଛି। ସମ୍ପୃକ୍ତ ରେଳ ପ୍ରକଳ୍ପ ମଧ୍ୟରେ ନିର୍ମାଣ ଚାଲିଥିବା ସମସ୍ତ ୭ ଟନେଲ୍ ଦଶପଲ୍ଲା ଓ ପୁରୁଣାକଟକ ମଧ୍ୟରେ ରହିଛି, ଯାହାକି ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଆଢେଣିଗଡ଼ ଓ ପୁରୁଣାକଟକ ମଧ୍ୟରେ ବୌଦ୍ଧ ଜିଲାରେ ୪ଟି ଟନେଲ୍ ଥିବାବେଳେ ସେଥିମଧ୍ୟରୁ ଦୀର୍ଘତମ ଟନେଲ୍ ୪.୧୮୫ କି.ମି. ରହିଛି । ସୁରକ୍ଷା ପାଇଁ ୭୦୦ ମିଟର ଏସ୍କେପ ଟନେଲ୍ ରହିଛି। ନୟାଗଡ଼ ଜିଲା ମଧ୍ୟରେ ୩ଟି ଟନେଲ୍ ମଧ୍ୟରେ ଦଶପଲ୍ଲା ଓ ବୁଗୁଡ଼ା ମଧ୍ୟରେ ଦୁଇଟି ରହିଛି ।



ଟନେଲ ଖନନ ପରେ ଉତ୍ସାହିତ ଶ୍ରମିକ, କର୍ମଚାରୀ ଓ ଅନ୍ୟମାନେ।

ଦଶପଲ୍ଲାରୁ ବୌଦ୍ଧକୁ ସଂଯୋଗ ପାଇଁ ୭ଟି ଟନେଲ୍ ମଧ୍ୟରୁ ୫ଟି ଟନେଲରେ କର୍ଭ(ବକ୍ର) ନିର୍ମାଣ କରାଯାଉଛି, ଯାହାକି ୨.୫ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ରହିଛି। ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ଉଭୟ ପ୍ରାନ୍ତରୁ ଏକକାଳୀନ ଟନେଲ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୩୦୧ କି.ମି.ବିଶିଷ୍ଟ ଏହି ପ୍ରକଳ୍ପ ମଧ୍ୟରୁ ୧୯୯ କି.ମି. କାର୍ଯ୍ୟ ଶେଷ ହୋଇଛି। ସେଥିମଧ୍ୟରୁ ଖୋର୍ଦ୍ଧାରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଓ ବଲାଙ୍ଗୀରରୁ ବୌଦ୍ଧ ପର୍ଯ୍ୟନ୍ତ ୯୩ କି.ମି. ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଦଶପଲ୍ଲାରୁ ବାଣୀଗୋଛାକୁ ସଂଯୋଗ କରୁଥିବା ୩୨ କି.ମି. ଟ୍ରେନ ଲାଇନ୍‌ରେ ରହିଛି ୩ଟି ଟନେଲ୍। ପ୍ରଥମ ଟନେଲ୍‌ର ୮୦୦ ମିଟର ରାସ୍ତାର ବ୍ରେକ୍ ଥ୍ରୋ ହୋଇଛି। ୭ ମାସ ମଧ୍ୟରେ ଟନେଲ୍ କାର୍ଯ୍ୟ ଶେଷ ହୋଇଥିବାରୁ ଉତ୍ସାହିତ ହୋଇଛନ୍ତି ଟନେଲ୍ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟର, ଶ୍ରମିକ ଏବଂ ରେଳ ଅଧିକାରୀ।

୨୦୨୬ ସୁଦ୍ଧା ଦଶପଲ୍ଲାରୁ ବାଣୀଗୋଛାକୁ ସଂଯୋଗ କରୁଥିବା ଟ୍ରେନ୍‌ଲାଇନର ୩ଟି ଟନେଲ୍ କାମ ଶେଷ ହେବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ତେବେ ଦଶପଲ୍ଲାରୁ ବାଣୀଗୋଛା ପର୍ଯ୍ୟନ୍ତ ରହିଥିବା ୩ଟି ଟନେଲ୍ ନିର୍ମାଣ ପାଇଁ ୨୦୨୩ ଜୁନ୍ ୯ରେ ଟେଣ୍ଡର୍ ହୋଇଥିଲା। ନିର୍ମାଣ କାର୍ଯ୍ୟ ଜିଆର୍ ଇନ୍‌ଫ୍ରା ପ୍ରୋଜେକ୍ଟ କମ୍ପାନୀ ନେଇଥିବା ବେଳେ ଏହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ବା ଶେଷ କରିବା ପାଇଁ ୨୬ ମାସ ସମୟ ସୀମା ରହିଛି। ୩ ଟନେଲ କାର୍ଯ୍ୟ ଶେଷ ହେବାକୁ ଆଉ ପ୍ରାୟ ୨ ବର୍ଷ ସମୟ ଲାଗିବ। ଅନ୍ୟପକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ କାମ ଆଗେଇ ଚାଲିଥିବା ବେଳେ ଦଶପଲ୍ଲାରୁ ବାଣୀଗୋଛା ମଧ୍ୟରେ ଜଙ୍ଗଲ ସହ ବଡ଼ ପାହାଡ଼ କାଟି ଟନେଲ୍ କାର୍ଯ୍ୟ ଚାଲିଥିବାରୁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ମଧ୍ୟରେ କୌଣସି ଟନେଲ୍ ନ ଥିବା ହେତୁ ଗତ ଜାନୁଆରୀ ୬ ତାରିଖରେ ଦଶପଲ୍ଲା ପର୍ଯ୍ୟନ୍ତ ରେଳପଥ କାର୍ଯ୍ୟ ଶେଷ ହୋଇଥିଲା। ଏହାପରେ ଦଶପଲ୍ଲାଠାରୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା।

# ହୀରାକୁଦ ଜଳଭଣ୍ଡାରର ଖୋଲିଲା ଆଉ ୮ ଗେଟ୍

ସମ୍ବଲପୁର, ୨୪।୮(ପ୍ରମୋଦ ବହିଦାର)

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧିପାଇ ୬୨୧.୫୨ ଫୁଟ୍‌ରେ ପହଞ୍ଚିଛି। ଶନିବାର ଅଧିକ ୮ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ମୋଟ ୧୪ଟି ଗେଟ୍ ଖୋଲାଯାଇ ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ମହାନଦୀରୁ ୨ ଲକ୍ଷ ୬୮ ହଜାର ୧୯୪ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୫୭ ହଜାର ୧୪୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ୧୪ଟି ସ୍ଲୁଇସ ଗେଟ୍ ଦେଇ ୨ ଲକ୍ଷ ୨୭ ହଜାର ୦୦୪ ଘନଫୁଟ୍, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ସର୍ବାଧିକ ୩୨ ହଜାର ୭୫୨ ଘନଫୁଟ୍, ବରଗଡ଼ କେନାଲରେ ୨ ହଜାର ୬୫୬ ଘନଫୁଟ୍, ଶାସନ କେନାଲରେ ୪୦୦ ଘନଫୁଟ୍, ସମ୍ବଲପୁର କେନାଲରେ ୬୮ ଓ ହୀରାକୁଦ କେନାଲରେ ୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

# ‘କୃଷି ଉତ୍ପାଦନ ବୃଦ୍ଧି ପାଇଁ ନୂଆ ଜ୍ଞାନକୌଶଳ ବିକାଶ କର’


ଓୟୁଏଟି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଓୟୁଏଟିର ୬୩ତମ ପ୍ରତିଷ୍ଠା ଦିବସ**

- କୃଷି ଶିକ୍ଷା ସଦନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ୫ ବର୍ଷରେ ପ୍ରତି ବ୍ଲକରେ ଶୀତଳଭଣ୍ଡାର

ଭୁବନେଶ୍ୱର, ୨୪।୮(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୬୩ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ନବନିର୍ମିତ ୧୦୦୮ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ‘କୃଷି ଶିକ୍ଷା ସଦନ’କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। କୃଷି ଶିକ୍ଷା ସଦନରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓୟୁଏଟି ୪୮୪ ପ୍ରକାର ନୂଆ କିସମର ବିକାଶ କରି ରାଜ୍ୟରେ କୃଷି ବିକାଶରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିଛି। ଓଡ଼ିଶା ଚାଉଳ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହେବାରେ ଆମ କୃଷି ବିଶ୍ୱବିଦ୍ୟାଳୟର ବଡ଼ ଅବଦାନ ରହିଛି। କେବଳ ଧାନରେ ସ୍ୱାବଲମ୍ବୀ ହେବା ଯଥେଷ୍ଟ ନୁହେଁ, ଆମକୁ ତୈଳବୀଜ, ପନିପରିବା, ମାଛ, ଅଣ୍ଡା, ଫଳ ଓ ଫୁଲ ଆଦି ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ। ପୂର୍ବ ସରକାର ଆଳୁ, ପିଆଜ, ପଣସ ଇତ୍ୟାଦି ମିଶନ କରିଥିଲେ। କିନ୍ତୁ ସେସବୁ ବିଫଳ ହେଲା। ତେଣୁ ଆମକୁ ଏଥିରେ ସ୍ୱାବଲମ୍ବନଶୀଳ ହେବାକୁ ପଡ଼ିବ। ଏଥିପାଇଁ ନୂତନ ଜ୍ଞାନ କୌଶଳର ବିକାଶ ଲାଗି ଓୟୁଏଟିର ବୈଜ୍ଞାନିକଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ ଅଧିକ ଉତ୍ପାଦନକ୍ଷମ ବିହନ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଅନ୍ତତଃ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ୫ବର୍ଷରେ ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଗ୍ରଣୀ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ର, ଶ୍ରେଷ୍ଠ କର୍ମଚାରୀ(ବୈଷୟିକ ଓ ଅଣ ବୈଷୟିକ), ଶ୍ରେଷ୍ଠ ଶିକ୍ଷକ ବୈଜ୍ଞାନିକ, ସମ୍ପ୍ରସାରଣ ବୈଜ୍ଞାନିକ, ମହିଳା ବୈଜ୍ଞାନିକ, ଶ୍ରେଷ୍ଠ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ, ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଶ୍ରେଷ୍ଠ ବିହନ ଓ ଚାରା ଉତ୍ପାଦନ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ କହିଲେ, ଚାକିରି ଉପରେ ନିର୍ଭର ନ କରି ଆତ୍ମନିର୍ଭରଶୀଳ ହୁଅ। ନିଜ ଜ୍ଞାନକୌଶଳକୁ ଉପଯୋଗ କରି ଇନୋଭେଟିଭ ପ୍ରୋଜେକ୍ଟ କର। ଏଥିସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ତଥା ଓଡ଼ିଶା ବାହାରେ ଥିବା ବିଭିନ୍ନ କୃଷି ଉଦ୍ୟୋଗକୁ ଏକ୍ସପୋଜର ଭିଜିଟ୍‌ରେ ନେବାକୁ କୁଳପତିଙ୍କୁ ପରାମର୍ଶ ଦେଇ ସରକାରଙ୍କୁ ଏ ସଂକ୍ରାନ୍ତ ପ୍ରସ୍ତାବ ପଠାଇବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଲେ, ରାଜ୍ୟରେ ଜୈବ କୃଷିର ବିକାଶ ପାଇଁ ଉଦ୍ୟମ କରାଯିବା ଆବଶ୍ୟକ। ପାରମ୍ପରିକ ପଦ୍ଧତିରେ ଚାଷ କରି କୃଷି ଉତ୍ପାଦିତ ଦ୍ରବ୍ୟକୁ ରପ୍ତାନି କରିବା ଉଚିତ। ଏକାମ୍ର ବିଧାୟକ ବାବୁ ସିଂ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। କେନ୍ଦ୍ର କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଓୟୁଏଟି ଦେଶର ଅନ୍ୟତମ ଶ୍ରେଷ୍ଠ କୃଷି ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ବୋଲି କହିଥିଲେ। ସେ ବଜାର ଅନୁକୂଳ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧକ୍ଷ ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ଓ କୁଳସଚିବ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ଦେଇଥିଲେ।


ଉଦ୍‌ଘାଟିତ ହୋଇଥିବା ନୂତନ ପ୍ରେକ୍ଷାଳୟ।

# ରୋଟାରି ସମ୍ମାନ ମିଡିଆ ଆୱାର୍ଡ



ଭୁବନେଶ୍ୱର ରୋଟାରି ଭବନରେ ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ-୩୨୬୨ ପକ୍ଷରୁ ଶନିବାର ଆୟୋଜିତ ‘ରୋଟାରି ସମ୍ମାନ ମିଡିଆ ଆୱାର୍ଡ’ କାର୍ଯ୍ୟକ୍ରମରେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସଙ୍କୁ ସମ୍ମାନିତ କରାଯାଉଛି। ଏଥିରେ ସମ୍ବାଦ ଗ୍ରୁପ୍ ଚେୟାରମ୍ୟାନ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଡିଷ୍ଟ୍ରିକ୍ଟ ଗଭର୍ନର (୩୨୬୨) ଯଜ୍ଞାଶିଷ ମହାପାତ୍ର, ସଭାପତି ଜ୍ଞାନରଞ୍ଜନ ରଥ, ସମ୍ପାଦକ ସରୋଜ କୁମାର ମହାପାତ୍ରଙ୍କ ସମେତ ପୂର୍ବତନ ସଭାପତି ଅଶୋକ କୁମାର ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ। ରୋଟାରିଆନ ଏବଂ ସାମ୍ବାଦିକ ପରସ୍ପର ପରିପୂରକ। ବିକଶିତ ଓ ସଶକ୍ତ ଓଡ଼ିଶା ଏବଂ ଦେଶ ଗଠନରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ୪୭ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଛି। (ଫଟୋ- ବିକାଶ ନାୟକ)

# ଝାଡ଼ାବାନ୍ତିରେ ୪ ମୃତ, ଶତାଧିକ ଅସୁସ୍ଥ

ତୁମୁଡ଼ିବନ୍ଧ, ୨୪।୮
(ଦୀପକ କୁମାର ପରାସେଠ)

**ଗାଁ ଭୋଜିରେ ମଦ ପିଇଥିବା ଆଶଙ୍କା**

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଛି। ଗାଁରେ ହୋଇଥିବା ଏକ ଭୋଜି ଖାଇ ସପ୍ତାହେ ହେଲା ଝାଡ଼ାବନ୍ତିରେ ଶତାଧିକ ଲୋକେ ଅସୁସ୍ଥ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକମାନେ ହେଲେ ଲଲକୁଟି ଗ୍ରାମର ଅମିତ ମାଝି (୫୨), ତାଙ୍କ ମା’ ବିଙ୍ଗିଟି ମାଝି (୫୦), ବରଗାଁର ଲେଙ୍କା ମାଝି (୫୦) ଓ ମୁସୁରି ଯାନୀ। ଭୋଜି ପରଠାରୁ ବରଗାଁ, ନାଲକୁଟି, ପୁଡେଣି ଗାଁ, କୁନାବାଡା ଗାଁରେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ସୁଦ୍ଧା କୌଣସି ଗ୍ରାମକୁ ଡାକ୍ତରୀ ଟିମ କିମ୍ବା ସ୍ୱାସ୍ଥ୍ୟକର୍ମୀ ଶୁକ୍ରବାର ସୁଦ୍ଧା ପହଞ୍ଚି ନ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ କେତେଜଣ ତୁମୁଡ଼ିବନ୍ଧ ମେଡ଼ିକାଲ ଓ ଆଉ କେତେଜଣ ପଡୋଶୀ କଳାହାଣ୍ଡି ଜିଲାକୁ ଚିକିତ୍ସା ପାଇଁ ଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି। ଶନିବାର ଝିରିପାଣିକୁ ତୁମୁଡିବନ୍ଧ ମେଡ଼ିକାଲରୁ ଏକ ଟିମ ଯାଇ ଚିକିତ୍ସା କରିଥିବା ଜଣାପଡ଼ିଛି। ଆକ୍ରାନ୍ତ ହୋଇଥିବା ଗ୍ରାମ ଗୁଡିକରେ ଆଦିମ ଜନଜାତି କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସେମାନଙ୍କ ଭୋଜିରେ ପାରମ୍ପରିକ ଭାବେ ଦେଶୀ ମଦ ପିଇଥାନ୍ତି। ତେଣୁ ପଞ୍ଚାୟତରେ ମଦ ମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସ୍ୱାସ୍ଥ୍ୟ ବିଭାଗ ଗାଁରେ ପହଞ୍ଚିବାରେ ବିଳମ୍ବ କଲେ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

# ୩ କି.ମି. ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

ଦଶମନ୍ତପୁର, ୨୪।୮(ଅରବିନ୍ଦ ନାୟକ)


ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

ରାସ୍ତା ଖରାପ ଯୋଗୁ ଗାଁକୁ ଆସିପାରିଲାନାହିଁ ଆମ୍ବୁଲାନ୍ସ। ବାଧହୋଇ ଗର୍ଭବତୀଙ୍କୁ ୩ କି.ମି. ଷ୍ଟେଚରରେ ବୋହିଲେ ପରିବାର ଓ ଗାଁ ଲୋକେ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଦୁଆରଶୁଣୀ ପଞ୍ଚାୟତ ଅଧୀନ ହଳଦୀଶିଲ ଗାଁରେ ଏପରି ଘଟଣା ଘଟିଛି।

ଗାଁର ଲାଜର ଖରାଙ୍କ ଗର୍ଭବତୀ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ଶନିବାର ସକାଳୁ ଗର୍ଭ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ଗାଁକୁ ଗାଡ଼ି ଆସିବା ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୩ କି.ମି. ଦୂର ଅନଗାରଗୁଡା ଗାଁ ଛକଠାରେ ଅପେକ୍ଷା କରିଥିଲା। ଲାଜର ଓ ଅନ୍ୟ ଗ୍ରାମବାସୀ ଏକ ଷ୍ଟ୍ରେଚରରେ ପୁଷ୍ପାଞ୍ଜଳିଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାଁକୁ ଯାତାୟାତ ପାଇଁ ନିତିଦିନିଆ ଭଲ ରାସ୍ତା ସୁବିଧା ନ ଥିବାରୁ ଗ୍ରାମବାସୀ ଅସୁବିଧା ଭୋଗୁଛନ୍ତି। ବାରମ୍ବାର ଗର୍ଭବତୀ, ପ୍ରସୂତି ଓ ରୋଗୀଙ୍କୁ ବୋହି ଡାକ୍ତରଖାନା ନିଆଯାଉଛି। ରାସ୍ତା ତିଆରି ପାଇଁ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଲଘୁଚାପ: ୩ ଦିନ ବର୍ଷିବ, ୫ ଦିନ ବଜ୍ରପାତ

ଭୁବନେଶ୍ୱର, ୨୪।୮(ଅସମାପିକା ସାହୁ)

ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ଆଗାମୀ ତିନିଦିନ ଧରି ବର୍ଷା ହେବ। କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଆଗାମୀ ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ବଜ୍ରପାତ ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ରାଜ୍ୟରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏସବୁ ଜିଲାରେ ୭୦ରୁ ୨୦୦ମିମି ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଦିଆଯାଇଛି। ଅପରପକ୍ଷେ ରାଜ୍ୟରେ ଶୁକ୍ରବାରରୁ ଶନିବାର ସକାଳ ଭିତରେ ସମ୍ବଲପୁରର ବାମରାରେ ସର୍ବାଧିକ ୧୬୭.୮ ମିମି ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ରେ ୧୪୧.୪ ମିମି, ସୁନ୍ଦରଗଡ଼ ଟାଙ୍ଗରପଲ୍ଲୀରେ ୧୩୪.୪, କୁତ୍ରାରେ ୧୨୫.୧ ଓ ରାଜଗାଙ୍ଗପୁରରେ ୧୨୪.୪ ମିମି ବର୍ଷା ହୋଇଛି। ସେହିଭଳି ଶନିବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ମଧ୍ୟରେ ଝାରସୁଗୁଡ଼ାରେ ସର୍ବାଧିକ ୨୮.୪ ମିମି ବର୍ଷା ହୋଇଥିବାବେଳେ ତାଳଚେର ୨୨, ସୁନ୍ଦରଗଡ଼ରେ ୧୯, କଟକ ୧୭, ଯାଜପୁର ୧୫ ଓ ପାରଳାଖେମୁଣ୍ଡିରେ ୧୪.୨ ମିମି ବର୍ଷା ହୋଇଛି।

# କୋରାପୁଟର ରାଇମତିଙ୍କୁ ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡ

ଜୟପୁର, ୨୪।୮
(ପବନ ପାଣିଗ୍ରାହୀ)


ରାଇମତି ଘିଉରିଆ।

ଜୈବିକ ଚାଷ, ବିଭିନ୍ନ ମାଣ୍ଡିଆ ଓ ଧାନ କିସମର ସଂରକ୍ଷଣ ପାଇଁ ଜଣାଶୁଣା କୋରାପୁଟର ରାଇମତି ଘିଉରିଆଙ୍କୁ ଶନିବାର ଦିଲ୍ଲୀରେ ଟାଇମ୍ସ ନେଟ୍‌ୱର୍କ ଦ୍ୱାରା ଆୟୋଜିତ ‘ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡ ୨୦୨୪’ ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଛନ୍ତି।

ରାଇମତି ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ସହ ଗତ ୨୧ ବର୍ଷ ହେବ ଜଡ଼ିତ ହୋଇ ଜୈବିକ କୃଷି ଓ ପାରମ୍ପରିକ ବିହନ କିସମର ସଂରକ୍ଷଣ ଉପରେ କାର୍ଯ୍ୟ କରିଆସିଛନ୍ତି। ଏହି ପୁରସ୍କାର ପାଇଁ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ରାଇମତିଙ୍କ ନିମନ୍ତେ ଆବେଦନ କରିବା ସହ ସମସ୍ତ ସାହାଯ୍ୟ ଯୋଗାଇଛି। ଆମେଜିଂ ଇଣ୍ଡିଆନ୍ସ ଆୱାର୍ଡରେ ୧୨ ଗୋଟି ବର୍ଗ ମଧ୍ୟରୁ ରାଇମତି ‘କୃଷି’ ବର୍ଗରେ ନାମାଙ୍କନ କରିଥିଲେ। ୧୨ ବର୍ଗରେ ପାଖାପାଖି ୫୦୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିଲେ। କୃଷିବର୍ଗରେ ୫ ଜଣଙ୍କୁ ଅନ୍ତିମ ପର୍ଯ୍ୟାୟ ନିମନ୍ତେ ସ୍ୱତନ୍ତ୍ର ଜୁରି ଚୟନ କରିଥିଲେ। ସେମାନଙ୍କ ମଧ୍ୟରୁ ରାଇମତି ଘିଉରିଆଙ୍କୁ ଶନିବାର ବିଜେତା ଭାବେ ଘୋଷଣାକରି ସମ୍ମାନିତ କରାଯାଇଛି। ଏହା କୋରାପୁଟ, ଓଡ଼ିଶା ବିଶେଷକରି ଚାଷୀମାନଙ୍କ ନିମନ୍ତେ ଏକ ପ୍ରେରଣା ଓ ଗୌରବର ବିଷୟ ବୋଲି ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।









ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। -ଶ୍ରୀମା

-ଖୁଦୁରୁକୁଣୀ ଓଷା ଆରମ୍ଭ



# ଶୁଣିବାକୁ ପଡୁଛି



ଆକାର ପଟେଲ

ସମଗ୍ର ବିଶ୍ୱରେ ହିଂସାକୁ ଶେଷ କରିବା ପାଇଁ ଆମେ ୟୁକ୍ରେନ୍ ଏବଂ ପୋଲାଣ୍ଡ ଯାଉଥିବାବେଳେ, ଭାରତରେ ହିଂସା ବିଷୟରେ ବିଶ୍ୱ କ'ଣ କହୁଛି ତାହା ଦେଖିବା ଦରକାର। ୯ ଜୁନ୍ ୨୦୨୨ରେ ମିଳିତ ଜାତିସଂଘର ୩ ଜଣ ସ୍ୱତନ୍ତ୍ର ରେକର୍ଡର ବାଲକ୍ରିଷ୍ଣନ ରାଜଗୋପାଲ, ଫର୍ନାଣ୍ଡ ଡି ଭାରେନ୍ସ ଏବଂ ଅହମ୍ମଦ ସାହିଦ ଆମ ବୁଲଡୋଜର ନ୍ୟାୟ ସମ୍ପର୍କରେ ମୋଦି ସରକାରଙ୍କୁ ଲେଖିଥିଲେ। ମଧ୍ୟପ୍ରଦେଶର ଖାର୍ଗୋନ ଜିଲା, ଗୁଜରାଟର ଆନନ୍ଦ ଜିଲା ତଥା ନୂଆଦିଲ୍ଲୀର ଜାହାଙ୍ଗୀରପୁରୀ ଓ ଅନ୍ୟାନ୍ୟ ସ୍ଥାନରେ ମୁସଲମାନ ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ବଳପୂର୍ବକ ଉଚ୍ଛେଦ, ଘର ଓ ସମ୍ପତ୍ତି ଧ୍ୱଂସକରିବା ଭଳି କାର୍ଯ୍ୟ ବିଷୟରେ ସେମାନେ ଉଲ୍ଲେଖ କରିଥିଲେ। କିନ୍ତୁ ଭାରତ ଏହି ଚିଠିର ଉତ୍ତର ଦେଲା ନାହିଁ। ୧୨ ଜୁଲାଇ ୨୦୨୩ ରେ ୟୁରୋପୀୟ ସଂସଦ ମଣିପୁର ହିଂସା ଉପରେ ଏକ ସଂକଳ୍ପପତ୍ର ପାସ୍ କରିଥିଲା। ଏଥିରେ କୁହାଯାଇଥିଲା ଯେ, ଖ୍ରୀଷ୍ଟିଆନଙ୍କ ସମେତ ଧର୍ମୀୟ ସଂଖ୍ୟାଲଘୁଙ୍କ ପ୍ରତି ଅସହିଷ୍ଣୁତାରୁ ହିଂସା ଘଟିଛି। ଏହା ସହ ୟୁରୋପୀୟ ସଂସଦ ଜାତି ଓ ଧର୍ମୀୟ ହିଂସାକୁ ତୁରନ୍ତ ବନ୍ଦ କରିବା, ମଣିପୁରର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଭଳି ସମସ୍ତ ଧର୍ମୀୟ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାକୁ କହିଥିଲା। ଏହାର ଜବାବରେ ଭାରତ କହିଥିଲା, ଏହା ହେଉଛି ଉପନିବେଶିକ ମାନସିକତା ଏବଂ ଆମର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ହସ୍ତକ୍ଷେପ।

୭ ମାର୍ଚ୍ଚ ୨୦୨୪ରେ ମିଳିତ ଜାତିସଂଘର ୨ ଡଜନରୁ ଅଧିକ ମାନବ ଅଧିକାର ବିଶେଷଜ୍ଞ ମୋଦି ସରକାରଙ୍କୁ ଚିଠି ଲେଖି ଭାରତରେ ସଂଖ୍ୟାଲଘୁ, ଗଣମାଧ୍ୟମ ତଥା ନାଗରିକ ସମାଜ ଉପରେ ଆକ୍ରମଣ ନେଇ ସଚେତନ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦେଇଥିଲେ। ହେଲେ ଭାରତ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କଲା ନାହିଁ। ଆସନ୍ତୁ, ଆଉ ଟିକେ ପଛକୁ ଫେରିଯିବା। ୧୩ ଜୁନ୍ ୨୦୨୧ରେ ଜି ୭ ଏକ ଘୋଷଣାପତ୍ର ଜାରି କରିଥିଲେ। ଏହା ନାମ ଥିଲା– 'ଜି୭ ଆଣ୍ଡ୍ ଗେଷ୍ଟ କଣ୍ଟ୍ରିଜ: ୨୦୨୧ ଓପନ ସୋସାଇଟିଜ୍ ଷ୍ଟେଟ୍‌ମେଣ୍ଟ।' ଜି୭ ହେଉଛି ଆମେରିକା, ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଜାପାନ ଏବଂ ଇଟାଲୀ ଏବଂ ୟୁରୋପୀୟ ୟୁନିୟନ ଏବଂ ଜି୭ ସମ୍ମିଳନୀକୁ ନିମନ୍ତ୍ରିତ ଅତିଥି ରାଷ୍ଟ୍ରଗୁଡ଼ିକ ଥିଲେ ଦକ୍ଷିଣ କୋରିଆ, ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ। ଘୋଷଣାପତ୍ରରେ କୁହାଯାଇଛି, ଏହି ସମସ୍ତ ରାଷ୍ଟ୍ର ଗଣତାନ୍ତ୍ରିକ ମୂଲ୍ୟବୋଧ ମାଧ୍ୟମରେ ମୁକ୍ତ ସମାଜରେ ସେମାନଙ୍କର ସହଭାଗୀ ବିଶ୍ୱାସକୁ ନିଶ୍ଚିତ କରିବା ସହ ୮ଟି ମୂଲ୍ୟବୋଧକୁ ଗ୍ରହଣ ପୂର୍ବକ ଅନ୍ୟମାନଙ୍କୁ ଗ୍ରହଣ କରିବାକୁ ଉତ୍ସାହିତ କରିବେ। ପ୍ରଥମଟି ମାନବ ଅଧିକାର। ଦ୍ୱିତୀୟଟି ଗଣତନ୍ତ୍ର ସମେତ ଏକ ଉତ୍ତରଦାୟୀ ତଥା ସ୍ୱଚ୍ଛ ଶାସନ ବ୍ୟବସ୍ଥାରେ ପ୍ରତ୍ୟେକଙ୍କ ପାଇଁ ଶାନ୍ତିପୂର୍ଣ୍ଣ ସମାବେଶ, ସଙ୍ଗଠନ ଏବଂ ସହଯୋଗର ଅଧିକାର। ତୃତୀୟରେ ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ନାଗରିକ ତଥା ରାଜନୈତିକ ଅଧିକାରର ଉପଭୋଗ। ଚତୁର୍ଥରେ ଲିଙ୍ଗଗତ ସମାନତା। ପଞ୍ଚମରେ ଅଭିବ୍ୟକ୍ତିର ସ୍ୱାଧୀନତା। ଷଷ୍ଠରେ ଆଇନର ଶାସନ ଏବଂ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟିକ ବ୍ୟବସ୍ଥା। ସପ୍ତମରେ ଏକ ଅନ୍ତର୍ଦ୍ଦେଶୀୟ ବ୍ୟବସ୍ଥା ସହ ମୁକ୍ତ ଓ ନିରପେକ୍ଷ ବାଣିଜ୍ୟ ଏବଂ ବୈଶ୍ୱିକ ସହଯୋଗ। ଅଷ୍ଟମରେ ମାନବ ଅଧିକାର ତଥା ମୌଳିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରୁଥିବା ସ୍ୱାଧୀନ ତଥା ବହୁମୁଖୀ ନାଗରିକ ସମାଜ ସହ ସହଭାଗିତା। ଏହି ୮ଟି ସ୍ପଷ୍ଟତଃ ମୂଲ୍ୟବୋଧର ଆଧାର, ଯାହା ଆମ ସମ୍ମିଳିତ ଜୀବନଶୈଳୀକୁ ନିର୍ଣ୍ଣୟ କରେ। ଏସବୁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଜି୭ ଏବଂ ଅତିଥି ରାଷ୍ଟ୍ରମାନଙ୍କ ୮ଟି ଉପାୟରେ ଆଗକୁ ବଢ଼ାଯିବ ବୋଲି କୁହାଯାଇଥିଲା। ପ୍ରଥମେ ନାଗରିକ କ୍ଷେତ୍ର ଏବଂ ଗଣମାଧ୍ୟମ ସ୍ୱାଧୀନତାକୁ ସୁରକ୍ଷା ଦେଇ ଅଭିବ୍ୟକ୍ତି, ସମାବେଶ ତଥା ସଙ୍ଗଠନର ସ୍ୱାଧୀନତା ତଥା ଧର୍ମ କିମ୍ବା ବିଶ୍ୱାସର ସ୍ୱାଧୀନତାକୁ ଉତ୍ସାହିତ କରିବା। ଦ୍ୱିତୀୟତଃ ମାନବ ଅଧିକାର, ଗଣତନ୍ତ୍ର ଏବଂ ଆଇନର ଶାସନ ପ୍ରତି ଥିବା ବିପଦକୁ ଅନୁଭବ କରିବା ପାଇଁ ସୂଚନା ଆଦାନ ପ୍ରଦାନ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟାଗୁଡ଼ିକରେ ସମନ୍ୱୟ ରକ୍ଷା କରିବା। ତୃତୀୟରେ ଖୋଲା ବଜାର ଉପରେ ପ୍ରତିଷ୍ଠିତ ଆମର ଭାଗୀଦାରି ଅର୍ଥନୈତିକ ମଡେଲକୁ ପୁନଃ ସ୍ଥାପିତକରି ମୁକ୍ତ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା। ଚତୁର୍ଥରେ ଦୁର୍ନୀତି ରୋକିବା ଏବଂ ନିୟନ୍ତ୍ରଣ କରିବା। ପଞ୍ଚମଟି ହେଉଛି ମାନବ ଅଧିକାରକୁ ସମ୍ମାନ କରୁଥିବା ଡିଜିଟାଲ ନାଗରିକ-କ୍ଷେତ୍ରର ସୁରକ୍ଷା। ଷଷ୍ଠରେ ଲିଙ୍ଗଗତ ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା। ସପ୍ତମରେ ବିଜ୍ଞାନରେ ସହଯୋଗୀ ମନୋଭାବ ରଖିବା ଏବଂ ଅଷ୍ଟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ ବିଶେଷକରି ନ୍ୟାୟପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଏବଂ ସମ୍ମିଳିତ ସମାଜକୁ ପ୍ରୋତ୍ସାହିତ କରିବା।

ଜି ୭ ଏବଂ ତାହାର ଅତିଥି ଦେଶଗୁଡ଼ିକ କହିଥିଲେ, ସେମାନେ ଅନ୍ୟ ଅନ୍ତଃରାଷ୍ଟ୍ରୀୟ ମଞ୍ଚକୁ ଏହି ପ୍ରତିଶ୍ରୁତି ସମ୍ପ୍ରସାରିତ କରିବେ। କିନ୍ତୁ ଏହି ସ୍ଥିତିରୁ କିଛି ବିଷୟ ସାମ୍ନାକୁ ଆସେ। ଭାରତ ସରକାର ଅଧିକାଂଶ ତାଲିକାଭୁକ୍ତ ବିଷୟ ପ୍ରତି ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପ୍ରଧାନମନ୍ତ୍ରୀ ଓପନ ସୋସାଇଟି ଘୋଷଣାପତ୍ର ସପକ୍ଷରେ କହି ଭାରତ ଏହାର ସହଯୋଗୀ ବୋଲି ପ୍ରକାଶ କରିଥିଲେ। କିନ୍ତୁ ସମସ୍ୟା ହେଉଛି ଏହି ବିଷୟଗୁଡ଼ିକୁ ଗ୍ରହଣ କରିପାରୁନାହୁଁ। ଯାହା ଆମେ ଦେଶରେ କରୁ, ତାହା ଜାରି ରଖିଛୁ। ଯଦି ସେସବୁ କରିବା ତେବେ ଆମକୁ ମିଳିତ ଜାତିସଂଘ ଏବଂ ୟୁରୋପୀୟ ସଂସଦରୁ ଶୁଣିବାକୁ ପଡ଼ିବ। ଅନ୍ୟମାନଙ୍କଠାରୁ ମଧ୍ୟ ଶୁଣିବାକୁ ପଡ଼ିଛି। ଆମେରିକା କଂଗ୍ରେସ (କଶ୍ମୀର ଉପରେ), ଜାତିସଂଘର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଆୟୋଗ (ବିଭିନ୍ନ ଭାଜପା ଶାସିତ ରାଜ୍ୟରେ ତଥାକଥିତ 'ଲଭ୍ ଜିହାଦ' ଆଇନ ଉପରେ) ଏବଂ ଆମେରିକା ପରରାଷ୍ଟ୍ର ବିଭାଗ (ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ଉପରେ) ସ୍ୱର ଉଠାଇଛନ୍ତି। ବିଶ୍ୱସ୍ତରୀୟ ନେତା ଭାବରେ ଅନ୍ୟତ୍ର ହିଂସା ବନ୍ଦ କରିବାକୁ ଚାହୁଁଥିବାରୁ ଆମ ପ୍ରତି ମୌଳିକ ବିଶ୍ୱସନୀୟତା ସୃଷ୍ଟି କରିବାକୁ ହେବ। ଏଥିପାଇଁ ଆମେ ନିଜେ ଯାହା କରିଛୁ ତାହା ପ୍ରଥମେ ଦେଖିବା ଏବଂ ସ୍ୱୀକାର କରିବା ଉଚିତ। ତାହା ନ କଲେ ଆମେ ଛଳନା କରୁଛେ ବୋଲି ଅଭିଯୋଗ ଉଠିବ ଏବଂ ବିଭିନ୍ନ ଦେଶ ଭ୍ରମଣକରି ଯୁଦ୍ଧକୁ ବିରୋଧ କରିବାରେ ଆମର ମହତ୍ତ୍ୱ ରହିବ ନାହିଁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 6 | 9 | 8 | | 7 | | | | |
| 5 | | | | | | | 3 | 4 |
| | | | 8 | | | | 2 | |
| | 2 | 4 | | 6 | 9 | | | 3 |
| | | | | | 1 | | 7 | |
| | | | | 4 | | 8 | | |
| | | 6 | 1 | | | | 5 | |
| | 3 | | 7 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 5 | 3 | 9 | 6 | 4 | 1 |
| 5 | 3 | 6 | 4 | 1 | 8 | 9 | 7 | 2 |
| 4 | 1 | 9 | 6 | 7 | 2 | 5 | 8 | 3 |
| 8 | 7 | 3 | 2 | 6 | 1 | 4 | 5 | 9 |
| 6 | 4 | 1 | 9 | 5 | 7 | 3 | 2 | 8 |
| 9 | 5 | 2 | 8 | 4 | 3 | 1 | 6 | 7 |
| 1 | 8 | 4 | 3 | 2 | 6 | 7 | 9 | 5 |
| 2 | 6 | 7 | 1 | 9 | 5 | 8 | 3 | 4 |
| 3 | 9 | 5 | 7 | 8 | 4 | 2 | 1 | 6 |

ଗତକାଲିର ଉତ୍ତର

# ଦି କିଲୋ ଟମାଟୋ ଓ ୨୫ ପଇସା



ଅନନ୍ତ ଚରଣ ସ୍ୱାଇଁ

ସଫଳ ବ୍ୟକ୍ତିଙ୍କ ସଂଘର୍ଷର କାହାଣୀ ଆମକୁ ଅନେକ ପ୍ରେରଣା ଦେଇଥାଏ। ଦି କିଲୋ ଟମାଟୋକୁ ନେଇ ଗଢିଉଠିଥିବା କାହାଣୀ ଯେପରି ତାତ୍ତ୍ୱିକ ସେହିପରି ପ୍ରେରଣାଦାୟକ।

ବ୍ୟକ୍ତି ଜଣଙ୍କ ବାହାରି ପଡ଼ନ୍ତି ଚାକିରି ଅନ୍ୱେଷଣରେ। ଅନ୍ୟମନସ୍କ ଭାବେ ଚାଲି ଚାଲି ଯାଉଥାଆନ୍ତି। ରାସ୍ତାରେ ଏକ ଅଫିସକୁ ପ୍ରବେଶ କରି ମାନବସମ୍ବଳର ମୁଖ୍ୟଙ୍କୁ ଭେଟି, ଚାକିରିଟିଏ ପାଇଁ ଗୁହାରି କଲେ। ଅଧିକାରୀ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଜାଣିବାକୁ ଚାହିଁଲେ। ହାତଯୋଡି କହିଲା, 'ଆଜ୍ଞା, ପାଠ କିଛି ପଢ଼ିନି। ଅଫିସ କାମ ସିନା କରି ପାରିବିନି, ଅଫିସକୁ ଝାଡୁ ପୋଛା କରି ପରିଷ୍କାର କରିପାରିବି। ଅଧିକାରୀ ଜଣଙ୍କ ତାଙ୍କୁ ଝାଡୁଟିଏ ଦେଇ ତାଙ୍କ କାମକୁ ପରଖି ନେବାକୁ ଚାହିଁଲେ। ଲୋକଟି ଅତି ଯତ୍ନର ସହ କାର୍ଯ୍ୟ ସମ୍ପାଦନ କଲା। ଚାକିରି ଦେବାପାଇଁ ଅଧିକାରୀଜଣଙ୍କ ରାଜି ହେଲେ। ଔପଚାରିକତା ଦୃଷ୍ଟିରୁ ଲୋକଟିର ନାଁ, ଠିକଣା ଲେଖିବା ସମୟରେ ସେ ଲୋକଟିକୁ ତାଙ୍କର ଇ-ମେଲ କ'ଣ ବୋଲି ପଚାରିଲେ। 'ମୁଁ ନିରକ୍ଷର। ମୋର ଇ-ମେଲ କେଉଁଠୁ ଆସିବ?' ଲୋକଟି କହିଲା। ଅଧିକାରୀଜଣଙ୍କ ଯୁକ୍ତି ଥିଲା, କମ୍ପାନୀର ପ୍ରତ୍ୟେକ କର୍ମଚାରୀ ସେମାନଙ୍କର ଇ-ମେଲ ଦ୍ୱାରା ଚିହ୍ନଟ ହୋଇଥାଆନ୍ତି। ଇ-ମେଲ ନାହିଁ ଅର୍ଥ ଲୋକର ଅସ୍ତିତ୍ୱ ନାହିଁ। ଏଣୁ ଏକ ଅସ୍ତିତ୍ୱ ବିହୀନ ଲୋକକୁ କିପରି ଚାକିରି ଦେବେ? ଲୋକଟି ବହୁ ଅନୁନୟ ବିନୟ ହୋଇ ଚାକରି ପାଇଁ ଅନୁରୋଧ କଲା। ଅଧିକାରୀ ଜଣଙ୍କ ଲୋକଟିର ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ।

ନିରାଶ ହୋଇ ଲୋକଟି ଅଫିସ ବାହାରକୁ ଆସି ଆଗକୁ ଚାଲିଲା। ଦେଖିଲା, ରାସ୍ତା ପାର୍ଶ୍ୱରେ ଜଣେ ଲୋକ ଟମାଟୋ ବିକ୍ରି କରୁଛି। ପାଖରେ ଥିବା ଟଙ୍କାରେ ଦୁଇ କେଜି ଟମାଟୋ କିଣି ଆଗକୁ ଚାଲିଲା। ରାସ୍ତାରେ ଆସିଲା କିଛି ଜନବସତି। ସେ ଟମାଟୋକୁ ସେଠାରେ ବିକି ଦୁଇଟଙ୍କା ଲାଭ କଲା। ମନରୁ ଚାକିରି ନିଶା ଓହ୍ଲାଇ ଗଲା। ସେ ଫେରିଗଲା ଟମାଟୋ ବିକାଳି ପାଖକୁ। ପୁନଶ୍ଚ ଟମାଟୋ କିଣି ଆଣି ବିକ୍ରୟ କରିବାକୁ ଲାଗିଲା। ଏପରି କାରବାରୁ ତା' ଲାଭ ବଢ଼ିବାରେ ଲାଗିଲା। ଚାକିରି ପିଛା ଛାଡି ମନଦେଲା ବ୍ୟବସାୟରେ। ଏହା ଭିତରେ ବିତିଯାଇଛି ଦଶ ବର୍ଷ। ସେହି ଲୋକଟି ହୋଇପାରିଛି ସେ ଅଞ୍ଚଳର ଜଣେ ପ୍ରଖ୍ୟାତ ପରିବା ବ୍ୟବସାୟୀ। ତାଙ୍କ ପାଖରେ ପହଞ୍ଚନ୍ତି ଜନୈକ ବ୍ୟାଙ୍କ ଅଧିକାରୀ। ବ୍ୟାଙ୍କରେ ନିବେଶ କରିବାକୁ ତାଙ୍କୁ ରାଜି କରାନ୍ତି। ଗୋଟିଏ ଫର୍ମରେ ସମସ୍ତ ତଥ୍ୟ ଭରିବା ସମୟରେ



ସେ ତାଙ୍କ ଇ-ମେଲ କ'ଣ ବୋଲି ପଚାରନ୍ତି। ତାଙ୍କର ଇ-ମେଲ ନ ଥିବା କୁହନ୍ତି ସେ ବ୍ୟବସାୟୀ। 'ଇ-ମେଲ ନ ଥାଇ ଏତେ ସମ୍ପତ୍ତି? ଇ-ମେଲ ଥିଲେ ଆହୁରି କେତେ ଅଧିକ ସମ୍ପତ୍ତି ହୋଇଥାଆନ୍ତା?' ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି ବ୍ୟାଙ୍କ ଅଧିକାରୀ। ଦୂରରେ ଦିଶୁଥିବା ଗୋଟିଏ ଉଚ୍ଚା ଅଟ୍ଟାଳିକାକୁ ଇଙ୍ଗିତ କରି ବ୍ୟବସାୟୀ ଜଣଙ୍କ କୁହନ୍ତି 'ଭଲ କରି ଲକ୍ଷ୍ୟ କରନ୍ତୁ ସେହି କୋଠାକୁ? ମୋର ଇ-ମେଲ ଥିଲେ, ହୁଏତ ସେହି କୋଠାରେ ଥିବା ଅଫିସରେ ସାରା ଜୀବନ ସଫେଇ କର୍ମଚାରୀ ଭାବେ କଟିଥାଆନ୍ତା।

ସାମାଜିକ ଗଣ ମାଧ୍ୟମରୁ ମିଳିଥିବା ଏହି ପ୍ରସଙ୍ଗରୁ ଜଣାଯାଏ ଯେ ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା ଓ କିଛି କରିବାର ଦୃଢ଼ ଇଚ୍ଛାଶକ୍ତି ବ୍ୟକ୍ତିର ପ୍ରଗତିରେ ସହାୟକ ହୋଇଥାଏ। ସହଜରେ କିଛି ପାଇଯିବାର ସନ୍ତୁଷ୍ଟି ଅନେକ ସମୟରେ ବ୍ୟକ୍ତିର ଉନ୍ନତିରେ ହୁଏ ପ୍ରତିବନ୍ଧକ।

ଅନ୍ୟ ଏକ ପ୍ରସଙ୍ଗ ବିଷୟରେ ଆଲୋଚନା କରିବା। ବାଙ୍ଗାଲୋରରୁ ଡାକ୍ତରୀ ଶିକ୍ଷା ଶେଷ କରି ନିଜ ଗ୍ରାମକୁ ଫେରି ଆସନ୍ତି ଯୁବକ ଟୋନ୍ସ ମାଧବ ଅନନ୍ତ ପାଇ। ଉଚ୍ଚ ଶିକ୍ଷା ନିମନ୍ତେ ଜାପାନ ଯିବାପାଇଁ ତାଙ୍କ ମା'ଙ୍କୁ ପଚାରନ୍ତି। ରୋକ୍‌ଠୋକ୍ ମା' ମନାକରନ୍ତି ବିଦେଶ ଯିବାକୁ। ଗାଁରେ ରହି ଗରିବ ଲୋକଙ୍କ ସେବା କରିବାକୁ କୁହନ୍ତି ପୁଅକୁ। ଡା. ପାଇ ନିଜ ଗ୍ରାମରେ ରହି ରୋଗୀସେବା ଆରମ୍ଭ କଲେ। ସେ ହୃଦୟଙ୍ଗମ କଲେ ଯେ ତାଙ୍କର ଯଥେଷ୍ଟ ରୋଜଗାର ନ ହେବାର କାରଣ ହେଉଛି ଆଖପାଖର ଲୋକମାନେ ମଧ୍ୟ ଯଥେଷ୍ଟ ରୋଜଗାର କରୁନାହାନ୍ତି। ପୁରୁଷମାନେ ମାଛ ଧରିବାକୁ ସମୁଦ୍ରକୁ ଚାଲିଯାଆନ୍ତି। ପିଲା ଦେହ ଖରାପ ହେଲେ ମା'ମାନେ ହିଁ ତାକୁ ଧରି ଡା. ପାଇଙ୍କ ପାଖକୁ ଆସନ୍ତି। ମାଛ ସଫା କରିବା, ବିକ୍ରୟ କରିବା ଓ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପରିଚାଳନା କରିବା ମହିଳାମାନଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା। ଯଦି କିଛି ବଳକା ପଇସା ମହିଳାଙ୍କ ପାଖରେ ରହୁଥିଲା, ତାକୁ ପୁରୁଷମାନେ ନେଇ ମଦ୍ୟପାନରେ ଖର୍ଚ୍ଚ କରୁଥିଲେ। ତେଣୁ ସେ ମହିଳାମାନଙ୍କୁ ସଞ୍ଚୟ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ କହିଲେ ଯେ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ। ସେମାନଙ୍କ ପାଖରେ କେତେ ଟଙ୍କା ଅଛି ତାହା ଦେଖାଇବାକୁ କହିଲେ ଡା. ପାଇ। ସେମାନେ ଲୁଗା କାନିରେ ବାନ୍ଧି ରଖିଥିବା କିଛି ମୁଦ୍ରା ଦେଖାଇଲେ। ସେ ପ୍ରତ୍ୟେକ ମହିଳାଙ୍କଠାରୁ ଧୀରେ ଧୀରେ ୨୫ ପଇସା ମୁଦ୍ରା ନେଇ ତାଙ୍କୁ ଏହା ସଞ୍ଚୟ କରିବାକୁ ପ୍ରବର୍ତ୍ତାଇଲେ। ସେତେବେଳେ ପାଖରେ କିଛି ବ୍ୟାଙ୍କ ନ ଥିଲା। କାରବାରର ଠିକ୍ ହିସାବ ରଖିବାକୁ ସେ ପ୍ରତ୍ୟେକ ମହିଳାଙ୍କ ପାଇଁ ଦୁଇଟି ନୋଟବୁକ ରଖିଲେ – ଗୋଟିଏ ତାଙ୍କ ସହିତ ଏବଂ ଅନ୍ୟଟି ମହିଳାଙ୍କ ସହିତ ରଖାଯାଇଥିଲା। ମହିଳାଙ୍କ ସ୍ୱାମୀ ନ ଥିବା ସମୟରେ କମ୍ପାଉଣ୍ଡର ଘର ଘର ଯାଇ ପଇସା ଆଣୁଥିଲେ ଏବଂ ଉଭୟ ନୋଟ ବୁକ୍‌ରେ ତାହା ଲେଖିରଖୁଥିଲେ। ଡା. ପାଇଙ୍କ ଏହି ଯୋଜନା ପିଗି ଜମା ଯୋଜନା ଭାବରେ ଜଣାଶୁଣା। ଏହାଦ୍ୱାରା ମହିଳାମାନେ ନିୟମିତ ସଞ୍ଚୟ କରିବାକୁ ଲାଗିଲେ।

ଡା. ପାଇ ଲକ୍ଷ୍ୟକଲେ ଯେ ସେ ଅଞ୍ଚଳର ଛୋଟ ପିଲା ପୁଷ୍ଟିହୀନତାର ଶିକାର ହୋଇ ବାରମ୍ବାର ଚିକିତ୍ସା ପାଇଁ ଆସୁଛନ୍ତି। ତେଣୁ ପିଲାମାନଙ୍କୁ ପ୍ରତିଦିନ ଏକ ଗ୍ଲାସ କ୍ଷୀର ଦେବାକୁ ସେମାନଙ୍କ ମା'ମାନଙ୍କୁ କହିଲେ। କ୍ଷୀର ପାଇଁ ଗୋଟିଏ ଗାଈ ରଖିବାକୁ ପରାମର୍ଶ ଦେଲେ। ଦିନକୁ ୨୫ ପଇସା ସଂଗ୍ରହ ଦ୍ୱାରା, ସେତେବେଳକୁ ଡା. ପାଇଙ୍କ ପାଖରେ କିଛି ଟଙ୍କା ହୋଇଯାଇଥିଲା। ସେ ମହିଳାମାନଙ୍କୁ ଏକ ପ୍ରସ୍ତାବ ଦେଲେ ଯେ, ସେ ସେମାନଙ୍କୁ ଗାଈ କିଣିବାକୁ ଟଙ୍କା ଦେବେ। ଗାଈ ଦେଉଥିବା କ୍ଷୀରରୁ ପିଲାଙ୍କ ପାଇଁ ଏକ ଗ୍ଲାସ ରଖି ବାକି ସବୁ ତାଙ୍କଠାରୁ କିଣି ନେବେ। ଧୀରେ ଧୀରେ ଗ୍ରାମରେ ଗାଈ ସଂଖ୍ୟା ବଢ଼ିବାକୁ ଲାଗିଲା। ଅଳ୍ପ ସମୟ ମଧ୍ୟରେ ଗାଁରେ ଏତେ ସଂଖ୍ୟକ ଗାଈ ଥିଲେ ଯେ ଡା. ପାଇ ସେମାନଙ୍କ ସମସ୍ତ କ୍ଷୀର କିଣି ପାରି ନ ଥିଲେ। ତେଣୁ ସେ ଏକ ଦୁଗ୍ଧ ସମବାୟ ସମିତି ଗଠନ କଲେ। ଡା. ପାଇଙ୍କ ଦୂରଦୃଷ୍ଟି ଓ ଅକ୍ଲାନ୍ତ ଉଦ୍ୟମ ଫଳରେ ଜନ୍ମ ନେଲା ସିଣ୍ଡିକେଟ ବ୍ୟାଙ୍କ ଓ ଉନ୍ନତ ଶିକ୍ଷାର ସୁବିଧା ପାଇଁ ଗଢିଉଠିଲା ମଣିପାଲ ଏଜୁକେଶନାଲ କମ୍ପ୍ଲେକ୍ସ। ଗରିବ ଲୋକଙ୍କ ପାଇଁ ଅନେକ ଉଲ୍ଲେଖନୀୟ କାମ କରି ସେ ସମସ୍ତଙ୍କ ନିକଟରେ ଚିର ସ୍ମରଣୀୟ।

ପ୍ରଥମ ପ୍ରସଙ୍ଗରୁ ଏହି ଶିକ୍ଷା ମିଳେ ଯେ ଚାକିରି ବ୍ୟତୀତ ଆୟ କରିବାର ଅନେକ ବିକଳ୍ପ ପନ୍ଥା ଅଛି। ସେହିପରି ଡା. ପାଇଙ୍କ ପ୍ରଚେଷ୍ଟା ଫଳରେ ଗ୍ରାମାଞ୍ଚଳର ମହିଳାମାନେ ସାବଳମ୍ବୀ ହୋଇପାରିଛନ୍ତି। ଏବେ ସଞ୍ଚୟ ଓ ବ୍ୟବସାୟ କରିବା ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ଏସବୁ ସୁବିଧା ସତ୍ତ୍ୱେ ଅଭାବ ଅନଟନ ମଧ୍ୟରେ ବଞ୍ଚିବା ଦୁର୍ଭାଗ୍ୟଜନକ। ଆର୍ଥିକ ସଫଳତା ପାଇଁ ଆୟ ସହିତ ନିୟମିତ ସଞ୍ଚୟ ଦରକାର। ନିଜେ ସଞ୍ଚୟ କରିବା ଓ ଗରିବ ଲୋକମାନଙ୍କୁ ସଞ୍ଚୟ କରିବା ଶିଖାଇବା। ତା'ହେଲେ ସମସ୍ତେ ସୁଖ ଶାନ୍ତିରେ ବଞ୍ଚିବା। ଏହା ହିଁ ହେବ ଦେଶ ପାଇଁ ଶ୍ରେଷ୍ଠ ଅବଦାନ।

**୫୩୭, କେ୭, କଳିଙ୍ଗନଗର, ଭୁବନେଶ୍ୱର**
**ମୋ: ୭୩୮୧୦୪୬୪୭୭**

# କୂଟନୀତିରେ ନୈତିକତା



ରିତେଶ କୁମାର ଶିଶୁ

ଆଧୁନିକ ଯୁଗରେ କୂଟନୀତିର ପରିଭାଷା ବଦଳିଯାଇଛି। ଅଧୁନା କୂଟନୀତିରେ କିଛି ଶକ୍ତିଶାଳୀ ଦେଶ କ୍ଷମତାଶାଳୀ ହୋଇ ଅନ୍ୟ ଦେଶଗୁଡ଼ିକୁ ସାମ୍ରାଜ୍ୟବାଦର ଫାଶରେ ପକାଇବାକୁ ପ୍ରୟାସ କରୁଛନ୍ତି। ସେମାନଙ୍କ ଅର୍ଥନୀତି ଯୁଦ୍ଧପୁଷ୍ଟ। କାରଣ ଖଳ କୂଟନୀତି ମାଧ୍ୟମରେ ଦୁଇ ପଡ଼ୋଶୀ ଦେଶକୁ ପରସ୍ପରର ଶତ୍ରୁ କରିଦେଇ ଯୁଦ୍ଧ ସରଞ୍ଜାମ ବିକି ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ପରୋକ୍ଷରେ ସାମ୍ରାଜ୍ୟବାଦ ଓ ଔପନିବେଶିକ ଶୋଷଣର ସୁଯୋଗ ସୃଷ୍ଟି କରେ। ପୀଡ଼ିତ ଦେଶଟି ସମ୍ଭାବ୍ୟ ଯୁଦ୍ଧକୁ ଆଖି ଆଗରେ ରଖି ତାହାର ସମଗ୍ର ଅର୍ଥନୀତିରୁ ଅଧିକାଂଶ ଯୁଦ୍ଧ ସରଞ୍ଜାମ ପାଇବାରେ ଖର୍ଚ୍ଚ କରେ। ଫଳରେ ନିଜ ଦେଶର ଶିଳ୍ପ, କୃଷି ଆଦି କ୍ଷେତ୍ରରେ କମ୍ ପୁଞ୍ଜି ନିବେଶ ହେତୁ ପୁଣି ସେହି ବିକଶିତ ଦେଶଗୁଡ଼ିକ ଶରଣ ପଶେ ଓ ସେମାନଙ୍କ ଅର୍ଥନୀତିକୁ ପରୋକ୍ଷରେ ଅଧିକ ସମୃଦ୍ଧ କରେ। ଅତୀତରେ ଭାରତ-ପାକିସ୍ତାନ ଯୁଦ୍ଧରେ ବିକଶିତ ଦେଶଗୁଡ଼ିକର ଭୂମିକାକୁ ତର୍ଜମା କଲେ ଏହା ସୁସ୍ପଷ୍ଟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାରା ବିଶ୍ୱର ଯେତେ ବାଦବିବାଦ ଦେଖନ୍ତୁ ଯେପରି କି ଯୁଗୋସ୍ଲୋଭାକିଆ, ଭିଏତନାମ୍, କୋରିଆ, ଆଫଗାନିସ୍ଥାନ, ଇରାକ ଇତ୍ୟାଦି ସବୁଥିରେ ଏହି ସାମ୍ରାଜ୍ୟବାଦୀ କେତେକ ବିକଶିତ ଦେଶଗୁଡ଼ିକର ହାତ ଥିବାର ଦେଖିବାକୁ ପାଇବେ। କଳେବଳେ କୌଶଳେ ନିଜର ଅର୍ଥନୀତିକୁ ସମୃଦ୍ଧ କରିବା, ଅନ୍ୟ ଦେଶର ସମ୍ପଦକୁ ଅକ୍ତିଆର କରିବା ଓ ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରି ବଡ଼ପଣିଆ ଦେଖାଇ ବିଭେଦର ମଞ୍ଜି ବୁଣିବା ଏମାନଙ୍କର ପ୍ରାଥମିକତା। ବିଶ୍ୱ ଶାନ୍ତି ନାମରେ ଏମାନେ ନିଜର ଶକ୍ତିଶାଳୀ କ୍ଷେପଣାସ୍ତ୍ରର ନାମ ପିସ୍‌କିପର ବି ରଖିଦିଅନ୍ତି। ଅର୍ଥାତ୍ କୁମ୍ଭୀରକାନ୍ଦଣା ହୋଇଛି ସେମାନଙ୍କ କୂଟନୀତିର ଏକ ବିଶେଷ ସ୍ୱରୂପ। ମଧ୍ୟପ୍ରାଚ୍ୟରେ ହଜାର ହଜାର ନିରୀହ ଶିଶୁ ଓ ମହିଳାମାନେ ବଳି ପଡୁଥିବା ବେଳେ, ଏପଟେ ଶାନ୍ତିର କଥା କହି ସେପଟେ ଜାତିସଙ୍ଘରେ ଶାନ୍ତି ବିରୋଧରେ ଭିଟୋ ପ୍ରୟୋଗ କରୁଥିବା ଦେଶଗୁଡ଼ିକ ପାଇଁ ନୈତିକତାର ସ୍ୱରୂପ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ। ଯୁଦ୍ଧପୁଷ୍ଟ ଅର୍ଥନୀତିରେ ସମୃଦ୍ଧ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଫ୍ରିକାର ଗରିବୀ ଓ ଭୁଖମାରୀକୁ ନେଇ ବୃଥା ଅଭିନୟ କରନ୍ତି ଆଉ ଜାତିସଙ୍ଘର ଯାବତୀୟ ଅନୁଷ୍ଠାନମାନଙ୍କ ଦ୍ୱାରା କେବଳ ଧର୍ମକୁ ଆଖିଠାର ମାରିବା ଭଳି ବିକାଶର ଡିଣ୍ଡିମ ପିଟନ୍ତି। ଜାତିସଙ୍ଘ ଶାନ୍ତି ସମନ୍ୱୟର ଲକ୍ଷ୍ୟ ନେଇ ତିଆରି ହୋଇଥିଲା, କିନ୍ତୁ ତାହା କେତେକ ବିକଶିତ ଦେଶଗୁଡ଼ିକର ହାତବାରିସିରେ ପରିଣତ ହୋଇଛି। ସବୁଠାରୁ ସାଙ୍ଘାତିକ ବ୍ୟବସ୍ଥା ହେଉଛି ୫ଟି ଦେଶ (ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଓ ଚାଇନା)କୁ ଅର୍ପଣ କରାଯାଇଥିବା ଭିଟୋ କ୍ଷମତା, ଯାହା ଜାତିସଙ୍ଘର ମୂଳ ଉଦ୍ଦେଶ୍ୟ ଓ ବିଶ୍ୱସନୀୟତାକୁ ଅବକ୍ଷୟ କରିଛି। ୧୯୩ଟି ଦେଶଙ୍କ ସଦସ୍ୟତାରେ ଗଠିତ ଜାତିସଙ୍ଘରେ ୫ଟି ଦେଶକୁ ଏତେ କ୍ଷମତା ପ୍ରଦାନ ନିଶ୍ଚୟ ପକ୍ଷପାତ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି, ଏହି ସଂସ୍ଥାରେ ୬ଟି ଦାପ୍ତରିକ





ଭାଷା (ଇଂଲିଶ୍, ଫ୍ରେଞ୍ଚ, ସ୍ପାନିସ୍, ଚାଇନିଜ୍, ରଷିଆନ୍ ଓ ଆରବିକ୍)କୁ ହିଁ ମାନ୍ୟତା ମିଳିଛି ଓ ଏହି ସଂସ୍ଥାରେ ଉପର ସ୍ତରର ଚାକିରି ପାଇବାକୁ ହେଲେ ଅତିକମ୍‌ରେ ସେଥିମଧ୍ୟରୁ ଦୁଇଟି ଭାଷାରେ ଦକ୍ଷତା ଥିବା ଅତ୍ୟନ୍ତ ଜରୁରୀ, ଯାହା ପରୋକ୍ଷରେ ଦୁର୍ବଳ ଓ ଗରିବ ଦେଶର ନାଗରିକଙ୍କ ପଥରୋଧ ପାଇଁ ଉଦ୍ଦିଷ୍ଟ। ସେହିପରି ଜାତିସଂଘ ସୁରକ୍ଷା ପରିଷଦ (ସିକ୍ୟୁରିଟି କାଉନ୍‌ସିଲ)ରେ କେବଳ ସେହି ୫ଟି ଦେଶ ସ୍ଥାୟୀ ସଦସ୍ୟତା ରହିବା ଓ ଅନ୍ୟ ୧୦ଟି ଦେଶ ସେମାନଙ୍କ ଦୟାରେ ୨ ବର୍ଷ ପାଇଁ ଅସ୍ଥାୟୀ ଭାବରେ ମନୋନୀତ ହେବା ଏକ ପ୍ରକାର ବିଭେଦାତ୍ମକ କୂଟନୀତି ବ୍ୟତୀତ ଆଉ କିଛି ନୁହେଁ। ଜାତିସଂଘର ଏମିତି ଏନେକ ବ୍ୟବସ୍ଥା ଅଛି, ଯାହାର ସଂଶୋଧନ କରି ଅନ୍ୟ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ରମାନଙ୍କ ପ୍ରତିନିଧିତ୍ୱ ବଢ଼ାଇବା ଆବଶ୍ୟକ। ଅନ୍ୟଥା ଏହି ସଂସ୍ଥାଟି କିଛି କ୍ଷମତାଲିପ୍ସୁ ବିକଶିତ ଦେଶଗୁଡ଼ିକର କ୍ରୀଡ଼ନକ ହୋଇ ରହିଯିବ। ଏହି ବିସ୍ତାରବାଦୀ ଔପନିବେଶିକବାଦୀ ଦେଶଗୁଡ଼ିକ ନିଜ ନିଜର କ୍ଷମତାକୁ ଅଧିକ ମଜଭୁତ କରିବା ପାଇଁ ଜାତିସଙ୍ଘକୁ ବିରୋଧାଭାସ କରୁଥିବା ଯୁଦ୍ଧକ୍ଷୋର ସଙ୍ଗଠନ ଯେପରି କି ନାଟୋ, ୱାର୍ସ ଭଳି ସଙ୍ଗଠନ ଗଢ଼ିଚାଲିଛନ୍ତି, ଯାହା ବିଶ୍ୱଶାନ୍ତିକୁ ଅବକ୍ଷୟ କରି ଦିନେ ତୃତୀୟ ବିଶ୍ୱଯୁଦ୍ଧକୁ ଅବଶ୍ୟମ୍ଭାବୀ କରିଦେବ।

ତେବେ ସାମ୍ପ୍ରତିକ ବିଶ୍ୱରେ ଏହି କୂଟନୀତିରେ ନୈତିକତାର ସମୀକ୍ଷା କରିବ କିଏ? ଏଠି ତ ବାଡ଼ ଫସଲ ଖାଉଛି। ସବୁ କୂଟନୈତିକ ଆଦବକାଇଦା ସଂକୀର୍ଣ୍ଣ ସ୍ୱାର୍ଥସାଧନ ପାଇଁ ତିଆରି ହୁଏ, ବିଶ୍ୱର ମଙ୍ଗଳ ପାଇଁ କେହି କେବେ ଚିନ୍ତା କରନ୍ତି ନାହିଁ। ଆଜି ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ରୋକିବା ଏକ ବିରାଟ ଆହ୍ୱାନ ହୋଇଥିବା ବେଳେ ସେହି କେତେକ ବିକଶିତ ଦେଶଗୁଡ଼ିକର ସଂକୀର୍ଣ୍ଣ କୂଟନୈତିକ ଖେଳ ଜଳବାୟୁକୁ ଅଧିକ ବିଷାକ୍ତ କରିଚାଲିଛି।

ଆମ ଧାର୍ମିକ ଗ୍ରନ୍ଥ ରାମାୟଣ ଓ ମହାଭାରତ ଏବଂ ଆଚାର୍ଯ୍ୟ ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରୁ ଅନେକ କୂଟନୈତିକ ଶିକ୍ଷା ମିଳିଥାଏ। ମହାଭାରତରେ ଶ୍ରୀକୃଷ୍ଣଙ୍କର ଶାନ୍ତି ପ୍ରତିଷ୍ଠା ପାଇଁ ଅନେକ ପ୍ରକାରର କୂଟନୈତିକ ପ୍ରୟାସ କରିଥିଲେ। ଯୁଦ୍ଧ ଅବଶ୍ୟମ୍ଭାବୀ ଜାଣି ଯୁଦ୍ଧ ଜିତିବା ପାଇଁ କରିଥିବା ଅନେକ ପ୍ରକାରର କୂଟନୈତିକ ପ୍ରୟାସ ମଧ୍ୟରେ ବିରୋଧାଭାସ ଥିଲେ ବି ନୈତିକତା ଦୃଷ୍ଟିକୋଣରୁ ତାହା ବ୍ୟକ୍ତି ସ୍ୱାର୍ଥକୈନ୍ଦ୍ରିକ ନ ହୋଇ ସାମଗ୍ରିକ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା। ସେହିପରି ରାମାୟଣରେ ରାମଙ୍କର ଶବରୀର ଅଇଁଠା କୋଳି ଖାଇବା ସମାଜ ପାଇଁ ଛୁଆଁଅଛୁଆଁ ଭେଦଭାବ ଦୂର ପାଇଁ ଥିଲା ଏକ କୂଟନୈତିକ ବାର୍ତ୍ତା। ଏହାଛଡ଼ା ରାମାୟଣରେ ରାମ ପିତୃସତ୍ୟ ପାଳନ ପାଇଁ ବନବାସ ଗମନ ପୂର୍ବକ କ୍ଷମତାଠାରୁ ଯେ ରାଜାର ନୈତିକତା ବଡ଼ ତାହା ବହୁତ ଭଲ ଭାବରେ ଦର୍ଶାଇ ଦିଆଯାଇଛି। ସେହିପରି ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲଠାରୁ ବୃହତ୍ତର ସ୍ୱାର୍ଥ କିପରି ହାସଲ କରାଯିବ, ତାହାର ଅନେକ କୂଟନୈତିକ ସମାଧାନ ଦିଆଯାଇଛି। ହେଲେ ପ୍ରଚଳିତ ପାଶ୍ଚାତ୍ୟ ପାଠ୍ୟକ୍ରମରେ ଆଜି କୂଟନୀତିର ସଂଜ୍ଞା ବଦଳି ଯାଇଛି ଓ ଏଥିରେ ନୈତିକତାର ଘୋର ଅଭାବ ରହିଛି।

ମୋ: ୮୦୧୮୮୩୪୭୩୪

## ଏଇ ଭାରତରେ

ତତ୍ତ୍ୱଶୀ କୁମ୍ଭଲେ ଓ ଅଶୋକ ଟାଙ୍ଗେଡ ହ୍ୱିସିଲବ୍ଲୋୟର ଭାବେ ବାଲ୍ୟ ବିବାହ ରୋକିବାରେ ଲାଗିଛନ୍ତି। ମହାରାଷ୍ଟ୍ରର ବିଡ୍ ଜିଲାରେ ସେମାନେ ଏହି ଅଭିଯାନ ଚଳାଇଛନ୍ତି। ଜିଲାପାଳ, ପୋଲିସ ଅଧୀକ୍ଷକ, ଗାଁ ମୁଖିଆଙ୍କ ସହଯୋଗରେ ଦୁଇ ବନ୍ଧୁ ପ୍ରତିବର୍ଷ ପ୍ରାୟ ୨୫୦ ବାଲ୍ୟ ବିବାହ ରୋକିବାରେ ସକ୍ଷମ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨୫ରୁ ଅଧିକଙ୍କୁ ପୁନଃ ଥଇଥାନ କରି ନୂଆ ଜୀବନ ଦିଆଯାଉଛି। ଏପରି କି ପ୍ରତିବର୍ଷ ଯୌନ ନିର୍ଯାତନାର ଶିକାର ହେଉଥିବା ୭୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମଧ୍ୟ ଥଇଥାନ କରାଯାଉଛି। ଏସବୁ କାର୍ଯ୍ୟ ସେମାନେ କେବଳ ହ୍ୱାଟସ୍‌ଆପ୍ ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ୨୦୧୧ରୁ ଏହି କାର୍ଯ୍ୟ ଆରମ୍ଭ କରି ତତ୍ତ୍ୱଶୀ ଓ ଅଶୋକ ମୋଟ ୩୦୦୦ରୁ ଅଧିକ ବାଲ୍ୟ ବିବାହ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି। କେବଳ ଏତିକି ନୁହେଁ, ପାଠରୁ ଦୂରେଇ ରହୁଥିବା ନିର୍ଯାତିତ ଶିଶୁଙ୍କୁ ସ୍କୁଲରେ ନାମଲେଖାଇ ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି ଏହି ଦୁଇ ବନ୍ଧୁ। ଭାରତରେ ବିଶ୍ୱରେ ସବୁଠୁ ଅଧିକ ବାଲ୍ୟ ବିବାହ ହେଉଥିବାରୁ ଏଭଳି କୁତ୍ସିତ ପ୍ରଥାକୁ ଦୂର କରିବାରେ ତତ୍ତ୍ୱଶୀ ଓ ଅଶୋକଙ୍କର ଏହା ଏକ ପ୍ରଭାବୀ ପ୍ରୟାସ ବୋଲି କୁହାଯାଇପାରେ।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୭୫

- ଇନ୍ଦୋର ଜିଲାରୁ ପ୍ରକାଶ ପାଉଥିବା ୧୧ଟି ସମ୍ବାଦପତ୍ରର ଅନୁମତିପତ୍ରକୁ ରଦ୍ଦ କରିଦିଆଯାଇଛି।
- ଭାରତୀୟ ସାମରିକ ବାହିନୀର ଉପସେନାଧ୍ୟକ୍ଷ ଲେଫ୍‌ଟନାଣ୍ଟ ଜେନେରାଲ ଏନ୍.ସି. ରାଓଲି ଆସାମ ଓ ବର୍ମା ତେଲ କମ୍ପାନୀର ଜେନେରାଲ ମ୍ୟାନେଜର ନିଯୁକ୍ତ।
- ବାଂଲାଦେଶର ନୂଆ ସରକାର ଏକ ସ୍ୱତନ୍ତ୍ର ଆଦେଶନାମା ବଳରେ ପୂର୍ବତନ ଉପରାଷ୍ଟ୍ରପତି ନଜ୍‌ରୁଲ ଇସ୍‌ଲାମ, ପୂର୍ବତନ ପ୍ରଧାନମନ୍ତ୍ରୀ ମନ୍‌ସୁର ଅଲ୍ଲି ଓ ପୂର୍ବତନ ଅର୍ଥମନ୍ତ୍ରୀ ତଥା ମୁକ୍ତିଯୁଦ୍ଧକାଳୀନ ପ୍ରଧାନମନ୍ତ୍ରୀ ତାଜୁଦ୍ଦିନ ଅହମ୍ମଦଙ୍କୁ ବନ୍ଦୀ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଆମେ ବଞ୍ଚିବୁ କେମିତି

ମହାଶୟ,

କଟକ, ଭୁବନେଶ୍ୱର ତଥା ଆମ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରାୟ ଦୁଇ ଲକ୍ଷରୁ ଅଧିକ ବୁଲା ବିକାଳି ସାଇକେଲ, ଟ୍ରଲି, ଠେଲା ଗାଡ଼ି ଇତ୍ୟାଦିରେ ବିଭିନ୍ନ ପ୍ରକାର ଫଳ, ପନିପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀର ପସରା ମେଲେଇ ସୁଲଭ ମୂଲ୍ୟରେ ଗରାଖଙ୍କୁ ଯୋଗାଇଦେଇ ଦି' ପଇସା ରୋଜଗାର କରି ଅଭାବୀ ସଂସାରକୁ ଆଗକୁ ଗଡ଼େଇ ଥାଆନ୍ତି। ନା ସେମାନେ ଗାଡ଼ି ଘୋଡ଼ା କିଣିବାର ସ୍ୱପ୍ନ ଦେଖନ୍ତି, ନା ସେମାନେ ସୁନ୍ଦର ଘରଟିଏ ତୋଳିବାର ଆଶା ରଖନ୍ତି। କେବଳ ସେମାନେ ଆମମାନଙ୍କଠାରୁ ଅଳ୍ପ କିଛି ପାଇ ତାଙ୍କ ପିଲାଛୁଆ କିମ୍ବା ବୁଢ଼ା ବାପା ମା'ଙ୍କ ପେଟରେ କିଛି ଦାନା ଦିଅନ୍ତି। ସେମାନଙ୍କ ପିଲାମାନେ ବି କୌଣସି ଭଲ ବିଦ୍ୟାଳୟରେ ପଢ଼ିବା ପାଇଁ ଯୋଗ୍ୟ ନୁହନ୍ତି। କାରଣ ତାଙ୍କ ପାଖରେ ପଢ଼େଇବା ପାଇଁ ସମ୍ବଳ ନ ଥାଏ। ଏବେ ପୋଲିସ ଏବଂ ମୁନିସିପାଲିଟି କର୍ମଚାରୀ ବହୁ ସମୟରେ ସେମାନଙ୍କୁ ଦୁର୍‌ଦୁର୍, ମାର୍‌ମାର୍ କରୁଛନ୍ତି। ତାଙ୍କୁ ବ୍ୟବସାୟ କରିବା ପାଇଁ ସରକାର କୌଣସି ଜାଗା ଚିହ୍ନଟ ନ କରି କିମ୍ବା ତାଙ୍କ ପାଇଁ କୌଣସି ଥଇଥାନ ବ୍ୟବସ୍ଥା ନ କରି ଯଦି ଏହିଭଳି ହଇରାଣ ହରକତ କରିବେ ତେବେ ସେମାନେ ଯିବେ କୁଆଡ଼େ? ତାଙ୍କ ତେଲ ଲୁଣର ସଂସାରର ଚକ ଆଗକୁ ଗଡ଼ିବ କିପରି? ସେମାନଙ୍କର କ'ଣ ବଞ୍ଚିବାର ଅଧିକାର ନାହିଁ? ତାଙ୍କ ପିଲାଙ୍କର କ'ଣ ପାଠ ପଢ଼ିବାର ଅଧିକାର ନାହିଁ? ଗରିବ ମାନଙ୍କ ପ୍ରତି କାହିଁକି ଏ ବୈମାତୃକ ଭାବ? ସରକାର ତାଙ୍କୁ କିଛି ରୋଜଗାର ପାଇଁ ସୁଯୋଗ ଦିଅନ୍ତୁ।

**-ଶୁଭ୍ରାଂଶୁ ମୋହନ ପରିଡ଼ା, ବଜ୍ରକବାଟି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ନେପାଳରୁ ୨୫ ଭାରତୀୟଙ୍କ ମୃତଦେହ ଫେରିଲା**

ନେପାଳର ଗଣ୍ଡକୀ ରାଜ୍ୟ ତନହୁ ଜିଲାରେ ଶୁକ୍ରବାର ବସ୍ ଦୁର୍ଘଟଣାରେ ୨୭ ଭାରତୀୟଙ୍କ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରୁ ୨୫ ଜଣଙ୍କ ମୃତଦେହକୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ମହାରାଷ୍ଟ୍ରର ଜଳଗାଓଁକୁ ଅଣାଯାଇଛି। ଅନ୍ୟ ୨ ଜଣଙ୍କ ମୃତଦେହକୁ ସଡ଼କ ପଥରେ ଉତ୍ତରପ୍ରଦେଶର ମହାରାଜଗଞ୍ଜକୁ ଅଣାଯାଉଛି।

# ଫେବୃଆରୀ ଯାଏ ମହାକାଶରେ ରହିବେ ସୁନୀତା

**କେପ୍ କାନାଭେରାଲ,୨୪।୮**

ବୋଇଂ ମହାକାଶ ଯାନରେ ତ୍ରୁଟି ଯୋଗୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ଫସିରହିଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋରଙ୍କୁ ସେଠାରେ ଆସନ୍ତାବର୍ଷ ଫେବୃଆରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସେମାନଙ୍କୁ ବୋଇଂର ତ୍ରୁଟିପୂର୍ଣ୍ଣ ଷ୍ଟାରଲାଇନର କ୍ୟାପ୍ସୁଲରେ ଫେରାଇଆଣିବା ବିପଦପୂର୍ଣ୍ଣ ହୋଇଥିବାରୁ ସ୍ପେସ୍ଏକ୍ସର ନୂତନ ମହାକାଶ ଯାନରେ ଆଣିବାକୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଶନିବାର ନିଷ୍ପତ୍ତି ନେଇଛି।

୨ ମହାକାଶଚାରୀ ସୁନୀତା ଏବଂ ବୁଚ୍ ଜୁନ୍ ୬ରେ ୮ ଦିନ ପାଇଁ ମହାକାଶ ଯାତ୍ରା କରିଥିଲେ। ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭୟେ ଆଇଏସ୍ଏସ୍‌ରେ ଦୀର୍ଘଦିନ ହେଲା ଅଟକି ରହିଛନ୍ତି। ବୋଇଂର ଉକ୍ତ ଷ୍ଟାରଲାଇନର କ୍ୟାପ୍ସୁଲକୁ ବିନା ମହାକାଶଚାରୀରେ ସପ୍ତାହେ କିମ୍ବା ୨ ସପ୍ତାହ ମଧ୍ୟରେ ଅଟୋପାଇଲଟ୍‌ରେ ଫେରାଇ ଆଣିବାକୁ ଉଦ୍ୟମ କରାଯିବ। ମହାକାଶଯାନରେ ତ୍ରୁଟି ବୋଇଂ ପାଇଁ ଝଟକା ହୋଇଥିବାବେଳେ ସୁରକ୍ଷାକୁ ନେଇ କମ୍ପାନୀ ଚିନ୍ତାରେ ପଡ଼ିଯାଇଛି। ଦୀର୍ଘବର୍ଷର ପରୀକ୍ଷା ନିରୀକ୍ଷାରେ ବହୁ ଅର୍ଥ ବ୍ୟୟ ପରେ ଗତ ଜୁନ୍‌ରେ ଷ୍ଟାର୍‌ଲାଇନର କ୍ୟାପ୍ସୁଲରେ ୨ ମହାକାଶଚାରୀଙ୍କୁ ଆଇଏସ୍ଏସ୍‌କୁ ପଠାଯାଇଥିଲା। ସେଠାରେ ପହଞ୍ଚିବା ପରେ ଷ୍ଟାରଲାଇନରେ ତ୍ରୁଟି ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି। ଏବେ ସ୍ପେସ୍ ଷ୍ଟେଶନରେ ରହିଥିବା ସ୍ପେସ୍ଏକ୍ସ କ୍ୟାପ୍ସୁଲ ମାର୍ଚ୍ଚରୁ ସେଠାରେ ରହିଥିବା ୪ ମହାକାଶଚାରୀଙ୍କୁ ଫେରାଇ ଆଣିବା ନିମନ୍ତେ ରିଜର୍ଭ ରହିଛି। ସେମାନେ ସେପ୍ଟେମ୍ବର ଶେଷ ଭାଗରେ ଫେରିବେ। ଅନ୍ୟ ୨ ମହାକାଶଚାରୀଙ୍କୁ ସେଥିରେ ଆଣିବା ସୁରକ୍ଷିତ ହେବ ନାହିଁ ବୋଲି ନାସା କହିଛି। ସେହିପରି ମହାକାଶ କେନ୍ଦ୍ରରେ ଅଟକି ରହିଥିବା ରୁଷିଆର ସୋୟୁଜ କ୍ୟାପ୍ସୁଲ ମଧ୍ୟ ମାତ୍ର ୩ ଜଣଙ୍କୁ ଆଣିପାରିବ, ଯେଉଁମାନେ ସେଠାରେ ବର୍ଷେ ହେଲା ରହିଛନ୍ତି। ତେଣୁ ପରବର୍ତ୍ତୀ ମହାକାଶ ଯାନରେ ସୁନିତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବାକୁ ନାସା ନିଷ୍ପତ୍ତି ନେଇଛି।



ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କ ସହ ତାଙ୍କ ସହଯୋଗୀ ବୁଚ୍ ୱିଲମୋର।

**ସ୍ପେସ୍ଏକ୍ସ କ୍ୟାପ୍ସୁଲରେ ଫେରାଇ ଆଣିବାକୁ ନାସାର ନିଷ୍ପତ୍ତି**



ଚେନ୍ନାଇରେ ଶନିବାର ମନ୍ତ୍ରୀ ଇଭି ଭେଲୁଙ୍କ ଦ୍ୱାରା ଲିଖିତ ପୁସ୍ତକ 'କାଲାଇଙ୍ଗାର ଏନୁମ ଥାଇ'ର ଉନ୍ମୋଚନ ଅବସରରେ ଆଲୋଚନାରତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଏବଂ ସୁପରଷ୍ଟାର ରଜନୀକାନ୍ତ।

## ୨୦୨୬ ସୁଦ୍ଧା ଭାରତ ମାଓବାଦୀ ମୁକ୍ତ ହେବ: ଶାହା

**ନୂଆଦିଲ୍ଲୀ,୨୪।୮**

ଦେଶରୁ ମାଓବାଦୀମାନଙ୍କୁ ମୂଳପୋଛ କରିବା ଲକ୍ଷ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତକୁ ମାଓବାଦୀ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଶାହା ଏହି ଅବସରରେ କହିଛନ୍ତି। ମାଓବାଦୀ ସମସ୍ୟା ହେଉଛି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଗତ ୪ ଦଶନ୍ଧିରେ ମାଓବାଦୀଙ୍କ ଆକ୍ରମଣରେ ୧୭,୦୦୦ ଲୋକଙ୍କ ଜୀବନ ଯାଇଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା କ୍ଷମତାକୁ ଆସିବା ପରେ ଏହାକୁ ଚ୍ୟାଲେଞ୍ଜ ଭାବେ ନିଆଯାଇ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଉଦ୍ୟମ ଚାଲିଛି। ୨୦୧୪ରୁ ୨୦୨୪ ମଧ୍ୟରେ ମାଓବାଦୀ ଆକ୍ରମଣ ପୂର୍ବ ୧୦ ବର୍ଷ ତୁଳନାରେ ୫୩% ହ୍ରାସ ପାଇଥିବା ଶାହା କହିଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁରରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସହ ଓଡ଼ିଶା ସମେତ ୭ ମାଓବାଦୀ ପ୍ରଭାବିତ ରାଜ୍ୟର ମୁଖ୍ୟ ସଚିବ ଏବଂ ପୋଲିସ ଡିଜିମାନେ ଯୋଗଦେଇଥିଲେ।

## ରୁଷିଆ, ୟୁକ୍ରେନ୍ : ପରସ୍ପରକୁ ମିଶାଇଲ ମାଡ଼

**୧୧୫ ବନ୍ଦୀ ବିନିମୟ**

**କିଭ୍, ୨୪।୮**

ରୁଷିଆ ଏବଂ ୟୁକ୍ରେନ୍ ଶନିବାର ପରସ୍ପରକୁ ଡ୍ରୋନ୍, ମିଶାଇଲ ଓ ଆର୍ଟିଲେରି ଆକ୍ରମଣ କରିଛନ୍ତି। ରୁଷୀୟ ସେନା ଦକ୍ଷିଣ ୟୁକ୍ରେନ୍‌ର ଖେରସନ ସହରରେ ମିଶାଇଲ ଆକ୍ରମଣ କରିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଆହତ ହୋଇଛନ୍ତି। ସେହିପରି ରୁଷିଆ ପକ୍ଷରୁ ଛଡ଼ାଯାଇଥିବା ୭ଟି ଡ୍ରୋନ୍‌କୁ ଅଟକାଇ ଧ୍ୱଂସ କରିଦେଇଥିବା ୟୁକ୍ରେନ୍ ବାୟୁ ସେନା କହିଛି। ସେହିପରି ୟୁକ୍ରେନ୍‌ର ସ୍ନେକ ଆଇଲାଣ୍ଡକୁ ରୁଷିଆ ୪ଟି କ୍ରୁଜ ମିଶାଇଲ ମାଡ଼ କରିଛି। ଅନ୍ୟପକ୍ଷରେ ୟୁକ୍ରେନ୍ ପକ୍ଷରୁ ଛଡ଼ାଯାଇଥିବା ୭ଟି ଡ୍ରୋନ୍‌କୁ ଧ୍ୱଂସ କରିଥିବା ନେଇ ଶନିବାର ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରକାଶ କରିଛି। ୟୁକ୍ରେନ୍ ସୀମାବର୍ତ୍ତୀ ଦକ୍ଷିଣ-ପଶ୍ଚିମ ଭେରୋନେଜ୍ ଅଞ୍ଚଳରେ ୫ଟି ଡ୍ରୋନ୍ ପଡ଼ିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ସେହିପର ସୀମାବର୍ତ୍ତୀ ବେଲଗାରାଡ ଅଞ୍ଚଳରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ ଯୋଗୁ ୨ ଜଣ ବ୍ୟକ୍ତି ଆହତ ହୋଇଛନ୍ତି।

ତେବେ ୨୦୨୨ରେ ୟୁକ୍ରେନ୍ ଉପରକୁ ରୁଷିଆର ଆକ୍ରମଣ ପରେ ଶନିବାର ୟୁକ୍ରେନ୍ ନିଜର ତୃତୀୟ ସ୍ୱାଧୀନତା ଦିବସ ପାଳନ କରିଛି। ଏହି ଅବସରରେ ଉଭୟ ୟୁକ୍ରେନ୍ ଏବଂ ରୁଷିଆ ପକ୍ଷରୁ ପରସ୍ପର ସହ ୧୧୫ ବନ୍ଦୀ ବିନିମୟ କରାଯାଇଛି।

## ନାବାଳକଙ୍କୁ ପିଟି ମାରିଦେଲେ ୩ ଛାତ୍ର

**ନୂଆଦିଲ୍ଲୀ,୨୪।୮**

ଦିଲ୍ଲୀର ଦୟାଳପୁରସ୍ଥିତ ମଦ୍ରାସାରେ ପଢ଼ୁଥିବା ୩ ଜଣ ଛାତ୍ର ଶୁକ୍ରବାର ରାତିରେ ଜଣେ ୫ ବର୍ଷର ବାଳକଙ୍କୁ ପିଟି ମାରିଦେଇଛନ୍ତି। ୩ ଛାତ୍ରଙ୍କ ବୟସ ୯ରୁ ୧୧ ବର୍ଷ ମଧ୍ୟରେ। ପୋଲିସ ସେମାନଙ୍କୁ ଅଟକ ରଖିଛି। ମୃତ ବାଳକ ଶରୀରର ଏକାଧିକ ଆଭ୍ୟନ୍ତରୀଣ ଅଙ୍ଗରେ କ୍ଷତ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ କହିବା ଅନୁଯାୟୀ ବାଳକ ଜଣକ ସେମାନଙ୍କୁ ଗାଳି ଦେଇଥିଲେ। ଦ୍ୱିତୀୟ କାରଣ ହେଲା ମଦ୍ରାସାରେ ଛୁଟି ଘୋଷଣା ପାଇଁ ସେମାନେ ନାବାଳକଙ୍କୁ ମାରିଦେଇଥିବା ପୋଲିସକୁ କହିଛନ୍ତି। ହତ୍ୟା ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିବା ନେଇ ପୋଲିସ ତଦନ୍ତ ଚଳାଇଛି।

## କୁନୋ ଜାତୀୟ ଉଦ୍ୟାନରେ ଖୋଲା ବୁଲିବେ ଚିତା



**ଭୋପାଳ, ୨୪।୮**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନର ଏନ୍‌କ୍ଲୋଜରରେ ପ୍ରାୟ ବର୍ଷେ ଧରି ରହିବା ପରେ ଚିତାମାନଙ୍କୁ ଖୁବ୍‌ଶୀଘ୍ର ଜଙ୍ଗଲରେ ଖୋଲା ଛଡ଼ାଯିବ। ଏନେଇ କେନ୍ଦ୍ର ସରକାରଙ୍କ ଚିତା ପ୍ରକଳ୍ପ ପରିଚାଳନା କମିଟି ଶନିବାର ସୂଚନା ଦେଇଛି। ଚଳିତ ବର୍ଷର ମୌସୁମୀ ଶେଷ ହେବା ପରେ ଏନ୍‌କ୍ଲୋଜର ମଧ୍ୟରେ ଥିବା ସମସ୍ତ ଚିତା ଓ ସେମାନଙ୍କ ଶାବକମାନଙ୍କୁ ପର୍ଯ୍ୟାୟକ୍ରମେ ଜଙ୍ଗଲରେ ଛଡ଼ାଯିବ। ସମ୍ପ୍ରତି କୁନୋ ଜାତୀୟ ଉଦ୍ୟାନରେ ୨୫ ଚିତା ରହିଛନ୍ତି। ସେଥିମଧ୍ୟରୁ ୧୩ ବୟସ୍କ ଚିତା ରହିଥିବାବେଳେ ୧୨ ଶାବକ ରହିଛନ୍ତି। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ପ୍ରୋଜେକ୍ଟ ଚିତା ଅଧୀନରେ ୨୦୨୨ ସେପ୍ଟେମ୍ବର ମାସରେ ୮ ଚିତାଙ୍କୁ ନାମିବ୍ୟାରୁ ଓ ଗତ ବର୍ଷ ଫେବୃୟାରୀରେ ୧୨ ଚିତାଙ୍କୁ ଦକ୍ଷିଣ ଆଫ୍ରିକାରୁ କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା।





# ଡେଙ୍ଗୁକୁ ନେଇ ହଟୁନି ଭ୍ରାନ୍ତ ଧାରଣା

ଭୁବନେଶ୍ୱର, ୨୪।୮ (ବନ୍ଦନା ସେଠୀ)

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ୨୪ଶହ ପାର୍ କରି ସାରିଥିବାବେଳେ ରାଜଧାନୀ ଭୁବନେଶ୍ୱର ହଟ୍‌ସ୍ପଟ୍ ପାଲଟିଛି। ତେବେ ସହରରେ ବଢୁଥିବା ସଂକ୍ରମଣକୁ ଦେଖି ଲୋକଙ୍କ ମଧ୍ୟରେ ଛନକା ପଶିଛି। ପ୍ରାୟ ପ୍ରତିଦିନ ଏକାଧିକ ରୋଗୀ ଚିହ୍ନଟ ହେଉଥିବାରୁ ଏବେ ଭୁବନେଶ୍ୱରରେ ରୋଗୀ ସଂଖ୍ୟା ୪୬୪ ପାର୍ କରିଛି। ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଯେଉଁଭଳି ମାଷ୍ଟର ପ୍ଲାନ୍ କରିବା କଥା ତାହା ହେଉନାହିଁ। ଏପଟେ ଲୋକେ ମଧ୍ୟ ସେପରି ସଚେତନ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଡେଙ୍ଗୁର ନିୟନ୍ତ୍ରଣ ଭାର କେବଳ ବିଏମ୍‌ସି ଏବଂ ସ୍ୱାସ୍ଥ୍ୟବିଭାଗ ଉପରେ ନ ଛାଡି ଲୋକମାନେ ନିଜେ ସଚେତନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ମାତ୍ର ଅଧିକାଂଶ ଲୋକଙ୍କ ମନରେ ଡେଙ୍ଗୁକୁ ନେଇ ଅନ୍ଧବିଶ୍ୱାସ ବା ଭ୍ରାନ୍ତ ଧାରଣା ହଟୁନାହିଁ। ଫଳରେ ସଚେତନ କରିବାକୁ ଯାଉଥିବା ସ୍ୱେଚ୍ଛାସେବୀଙ୍କୁ ଜନସାଧାରଣ ସହଯୋଗ କରୁ ନ ଥିବା ଦେଖାଦେଉଛି। କିଏ ଏମାନଙ୍କୁ ଦେଖି କବାଟ ବନ୍ଦ କରି ଦେଉଛି ତ ଆଉ କିଏ ଗେଟ୍ ଖୋଲୁନାହିଁ। ଏପରିକି ଘରେ ଡେଙ୍ଗୁରୋଗୀ ଥିବା ଖବର ପାଇ ସ୍ୱେଚ୍ଛାସେବୀମାନେ ସେଠାକୁ ଗଲେ ପରିବାର ଲୋକେ ସିଧାସଳଖ ମନା କରି ଦେଉଛନ୍ତି। ତେଣୁ ଲୋକଙ୍କ ବିନା ସହଯୋଗରେ ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ କେମିତି ଡେଙ୍ଗୁକୁ ଦମନ କରିବେ ତାହା ଏବେ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅପରପକ୍ଷେ ଅଗଷ୍ଟ ୨୨ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରୁ ୯୮୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ୧୮୯, ବିଏମ୍‌ସି ଅଞ୍ଚଳରୁ ୪୬୪ ଏବଂ ଅନ୍ୟ ଜିଲାରୁ ୪୫ଜଣ ଚିହ୍ନଟ ହୋଇଛନ୍ତି। ଠିକ୍ ଠିକଣା ନ ଥିବାରୁ ବାକି ୨୮୪ଜଣ ରୋଗୀଙ୍କୁ ଟ୍ରେସିଂ କରାଯାଇ ପାରୁନାହିଁ, ଯାହା ଆଉଏକ ଚିନ୍ତାର ବିଷୟ ପାଲଟିଛି।

## ଅମୃତଭଣ୍ଡା ପତ୍ର ପିଇଲେ ପ୍ଲେଟ୍‌ଲେଟ୍ ବଢେନାହିଁ

କ୍ୟାପିଟାଲ ହସ୍ପିଟାଲ ଉପଅଧୀକ୍ଷକ ଡା. ଧନଞ୍ଜୟ ଦାସ କହିଛନ୍ତି, ଏକବିଂଶ ଶତାବ୍ଦୀରେ ବି ଡେଙ୍ଗୁକୁ ନେଇ ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ଡେଙ୍ଗୁ ହେଲାମାତ୍ରେ ପ୍ଲେଟ୍‌ଲେଟ୍ କମିଯିବ ବୋଲି ଲୋକେ ଡରୁଛନ୍ତି। କିନ୍ତୁ ଡେଙ୍ଗୁ ସହିତ କିଛି କମ୍ପ୍ଲିକେଶନ ହେଲେ ହିଁ ପ୍ଲେଟ୍‌ଲେଟ୍ କମିଥାଏ। ତେଣୁ ପ୍ଲେଟ୍‌ଲେଟ୍ ବଢାଇବା ପାଇଁ ଅନେକ ସ୍ଥାନରେ ଲୋକମାନେ ଅମୃତଭଣ୍ଡା ପତ୍ର ବାଟି ପିଉଛନ୍ତି। ଏହାଦ୍ୱାରା ପ୍ଲେଟ୍‌ଲେଟ୍ ବଢିଯିବ ବୋଲି ଭାବୁଛନ୍ତି। ସେହିପରି ବଜାରରେ ମିଳୁଥିବା ଡ୍ରାଗନ ଫ୍ରୁଟ୍ ଖାଇଲେ ମଧ୍ୟ ଡେଙ୍ଗୁ ହେବନି ବୋଲି ଭୁଲ୍ ପ୍ରଚାର ଚାଲୁଛି। ଡେଙ୍ଗୁରୋଗ କେବଳ ମଶାଦ୍ୱାରା ସଂକ୍ରମିତ ହୋଇଥାଏ। କିନ୍ତୁ ଡେଙ୍ଗୁ ରୋଗୀଙ୍କ ସହ ମିଶିଲେ, ସେମାନଙ୍କ ସହ ହାତ ମିଶାଇଲେ, ଲୁଗାପଟା ବ୍ୟବହାର କରିବା, ଅଇଁଠା ଖାଇଲେ ଏହି ରୋଗ ଡିଏଁନାହିଁ। ତେଣୁ ପରିବାରର କେହି ଡେଙ୍ଗୁରେ ସଂକ୍ରମିତ ହେଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସେହିପରି ଆଖପାଖ ସାହିପଡିଶାଙ୍କୁ ନ ଲୁଚାଇ ଜଣାଇବା ଆବଶ୍ୟକ। ଫଳରେ ସେମାନେ ନିଜ ଅଞ୍ଚଳକୁ ପରିଷ୍କାର ରଖିବା ସହ ସଚେତନ ହୋଇପାରିବେ। ଏଥିସହ ମଶାବଂଶ ଉତ୍ସକୁ ନଷ୍ଟ କରାଯାଇ ପାରିବ। ଅଳିଆ ଆବର୍ଜନା ଜମିଲେ, ନର୍ଦ୍ଦମା ପାଣିରେ ଡେଙ୍ଗୁ ବାହକ ଏଡିସ୍ ମଶା ଜନ୍ମ ନିଅନ୍ତି ନାହିଁ। ଏମାନେ ସ୍ଥିର ଏବଂ ଜମି ରହିଥିବା ସ୍ୱଚ୍ଛଜଳରେ ଜନ୍ମ ନିଅନ୍ତି। ଏହି ମଶା ବେଶି ଉଚ୍ଚା ଉଡିପାରେ ନାହିଁ ଏବଂ ଏହା କେବଳ ଦିନବେଳା କାମୁଡିଥାଏ। ତେଣୁ ଲୋକମାନେ ନିଜ ଆଖପାଖକୁ ପରିଷ୍କାର ରଖିବା ସହ ଫୁଲକୁଣ୍ଡ, ଟାୟାର, ଭଙ୍ଗା ସାମଗ୍ରୀରେ ଯେପରି ୭ଦିନରୁ ଅଧିକ ସମୟ ଧରି ପାଣି ଜମି ନ ରୁହେ ସେନେଇ ଧ୍ୟାନ ଦେବା ଆବଶ୍ୟକ। ସେହିପରି ସବୁବେଳେ ମଶାରି ଟାଣି ଶୋଇବା ଦରକାର ବୋଲି ଡା. ଦାସ କହିଛନ୍ତି।

### ୨୮୪ ରୋଗୀଙ୍କ ଠିକଣା ମିଳୁନି

### ସ୍ୱେଚ୍ଛାସେବୀଙ୍କୁ ଦେଖି ଗେଟ୍ ବନ୍ଦ କରିଦେଉଛନ୍ତି ଲୋକେ



### ଗୋଟେ ଘରେ ବ୍ରିଡିଂ ସୋର୍ସ ରହିଲେ, ୩ ଶହ ଘରକୁ ପ୍ରଭାବିତ କରେ

ଏଡିଯୁପିଏଚ୍‌ଓ ଡା. ନୀଳମଣି ସେନାପତି କହିଛନ୍ତି, କେବଳ ସରକାରଙ୍କୁ ଦୋଷ ନ ଦେଇ ଲୋକମାନେ ନିଜେ ସଚେତନ ହେବା ଆବଶ୍ୟକ। ନଚେତ ଡେଙ୍ଗୁକୁ କେବେ ବି ଦମନ କରି ହେବନାହିଁ। ଗୋଟେ ଘରେ ବ୍ରିଡିଂ ସୋର୍ସ ରହିଲେ ଏହା ଆଖପାଖରେ ଥିବା ୨ଶହରୁ ୩ଶହ ଘର ଉପରେ ପ୍ରଭାବ ପକାଇଥାଏ। ସେହିପରି ଏବେ ବି ଲୋକଙ୍କ ମନରେ ଡେଙ୍ଗୁକୁ ନେଇ ବହୁତ ଭ୍ରାନ୍ତ ଧାରଣା ରହିଛି। କରୋନା ସମୟରେ ଯେମିତି ସଂକ୍ରମିତ ବାହାରିଲେ ତାକୁ ଲୁଚାଉଥିଲେ, ଡେଙ୍ଗୁ କ୍ଷେତ୍ରରେ ମଧ୍ୟ ସେପରି ହେଉଛି। ସେହିପରି ଡେଙ୍ଗୁ ଟେଷ୍ଟିଂ ସମୟରେ ଅଧିକାଂଶ ଲୋକ ନିଜର ଫୋନ୍ ନମ୍ବର, ଘର ଠିକଣା ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭୁଲ୍ ଦେଉଛନ୍ତି। ତେଣୁ ପଜିଟିଭ୍ ବାହାରିଲେ ବି ସେମାନଙ୍କୁ ଠାବ କରାଯାଇ ପାରୁନାହିଁ। ସଚେତନତା ବୃଦ୍ଧି କରିବା ପାଇଁ ୩୦ଜଣ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ଅଧିକାଂଶ ମହିଳା ରହିଛନ୍ତି। ସେମାନଙ୍କୁ ତାଲିମ୍ ଦିଆଯିବା ସହ ୟୁନିଫର୍ମ, ଆଇଡି କାର୍ଡ ଆଦି ପ୍ରଦାନ କରାଯାଇଛି। ତେବେ ଅଧିକାଂଶ ଲୋକ ସେମାନଙ୍କୁ ତାଙ୍କ ଗେଟ୍ ଭିତରକୁ ଯିବାକୁ ଅନୁମତି ଦେଉନାହାନ୍ତି।

## ସଂକ୍ଷେପରେ

### ଅନ୍ୟର ପେନ୍‌ସନ ଟଙ୍କା ହଡ଼ପ କରି ସମାନ ନାମଧାରୀ ବ୍ୟକ୍ତି ଗିରଫ

ଭୁବନେଶ୍ୱର, ୨୪।୮ (ସୂର୍ଯ୍ୟକାନ୍ତ ବେହେରା): ଜାଲ୍ କାଗଜପତ୍ର ଦେଖାଇ ନିଜକୁ ପ୍ରକୃତ ପେନ୍‌ସନଧାରୀ କହି ଅନ୍ୟର ପେନ୍‌ସେନ ଟଙ୍କାକୁ ଉଠାଇ ହଡ଼ପ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସନାତନ ପ୍ରଧାନ(୫୨)। ସୂଚନାନୁଯାୟୀ ସନାତନ ଟ୍ରେଜେରି ଅଫିସକୁ ଆସି ପୁରୀ ଅଞ୍ଚଳର ସନାତନ ପ୍ରଧାନ(୭୨) ନାମକ ଜଣେ ବ୍ୟକ୍ତିଙ୍କ ପେନ୍‌ସନ ଆକାଉଣ୍ଟକୁ ନିଜ ଆକାଉଣ୍ଟ ବୋଲି କହିଥିଲେ। ପାସ୍‌ବୁକ ହଜି ଯାଇଥିବା ଦର୍ଶାଇ ଜାଲ୍ ଦସ୍ତାବିଜ ସାହାଯ୍ୟରେ ଅଭିଯୁକ୍ତ ବ୍ୟାଙ୍କରୁ ଏକ ନୂତନ ପାସ୍‌ବୁକ ନେଇଥିଲେ। ଏହାପରେ ସେ ନିମାପଡ଼ାର ବ୍ୟାଙ୍କରୁ ପ୍ରଥମେ ୨୦ହଜାର ଟଙ୍କା ଓ ପରେ ୫୦ ହଜାର ଟଙ୍କା ଉଠାଇ ନେଇଥିଲେ। ଅଭିଯୁକ୍ତଙ୍କ ପ୍ୟାନ୍ କାର୍ଡ ଯାଞ୍ଚ ସମୟରେ ଜାଲ୍ କାଗଜାଦି ଦିଆଯାଇଥିବା ଜଣାପଡ଼ିଥିଲା। ଏନେଇ ଭୁବନେଶ୍ୱର ଟ୍ରେଜେରି ଅଫିସର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା। ତେବେ ଏହି ଆତ୍ମସାତ ଘଟଣାରେ ସେ ଏକା ନାଁ ଆଉ କିଏ ସମ୍ପୃକ୍ତ ରହି ଜାଲ୍ କାଗଜପତ୍ର କରିଥିଲେ ତାହାର ଅଧିକ ତଦନ୍ତ ଚଳାଇଛି ପୋଲିସ।

### ସନ୍ଦେହଜନକ ଅବସ୍ଥାରେ ଘରୁ ଧରାପଡ଼ିଲେ ଯୁବକ

ବାରଙ୍ଗ, ୨୪।୮ (ଲିଙ୍ଗରାଜ ରାଉତ) ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ମାର୍ଥାପୁର ଗ୍ରାମର କୁଳମଣି ଓଝାଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ପଶିଯାଇ ଥିବାବେଳେ ଘରଲୋକ ତାଙ୍କୁ ଅଟକ ରଖିଛନ୍ତି। ଯୁବକ ଜଣକ ହେଲେ ସେହି ଗ୍ରାମର ପିଣ୍ଟୁ ଦାସ (୨୫)। ଶୁକ୍ରବାର ରାତିରେ କୁଳମଣିଙ୍କ ପରିବାର ସଦସ୍ୟ ଶୋଇଥିବାବେଳେ ପିଣ୍ଟୁ ଘରର ଖୋଲା ଝରକା ପଟେ ଘରେ ପ୍ରବେଶ କରିଥିଲେ। ଘରେ କେହି ପଶିଥିବା ପରିବାର ଲୋକେ ଜାଣି ପାରି ପିଣ୍ଟୁଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପୂର୍ବରୁ ମଧ୍ୟ ପିଣ୍ଟୁ ଗ୍ରାମର ଅନେକ ବ୍ୟକ୍ତିଙ୍କ ଘରେ ଏଭଳି ସନ୍ଦେହଜନକ ଭାବେ ଧରାପଡ଼ି ଥାନାକୁ ଯାଇଛନ୍ତି। ତେବେ ଉକ୍ତ ଘଟଣାରେ ପିଣ୍ଟୁଙ୍କୁ କୁଳମଣିଙ୍କ ପରିବାର ଲୋକେ ତାଗିଦା କରିବା ସହ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏ ସଂକ୍ରାନ୍ତରେ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

### ବସ୍‌ରେ ଗଞ୍ଜେଇ ଚାଲାଣ କରି ଡ୍ରାଇଭର ସମେତ ୬ଗିରଫ

ଭୁବନେଶ୍ୱର, ୨୪।୮ (ସୂର୍ଯ୍ୟକାନ୍ତ ବେହେରା): ରାଜ୍ୟରେ ନିଶାକାରବାର ଉପରେ ଜୋରଦାର ଚଢ଼ାଉ କରାଯାଉଥିବାରୁ ବସ୍‌କୁ ମାଧ୍ୟମ କରି ନିଶାବେପାରୀ ଚାଲାଣ କରୁଛନ୍ତି। ଏହିଭଳି ନିଶାବେପାରୀଙ୍କଠାରୁ ହାତ ଖର୍ଚ୍ଚ ଆଣି ବସ୍‌ରେ ଗଞ୍ଜେଇ ଆଣିବା ଦୁଇ ବସ୍ ଡ୍ରାଇଭରଙ୍କୁ ମହଙ୍ଗା ପଡ଼ିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ଘରୋଇ ବସ୍‌ର ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପରଙ୍କୁ ଗିରଫ କରିଛି । ସେହିପରି ବସ୍‌ରୁ କାଢ଼ି ନେବାକୁ ଉଦ୍ୟମ କରୁଥିବା ଦୁଇ ନିଶାବେପାରୀଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବସ୍‌ର ଡ୍ରାଇଭର ପ୍ରବୋଧ କୁମାର ଦିଗଲ ଓ ତାଙ୍କ ଗାଡ଼ିରେ କଣ୍ଡକ୍ଟର ଥିବା ମନୋଜ କୁମାର ମିଶ୍ର। ସେହିଭଳି ଅନ୍ୟ ଏକ ଗାଡ଼ିର ଡ୍ରାଇଭର କମରୁଦ୍ଦିନ ଖାନ୍ନା ଓ ତାଙ୍କ ଗାଡ଼ିରେ ହେଲପର ଥିବା ସୁଶାନ୍ତ ଗୁରୁ। ପୋଲିସ ଦୁଇଟି ବସ୍‌ରୁ ମୋଟ ୨୨କେଜି ଗଞ୍ଜେଇ ଜବତ କରିଛି।




ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ନିବେଦନ ଜଣାଇ ଶନିବାର ଓଡ଼ିଶାର ସମସ୍ତ ସନାତନୀ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୋଭାଯାତ୍ରାରେ ଯାଉଛନ୍ତି।

# ଓଡ଼ିଶୀ ମାଧ୍ୟମରେ ଓଡ଼ିଶାର ସୁନାମ ଆଣିଥିଲେ ସଂଯୁକ୍ତା ପାଣିଗ୍ରାହୀ

ଭୁବନେଶ୍ୱର, ୨୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

### ୮୦ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୮୦ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା ସଂଯୁକ୍ତା ପାଣିଗ୍ରାହୀ ଉଚ୍ଚକୋଟିର ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହ ବହୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଇ ସୁପ୍ରତିଷ୍ଠିତ କରିପାରିଥିଲେ। ପାଣିଗ୍ରାହୀଙ୍କ ଓଡ଼ିଶୀ ନୃତ୍ୟ ଓ ତାଙ୍କ ସ୍ୱାମୀ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଙ୍ଗୀତର ଯୁଗଳବନ୍ଦୀ ଓଡ଼ିଶାରେ କଳାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉଭୟ ଦମ୍ପତି ଓଡ଼ିଶା ସମେତ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ଓଡ଼ିଶାର ସୁନାମକୁ ବିଶ୍ୱବିଦିତ କରିଥିଲେ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳସିଂହ, ସ୍ୱରାଜ ସେଠୀ, ଗୌରହରି ବିଶୋଇ, ଇରାରାଣୀ ସାହୁ, ଦଶମନ୍ତୀ ହେମ୍ବ୍ରମ୍, ପ୍ରତୀକ୍ଷା ନନ୍ଦ, ସୂର୍ଯ୍ୟକାନ୍ତ ପ୍ରଧାନ, ଜଳନ୍ଧର ନାୟକ, ସତ୍ୟାନନ୍ଦ ମିଶ୍ର, ଜୟଗୁରୁ ପ୍ରଧାନ, ଲାନା ବାବୁ, ସୁଶାନ୍ତ ବିଶୋଇ ପ୍ରମୁଖ ଯୋଗଦେଇଥିଲେ।




ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୮୦ତମ ଜୟନ୍ତୀ ପାଳନ ଅବସରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ସ୍ମୃତିତର୍ପଣ ସମାରୋହ।

# ଥାଇଲାଣ୍ଡରେ ଗୋପବନ୍ଧୁ, ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବି

ଭୁବନେଶ୍ୱର, ୨୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟବାଦ ଆନ୍ଦୋଳନ, ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାଯୋଦ୍ଧା ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ସେହିପରି ଓଡ଼ିଶାର ଶିଳ୍ପ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟର ସ୍ୱାତନ୍ତ୍ର୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଧନୀରୁ ଗରିବ ହୋଇଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଭାଷାଭିତ୍ତିକ ରାଜ୍ୟ ବା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ଥିଲେ। ହେଲେ ଏହି ଦୁହିଁ ମହାପୁରୁଷଙ୍କୁ ଭାରତବର୍ଷରେ ମିଳିନି ଯଥୋଚିତ ସମ୍ମାନ। ମରଣୋତ୍ତର ଭାରତରତ୍ନ ପ୍ରଦାନ ସହିତ ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନ କରାଯିବା ସହ ଏମାନଙ୍କ ନାମରେ ରେଳ ଗାଡି ଚଳାଇବା ପାଇଁ ପୁଣିଥରେ ଦାବି କରିଛି ଅଲ ଓଡ଼ିଶା ଲୟର୍ସ ଫୋରମ। ଫୋରମ୍‌ର ଏକ ପ୍ରତିନିଧି ମଣ୍ଡଳୀ ଏନେଇ ବିଦେଶରେ ଦସ୍ତଖତ ସଂଗ୍ରହ କରିଛି। ଥାଇଲ୍ୟାଣ୍ଡର ବ୍ୟାଙ୍କକ୍ ସହରରେ ଥିବା ଓଡ଼ିଆମାନେ ଦସ୍ତଖତ ସଂଗ୍ରହ କରିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ, ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ, ଭାଜପାର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗୋପବନ୍ଧୁ ଓ ମଧୁବାବୁଙ୍କୁ କିପରି ଜାଣିଥିଲେ ଓ ସମ୍ମାନ ଦେଉଥିଲେ ସେ ସମ୍ପର୍କରେ ଆଲୋଚନା କରାଯିବା ସହ ସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ସେହିପରି ଓଡ଼ିଆ ଭାଷାର ବ୍ୟବହାର ବ୍ୟାପକ କରିବାକୁ ଅନୁରୋଧ କରାଯାଇଥିଲା। ଫୋରମର ଆବାହକ ଡ. ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଚିନ୍ମୟ ନନ୍ଦ ବଡ଼ଜେନା, ଅରୁଣ ପଟ୍ଟନାୟକ, ପ୍ରକାଶ ରଣା, ମାନସ ମଲିକ, ନବ ସାହୁ ପ୍ରମୁଖ ଯୋଗଦେଇଥିଲେ। ମଧୁବାବୁଙ୍କୁ ଦେଶରେ ଯଥୋଚିତ ସମ୍ମାନ ପ୍ରଦାନ ଦାବିରେ ଫୋରମ ପକ୍ଷରୁ ପୂର୍ବରୁ ୨୦ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯିବା ସହ ଆଲୋଚନାଚକ୍ର କରାଯାଇ ମତ ନିଆଯାଇଛି।

### ପେଟ୍ରୋଲ ପମ୍ପରେ ହାତୀ

ଟାଙ୍ଗୀ, ୨୪।୮ (ରଘୁନାଥ ସାହୁ)

ଚାନ୍ଦପୁର-ରଣପୁର ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀକୁ ଦେଖିବାକୁ ମିଳିଥିଲା। ତେବେ ହାତୀ କୌଣସି କ୍ଷତି କରି ନ ଥିବା ଜଣାପଡିଛି। ଏହି ରାସ୍ତା ଉପରେ ଆଖପାଖର ୭ରୁ ଅଧିକ ପଞ୍ଚାୟତର ଜନସାଧାରଣ ଯାତାୟାତ କରିଥାନ୍ତି। ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗୀକରଣ ହୋଇଥିବାରୁ ଯାତାୟାତ ପାଇଁ ପ୍ରମୁଖ ରାସ୍ତା। ଗୋପାଳପୁର ବିଟ୍ ହାଉସ ଅଧୀନ କନ୍ଧନୟାଗଡ଼ ଶନି ମନ୍ଦିର ଓଭରବ୍ରିଜ ପାଖରେ ଦୁଇଟି ଏବଂ ଜଙ୍କିଆରେ ଗୋଟିଏ ହାତୀ ଦୀର୍ଘଦିନ ହେବ ରହିଆସୁଛନ୍ତି। ଅନ୍ୟପଟେ ହାତୀପଲ ରାସ୍ତାରେ ଯାତାୟାତ କରୁଥିବା ଜଣାପଡ଼ିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

# ଗୋଡ଼ିବାରିକୁ ଆସିଲା ହାତୀଛୁଆ

ବାରଙ୍ଗ, ୨୪।୮ (ଲିଙ୍ଗରାଜ ରାଉତ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡ଼ିବାରିକୁ ବଲାଙ୍ଗୀର ବନଖଣ୍ଡରୁ ଏକ ଅସୁସ୍ଥ ୪ ବର୍ଷୀୟ ଅଣ୍ଡିରା ହାତୀ ଶାବକ ଶୁକ୍ରବାର ବିଳମ୍ବିତ ରାତିରେ ଆସି ପହଞ୍ଚିଛି। ବଲାଙ୍ଗୀର ବନଖଣ୍ଡ ଦେଓଗାଁ ବନାଞ୍ଚଳ ଅଧୀନ ଦେଓଗାଁ ଜଙ୍ଗଲ ଅଞ୍ଚଳରେ ହାତୀ ଶାବକ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଦେଓଗାଁ ସେକସନର ସାଲେପାଲି ପଞ୍ଚାୟତ ନିକଟ ଜଙ୍ଗଲରେ ପହଞ୍ଚି ବହୁ ଖୋଜାଖୋଜି ପରେ ହାତୀ ଛୁଆକୁ ଠାବ କରି ନିଶ୍ଚେତକ ଦେଇ ଗୋଡ଼ିବାରି ଆଣିଥିଲେ। ଗୋଡ଼ିବାରିରେ ହାତୀଛୁଆଟି ପହଞ୍ଚିବା ପରେ ନନ୍ଦନକାନନର ଡାକ୍ତରଙ୍କ ସହ ଅନ୍ୟ ଡାକ୍ତରଙ୍କ ଦ୍ୱାରା ତା'ର ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଛୁଆଟିର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅଧିକାରୀ ସଜାଗ ଥିବା ଜଣାପଡ଼ିଛି।



# ଘର ମାଲିକଙ୍କୁ ଠକି ବନ୍ଧା ହେଲେ

ଭୁବନେଶ୍ୱର, ୨୪।୮ (ସୂର୍ଯ୍ୟକାନ୍ତ ବେହେରା)

ମାଛ ବ୍ୟବସାୟୀର ପରିଚୟ ଦେଇ ଘର ଭଡ଼ା ନେଉଥିଲେ। ଘର ମାଲିକଙ୍କ ମନରେ ବିଶ୍ୱାସ ଜନ୍ମାଇ ପ୍ରଥମେ ଧାର ଟଙ୍କା ନେଇ ଠିକ୍ ସମୟରେ ଶୁଝୁଥିଲେ। ପରେ ମାଲିକଙ୍କ ନିକଟତର ହୋଇ ଅଧିକ ଟଙ୍କା ଧାର ନେଇ ଆଉ ଫେରାଉ ନ ଥିଲେ। ଏହିଭଳି ଏକାଧିକ ଥର ମାଲିକାଣୀ ଓ ମାଲିକଙ୍କୁ ଜାଲରେ ପକାଇ ଠକୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଙ୍କିଆ ଥାନା ଅଞ୍ଚଳର ତପନ କୁମାର ଦଳେଇ ଓରଫ ଟୁଲୁ। ଖଣ୍ଡଗିରି ଥାନା ଅଞ୍ଚଳରେ ହରପ୍ରିୟା ପାତ୍ର ନାମୀ ଜଣେ ମହିଳାଙ୍କୁ ୧୦ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ପୋଲିସ ତପନଙ୍କୁ ଗିରଫ କରିଛି। ପୂର୍ବରୁ ତପନ ଶିରିପୁର ଅଞ୍ଚଳରେ ଭଡ଼ାରେ ରହି ଜଣେ ବ୍ୟକ୍ତିଙ୍କ ଠାରୁ ୮ ଲକ୍ଷ ଟଙ୍କା ଠକିଥିବା ମଧ୍ୟ ଅଭିଯୋଗ ଆସିଛି।

ସୂଚନା ଅନୁସାରେ ଗତ ଜୁଲାଇ ମାସରେ ତପନ ନିଜକୁ ଜଣେ ବଡ଼ ମାଛ ବ୍ୟବସାୟୀ ପରିଚୟ ଦେଇ ସୁଆଙ୍ଗ ଗ୍ରାମରେ ହରପ୍ରିୟାଙ୍କ ଘର ଭଡ଼ା ସୂତ୍ରରେ ନେଇଥିଲେ। ତପନ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ସାଥିରେ ରଖୁଥିଲେ। ଜୁଲାଇ ୨୫ରେ ତପନ ମାଛ ବ୍ୟବସାୟ ପାଇଁ ୫ଲକ୍ଷ ଆବଶ୍ୟକ ଅଛି ବୋଲି କହି ଘର ମାଲିକାଣୀ ହରପ୍ରିୟାଙ୍କୁ ଧାର ମାଗିଥିଲେ। ହରପ୍ରିୟା ବିନା କାଗଜପତ୍ରରେ ୫ଲକ୍ଷ ଟଙ୍କା ଧାର ଦେଇଥିଲେ। ଦୁଇ ଦିନ ଭିତରେ ତପନ ୫ ଲକ୍ଷ ଟଙ୍କା ସହ ଅଧିକ ୨୦ହଜାର ଟଙ୍କା ମିଶାଇ ହରପ୍ରିୟାଙ୍କୁ ଶୁଝି ଦେଇଥିଲେ। ଟଙ୍କା ଶୁଝିବାର ଦୁଇ ଦିନ ପରେ ପୁଣି ୧୦ଲକ୍ଷ ଟଙ୍କା ଧାର ମାଗିଥିଲେ। ଏପରି କି ଅଧିକ ୪୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିଶ୍ୱାସ କରି ହରପ୍ରିୟା ୫ ଲକ୍ଷ ଟଙ୍କା ଫିକ୍ସ ବଣ୍ଡ ଭାଙ୍ଗିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ଆଉ ୫ଲକ୍ଷ ଆଣି ଏପରି ୧୦ ଲକ୍ଷ ଟଙ୍କା ତପନଙ୍କୁ ଦେଇଥିଲେ। ଟଙ୍କା ପାଇବା ପରେ ତପନ ରାତାରାତି ହରପ୍ରିୟାଙ୍କ ଘର ଛାଡ଼ି ଚାଲି ଯାଇଥିଲେ। ଟଙ୍କା ଶୁଝିବା ସମୟ ଗଡି ଯାଇଥିଲେ ମଧ୍ୟ ତପନ ଭଡ଼ା ଘରକୁ ଫେରି ନ ଥିଲେ। ହରପ୍ରିୟା ତାଙ୍କୁ ଫୋନ୍ କରିବାରୁ ସେ ଘରକୁ ଫେରିଲେ ଟଙ୍କା ଦେବେ ବୋଲି କହିଥିଲେ। ଠକେଇର ଶିକାର ହେବା ଜାଣି ହରପ୍ରିୟା ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।



ତପନ କୁମାର ଦଳେଇ

# ୫୦ ଫୁଟର ୪ ଲାଇଟ୍ ଗେଟ୍ ଶୋଭାପାଇବ

## ହରିଭାଇନା ଛକ ବ୍ୟବସାୟୀ ସଂଘ

- ପ୍ରତିଦିନ ସନ୍ଧ୍ୟାରେ ଶିରିଣି ଭୋଗ ଲାଗିହୁଏ
- ନିୟୋଜିତ ହେବେ ୨୦ ସ୍ୱେଚ୍ଛାସେବୀ

ଜଟଣୀ,୨୪।୮ (ରବୀନ୍ଦ୍ରନାଥ ମହାକୁଡ଼)




ସେପ୍ଟେମ୍ବର ୭ରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଏବେଠୁ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ହରିଭାଇନା ଛକ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ୫୦ଫୁଟ୍‌ର ୪ଟି ଡିଜିଟାଲ ଗେଟ୍ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ପୂଜାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ଆକଳନ କରିଛି।

ଏଠାରେ ଗଣେଶ ପୂଜା ପାଇଁ ସ୍ଥାୟୀ ମଣ୍ଡପ ରହିଥିଲା। ରାସ୍ତା ପ୍ରଶସ୍ତୀକରଣ ଆଳରେ ୨୦୧୩ମସିହାରେ ମଣ୍ଡପକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଗଲା। ସେବେଠାରୁ ପୂଜା ସମୟରେ ମଣ୍ଡପ ପାଇଁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡୁଛି ବୋଲି କମିଟି କର୍ମକର୍ତ୍ତା କହିଛନ୍ତି। ମଣ୍ଡପରେ ୨୦ଫୁଟ ଉଚ୍ଚର ବିଘ୍ନରାଜଙ୍କ ସହିତ ମା'ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ ପୂଜା ପାଇବେ। ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଗଜାନନଙ୍କ ନିକଟରେ ନାରାୟଣଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଗଜାନନଙ୍କ ଠାରେ ପ୍ରତିଦିନ ବିଭିନ୍ନ ଭୋଗ ଲାଗି ହେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଶିରିଣି ଭୋଗ କରାଯାଇଥାଏ। ଏହାକୁ ସମସ୍ତ ଶ୍ରଦ୍ଧାଳୁ ଏବଂ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଇଥାଏ। ଏହି ମଣ୍ଡପରେ ପୂଜା ସମୟରେ ଦୀର୍ଘ ବର୍ଷ ଧରି ପାଲା ଅନୁଷ୍ଠିତ ହୋଇଆସୁଛି। ପୂଜା ସମୟରେ ମାନସିକ ରଖିଲେ ପୂରଣ ହେଉଥିବା ଲୋକବିଶ୍ୱାସ ରହିଛି। ମାନସିକ ପୂରଣ ହେଲେ ମାନସିକଧାରୀଙ୍କ ପକ୍ଷରୁ ପାଲା କରାଯାଇଥାଏ। ବହୁ ବର୍ଷ ପୂର୍ବେ ମରୁଡ଼ି ହେବାରୁ ଏଠାରେ ପାଲା କରିବାରୁ ବର୍ଷା ହୋଇଥିବା ଅନେକ ବରିଷ୍ଠ କୁହନ୍ତି। ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ମଣ୍ଡପ ହୋଇଥିବାରୁ ପୂଜା ସମୟରେ ପୂଜା ସମୟରେ ପ୍ରବଳ ଭିଡ଼ ହୋଇଥାଏ। ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ ପୋଲିସ ସହ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଏମାନେ ଯାହା କୁହନ୍ତି...



"ମଣ୍ଡପ ନିକଟରେ ରହିଥିବା ଡ୍ରେନ୍ ସଫେଇ ହେଉନାହିଁ। ଫଳରେ ଦୁର୍ଗନ୍ଧ ହେଉଛି। ସ୍ଲାବ୍ ମଧ୍ୟ ଅନେକ ସ୍ଥାନରେ ପଡ଼ିନାହିଁ। ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ଜମି ରହୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ପୂଜା ପୂର୍ବରୁ ଉକ୍ତ ସମ୍ୟାର ସମାଧାନ ପାଇଁ ନିଦେବନ କରାଯାଇଛି। ବହୁ ବର୍ଷ ଧରି ମଣ୍ଡପରେ ପାଲା ଅନୁଷ୍ଠିତ ହୋଇଆସୁଛି। ଏଥର ମଧ୍ୟ ପ୍ରତିଦିନ ପାଲା କରାଯିବ।

**– ଜାନକୀ ବଲ୍ଲଭ ମିଶ୍ର, ସଭାପତି, ହରିଭାଇନା ଛକ ବ୍ୟବସାୟୀ ସଂଘ**



"ପୂଜା ଏବଂ ସାଜସଜ୍ଜା ଏକ ପ୍ରତିଯୋଗିତାରେ ପରିଣତ ହୋଇଛି। ପୁରାତନ ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖିବା ପାଇ ଚେଷ୍ଟା ଜାରି ରଖିଛୁ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

**– ଦିଲୀପ କୁମାର ମାର୍ଥା, ସମ୍ପାଦକ, ହରିଭାଇନା ଛକ ବ୍ୟବସାୟୀ ସଂଘ**

# ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ

## ଅଙ୍ଗନୱାଡ଼ି ସଂଘର ବାର୍ଷିକ ସମ୍ମିଳନୀ

ବୋଲଗଡ଼,୨୪।୮ (ଦେବବ୍ରତ ହୋତା)

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ବୋଲାଗଡ଼ ଶାଖା ଆନୁକୂଲ୍ୟରେ ସ୍ଥାନୀୟ ନନ୍ଦିଘୋଷ ଭବନ ପରିସରରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ମେରିଆ ବେଗମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶତାଧିକ କର୍ମୀ ଓ ସହାୟିକା ଯୋଗଦେଇଥିଲେ। ଅଙ୍ଗନୱାଡ଼ି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ବିଧାନସଭା ଅଧିବେଶନ ପରେ ମୁଖ୍ୟନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ବନିତାଞ୍ଜଳି ଦାଶ, ରାଜ୍ୟ କୋଷାଧ୍ୟକ୍ଷା ମନ୍ଦାକିନୀ ପ୍ରଧାନ, ଖୋର୍ଦ୍ଧା ଜିଲା ସାଧାରଣ ସମ୍ପାଦିକା ସରସ୍ୱତୀ ବଳିୟାରସିଂ, ଭାରତୀୟ ମଜଦୁର ସଂଘର ସମ୍ପାଦକ ଅକ୍ଷୟ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ଗଙ୍ଗାଧର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ସଂଘ ସମ୍ପାଦିକା ସଂଯୋଜନା କରିଥିଲେ। ଆଗାମୀ ଦୁଇ ବର୍ଷ ପାଇଁ ବ୍ଲକସ୍ତରୀୟ ସଂଘର ନୂତନ କାର୍ଯ୍ୟକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସଭାନେତ୍ରୀଭାବେ ମେରିଆ ବେଗମ, ଉପସଭାନେତ୍ରୀ ପ୍ରବୀଣା ରଣସିଂହ, ସଙ୍ଗଠନ ସମ୍ପାଦିକା ନମିତା ପ୍ରଧାନ, ସମ୍ପାଦିକା ସୁଲୋଚନା ପରିଡ଼ା, କୋଷାଧ୍ୟକ୍ଷା ରେଣୁବାଳା ଦେଈ, ସହ ସମ୍ପାଦିକା ପ୍ରତିମା ଦେଈଙ୍କ ସମେତ ୧୦ଟି ସେକ୍ଟରର ୧୦ଜଣ ନେତ୍ରୀଙ୍କୁ ଚୟନ କରାଯାଇଛି।



ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଖଣି ସର୍ଭେ ବେଳେ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଆଉ ୨ ଗିରଫ

ନିରାକାରପୁର,୨୪।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆରେ ଗତ ଗୁରୁବାର ଖଣି ସର୍ଭେ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କ ସମେତ ଏକ ପ୍ରତିନିଧି ଟିମ୍‌କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏନେଇ ଖଣି ଅଧିକାରୀ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧୭/୨୪)ରୁଜୁକରି ତଦନ୍ତ ଚଳାଇ ଜଣେ ନାବାଳକଙ୍କୁ ଧରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଶନିବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ପୋଖରିଆ ଗ୍ରାମର ମନ୍ମଥ ସାମନ୍ତରାୟ (୨୯) ଓ ମାନସ ଚମ୍ପତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

### ପେଟ୍ରୋଲ ପମ୍ପରେ ହାତୀ

ଟାଙ୍ଗୀ,୨୪।୮ (ରଘୁନାଥ ସାହୁ)

ଚାନ୍ଦପୁର-ରଣପୁର ରାସ୍ତାରେ ଥିବା ଏକ ପେଟ୍ରୋଲ ପମ୍ପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀକୁ ଦେଖିବାକୁ ମିଳିଥିଲା। ତେବେ ହାତୀ କୌଣସି କ୍ଷତି କରି ନ ଥିବା ଜଣାପଡିଛି। ଏହି ରାସ୍ତା ଉପରେ ଆଖପାଖର ୭ରୁ ଅଧିକ ପଞ୍ଚାୟତର ଜନସାଧାରଣ ଯାତାୟାତ କରିଥାନ୍ତି। ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗୀକରଣ ହୋଇଥିବାରୁ ଯାତାୟାତ ପାଇଁ ପ୍ରମୁଖ ରାସ୍ତା। ଗୋପାଳପୁର ବିଟ୍ ହାଉସ ଅଧୀନ କନ୍ଧନୟାଗଡ଼ ଶନି ମନ୍ଦିର ଓଭରବ୍ରିଜ ପାଖରେ ଦୁଇଟି ଏବଂ ଜଙ୍ଗିଆରେ ଗୋଟିଏ ହାତୀ ଦୀର୍ଘଦିନ ହେବ ରହିଆସୁଛନ୍ତି। ଅନ୍ୟପଟେ ହାତୀପଲ ରାସ୍ତାରେ ଯାତାୟାତ କରୁଥିବା ଜଣାପଡ଼ିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏଥିପ୍ରତି ବନ ବିଭାଗର କର୍ମଚାରୀ ମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୨୪।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ଡେଙ୍ଗୁ ଏବଂ ମ୍ୟାଲେରିଆ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଜୁନିଅର ରେଡକ୍ରସ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଦଯାତ୍ରା ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସିକୋ ଫାଣ୍ଡି ସବଇନ୍ସପେକ୍ଟର ପ୍ରସନ୍ନ କୁମାର ଜେନାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଡେଙ୍ଗୁ ଏବଂ ମ୍ୟାଲେରିଆରୁ ମୁକ୍ତି ପାଇବା ପାଇଁ ସଚେତନତାର ଆବଶ୍ୟକତା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ଗ୍ରାମ ଏବଂ ବଜାର ବୁଲି ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# କୌଶଳ, ସାହସ ବଳରେ ବିପଦରୁ ରକ୍ଷା ମିଳିବ



ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶନିବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି।

## ବେଗୁନିଆ ମହାବିଦ୍ୟାଳୟରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ବେଗୁନିଆ,୨୪।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶନିବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ବିଭାଗ ଏବଂ ବେଗୁନିଆ ଅଗ୍ନିଶମ ବିଭାଗର ମିଳିତ ଆନୁକୂଲ୍ୟରେ ଅଗ୍ନି ନିରାପତ୍ତା ଓ ପ୍ରତିରୋଧ ପ୍ରଶିକ୍ଷଣ ଦିଆଯାଇଥିଲା। ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ କର୍ମଚାରୀ ସାମିଲ ହୋଇଥିଲେ। ଅଧକ୍ଷା ଡ.ସବିତାଞ୍ଜଳି ସେନାପତି, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ପଙ୍କଜ କୁମାର କର ସ୍ୱାଗତ ଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ.ସତ୍ୟଜିତ ଦାସ ଏବଂ ରମେଶ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନବ କିଶୋର ବିଶୋୟୀ, କର୍ମଚାରୀ ଆଦିତ୍ୟ କୁମାର ସେନାପତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ ଗ୍ୟାସ୍‌ରୁ ନିର୍ଗତ ବେଳେ ନିଆଁ କିପରି ଲିଭାଇବା, ଛାତ ଉପରେ ଚଢ଼ି ବିପନ୍ନ ଲୋକଙ୍କୁ ଉଦ୍ଧାର କରିବା, ତୈଳ ପଦାର୍ଥରେ ନିଆଁ ଲାଗିଲେ କିପରି ଲିଭାଇବା, ପାଣିରେ ବୁଡି ଯାଉଥିବା ସମୟରେ ଲୋକଙ୍କୁ ଉଦ୍ଧାର କରିବା ଆଦି ଅନେକ ପନ୍ଥାକୁ ଡେମୋ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଯଦି କୌଣସି ସମୟରେ ବିପଦରେ ପଡିଛେ, ଭୟଭୀତ ହେବା ଦରକାର ନାହିଁ। କୌଶଳ ଏବଂ ସାହସ ଜୁଟାଇ ମନୋବଳ ଦୃଢ଼ ରଖ। ତେବେ ବଡ଼ବିପଦକୁ ମୁକାବିଲା କରିପାରିବା ବୋଲି ଅଗ୍ନିଶମ ବାହିନୀର କର୍ମଚାରୀମାନେ ଦିଗ୍‌ଦର୍ଶନ ଦେଇଥିଲେ।

# ପ୍ରାଣୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲୁଗାଁ,୨୪।୮ (ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ଅଧୀନ ନାରୁଣୀ ଠାରୁ ନାଭାଲ ଛକ ମଧ୍ୟର ବିଭିନ୍ନ ସ୍ଥାନରେ ଗତ ବୁଧବାର ମଧ୍ୟରାତ୍ରିରୁ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ଗାଡ଼ି ଧକ୍କାରେ ୩୫ରୁ ଊର୍ଦ୍ଧ୍ୱ ଗୋରୁ ମୃତ୍ୟୁବରଣ କରିଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରାଣୀମାନଙ୍କ ବିଚରଣ, ଖାଦ୍ୟାଭାବ ଦୂର ପାଇଁ ଗୋଚର ଜମି ଚିହ୍ନଟ କରିବା ସହ ପ୍ରତି ପଞ୍ଚାୟତରେ ଗୋଶାଳା ପ୍ରସ୍ତୁତ କରିବାକୁ ଦାବି ହୋଇଛି। ଶନିବାର ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ତଥା ଏସପିସିଏସ ର ଆଜୀବନ ସଦସ୍ୟ ତଥା ପୂର୍ବତନ ପ୍ରାଣୀ କଲ୍ୟାଣ ଅଧିକାରୀ(ଭାରତ ସରକାରଙ୍କ) ଡା.ତ୍ରୈଲୋକ୍ୟ ନାଥ ମହାରଣା ଏକ ଦାବିପତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରାଣୀ ସମ୍ପଦ ବିକାଶ ସଚିବ, ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲାପାଳ, ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସକ, ଏସପିସିଏ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ପ୍ରଦାନ କରି ତ୍ୱରିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

# ଚାରାରୋପଣ, ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୨୪।୮ (ରଘୁନାଥ ସାହୁ)

ଫୁଲଚଣ୍ଡୀ ଉଚ୍ଚ ବିଦ୍ୟାଳୟ ପଟିଆ ପରିସରରେ ଚାରାରୋପଣ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂସାରୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ସାମାଜିକ କର୍ମୀ ବିଜୟ କୁମାର ରାଉତ, ସରପଞ୍ଚ ସୁମିତ୍ରା ସାହୁ, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ସାହୁ, ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ, ସାମାଜିକ କର୍ମୀ ମନୋଜ ପଟ୍ଟନାୟକ, ମଞ୍ଜୁଲତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଶିକ୍ଷକ ବିଜୟ ଚମ୍ପତି, ନରେନ୍ଦ୍ର ବସ୍ତିଆ, ରବୀନ୍ଦ୍ର ବେହେରା, ଅଞ୍ଜନ ଗଜେନ୍ଦ୍ର, କିଶୋର ଚନ୍ଦ୍ର ଜେନା, ମଧୁସୂଦନ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ସଂପୁର ନୂଆଁଖାଇ ମହୋତ୍ସବ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

ବୋଲଗଡ଼,୨୪।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ନୂଆଁଖାଇ ପର୍ବ ଉପଲକ୍ଷେ ନୂଆଁଖାଇ ମହୋତ୍ସବ ଭେଟଘାଟ-୨୦୨୪ର ପ୍ରସ୍ତୁତି ବୈଠକ ଗ୍ରାମର ନୟାପାଟଣା ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାଞ୍ଚଗଡ ଶାସିକା ତଥା ସମ୍ବଲପୁର ରାଣୀ ମୁକ୍ତା ଦେଈଙ୍କ ଅମଳରୁ ଦୀର୍ଘ ୨ଶହ ବର୍ଷ ଧରି ଗ୍ରାମର ଜନସାଧାରଣ ଆଡ଼ମ୍ବରରେ ଏହି ପର୍ବକୁ ପାଳନ କରିଆସୁଛନ୍ତି। ଗ୍ରାମର ଗୌରବମୟ ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନୂଆଁଖାଇ ମହୋତ୍ସବ ତୃତୀୟ ବର୍ଷରେ ପଦାର୍ପଣ କରିଛି। ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି ଓ ଯୁବ ଗୋଷ୍ଠୀଙ୍କୁ ନେଇ ମହୋତ୍ସବ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ସେପ୍ଟେମ୍ବର ୮ରେ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଳାକାର ନୃତ୍ୟ, ସଙ୍ଗୀତ ଆଦି କଳା ପରିବେଷଣ କରିବେ। ଏଥିସହିତ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଜିଲାର ପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ପରବେଷଣ କରିବାର ବ୍ୟବସ୍ଥା ରହିଛି ବୋଲି ମହୋତ୍ସବ ପରିବାର ପକ୍ଷରୁ ସୂଚନା ମିଳିଛି। ବୈଠକରେ ଶ୍ରୀଧର ଦତ୍ତ, ଚିତ୍ତରଞ୍ଜନ ମିଶ୍ର, ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ଝପଟସିଂ, ଚିତ୍ତରଞ୍ଜନ ଦେଓ ମହାପାତ୍ର, ଭଗବାନ ସ୍ୱାଇଁ, ପ୍ରଫୁଲ୍ଲ ମହାନ୍ତି, ପ୍ରମୋଦ ଚୌଧୁରୀ, ରବୀନ୍ଦ୍ର ସାଥୁଆ, ହରିହର ଲେଙ୍କା, ପ୍ରସନ୍ନ କୁମାର ମହଲା, ରାମଚନ୍ଦ୍ର ଜୟସିଂ, ରବୀନ୍ଦ୍ର ସେନାପତି, ପ୍ରିୟବ୍ରତ ଦାସ, ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଖାଲଖମାରେ ପରିପୂର୍ଣ୍ଣ ଆୟଉପୁର ରାସ୍ତା

## ନିଷ୍କାସନ ହୋଇପାରୁନି ବର୍ଷାଜଳ

ବାଣପୁର,୨୪।୮ (ଦିଲୀପ କୁମାର ସ୍ୱାଇଁ)



ଆୟଉପୁର ପଞ୍ଚାୟତ ଅନ୍ତର୍ଗତ ଆୟଉପୁର ଗ୍ରାମ ରାସ୍ତାରୁ ସିମେଣ୍ଟ କଂକ୍ରିଟ ଉଠିଯାଇ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ବର୍ଷାପାଣି ଜମି ନାଳର ଭ୍ରମ ସୃଷ୍ଟି କରୁଛି। ଫଳରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ପାଣିରେ ଯାତାୟାତ କରୁଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଉପରେ ଆୟଉପୁର, ପାତ୍ରପୁର ସମେତ ୩ଟି ଗ୍ରାମର ୪ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାନ୍ତି। ଦୀର୍ଘଦିନ ହେବ ମରାମତି ନ ହେବାରୁ ରାସ୍ତାର ଅନେକ ସ୍ଥାନରେ କଂକ୍ରିଟି ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିରେ ଆଣ୍ଠୁଏ ଲେଖାଏ ବର୍ଷା ପାଣି ଜମି ରହିଛି। ରାସ୍ତାରେ ପାଣି ଜମି ରହିବାରୁ ମଶା,ମାଛିଙ୍କ ପାଦୁର୍ଭାବ ବୃଦ୍ଧି ପାଉଥିବାରୁ ବିଭିନ୍ନ ସଂକ୍ରମଣର ଆଶଙ୍କା ମଧ୍ୟ ଦେଖାଦେଇଛି। ରାସ୍ତାର ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଥିଲେ ପ୍ରଶାସନ କିମ୍ବା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲ ଯୋଗୁ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରଭାଶିଷ ପ୍ରଧାନ କହିଛନ୍ତି। ତୁରନ୍ତ ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ରାସ୍ତାରେ ପାଣି କାଦୁଅ, ଲୋକେ ହଇରାଣ

ନିରାକାରପୁର,୨୪।୮ (ମାନସ ଚନ୍ଦ୍ର ପଟ୍ଟନାୟକ)



ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ତେବେ ନିମ୍ନମାନର କାମ ପାଇଁ କେଉଁଠି ପାଣି ଜମୁଛି ତ' ଆଉ କେଉଁଠି ରାସ୍ତା ସାରା କାଦୁଅରେ ଭର୍ତ୍ତି। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ ରଥ କଲୋନୀରେ ଦେଖିବାକୁ ମିଳିଛି। ଏହି କଲୋନୀର ପ୍ରଥମ ଗଳିରେ ଥିବା ରାସ୍ତାଟି କାଦୁଅ ଓ ପାଣିରେ ଭର୍ତ୍ତିହୋଇ ନଷ୍ଟ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଯାତାୟାତ କରିବାରେ ହଇରାଣ ହେଉଥିବା ବେଳେ ବିଶେଷକରି ସ୍କୁଲ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାବି ହେଉଛି।

# ଭଡ଼ାଘରେ ଚାଲିଛି ଅବକାରୀ ଥାନା

- ନୂତନ ଗୃହ ନିର୍ମାଣ ପରେ ତାଲା ପଡ଼ିଛି
- ଆବଶ୍ୟକ କର୍ମଚାରୀ ନାହାନ୍ତି

ବେଗୁନିଆ,୨୪।୮ (ସନ୍ଧ୍ୟାରାଣୀ ମିଶ୍ର)




ବେଗୁନିଆରେ ୨୦୨୧ ମସିହାରୁ ଅବକାରୀ ଥାନା ଖୋଲିବା ଦିନଠାରୁ ଭଡ଼ାଘରେ ଚାଲିଛି। ତେବେ ଥାନାର ନିଜସ୍ୱ ନୂତନ ଗୃହ ବେଗୁନିଆ ନିକଟ କୁଶପଲାଠାରେ ନିର୍ମାଣ ସରିଥିଲେ ମଧ୍ୟ ସ୍ଥାନାନ୍ତର ନ ହୋଇ ଭଡ଼ାଘରେ ଚାଲିଛି। ନୂତନ ଗୃହକୁ ନ ଆସି ଭଡ଼ାଘରେ ଚାଲିବା ପଛରେ କ'ଣ ରହସ୍ୟ ରହିଛି ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏହି ଅବକାରୀ ଥାନା କାର୍ଯ୍ୟାଳୟ ବେଗୁନିଆ ଡାକଘର ପଛପଟେ ଥିବା ଗଳିର ଏକ ଘରେ ଚାଲୁଥିବାରୁ ଉକ୍ତ କାର୍ଯ୍ୟାଳୟ କେଉଁଠାରେ ଅଛି ଅଞ୍ଚଳର ଲୋକେ ଜାଣି ପାରୁନାହାନ୍ତି। ଏଠାରେ କର୍ମଚାରୀମାନେ ବସିବା ପାଇଁ ସୁବିଧା ନ ଥିବାବେଳେ ଅଭିଯୁକ୍ତମାନଙ୍କୁ ରଖିବାକୁ ମଧ୍ୟ କୌଣସି ସୁବିଧା ନାହିଁ। ବେଗୁନିଆ ଓ ବୋଲଗଡ଼ ବ୍ଲକ ଏବଂ ଖୋର୍ଦ୍ଧାର କିଛି ଅଞ୍ଚଳକୁ ନେଇ ଏହି ଥାନା କାର୍ଯ୍ୟ କରୁଥିବା ବେଳେ ଥାନାକୁ ଗାଡ଼ିଟିଏ ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଜଣେ ଇନ୍ସପେକ୍ଟର ଥାନା ଦାୟିତ୍ୱରେ ରହିବା ପାଇଁ ଥିବା ବେଳେ ଏବେ ଜଣେ ଏସ୍‌ଆଇ ଦାୟିତ୍ୱରେ ଅଛନ୍ତି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। ଗାଡି ଏବଂ କର୍ମଚାରୀଙ୍କ ଅଭାବରୁ ଉପଯୁକ୍ତ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଫଳରେ ଅଞ୍ଚଳରେ ବେଆଇନଭାବେ ମଦ ବିକ୍ରି ବଢ଼ିଚାଲିଛି। କୁଶପଲାଠାରେ ଅବକାରୀ ଥାନାର ନିଜସ୍ୱ ଗୃହ ନିର୍ମାଣ ସରିଥିବା ବେଳେ ସେଠାରେ ଥାନା କାର୍ଯ୍ୟାଳୟ ନ ଚାଲି ତାଲା ପଡି ରହିଛି। ଭଡ଼ାଘରେ ଅବକାରୀ ଥାନା କାର୍ଯ୍ୟାଳୟ ଚାଲିବାରୁ ଅଯଥା ସରକାରଙ୍କ ଅର୍ଥବ୍ୟୟ ହେଉଛି। ଅନ୍ୟପଟେ ଖୁବ୍‌ଶୀଘ୍ର ସେଠାରେ କାର୍ଯ୍ୟାଳୟ ଚାଲିବ ବୋଲି ଅବକାରୀ ଥାନା ଅଧିକାରୀ ଏନ୍.ଜାଗିନ ରାଓ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୧୮ତମ ରାଜ୍ୟ ସୋତୋକାନ୍ କରାଟେ ପ୍ରତିଯୋଗିତା ଉଦ୍ଘାଟିତ

ପୁରୀ,୨୪।୮(ଅଜିତ୍ ମହାନ୍ତି)

୧୮ତମ ରାଜ୍ୟ ସୋତୋକାନ୍ କରାଟେ ପ୍ରତିଯୋଗିତା ରେଳବାଇ କଲ୍ୟାଣ ମଣ୍ଡପଠାରେ ଶନିବାର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ, ଇଚ୍ଛାଶକ୍ତି ଓ ଅଭ୍ୟାସ ବଳରେ ସଫଳତା ଆସିପାରିବ। ଆତ୍ମରକ୍ଷା ପାଇଁ କରାଟେର ଆବଶ୍ୟକତା ରହିଛି। ବିଶ୍ୱ ପାରମ୍ପରିକ ସୋତୋକାନ କରାଟେ ଫେଡେରେଶନର ଓଡ଼ିଶା ରାଜ୍ୟ କରାଟେ ପ୍ରତିଯୋଗିତା ଓ ପ୍ରଶିକ୍ଷଣ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଡବ୍ଲୁଟିଏସ୍କେଏଫ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବେ ସିହ୍ନା ସଦ୍ୟଜିତ୍ ଚୌଧୁରୀ ଯୋଗଦେଇ ପ୍ରଶିକ୍ଷଣ ଦେଉଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୨୫୦ ପ୍ରତିଯୋଗୀ ଯୋଗଦେଇ କରାଟେ ବିଷୟରେ ଶିକ୍ଷା ଗ୍ରହଣ କରିଥିଲେ। ରବି ନାରାୟଣ ଖୁଣ୍ଟିଆ, ଏସ୍.ଆର୍. ଶାସମଲ, ପ୍ରସନ୍ନ ପଟ୍ଟନାୟକ, ରାଜନାରାୟଣ ଖୁଣ୍ଟିଆ ଓ ସହଯୋଗୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମା, ଝିଅଙ୍କୁ ଆକ୍ରମଣ

ନିମାପଡ଼ା,୨୪।୮(ବିଚିତ୍ରାନନ୍ଦ ସାହୁ)

ମହିଳା ଗ୍ରୁପ କଥା ଓ ଶତ୍ରୁତାକୁ ନେଇ ଗୋଟିଏ ପରିବାରର ମା, ଝିଅଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ବଡ଼ମାଛପୁର ପଞ୍ଚାୟତର ରେଘାଳୋ ଗ୍ରାମର ଶେକ୍ ଅଲ୍ଲୀ ଓ ତାଙ୍କ ଭଉଣୀ ଅକ୍ତାରୀ ବିବି। ପୋଲିସ ଏ ସମ୍ପର୍କରେ ସେମାନଙ୍କ ବିରୋଧରେ ୨୬୧/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଆକ୍ରମଣରେ ହମ୍ସାର ଅଲ୍ଲୀଙ୍କ ମା' ଓ ଭଉଣୀ ଗୁରୁତର ଭାବେ ନିମାପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଖବର ନେବାରେ ଜଣାପଡ଼ିଛି, ହମ୍ସାରଙ୍କ ଘରେ ଶୁକ୍ରବାର କେହି ପୁରୁଷ ନ ଥିଲେ। ଏହାର ସୁଯୋଗ ନେଇ ତାଙ୍କ ପଡ଼ୋଶୀ ଶେକ୍ ଓ ଅକ୍ତାରୀ ଘରେ ପଶି ହମ୍ସାରଙ୍କ ମା' ଓ ଭଉଣୀଙ୍କୁ ଲୁହା ରଡ଼ରେ ପିଟି ଆକ୍ରମଣ କରିବା ସହ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରି ଦେବାକୁ ଧମକଚମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

### ଆଠସାହି ଆଖଡ଼ା କର୍ମକର୍ତ୍ତାଙ୍କ ସହ ଏସ୍‌ପିଙ୍କ ଆଲୋଚନା

ପୁରୀ,୨୪।୮(ଅଜିତ୍ ମହାନ୍ତି)

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ଜନ୍ମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହେବ। ଜନ୍ମାଷ୍ଟମୀଠାରୁ ସେପ୍ଟେମ୍ବର ୧୩ ତାରିଖ କଂସବଧ ପର୍ଯ୍ୟନ୍ତ କୃଷ୍ଣଲୀଳା ନୀତି ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଠ ସାହି ଆଖଡ଼ାର ନେତୃବୃନ୍ଦଙ୍କ ସହ ଆଲୋଚନା କରାଯାଇଛି। ଏସ୍‌ପି ମିଶ୍ର ସିଂହଦ୍ୱାର ଫାଣ୍ଡିଠାରେ ଆଗାମୀ ଜନ୍ମାଷ୍ଟମୀ ଉପଲକ୍ଷେ ଆଠସାହିରୁ ଆସିଥିବା ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ଓ ସମସ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି। ଆଠ ସାହିରୁ ଆସିବାକୁ ଥିବା ଶ୍ରୀକୃଷ୍ଣଙ୍କ ସମସ୍ତ ଲୀଳା କିପରି ଶୃଙ୍ଖଳିତ ହେବ ତତ୍ ସହ ଟ୍ରାଫିକ ବ୍ୟବସ୍ଥା ଉଚ୍ଚକୋଟିର ହେବ ତା' ଉପରେ ଆଲୋଚନା କରିଥିଲେ। ବୈଠକରେ ପୋଲିସ ଅଧିକାରୀ କୌଶିକ ନାୟକ, ଜିତେନ୍ଦ୍ର ଦେହୁରୀ, ଶ୍ୱେତପଦ୍ମା ଦାଶ, ସଙ୍ଗୀତା ଦାଶଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଗୋବିନ୍ଦପୁର ହାଇସ୍କୁଲରେ ସଂସ୍କୃତ ଦିବସ ସମାରୋହ

ପିପିଲି,୨୪।୮(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶନିବାର ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ସିଆର୍‌ସିସି ଚିନ୍ତାମଣି ଓଝା, ପୋପରଙ୍ଗା ହାଇସ୍କୁଲ ସଂସ୍କୃତ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ପୂର୍ବତନ ଶିକ୍ଷକ ଆଲ୍ଲାଉଦ୍ଦିନ ଅହମ୍ମଦ, ଶିକ୍ଷୟିତ୍ରୀ ନମିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଏଏସ୍ଆଇ ଡିଜିଙ୍କୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ତଥା ଏସ୍ଓପି ଅନୁସାରେ ଶୁକ୍ରବାର ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ମଧ୍ୟରେ ରହିଥିବା ପୁରୁଣା ଆଲମାରୀ ଓ ସିନ୍ଦୁକକୁ ସ୍ଥାନାନ୍ତର କରାଯାଇଛି। ଅଧିକୃତ ଥିବା ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ପରିସରରେ ଥିବା ସିନ୍ଦୁକ ଓ ଆଲମାରୀ ସ୍ଥାନାନ୍ତର ହୋଇଥିଲା। ସମସ୍ତ ଆଲମାରୀକୁ ସ୍ଥାନାନ୍ତର କରାଯାଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ପାଖରେ ନୀଳାଦ୍ରି ମ୍ୟୁଜିୟମ ପରିସରରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ତେବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ ହୋଇଥିବାରୁ ଏଏସ୍ଆଇ ସଂରକ୍ଷଣ ତଥା ମରାମତି କାର୍ଯ୍ୟ ହାତକୁ ନେବ। ତେବେ ଏହା ପୂର୍ବରୁ ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ଏଏସ୍ଆଇ ଦ୍ୱାରା ରତ୍ନଭଣ୍ଡାରର ସାମଗ୍ରିକ ବୈଷୟିକ ଯାଞ୍ଚ କରାଯିବ। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ରତ୍ନଭଣ୍ଡାରର ସାମଗ୍ରିକ ବୈଷୟିକ ଯାଞ୍ଚ କରିବା ନିମନ୍ତେ ଶନିବାର ଏଏସ୍ଆଇ ଡିଜିଙ୍କୁ ପତ୍ର ଲେଖିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହି ସର୍ଭେ କରାଯିବାକୁ ପାଢ଼ୀ ଅନୁରୋଧ କରିଛନ୍ତି। ତେବେ ଏହାଦ୍ୱାରା ଯେପରି ଶ୍ରୀମନ୍ଦିର ଉପରେ କୌଣସି ପ୍ରତିକୂଳ ପ୍ରଭାବ ନ ପଡ଼ିବ ସେଥିପ୍ରତି ଧ୍ୟାନଦେବାକୁ ସ୍ପଷ୍ଟ ଭାବେ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ସାମଗ୍ରିକ ବୈଷୟିକ ସର୍ଭେ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ମାର୍ଗଦର୍ଶିକା ବା ଏସ୍ଓପି ମଧ୍ୟ ଏଏସ୍ଆଇ ନିକଟକୁ ପଠାଯାଇଛି। ଏହି ବୈଷୟିକ ଯାଞ୍ଚ ଆଇଆଇଟି ଏବଂ ସିବିଆରଆଇ ଭଳି ଉଚ୍ଚମାନର ଅନୁଷ୍ଠାନ ଦ୍ୱାରା କରାଯିବାକୁ ଏଏସ୍ଆଇକୁ ପରାମର୍ଶ ଦିଆଯାଇଛି। ସେହିପରି ରତ୍ନଭଣ୍ଡାରର ସାମଗ୍ରିକ ବୈଷୟିକ ଯାଞ୍ଚ ଶେଷ ହେବା ପରେ ତୁରନ୍ତ ସଂରକ୍ଷଣ ଏବଂ ମରାମତି କାମ ହାତକୁ ନେବାକୁ ଏଏସ୍ଆଇକୁ ଅନୁରୋଧ କରାଯାଇଛି। ଫଳରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଏବଂ ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଗଣତି କରାଯାଇ ପୁଣି ଥରେ ମୂଳ ରତ୍ନଭଣ୍ଡାରକୁ ସେସବୁକୁ ଫେରାଇ ଅଣାଯାଇ ସୁରକ୍ଷିତ ରଖାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ଚିଠି ମାଧ୍ୟମରେ ଉଲ୍ଲେଖ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ପୁରୀ ବଚ୍‌ପନ୍ ବିଦ୍ୟାଳୟର ଶିଶୁ ଛାତ୍ରୀଛାତ୍ରମାନେ ଜନ୍ମାଷ୍ଟମୀ ଉତ୍ସବ ପାଳନ ଅବସରରେ କୃଷ୍ଣ ଓ ରାଧାଙ୍କ ବେଶରେ ।

## ଜ୍ଞାନମେଳା, ପୁରୀ ସମ୍ଭାଗସ୍ତରୀୟ ସଂସ୍କୃତି ମହୋତ୍ସବ



ପୁରୀ ୨୪।୮(ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନମେଳା ଓ ପୁରୀ ସମ୍ଭାଗସ୍ତରୀୟ ସଂସ୍କୃତି ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଶିକ୍ଷା ବିକାଶ ସମିତିର ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିକାଶ ସମିତିର ଜିଲା ପ୍ରମୁଖ ଅକ୍ଷୟ କୁମାର ଜେନା, ସଂସ୍କାର ପ୍ରାନ୍ତ ପ୍ରମୁଖ ନରୋତ୍ତମ ମିଶ୍ର, ବିଦ୍ୟାଳୟ ସଭାପତି ଅରୁଣ ମିଶ୍ର ଏବଂ ଶିକ୍ଷା ବିକାଶ ସମିତି ପୁରୀ ବିଭାଗ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ବିଭାଗ ଓ ୧୭ଟି ସଙ୍କୁଳର ୧୩୮ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧା ବାଟରେ ଅଚଳ ହେଲା ଆମ୍ବୁଲାନ୍ସ

ଗୋପ,୨୪।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ନୂଆଖୋଲମରା ପଞ୍ଚାୟତ ନନ୍ଦିଗୋରଡ଼ା ଗ୍ରାମର ଜୟଦେବ ପାଣି (୬୫)ଙ୍କୁ ଶୁକ୍ରବାର ରାତି ସାଢ଼େ ୩ଟାବେଳେ ୧୦୮ ଆମ୍ବୁଲାନ୍ସ ଗୋପ ଡାକ୍ତରଖାନା ନେଇ ଯାଉଥିବାବେଳେ ଅଧ ବାଟରେ ଅଚଳ ହୋଇ ପଡ଼ିଥିଲା। ଫଳରେ ଘଣ୍ଟାଏ ଧରି ଜୟଦେବଙ୍କୁ ଛଟପଟ ହେବାକୁ ପଡ଼ିଥିଲା। ଆଉ ଏକ ଆମ୍ବୁଲାନ୍ସ ଆସିବା ପରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ୪ଟି ୧୦୮ ଆମ୍ବୁଲାନ୍ସ ରହି ସେବା ଯୋଗାଇଛି। ଅନ୍ୟପଟେ ୧୦୮ ଜନନୀ ଆମ୍ବୁଲାନ୍ସଟି ଅଚଳ ହେବାରୁ ଗ୍ୟାରେଜ ପଠାଯାଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀନରେ ଥିବା ଏହି ୪ଟି ଆମ୍ବୁଲାନ୍ସରେ ଏସିଠାରୁ ଆରମ୍ଭ କରି ଫ୍ୟାନ ସହିତ ଆଉ କେତେକ

**ଘଣ୍ଟାଏ ଧରି ରୋଗୀ ଛଟପଟ**

ସେବା ଅଚଳ ହୋଇଛି। ଏଥିସହ ବର୍ଷାପାଣି ମଧ୍ୟ ଗଳୁଥିବା ଆମ୍ବୁଲାନ୍ସ କର୍ମଚାରୀ ମାନେ କହିଛନ୍ତି। ଅନେକ ସମୟରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆମ୍ବୁଲାନ୍ସଗୁଡ଼ିକ ଠେଲା ହେବା ଦେଖିବାକୁ ମିଳୁଛି। ଗାଡ଼ିର ବଡ଼ି କଣା ହୋଇଯିବାରୁ କେତେବେଳେ କେଉଁ ଅଘଟଣ ଘଟିବ ତାହା ମଧ୍ୟ ସ୍ପଷ୍ଟ ବାରି ହୋଇ ପଡୁଛି। ରୋଗୀଙ୍କୁ ନେଇ ଯାଉଥିବା ଏହି ଗାଡ଼ିଗୁଡ଼ିକ ନାରେ ପ୍ରତ୍ୟେକ ମାସରେ କାମ ହେଉଥିବା ମିଥ୍ୟା ଭାଉଚରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦେଖାଇ ଦେଉଥିବା ଭଳି ଅଭିଯୋଗ ମଧ୍ୟ ହେଉଛି। ଏପରି ଅଭିଯୋଗ ସମ୍ପର୍କରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୦୮ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ, ସେ ଉଚ୍ଚ ପଦସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ହେଲେ ସେମାନେ କିଛି କରୁ ନାହାନ୍ତି ବୋଲି ସ୍ୱାଇଁ କହିଥିଲେ।

## ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି ସମ୍ପନ୍ନ

ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ପବିତ୍ର ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସୁନା ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଯାଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତିଗୁଡ଼ିକ ମଧ୍ୟରେ ଏହି ନୀତି ଅନ୍ୟତମ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଝୋବାକଣ୍ଟି ମଇଲମ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧ ସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରି ରଖିଥିଲେ। ପୂର୍ବରୁ ଦେଉଳକରଣ, ତଢଉକରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢ଼ା ଯାଇଥିଲା। ଏହି ରାହୁରେଖାକୁ ବଣିଆମାନେ ସଫା କରି ରଖିଥିଲେ। ତେବେ ନୀତି ପାଇଁ ଅପରାହ୍ନ ୨ଟା ୨୦ ମିନିଟ୍‌ରେ ଲକ୍ଷ୍ମୀ ସରସ୍ୱତୀ ଖଟଶେଯ ଘରେ ବିଜେ କରିଥିଲେ। ପରେ ୨ଟା ୨୫ ମିନିଟ୍‌ରେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦଇତାପତି ସେବକମାନେ ୨ଟା ୩୦ ମିନିଟ୍‌ରେ ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତି ମହାପାତ୍ରଙ୍କ ହାତକୁ ବଢାଇଥିଲେ। ପତି ମହାପାତ୍ର ରାହୁରେଖାଗୁଡ଼ିକୁ ସଂସ୍କାର କରି ବଡ଼ବାଡ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧ ସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା କନା) ନେଇ ଠାକୁରଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ନୀତି ସମ୍ପନ୍ନ ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରୁ ସନ୍ଧ୍ୟା ୬ଟାରେ ପ୍ରସ୍ଥାନ କରିଥିଲେ। ପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇବା ପରେ ଶ୍ରୀବିଗ୍ରହଙ୍କୁ ମଇଲମ କରାଯାଇ ବେଶ ବଢିଥିଲା। ମଧ୍ୟାହ୍ନ ଧୂପ ପୂଜା ସରିବା ପରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ ନୀତି ବଢିଥିଲା। ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥାଏ। ଚିତାଲାଗି ଅମାବାସ୍ୟାରେ ରତ୍ନ ଚିତା ଲାଗି କରାଯାଇଥିବାବେଳେ ଓ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି କରାଯାଇଛି। ରାହୁରେଖା ପଞ୍ଚମୀ ଅବସରରେ ଶ୍ରୀମନ୍ଦିରର ଅନେକ ସେବକ ପରିବାରରେ ଘରର ଇଷ୍ଟଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାହୁରେଖା ଲାଗି କରାଯାଇଛି।

## ନୟାହାଟ କଲେଜ ଅଧ୍ୟାପକଙ୍କ ବିୟୋଗରେ ଶୋଭାଯାତ୍ରା

ଯୋଗେଶ୍ୱରପୁର,୨୪।୮
(ରଶ୍ମିରଞ୍ଜନ ସାହୁ/ମହମ୍ମଦ ସମସୁଲ ଆରଫିନ)

ନୟାହାଟ କଲେଜ ଇତିହାସ ଅଧ୍ୟାପକ ଶୁକଦେବ ନାୟକଙ୍କ ଏକ ସଡ଼କ ଦୁର୍ଘଟଣାରେ ଶନିବାର ବିୟୋଗ ଘଟିଛି। ତାଙ୍କ ମରଶରୀର ଭୁବନେଶ୍ୱରରୁ ଅଣାଯାଇ ନୟାହାଟ ବଜାରରେ ଏକ ଶୋଭାଯାତ୍ରାରେ ଛାତ୍ରୀଛାତ୍ର, ସାଧାରଣ ଜନତା ଓ କଲେଜ କର୍ମଚାରୀ ତାଙ୍କୁ ଶେଷ ଦର୍ଶନ କରି ପୁଷ୍ପ ମାଳ ଦେଇଥିଲେ। କଲେଜ ପରିସରରେ ତାଙ୍କ ମରଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



କଲେଜ ଅଧ୍ୟାପକ ଭୋଲାନାଥ ପାତ୍ର ଇଂଲିଶ ଅଧ୍ୟାପକ ରତିକାନ୍ତ ଦାସଙ୍କ ଆହ୍ୱାନକ୍ରମେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କଲେଜ ସବୁ କର୍ମଚାରୀ ଏକାଠି ହୋଇ ୫ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପୁରୀ ଉପଜିଲାପାଳଙ୍କ ନିର୍ଦ୍ଦେଶ କର୍ମେ ଶନିବାର କଲେଜ ବନ୍ଦ କରାଯାଇଥିଲା।

## ଚନ୍ଦ୍ରଯାନ ତୃତୀୟର ନରମ ଅବତରଣ ଦିବସ




ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ଚନ୍ଦ୍ରଜାନ ତୃତୀୟର ନରମ ଅବତରଣ ଦିବସକୁ ଭାରତ ସରକାର ଜାତୀୟ ଅନ୍ତରୀକ୍ଷ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଏହି ବିଷୟବସ୍ତୁକୁ ନେଇ ବିଭିନ୍ନ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବକ୍ତୃତା, କର୍ମଶାଳା, ଫଟୋ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଆୟୋଜନ କରି ଛାତ୍ରୀଛାତ୍ରଙ୍କୁ ବିକଶିତ ଭାରତରେ ସାମିଲ ପାଇଁ ନିର୍ଦ୍ଦେଶ ରହିଛି। ଏହି ଅଦ୍ଭୁତ, ଅବିଶ୍ୱସନୀୟ ଓ ଅଦ୍ୱିତୀୟ ଦିବସକୁ ମନେ ପକାଇ ମହାକାଶ ବିଜ୍ଞାନରେ ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିବାକୁ ଶୁକ୍ରବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଅତିଥି ଭାବେ ପ୍ର. ମାନସ ରଞ୍ଜନ ମହାପାତ୍ର ଓ ଆସିଷ୍ଟାଣ୍ଟ କମାଣ୍ଡର ଜୀତେନ୍ଦ୍ର ଦେହୁରି ଯୋଗଦେଇ ଆଜିର ବିଜ୍ଞାନ ଯୁଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରୂପେ ପ୍ର. ଅନୁପମା ପୃଷ୍ଟି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ର. ଶମ୍ଭୁନାଥ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ। ଡ. ବିଶ୍ୱନାଥ ମିଶ୍ର, ଡ. ସ୍ୱାଗତିକା ମହାନ୍ତି ଓ ଡ. ସୁବ୍ରତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପ୍ର. କିଶୋର ଚନ୍ଦ୍ର ଦଳେଇ ଧନ୍ୟବାଦ ଦେଇଥିଲେ।

## ବିଶ୍ୱମ୍ଭର ବିଦ୍ୟାପୀଠ ମଧ୍ୟରେ ପ୍ରସ୍ତାବିତ ସ୍ୱେରେଜ ପାଇପକୁ ବିରୋଧ

ପୁରୀ,୨୪।୮(ଅଜିତ୍ କୁମାର ମହାନ୍ତି)

ଚିତ୍ରକାର ସାହିରେ ଥିବା ପୁରୀର ଅନ୍ୟତମ ପ୍ରମୁଖ ବିଦ୍ୟାଳୟ ବିଶ୍ୱମ୍ଭର ବିଦ୍ୟାପୀଠ ମଧ୍ୟ ଦେଇ ପ୍ରସ୍ତାବିତ ସ୍ୱେରେଜ ପାଇପକୁ ବିରୋଧ କରାଯାଇଛି। ଏନେଇ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ପକ୍ଷରୁ ଶନିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଅଭିଭାବକମାନେ ଏକତ୍ରିତ ହୋଇ ସ୍ୱେରେଜ ବୋର୍ଡ ଦ୍ୱାରା ପ୍ରସ୍ତାବିତ ବିଦ୍ୟାଳୟ ପଛପାଖରେ ଥିବା ସାହି ଓ ବସ୍ତିର ଆବର୍ଜନା ନାଳକୁ ସାହିର ମଧ୍ୟଭାଗ ରାସ୍ତାରେ ନ ନେଇ ବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆ ମଝିରେ ନେବାକୁ ହେଉଥିବା ଷଡ଼ଯନ୍ତ୍ରକୁ ତୀବ୍ର ବିରୋଧ କରିଛନ୍ତି। ଏଥିସହ ଅଭିଭାବକ ଓ ଶିକ୍ଷକ କମିଟିରେ ଥିବା ସଦସ୍ୟଙ୍କୁ ଏକ ସାମୂହିକ ଦସ୍ତଖତ ବିରୋଧ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ୱେରେଜ ପାଇପ୍‌କୁ ବିଦ୍ୟାଳୟ ଖେଳ ପଡ଼ିଆ ମଧ୍ୟ ଦେଇ ନେବାପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ୱାଟ୍‌କୋ ବିଭାଗୀୟ ମୁଖ୍ୟ ଅଧିକାରୀଙ୍କ ମାନବିକତାହୀନ ଓ ଶିଶୁମାରଣ ନୀତି ବିରୋଧରେ ଏକ ପ୍ରତିନିଧିମଣ୍ଡଳୀ ଜିଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟକୁ ଯାଇ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଖେଳ ପଡ଼ିଆ ଚିତ୍ରକାର ସାହି ମୂଳ ରାସ୍ତାରୁ ପ୍ରାୟତଃ ୩ଫୁଟ ତଳେ ଥିବାରୁ ସାମାନ୍ୟ ବର୍ଷା ଯୋଗୁ ବର୍ଷା ଜଳ ଜମି ରହୁଛି। ଯଦି ପ୍ରସ୍ତାବିତ ସ୍ୱେରେଜ ପାଇପ ଅବରୋଧ ହୋଇ ଉଛୁଳି ଉଠେ ତା'ହେଲେ ବିଦ୍ୟାଳୟର ପରିସର ଆବର୍ଜନା ପାଣି ଓ ମାନବୀୟ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇ ଏକ ଦୁର୍ଗନ୍ଧ ଓ ପୂତି ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ତେଣୁ ପ୍ରଶାସନ ନେଇଥିବା ଏହି ନିଷ୍ପତ୍ତି ପ୍ରତ୍ୟାହାର କରୁ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି। ଅପରପପକ୍ଷରେ ପ୍ରଶାସନର ଏପରି ଦୂରଦୃଷ୍ଟି ଅଭାବ କାର୍ଯ୍ୟ ବିରୋଧରେ ଏକ ମିଳିତ ପ୍ରତିନିଧି ମଣ୍ଡଳୀ ଆସନ୍ତା ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିବ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୀରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ପୁରୀ ୨୪।୮(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଜନତା ପାର୍ଟି ପୁରୀ ଜିଲା ଶାଖା ପକ୍ଷରୁ ସଦସ୍ୟତା ଅଭିଯାନ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଶନିବାର ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳା ପ୍ରାରମ୍ଭରେ ଜିଲା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସଦସ୍ୟତା ଅଭିଯାନ ଓଡିଶା ସଂଯୋଜକ ରଞ୍ଜନ କୁମାର ପଟେଲ କାର୍ଯ୍ୟକର୍ତ୍ତାଙ୍କ ମାର୍ଗଦର୍ଶନ କରିଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ ନିଜ ନିଜ ଉଦ୍‌ବୋଧନରେ ସଦସ୍ୟତାରୁ ସଂଗଠନର ମନ୍ତ୍ର ଦେଇଥିଲେ। ପଟେଲ, ଜିଲାରେ ବୁଥ୍‌ସ୍ତରରେ ସ୍ଥାୟୀ ସଦସ୍ୟତା ଏବଂ ସଦସ୍ୟତା ଅଭିଯାନକୁ ସଫଳ କରିବା ନିମନ୍ତେ କାର୍ଯ୍ୟକର୍ତ୍ତା ଓ ଜିଲା ପଦାଧିକାରୀମାନଙ୍କୁ ପ୍ରେରିତ କରିଥିଲେ। ରାଜ୍ୟ ସଭାପତି ସାମଲ ମତବ୍ୟକ୍ତ କରି କହିଥିଲେ, ଆଗାମୀ ୬ ବର୍ଷ ନିମନ୍ତେ ସଦସ୍ୟତା ପଦ ଗ୍ରହଣ କରାଯିବ। ସେପ୍ଟେମ୍ବର ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସଭାପତି ସଦସ୍ୟତା ଗ୍ରହଣ କରିବା ପରେ ଉକ୍ତ ଦିନ ଠାରୁ ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ। ଏଥିପାଇଁ ପ୍ରଶିକ୍ଷଣ ଶିବିର କରାଯାଉଛି। ୨୬ ରୁ ୨୮ରେ ସବୁ ନିର୍ବାଚନମଣ୍ଡଳୀ, ଜିଲା ପରିଷଦ ୟୁନିଟ୍ ପୌରପାଳିକା, ଏନ୍‌ଏସିରେ ଏହି କାର୍ଯ୍ୟକ୍ରମ ହେବ। ୩୧ ତାରିଖରେ ସମସ୍ତ ବୁଥ୍‌ସ୍ତରରେ ଏହି କର୍ମଶାଳା ଶେଷ ହେବ। ପରେ ସେପ୍ଟେମ୍ବର ୧ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ସାରାଦେଶରେ ଅନୁଷ୍ଠିତ ହେବ। ତୃଣମୂଳସ୍ତରରେ ଏହି ଅଭିଯାନ ହେବ। ପୁରୀ ଜିଲାରେ ସଦସ୍ୟତା ଅଭିଯାନର ଦାୟିତ୍ୱରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ସେଠୀ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡା, ଜାତୀୟ ସଦସ୍ୟ ମଧୁସୂଦନ ସିଂହାରୀ ପ୍ରମୁଖ ଯୋଗ ଦେଇଥିଲେ।



ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଉପସ୍ଥିତ ଦଳୀୟ ନେତୃମଣ୍ଡଳି ।

# ପୁରୁଣା ବହିର୍ବିଭାଗ କୋଠାର ନବୀକରଣ କାର୍ଯ୍ୟ ଆଗଉନି

କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ର ପୁରୁଣା ବହିର୍ବିଭାଗ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘବର୍ଷର ପୁରୁଣା ଏହି କୋଠାର ନବୀକରଣ ପାଇଁ ଯୋଜନା କରାଯାଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରିନି। ଏପରି କି ଏହାକୁ ସଂଗ୍ରହାଳୟରେ ପରିଣତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହି କୋଠାର ଅଧାରୁ ଅଧିକ କକ୍ଷରେ ତାଲା ପଡ଼ିଥିବାବେଳେ କିଛି କକ୍ଷକୁ ବର୍ତ୍ତମାନ ସାଲାଇନ୍ ଗୋଦାମ ଭାବେ ବ୍ୟବହାର କରାଯାଉଛି।

ମିଳିଥିବା ସୂଚନା ମୁତାବକ, ମଙ୍ଗଳାବାଗ ପଟୁ ଏସ୍‌ସିବିର ମୁଖ୍ୟ ଫାଟକ ସମ୍ମୁଖରେ ଏହି କୋଠା ରହିଛି। ଏଥିରେ ୨୦ଟି ପ୍ରକୋଷ୍ଠ ରହିଛି। ଛାତରୁ ବାରମ୍ବାର ପାଣି ଗଳିବା ଯୋଗୁ ପୂର୍ବରୁ ମେଡିକାଲ କର୍ତ୍ତୃପକ୍ଷ ଚିନ୍ତାରେ ଥିବାବେଳେ କୋଠାଟି ଭୁଶୁଡି ପଡ଼ିବ ଭାବି ପୂର୍ତ୍ତ ବିଭାଗକୁ ଯାଞ୍ଚ ପାଇଁ ଡକାଯାଇଥିଲା। ପୂର୍ତ୍ତ ବିଭାଗ ଯାଞ୍ଚ କରି ଜିଲାପାଳଙ୍କୁ ଏକ ରିପୋର୍ଟ ଦେଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ଏହି କୋଠାକୁ ୨୦୧୬ରେ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗ ଏଠାରେ ଚାଲୁଥିବା ବିଭିନ୍ନ ବହିର୍ବିଭାଗ ଚିକିତ୍ସାକୁ ସ୍ଥାନାନ୍ତର କରିବା ସହ ବିଲ୍ଡିଂକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏପରି କି ଏକ ବିଶେଷଜ୍ଞ ଟିମ୍ ମଧ୍ୟ କୋଠା ପରିଦର୍ଶନ କରିବାକୁ ଆସିଥିଲା। ଟିମ୍‌ର ସଦସ୍ୟ ଉକ୍ତ କୋଠା ଯାଞ୍ଚ କରିବା ପରେ ତାହାକୁ ନବୀକରଣ କରାଯାଇ କାର୍ଯ୍ୟରେ ଲଗାଯାଇପାରିବ ବୋଲି ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିଥିଲେ। ପରେ କୋଠାକୁ ସ୍ମାରକୀ ଭାବେ ଗ୍ରହଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି ପୁରାତନ କୋଠାର ନବୀକରଣ କରାଯାଇ ସଂଗ୍ରହାଳୟରେ ପରିଣତ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। କୋଠାର ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରୁ ମଧ୍ୟ ନିର୍ଦ୍ଦେଶ ଆସିଥିଲା। କମିଶନଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଭାଗ ପକ୍ଷରୁ ମୁଖ୍ୟଯନ୍ତ୍ରୀ (ପିଡବ୍ଲୁଡି) ଏବଂ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ନବୀକରଣ କାର୍ଯ୍ୟ ଆଗେଇ ପାରିନାହିଁ। ଫଳରେ ଏହାକୁ ସାଲାଇନ୍ ଗୋଦାମ ଭାବେ ବ୍ୟବହାର କରାଯାଉଛି। ଏନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଉକ୍ତ କୋଠାକୁ ସଂଗ୍ରହାଳୟରେ ପରିଣତ କରିବା ପାଇଁ ଯୋଜନା କରାଯାଇଥିଲା। ହେଲେ କୌଣସି କାରଣରୁ କାର୍ଯ୍ୟ ଆଗେଇ ନ ଥିବାରୁ ଏବେ ତାହାକୁ ସାଲାଇନ୍ ଗୋଦାମ ଭାବେ ବ୍ୟବହାର କରାଯାଉଛି। ନବୀକରଣ କାର୍ଯ୍ୟ ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ଆଶା ରହିଛି।


ଏସ୍‌ସିବି ମେଡିକାଲର ପୁରୁଣା ବହିର୍ବିଭାଗ କୋଠା।


ପୁରୁଣା ବହିର୍ବିଭାଗ କୋଠା ଭିତରେ ରଖାଯାଇଥିବା ସାଲାଇନ ବୋତଲ ବସ୍ତା।

**ଏସ୍‌ସିବି ମେଡିକାଲ**

■ସାଲାଇନ ଗୋଦାମ ପାଲଟିଛି

# ଆନ୍ଦୋଳନ ପ୍ରତ୍ୟାହୃତ ପରେ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ

କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ରାତିରେ ପ୍ରତ୍ୟାହୃତ ହୋଇଥିଲା। ଫଳରେ ଶନିବାରଠାରୁ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଛି। ଜୁନିୟର ଡାକ୍ତର ସଂଘ ଆନ୍ଦୋଳନ ଡାକରା ଦେଇଥିବାବେଳେ ହାଉସ୍ ସର୍ଜନ ଓ ଡାକ୍ତର ଛାତ୍ର ସଂଘ ଏହାକୁ ସମର୍ଥନ କରିଥିଲା। ଡାକ୍ତରମାନେ କେବଳ ଜରୁରିକାଳୀନ ରୋଗୀ ସେବା କରୁଥିଲେ। ୯ ଦିନ ଧରି ଏସ୍‌ସିବିରୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ସେବା ନ ପାଇ ନିରାଶ ହୋଇ ଫେରି ଘରୋଇ ହସ୍ପିଟାଲକୁ ଯାଉଥିଲେ। ରୋଗୀ ସେବା ବାଧାପ୍ରାପ୍ତ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ହେଲେ ଶନିବାର ରୋଗୀ ସେବା ସ୍ୱାଭାବିକ ହେବା ପରେ ରୋଗୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।

# ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୨୪।୮(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ଯୁବ ରେଡ୍‌କ୍ରସ୍ ଓ ନିଶା ନିବାରଣ ବିଭାଗ ଦ୍ୱାରା ଚୌଦ୍ୱାର କଲେଜ ସଭାଗୃହରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ସତ୍ୟବ୍ରତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶକୁ ସଫା ରଖିବା ସହିତ ଡେଙ୍ଗୁ ପ୍ରତିରୋଧ ପାଇଁ ବିଭିନ୍ନ ଉପାୟ ବତାଇଥିଲେ। ଅନ୍ୟତମ ଅତିଥି ଭାବେ ତୃପ୍ତି ନାୟକ ଯୋଗଦେଇ ଡେଙ୍ଗୁର ଲକ୍ଷଣ, ଚିହ୍ନଟ, ସତର୍କତା ଓ ଔଷଧ ସେବନର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ମମତା ସାହୁ, ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଧ୍ୟାପିକା ସସ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦରଘାବଜାର ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା

କଟକ,୨୪।୮(କାର୍ତ୍ତିକ ସାହୁ)

ଦରଘାବଜାର ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ନୂତନ ସଭାପତି ଭାବେ ରଞ୍ଜନ ସାହୁ, ସମ୍ପାଦକ ରମେଶ ବେହେରା, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ବେହେରା, ଯୁବକ ସଂଘ ସଭାପତି ଶୁଭମ ମିଶ୍ର ଓ ସମ୍ପାଦକ ସୁନୀଲ ବେହେରା ଚୟନ ହୋଇଛନ୍ତି। ଦରଘାବଜାର ପୂଜା ମଣ୍ଡପରେ ଆୟୋଜିତ ସାଧାରଣ ସଭାରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ ହୋଇଥିଲା।

### ମେଟ୍ରୋ ଟ୍ରେନ୍ କାମ ଆରମ୍ଭ ପାଇଁ ଭୂମି ପୂଜନ

ବାରଙ୍ଗ,୨୪।୮(ଲିଙ୍ଗରାଜ ରାଉତ)

ବାରଙ୍ଗ-ତ୍ରିଶୁଳିଆ ମୁଖ୍ୟରାସ୍ତା କଡ଼ ବାରଙ୍ଗ ପ୍ରେସ୍‌କ୍ଲବ ନିକଟରେ ମେଟ୍ରୋ ଟ୍ରେନ୍ ଚାଲିବା ନିମନ୍ତେ କାମ ଆରମ୍ଭ ପାଇଁ ଶନିବାର ଭୂମି ପୂଜା କରାଯାଇଛି। ଏନେଇ କାହାକୁ ସୂଚନା ଦିଆଯାଇ ନ ଥିବାବେଳେ ରାସ୍ତାକଡ଼ରେ ଏକ ଟେଣ୍ଟ ବାନ୍ଧି କେତେଜଣ ପଦାଧିକାରୀଙ୍କ ଉପସ୍ଥିତିରେ ଭୂମିପୂଜା ହୋଇଥିଲା। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ଟ୍ରେନ୍ ପାଇଁ ଜାନୁଆରୀ ୧ରେ ରତାଗଡ଼ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର କିଛିଦିନ ପରେ ନବୀନ ସରକାର ବଦଳିବା ସହ ଭାଜପା ସରକାର ଆସିବାରୁ ମେଟ୍ରୋ ଟ୍ରେନ୍ ଚାଲିବା ନେଇ ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ରହିଥିଲେ। ପରେ ଭାଜପା ସରକାର ମେଟ୍ରୋ ଟ୍ରେନ୍ ପାଇଁ ବ୍ୟୟବରାଦ କରିଥିବାବେଳେ ଆଜିର ଭୂମିପୂଜନ ମେଟ୍ରୋ ଟ୍ରେନ୍ ଚାଲିବା ନିମନ୍ତେ କାମ ଆରମ୍ଭ ହେବ ବୋଲି ଆଲୋଚନା ହେଉଛି।

# 'ସଂସ୍କୃତ ଏକ ବିଜ୍ଞାନସମ୍ମତ ଭାଷା'


ସମାରୋହରେ ଡା. ଦୀପକ ରାଜ ଓ ପଣ୍ଡିତ ବୁଦ୍ଧଦେବ ସାହୁଙ୍କୁ ପୁରସ୍କୃତ କରାଯାଉଛି।

କଟକ,୨୪।୮ (କାର୍ତ୍ତିକ ସାହୁ)

**ବିଶ୍ୱ ସଂସ୍କୃତ ଦିବସ ସମାରୋହ**

ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କୃତ ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଶନିବାର ପାଳିତ ହୋଇଯାଇଛି। ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. କାଳୀପ୍ରସନ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଛନ୍ତି, ସଂସ୍କୃତ ଭାଷା ଲାଳିତ୍ୟପୂର୍ଣ୍ଣ। ମୁଖ୍ୟବକ୍ତା ପ୍ରଫେସର ଅଜୟ କୁମାର ମିଶ୍ର କହିଛନ୍ତି, ସଂସ୍କୃତ ଏକ ବିଜ୍ଞାନ ସମ୍ମତ ଭାଷା। ନୀରଦ ଚନ୍ଦ୍ର ଆର୍ଯ୍ୟ ଅତିଥି ପରିଚୟ ଓ ଡ. ବିପିନ ବିହାରୀ ଶତପଥୀ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପ୍ରାଧ୍ୟାପିକା ମନୀଷା ଦାସ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ବକ୍ତବ୍ୟ ମାଧ୍ୟମରେ ସଂସ୍କୃତ ଭାଷାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଡା. ଦୀପକ ରାଜଙ୍କୁ କବିରାଜ ବନମାଳୀ ଦାସ ସ୍ମୃତି ପୁରସ୍କାର ଓ ସଂସ୍କୃତ ପଣ୍ଡିତ ବୁଦ୍ଧଦେବ ସାହୁଙ୍କୁ ପଣ୍ଡିତ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ଦିଲୀପ କୁମାର ପାଲ୍‌ଙ୍କ ସଂଯୋଜନାରେ ମନୋମୋହନ ସ୍ମୃତି ସଂସ୍କୃତ କବିତା ପାଠୋତ୍ସବ ହୋଇଥିଲା। ମନୋରଞ୍ଜନ ମିଶ୍ର, ସଂଘମିତ୍ରା ନାୟକ, ତପସ୍ୱିନୀ ତ୍ରିପାଠୀ, ପ୍ରିୟବ୍ରତ କର, ପ୍ରଫୁଲ୍ଲ ପୃଷ୍ଟି, କବିତା ଆଚାର୍ଯ୍ୟ ଓ ଦର୍ପଗଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ଫେରାର ଅଭିଯୁକ୍ତ ଗିରଫ

କଟକ,୨୪।୮ (କାର୍ତ୍ତିକ ସାହୁ)

ଦୁଇ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଲାଲବାଗ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଅଲିଶାବଜାର ଅଞ୍ଚଳର କିଶୋର ପରିଡ଼ା। ଅଲିଶାବଜାର ଅଞ୍ଚଳରେ ୨୦୨୧ରେ ଜଣଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ଏନେଇ ଲାଲବାଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏଥିସହ ଘଟଣାସ୍ଥଳର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଅଭିଯୁକ୍ତ କିଶୋରଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ୍‌ରେ କିଛିଦିନ ରହିବା ପରେ କୋର୍ଟ କିଶୋରଙ୍କୁ ସର୍ତ୍ତମୂଳକ ଜାମିନ ଦେଇଥିଲେ। ସେ ଜାମିନରେ ଆସିବା ପରେ ଆଦେଶ ମୁତାବକ ଆଉ କୋର୍ଟରେ ହାଜର ହୋଇ ନଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ଫରୱାନା ଜାରି କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲା। ମାତ୍ର ସେ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ସେ ଘରକୁ ଆସିଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି କିଶୋରଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ବହୁ ଆପରାଧିକ ମାମଲା ରହିଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

# ପୂଜାରେ ପ୍ରସାଦ ବ୍ୟବସ୍ଥା, ରକ୍ତଦାନ ଶିବିର



କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଶଙ୍କରପୁର ଦାଶସାହି ଯୁବ ସଙ୍ଗଠନ**

କଟକ ଶଙ୍କରପୁର ଦାଶସାହି ଯୁବ ସଙ୍ଗଠନ ପକ୍ଷରୁ ୨୪ ବର୍ଷ ହେବ ଗଣେଶ ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ପାଇଁ ସଙ୍ଗଠନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସଭାପତି ଯୁବରାଜ ଇନ୍ଦ୍ରଜିତ ଓ ସମ୍ପାଦକ ମନୋଜ କୁମାର ଦାଶଙ୍କ ସମେତ କ୍ଲବ୍‌ରେ ୪୦ ଜଣ ସଦସ୍ୟ ରହିଛନ୍ତି। ଏନେଇ ଇନ୍ଦ୍ରଜିତ୍ କହିଛନ୍ତି, ଚଳିତବର୍ଷ ୨ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ମଣ୍ଡପରେ ୭ ଫୁଟ୍ ଉଚ୍ଚତାର ସିଂହାସନରେ ଗଣେଶ ମୂର୍ତ୍ତି ପୂଜା କରାଯିବ। ଏଥିସହ ସମସ୍ତ ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ପୂଜାଦିନ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଏଥିସହ ରକ୍ତଦାନ ଶିବିର ଓ ୧ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଭସାଣିରେ ଅଞ୍ଚଳବାସୀଙ୍କୁ ଆମ୍ବିଳ ବଣ୍ଟନ କରାଯିବ। ଯାଜପୁର ଅଞ୍ଚଳର ମା' ତାରିଣୀ ମ୍ୟୁଜିକାଲ ଗ୍ରୁପ୍ ବ୍ୟାଣ୍ଡପାର୍ଟି ସମେତ ପାରମ୍ପରିକ ବାଦ୍ୟରେ ଭସାଣ ଯାତ୍ରା କରାଯିବ।


ଜନ୍ମାଷ୍ଟମୀ ଉପଲକ୍ଷେ କଟକ ବଜ୍ରକବାଟୀ କେନାଲ ରୋଡ୍‌ଠାରେ ଥିବା ଏକ ଦୋକାନରେ ବିକ୍ରି ପାଇଁ ଜଣେ ବ୍ୟବସାୟୀ କୃଷ୍ଣଙ୍କ ମୂର୍ତ୍ତି ସଜ୍ଜିତ କରି ରଖୁଛନ୍ତି।

# ଗୋଡ଼ିବାରିକୁ ଆସିଲା ହାତୀଛୁଆ

ବାରଙ୍ଗ,୨୪।୮(ଲିଙ୍ଗରାଜ ରାଉତ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡ଼ିବାରିକୁ ବଲାଙ୍ଗୀର ବନଖଣ୍ଡରୁ ଏକ ଅସୁସ୍ଥ ୪ ବର୍ଷୀୟ ଅଣ୍ଡିରା ହାତୀ ଶାବକ ଶୁକ୍ରବାର ବିଳମ୍ବିତ ରାତିରେ ଆସି ପହଞ୍ଚିଛି। ବଲାଙ୍ଗୀର ବନଖଣ୍ଡ ଦେଓଗାଁ ବନାଞ୍ଚଳ ଅଧୀନ ଦେଓଗାଁ ଜଙ୍ଗଲ ଅଞ୍ଚଳରେ ହାତୀ ଶାବକ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଦେଓଗାଁ ସେକ୍ସନର ସାଲେପାଲି ପଞ୍ଚାୟତ ନିକଟ ଜଙ୍ଗଲରେ ପହଞ୍ଚି ବହୁ ଖୋଜାଖୋଜି ପରେ ହାତୀ ଛୁଆକୁ ଠାବ କରି ନଣ୍ଟେତକ ଦେଇ ଗୋଡ଼ିବାରି ଆଣିଥିଲେ। ଗୋଡ଼ିବାରିରେ ହାତୀଛୁଆ ପହଞ୍ଚିବା ପରେ ନନ୍ଦନକାନନର ଡାକ୍ତରଙ୍କ ସହ ଅନ୍ୟ ଡାକ୍ତରଙ୍କ ଦ୍ୱାରା ତା'ର ଚିକିତ୍ସା କରାଯାଇଥିବାବେଳେ ଛୁଆଟିର ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଅଧିକାରୀ ସଜାଗ ଥିବା ଜଣାପଡ଼ିଛି।

# 'ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'

କଟକ,୨୪।୮ (କାର୍ତ୍ତିକ ସାହୁ)

ଧର୍ମ ଜାଗରଣ ସମନ୍ୱୟ, କଟକ ମହାନଗର ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତି ସମାରୋହକୁ ଧର୍ମ ରକ୍ଷା ଦିବସ ଭାବେ ଶନିବାର ପାଳନ କରାଯାଇଛି। ଅନୁଷ୍ଠାନର ସଂଯୋଜକ ମନୋହର ମହନ୍ତଙ୍କ ଅଧ୍ୟକ୍ଷତାରେ କଟକ ସାରଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ନିଗମ କଳ୍ପତରୁ ଆଶ୍ରମ ପ୍ରମୁଖ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଯାଜପୁର ବରୁଣେଶ୍ୱର ଆଶ୍ରମର ପ୍ରମୁଖ ବ୍ରହ୍ମଚାରୀ ସଚ୍ଚିଦାନନ୍ଦ ଦାସ, ଛତିଆ ସିଦ୍ଧଗିରି ଆଶ୍ରମର ପ୍ରମୁଖ ବ୍ରହ୍ମଚାରୀ ବିଶ୍ୱନାଥ ଦାସ, ଭୁବନେଶ୍ୱର ଚନ୍ଦକା ଆଶ୍ରମ ପ୍ରମୁଖ ବାବାଜୀ ତ୍ରିଲୋକେଶ୍ୱର ଭାରତୀ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଅଖିଳ ଭାରତୀୟ ଧର୍ମ ଜାଗରଣ ସଂସ୍କୃତି ପ୍ରମୁଖ ରାଜେନ୍ଦ୍ର ପ୍ରସାଦଜୀ, ସମ୍ମାନିତ ଅତିଥି ଲକ୍ଷ୍ମୀକାନ୍ତ ନନ୍ଦ, ଅବସରପ୍ରାପ୍ତ ଆଇପିଏସ୍ ଡ. ଲଳିତ ଦାସ, ବିଶିଷ୍ଟ ଶିଳ୍ପପତି ପ୍ରଦୀପ ଅଗ୍ରୱାଲ, ପୂର୍ବ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ ଯୋଗଦେଇ ହିନ୍ଦୁ ଧର୍ମ, ସଂସ୍କୃତି, ଗୋରକ୍ଷା କ୍ଷେତ୍ରରେ ପ୍ରତ୍ୟେକେ ଅଗ୍ରସର ହେବାକୁ କହିଛନ୍ତି। ଏହି ଅବସରରେ ପ୍ରଫେସର ଡ. ସ୍ଥିତପ୍ରଜ୍ଞ ଲେଙ୍କାଙ୍କୁ ସେବା, ଦେବଜ୍ୟୋତି ଦତ୍ତଙ୍କୁ ସାମାଜିକ ସେବା ଏବଂ ସଞ୍ଜୟ କୁମାର ପରିଡ଼ାଙ୍କୁ ଧାର୍ମିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଧର୍ମ ଜାଗରଣ ପୂର୍ବ ଓଡ଼ିଶା ପ୍ରମୁଖ ଆଲୋକ କୁମାର ଖଟୁଆ, ପୂର୍ବ ପ୍ରାନ୍ତ ସହ ସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବ ପ୍ରାନ୍ତ ନିଧିପ୍ରମୁଖ ବିଜୟ ଅଗ୍ରୱାଲ, ଆଶିଷ ସାହୁ, ମିହିର ସାହୁ, ଆର୍. ରାମବାବୁ, ସଂଯୁକ୍ତା ପାତ୍ର, ସନ୍ତୋଷ କୁମାର ବ୍ରହ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ଫଳ ଚାରା ବଣ୍ଟନ କରାଯାଇଥିଲା।



ସାରଳା ଭବନରେ ଅନୁଷ୍ଠିତ ଧର୍ମ ରକ୍ଷା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଧାନତଳି ରୋଇ ଅଭିନବ ପ୍ରତିବାଦ କଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି,୨୪।୮(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର (ଧଳପଡା) ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ପାଣି ଜମି ରହୁଛି। ଏହାକୁ ମରାମତି କରିବା ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରି ଶନିବାର ଗ୍ରାମବାସୀ ରାସ୍ତାରେ ଧାନ ତଳିରୋପଣ କରି ପ୍ରତିବାଦ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବଡକ୍ଷୀର ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଗ୍ରାମ ରାସ୍ତା ଦୀର୍ଘ ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ରହିଛି। ଏହାକୁ ମରାମତ କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ଠିକ୍ ଭାବେ ଜଳ ନିଷ୍କାସନ ନ ହେବା କାରଣରୁ ଗ୍ରାମ ରାସ୍ତା ଏକ ପ୍ରକାର କୃତ୍ରିମ ହ୍ରଦରେ ପରିଣତ ହୋଇଯାଉଛି। ସ୍କୁଲ, କଲେଜ ଛାତ୍ରୀଛାତ୍ର ଅଙ୍ଗନୱାଡିର କୋମଳମତି ଶିଶୁମାନେ ଆଣ୍ଠୁଏ ଲେଖାଏ ପାଣିରେ ପଶି ଦୟନୀୟ ଭାବେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ପାଣି ଜମି ରହିବା ଯୋଗୁ ମଶାମାଛି ସେଠାରେ ବଂଶବିସ୍ତାର କରୁଥିବାବେଳେ ନଳକୂପ ଓ କୂଅ ପାଣି ଦୂଷିତ ହୋଇ ଯାଉଛି। ରାସ୍ତାରେ ସରୀସୃପ ବୁଲୁଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏସବୁ ଅସୁବିଧା ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଧାନ ତଳି ରୋଇ ନୀରବ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ଏହି ରାସ୍ତା ନିର୍ମାଣ କରା ନ ଗଲେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା କୁହନ୍ତି, ଏଭଳି ଘଟଣା ସମ୍ପର୍କରେ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ରାସ୍ତା ଖରାପ ଥିଲେ ପଞ୍ଚାୟତ ମାଧ୍ୟମରେ ପ୍ରକଳ୍ପ ସ୍ଥିର କରି ବ୍ୟୟବରାଦ କରାଯିବ ଓ ରାସ୍ତାର ଉନ୍ନତିକରଣ କରାଯିବ।

**ମରଣଯନ୍ତା ପାଲଟିଛି ଗ୍ରାମ ରାସ୍ତା**

କାମୁଡ଼ିଦେଲା ନାଗ

# ଅବହେଳାରୁ ଶିଶୁର ଜୀବନ ଗଲା

ଭୁବନେଶ୍ୱର, (ଅସମାପିକା ସାହୁ)/ ଖଲ୍ଲିକୋଟ,୨୪।୮(ପ୍ରଶାନ୍ତ କୁମାର ମିଶ୍ର)

ଡାକ୍ତରଙ୍କ ଅବହେଳା ପାଇଁ ସାପକାମୁଡ଼ିଥିବା ଜଣେ ଶିଶୁର ଜୀବନ ଯାଇଛି। ସାପ କାମୁଡ଼ା ରୋଗୀ ଡାକ୍ତରଖାନାରେ ପହଞ୍ଚିବା ମାତ୍ରେ ବା ଅନ୍ୟତ୍ର ରେଫର କରିବା ପୂର୍ବରୁ ପ୍ରୋଟୋକଲ ଅନୁଯାୟୀ ପ୍ରଥମ ଡୋଜ୍ ଅର୍ଥାତ ୧୦ ଭାଏଲ ଆଣ୍ଟିଭେନମ୍ ଇଞ୍ଜେକ୍ସନ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ରହିଛି। ହେଲେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ତାହା କରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶିଶୁଟି ପହଞ୍ଚିବା ପୂର୍ବରୁ ବାଟରେ ତା'ର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା କଣ୍ଡରାପଡା ସାହିର ଲକ୍ଷ୍ମୀକାନ୍ତ ବେହେରାଙ୍କ ପୁଅ ପ୍ରବୀଣ ବେହେରା (୫)। ସେ ପରିବାର ସହ ଖୋର୍ଦ୍ଧା ଜିଲା ବଡକୁଳ ବେହେରା ସାହିସ୍ଥିତ ମାମୁ ଘରକୁ ଆସିଥିଲେ। ଶୁକ୍ରବାର ଅପରାହ୍ନରେ ସାନ ଭାଇ ଓ ମା'ଙ୍କ ସହ ଶୋଇଥିବାବେଳେ ପ୍ରବୀଣଙ୍କୁ ସାପ କାମୁଡିଥିଲା। ସେ ଜୋର୍‌ରେ କାନ୍ଦିବାରୁ ମା' ଯାଗେଶ୍ୱରୀ ଘରେ ଖୋଜାଖୋଜି କରିବା ସମୟରେ ଏକ ସାପ ଦେଖିବାକୁ ପାଇଥିଲେ। ପ୍ରବୀଣ ମୁଣ୍ଡରେ ଦୁଇଟି ସ୍ଥାନରୁ ରକ୍ତ ବାହାରୁଥିବା ଦେଖି ସାପ କାମୁଡ଼ିଥିବା ସ୍ପଷ୍ଟ ହୋଇଥିଲା। ସ୍ନେକ ହେଲ୍ପଲାଇନ୍ ସଦସ୍ୟ ସ୍ନେହାଲୋକ ମିଶ୍ର ପହଞ୍ଚି ଉକ୍ତ ନାଗସାପକୁ ଉଦ୍ଧାର କରିଥିବାବେଳେ ପ୍ରବୀଣଙ୍କୁ ସଙ୍ଗେ ସଙ୍ଗେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ବାପା ଲକ୍ଷ୍ମୀକାନ୍ତଙ୍କ ଅଭିଯୋଗ ଅନୁସାରେ, ଡାକ୍ତରଖାନାରେ ପୁଅକୁ ସାପ କାମୁଡ଼ିଥିବା କଥା ଯେତେ କହିଲେ ମଧ୍ୟ ଡାକ୍ତର ଗୁରୁତ୍ୱ ଦେଇ ନ ଥିଲେ। ଆଣ୍ଟିଭେନମ୍ ଇଞ୍ଜେକ୍ସନ ଦେଇ ନ ଥିଲେ କି କୌଣସି ଚିକିତ୍ସା କରି ନ ଥିଲେ। ପ୍ରବୀଣର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତରବରିଆ ଭାବେ ଏକ ପ୍ରେସ୍‌କ୍ରିପ୍‌ଶନ ଲେଖି ଭୁବନେଶ୍ୱର ରେଫର କରିଦେଲେ। ଏପରିକି ରେଫର କଲାବେଳେ ଆଣ୍ଟିଭେନମ୍ ଦେଲେ ନାହିଁ। ସେଠାରୁ ଆମ୍ବୁଲାନ୍ସରେ ଭୁବନେଶ୍ୱର ଆସିବାବେଳେ ୧୫ କିମି ପରେ ସିଲିଣ୍ଡରରୁ ଅମ୍ଳଜାନ ସରିଯାଇଥିଲା। ଫଳରେ ଆମ୍ବୁଲାନ୍ସକୁ ପୁଣି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ନିଆଯାଇଥିଲା। ଅନ୍ୟ ଏକ ଆମ୍ବୁଲାନ୍ସ ଆସିବା ପରେ ସେଥିରେ ପ୍ରବୀଣକୁ ଭୁବନେଶ୍ୱର ଅଣାଯାଇଥିଲା। ଫଳରେ ଚିକିତ୍ସା ମିଳିବାରେ ବହୁ ବିଳମ୍ବ ହୋଇଯାଇଥିଲା। ବାଟରେ ପ୍ରବୀଣର ମୃତ୍ୟୁ ହୋଇଥିବା ନେଇ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଘୋଷଣା କରିଥିଲେ। ଶୁକ୍ରବାର ରାତି ହୋଇଯାଇଥିବାରୁ ଶନିବାର ସକାଳେ କ୍ୟାପିଟାଲ ହସ୍ପିଟାଲ ଫରେନସିକ ବିଶେଷଜ୍ଞ ଡା. ଲକ୍ଷ୍ମୀକାନ୍ତ ବେହେରା ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ବାଲୁଗାଁ ଡାକ୍ତରଙ୍କ ଅବହେଳା ଓ ଆଣ୍ଟିଭେନମ ନ ଦେଇ କ୍ୟାପିଟାଲ ହସ୍ପିଟାଲକୁ ରେଫର କରିବା ଦ୍ୱାରା ମୋ ପୁଅର ଜୀବନ ଚାଲିଗଲା ବୋଲି ପ୍ରବୀଣର ବାପା ଲକ୍ଷ୍ମୀକାନ୍ତ କାନ୍ଦି କାନ୍ଦି କହିଛନ୍ତି।

## ଦେଲେନି ଆଣ୍ଟିଭେନମ୍, ବାଟରେ ସରିଗଲା ଅମ୍ଳଜାନ

ଏ ନେଇ ଏମ୍‌ସ ଭୁବନେଶ୍ୱରର ଫରେନସିକ ମେଡିସିନ ବିଭାଗର ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ କହିଛନ୍ତି, ପ୍ରେସ୍‌କ୍ରିପଶନ ଦେଖିଲେ ସେଥିରେ ସାପକାମୁଡ଼ା ପାଇଁ ରହିଥିବା ଜାତୀୟ ଗାଇଡ୍‌ଲାଇନ୍ ପାଳନ ହୋଇ ନ ଥିବା ଜଣାପଡୁଛି। ନାଗସାପ ମୁଣ୍ଡକୁ କାମୁଡ଼ିବା ଜାଣିବା ପରେ ଡାକ୍ତର ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା କରିବା ଆବଶ୍ୟକ ଥିଲା। କିନ୍ତୁ ପ୍ରେସ୍‌କ୍ରିପଶନରେ ଆଣ୍ଟିଭେନମ୍ ଦିଆଯାଇଥିବା ନେଇ ଉଲ୍ଲେଖ ନାହିଁ, ଯାହା ଆଶ୍ଚର୍ଯ୍ୟ ଲାଗୁଛି। ଡାକ୍ତରଖାନାରେ ଆଣ୍ଟିଭେନମ ଥାଇ ଯଦି ଦିଆଯାଇ ନ ଥିବ, ତାହା ଗୁରୁତର ବିଷୟ ବୋଲି ଡା. ସିଂହ କହିଛନ୍ତି। ଏ ନେଇ ସ୍ନେକ ହେଲ୍ପଲାଇନର ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମୁଣ୍ଡକୁ ନାଗସାପ କାମୁଡ଼ିବା ପରେ ଡାକ୍ତର ଆଣ୍ଟିଭେନମ ନ ଦେଇ ରେଫର କରିବା ଅର୍ଥ କର୍ତ୍ତବ୍ୟରେ ଗୁରୁତର ଅବହେଳା। ସରକାର ମାଗଣାରେ ଆଣ୍ଟିଭେନମ ଯୋଗାଇ ଦେଉଥିବାବେଳେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୪।୮।୨୦୨୪

| | |
|---|---|
| ୩,୪୫,୯୦୮ ଟଙ୍କା | |
| ସୁନା | ୦୩.୦୯୦ ଗ୍ରାମ୍ |
| ରୁପା | ୭୦.୫୦୦ ଗ୍ରାମ୍ |

## ସେପ୍ଟେମ୍ବରରୁ ୧୦୦ଦିନିଆ ନାଟ୍ୟ କର୍ମଶାଳା

ଭୁବନେଶ୍ୱର,୨୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍ତରପୁରୁଷ ନାଟ୍ୟସଂସ୍ଥା ପକ୍ଷରୁ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି ନାଟକ କର୍ମଶାଳା। ଏହା ଶହେ ଦିନଧରି ଚାଲିବ। କର୍ମଶାଳାରେ ୨୦ ଦିନ ପାଠ୍ୟକ୍ରମ ଓ ୮୦ ଦିନ ନାଟ୍ୟାଭ୍ୟାସ ଉପରେ ଗୁରୁତ୍ୱ ଦିଆଯିବ। ନବପ୍ରଶିକ୍ଷାର୍ଥୀଙ୍କୁ ସଂସ୍ଥାର ଆଗାମୀ ନାଟ୍ୟ ଉତ୍ସବରେ ଅଭିନୟ କରିବାର ସୁଯୋଗ ଦିଆଯାଇ ମଞ୍ଚପ୍ରବେଶ କରାଯିବ। ଆୟୋଜିତ କର୍ମଶାଳାରେ ବିଶିଷ୍ଟ ନାଟ୍ୟବିତ ଚୌଧୁରୀ ଜୟପ୍ରକାଶ ଦାସ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରିବେ। ଏଥିସହିତ ବହୁ ନାଟ୍ୟବିତ୍ କର୍ମଶାଳାରେ ଯୋଗଦେଇ ନାଟକର ବିଭିନ୍ନ ବିଭାଗ ଉପରେ ଶିକ୍ଷାଦାନ କରିବେ ବୋଲି ଉତ୍ତରପୁରୁଷର ସମ୍ପାଦକ ଦେବଦତ୍ତ ପତି ନିବେଦନ କରିଛନ୍ତି।



ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ କଲ୍‌ଚରାଲ ହେରିଟେଜ ଫାଉଣ୍ଡେଶନ ପକ୍ଷରୁ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହଙ୍କ ୮୦ତମ ଜୟନ୍ତୀ ଅବସରରେ ଆୟୋଜିତ 'ତୁମରି ସ୍ମୃତିରେ' କାର୍ଯ୍ୟକ୍ରମରେ ମୁମ୍ବାଇରୁ ଆସିଥିବା ପବିତ୍ରା କ୍ରିଷ୍ଣା ଭଟ୍ଟ ଓ ସୁଶ୍ରୀ ସାକ୍ଷୀ ପାଇ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

## 'ତୁମରି ସ୍ମୃତିରେ' ସଂଯୁକ୍ତା ପାଣିଗ୍ରାହୀ

ଭୁବନେଶ୍ୱର,୨୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ କଲ୍‌ଚରାଲ ହେରିଟେଜ ଫାଉଣ୍ଡେଶନ ପକ୍ଷରୁ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହଙ୍କ ୮୦ତମ ଜୟନ୍ତୀ ଅବସରରେ 'ତୁମରି ସ୍ମୃତିରେ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଶୋକ ତ୍ରିପାଠୀ, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ବଟକୃଷ୍ଣ ତ୍ରିପାଠୀ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ସଂଯୁକ୍ତା ପାଣିଗ୍ରାହୀଙ୍କ ପୁତ୍ର ବାବୁ ପାଣିଗ୍ରାହୀ ଓ ଫାଉଣ୍ଡେଶନ ସଭାପତି ଜଗଦୀଶ ମର୍ଦ୍ଦରାଜ ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମ ପରିବେଷଣରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଓଡ଼ିଶୀ ନୃତ୍ୟାଭିନୟ ଦେଖିବାକୁ ମିଳିଥିଲା। ଶବରୀ, ରାମାୟଣ ବିଷୟବସ୍ତୁ ଉପରେ ଆଧାରିତ ଥିଲା ତାଙ୍କ ପ୍ରଦର୍ଶନ। ପରେ ନୃତ୍ୟାନୁଷ୍ଠାନ ସୃଜନର ଶିଳ୍ପୀମାନେ ନୃତ୍ୟାଭିନୟ 'ବିଶ୍ୱାସ' ପରିବେଷଣ କରିଥିଲେ। ପରେ ମୁମ୍ବାଇରୁ ଆସିଥିବା ପବିତ୍ରା କ୍ରିଷ୍ଣା ଭଟ୍ଟ ଓ ସୁଶ୍ରୀ ସାକ୍ଷୀ ପାଇଙ୍କ ଭାରତନାଟ୍ୟମ୍ ବେଶ୍ ଆକର୍ଷଣୀୟ ଥିଲା। ମଧୁମିତା ମହାନ୍ତି କାର୍ଯ୍ୟକ୍ରମର ଉଦ୍‌ଘୋଷିକା ଥିଲେ।

## ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ସେଣ୍ଟରରେ ଏଲ୍‌ଟି ଟେକ୍ନିସିଆନ୍, ସପୋର୍ଟ ଷ୍ଟାଫ୍ ଉଚ୍ଛେଦ ହେବେ

ଭୁବନେଶ୍ୱର, ୨୪।୮ (ବନ୍ଦନା ସେଠୀ)

ରାଜ୍ୟରେ ଥିବା ସମସ୍ତ ଅର୍ବାନ ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ସେଣ୍ଟରଗୁଡ଼ିରେ ଥିବା ଏଲ୍‌ଟି (ଲାବରେଟୋରି) ଟେକ୍ନିସିଆନ୍ ଓ ସପୋର୍ଟ ଷ୍ଟାଫ୍ ଉଚ୍ଛେଦ ହେବେ। ସେମାନଙ୍କ ବଦଳରେ ନର୍ସିଂ ଅଫିସର ଏବଂ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତ କରାଯିବ। ସେମାନେ କିଟ୍ ସାହାଯ୍ୟରେ ପରୀକ୍ଷଣ କରିବେ। ନିଯୁକ୍ତି ପୂର୍ବରୁ ସେମାନଙ୍କୁ ଆବଶ୍ୟକ ଟ୍ରେନିଂ ଦିଆଯିବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ଜାରି କରାଯାଇଛି। ଫଳରେ ରକ୍ତ ଓ ଅନ୍ୟ ଲାବରେଟୋରି ପରୀକ୍ଷଣରେ ସମସ୍ୟା ଉପୁଜିବା ନେଇ ଆଶଙ୍କା ପ୍ରକାଶ ପାଇଛି। ହାତପାଆନ୍ତାରେ ମିଳୁଥିବା ଲାବରେଟୋରି ସୁବିଧା ପାଇବାରୁ ଅନେକେ ବଞ୍ଚିତ ହେବେ। ପୂର୍ବରୁ ଲାବରେଟୋରିରେ ମାଇକ୍ରୋସ୍କୋପ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ସାହାଯ୍ୟରେ ପ୍ରାୟ ୪୫ ପ୍ରକାରର ଟେଷ୍ଟ ହେଉଥିବାବେଳେ ଏବେ କିଟ୍‌ରେ ମାତ୍ର ୧୪/୧୫ ପ୍ରକାର କରାଯିବ। ଭୁବନେଶ୍ୱରରେ ମୋଟ୍ ୧୮ଟି ଅର୍ବାନ ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟର ରହିଥିବାବେଳେ ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆଉ ପୂର୍ବଭଳି ସୁବିଧା ମିଳିବ ନାହିଁ ବୋଲି କୁହାଯାଉଛି।

### ସ୍ୱାସ୍ଥ୍ୟ ପରୀକ୍ଷାରେ ସମସ୍ୟା ଉପୁଜିବା ଆଶଙ୍କା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗାୟତ୍ରୀ



@ ପ୍ରହ୍ଲାଦ



@ ଆଶିଷ



@ ରାମକ୍ରିଷ୍ଣା



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନ

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

### ପୁରୀ ରାଜଭବନରେ ଏଏସ୍‌ଓଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ

ପୁରୀ ରାଜଭବନରେ ଓଡ଼ିଆ ସୈନିକ ତଥା ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଶନିବାର ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ନାନା ସ୍ଲୋଗାନ ମାଧ୍ୟମରେ ନ୍ୟାୟ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଓ ଝାଡ଼ଖଣ୍ଡର ୫ ଜଣବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ତଦନ୍ତ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଆନ୍ଦୋଳନକାରୀମାନେ ନୟାଗଡ଼ରେ ସୈନିକ ଅନିରୁଦ୍ଧ ନାୟକଙ୍କ ହତ୍ୟା ମାମଲା, ଛତ୍ରପୁରର ସୈନିକ ଡି. ଜିଲେଶ୍ୱର ରାଓଙ୍କ ହତ୍ୟା, ବାଲେଶ୍ୱରର ମହେଶ୍ୱର ବେହେରାଙ୍କୁ ଥାନାରେ ଅଟକ ରଖାଯିବା ଘଟଣାର ଘୋର୍ ନିନ୍ଦା କରିଥିଲେ। ତୁରନ୍ତ ସମସ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ସଭାପତି ମହେଶ୍ୱର ବେହେରା, ଉପଦେଷ୍ଟା ଦିଲୀପ ମହାପାତ୍ର, ସମ୍ପାଦକ ଉମେଶ କୁମାର ଚଇନି, ରାଜ୍ୟ ସଂଯୋଜକ ରଞ୍ଜନ କର, ଭୁବନେଶ୍ୱର ସଂଯୋଜକ ଦିବାକର ବେହେରା, ଖୋର୍ଦ୍ଧା ଆସୋସିଏଶନର ସେକ୍ରେଟାରୀ ରତ୍ନାକର ଗୁମାନସିଂଙ୍କ ସମେତ ଅନ୍ୟମାନେ ଦାବି କରିଥିଲେ।




ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। (ଫଟୋ–ମନୋରଞ୍ଜନ ମିଶ୍ର)

## ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର




ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମ ସମୟରେ ନବରଙ୍ଗପୁର ପାପଡ଼ାହାଣ୍ଡିର ତୁରୀ ନଦୀଠାରେ ବ୍ରିଟିଶ ପୋଲିସଙ୍କ ବର୍ବରୋଚିତ ଗୁଳିକାଣ୍ଡ ଯୋଗୁ ପ୍ରାୟ ୧୯ଜଣ ସଂଗ୍ରାମୀ ନଦୀକୁ ଡେଇଁ ପ୍ରାଣ ହରାଇଥିବାବେଳେ ଅନେକେ କାରାଦଣ୍ଡ ଭୋଗୁଥିବା ସମୟରେ ମୃତ୍ୟୁବରଣ କରିଥିଲେ। ତେଣୁ ଏହାକୁ ରକ୍ତତୀର୍ଥ ପାପଡ଼ାହାଣ୍ଡି ବୋଲି କୁହାଯାଏ। ଏହି ସବୁ ବଳିଦାନ କାହାଣୀ ଆଜିର ସମୟରେ ଲୋକଲୋଚନରୁ ଦୂରେଇ ଯାଉଛି। ଏଭଳି ସବୁ ଇତିହାସର ମହାନ ଗାଥାକୁ ଆଜିର ଯୁବପିଢ଼ି ଜାଣିବା ଆବଶ୍ୟକ। ଏହା ସେମାନଙ୍କୁ ଆମ ପୂର୍ବପୁରୁଷଙ୍କ ସଂଘର୍ଷ, ତ୍ୟାଗ ଓ ଦୃଢ଼ ମନୋଭାବ ବିଷୟରେ ଅବଗତ କରିବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ ପକ୍ଷରୁ ଶନିବାର ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର । ଭାରତଛାଡ଼ ଆନ୍ଦୋଳନର ସ୍ୱର ପାପଡ଼ାହାଣ୍ଡିରେ ତୀବ୍ର ଭାବେ ଗୁଞ୍ଜରିତ ହୋଇଥିଲା।

### ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରବିନ୍ଦ ଢାଲି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗଦେଇଥିଲେ। ବିଶିଷ୍ଟ ବକ୍ତା ତଥା ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହ୍ଲାଦ ସିଂ ପାପଡ଼ାହାଣ୍ଡିର ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଦେଶୀୟ, ଜାତୀୟ ଓ ଜଙ୍ଗଲରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା ବୋଲି ସେ ଉଲ୍ଲେଖ କରିଥିଲେ । ସାହିତ୍ୟିକ କୃଷ୍ଣ ନାୟକ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ସ୍ୱାଧୀନତା ସଂଗ୍ରାମୀଙ୍କ ଆତ୍ମୋତ୍ସର୍ଗ ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ ବୋଲି ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶବରୀ ସାଂସ୍କୃତିକ ସଂସଦ ଉପସଭାପତି ଡ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଓଏସ୍‌ଆର୍‌ଟିସି ସିଏଓ ବିଜୟ ମଙ୍ଗରାଜ ଗିରଫ

ଭୁବନେଶ୍ୱର,୨୪।୮
(ସୂର୍ଯ୍ୟକାନ୍ତ ବେହେରା)



**ଆୟଠାରୁ ୧୬୨% ଅଧିକ ସମ୍ପତ୍ତି ହାତେଇଥିଲେ**

ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ସମ୍ପତ୍ତି ଠୁଳ କରିଥିବା ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ଉପଦେଷ୍ଟା ତଥା ଚିଫ୍ ଆକାଉଣ୍ଟ ଅଫିସର (ସିଏଓ) ବିଜୟ କୁମାର ମଙ୍ଗରାଜଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ଆୟଠାରୁ ୧୬୨ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିବାର ପ୍ରମାଣ ମିଳିବା ପରେ ତାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ. ୧୮/୨୪ ରୁଜୁ କରାଯାଇ ଗିରଫ ସିଏଓ ବିଜୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏକାଧିକ ଟିମ୍ ଭୁବନେଶ୍ୱର ସମେତ ମୟୂରଭଞ୍ଜ ଜିଲାର ବାରିପଦା, କେନ୍ଦୁଝରର ଘସିପୁରାସ୍ଥିତ ଶ୍ୱଶୁର ଘର ସମେତ ୭ ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। ଭୁବନେଶ୍ୱର ନନ୍ଦନବିହାରସ୍ଥିତ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ପଳାଶୁଣିରେ ଥିବା ଦୁଇଟି ଦୁଇମହଲା କୋଠା, ମଞ୍ଚେଶ୍ୱର ଓ ପାଣ୍ଡରାରେ ୨ଟି ପ୍ଲଟ୍ ଠାବ ହୋଇଥିଲା। ସେହିଭଳି ସେ ରହୁଥିବା ନନ୍ଦନବିହାର ଫ୍ଲାଟ୍‌ରୁ ୫୦୦ ଗ୍ରାମ ସୁନା ଅଳଙ୍କାର, ବ୍ୟାଙ୍କ ଜମା ରାଶି ୧ କୋଟି ୪୭ ଲକ୍ଷ ୩୮ ହଜାର ୯୨୫ ଟଙ୍କା, ଦୁଇଟି ଚାରି ଚକିଆ ଯାନ, ୧୭.୭୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମିଳିଥିଲା। ଏଥିସହ କେରଳର ଏର୍ନାକୁଲାମରେ ତାଙ୍କର ୨ ମହଲା ବିଶିଷ୍ଟ କୋଠା ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଓ ସମ୍ପତ୍ତିର ପରିମାଣ ହିସାବ କରାଯାଇଥିଲା। ତେବେ ଠୁଳ ଆୟ ବହିର୍ଭୂତ ସମ୍ପତ୍ତି ସଂକ୍ରାନ୍ତରେ ବିଜୟ ସନ୍ତୋଷଜନକ ଉତ୍ତର ଓ ପ୍ରମାଣ ଦେଇପାରି ନ ଥିଲେ।

# ଭଡ଼ାଘରୁ ମିଳିଲା କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

ବାସୁଦେବପୁର, ୨୪।୮
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ବଜାରର ବ୍ଲକରୋଡ୍‌ରେ ଥିବା ଏକ ଭଡ଼ାଘରୁ ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଶନିବାର ପୂର୍ବାହ୍ନରେ ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ବାସୁଦେବପୁର ଥାନା ଅଧୀନ ପଦ୍ମପୁର ପଞ୍ଚାୟତ ସନାନ୍ଦପୁର ଗ୍ରାମର ଅନସୂୟା ମଲିକ(୧୮)। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା। ଛାତ୍ରୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଅନସୂୟା ବାସୁଦେବପୁରସ୍ଥିତ ତୃପ୍ତି ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଗତ କିଛିଦିନ ଧରି ଉକ୍ତ ଭଡ଼ାଘରେ ଅନସୂୟା ଯୁକ୍ତ ୩ ରେ ପଢୁଥିବା ତାଙ୍କ ବଡ଼ଭଉଣୀ ପୂଜାରାଣୀଙ୍କ ସହ ରହିଆସୁଥିଲେ। ଭଉଣୀ କଲେଜ ଯାଇଥିବା ସମୟରେ ଅନସୂୟା ଭଡ଼ାଘରେ ଫ୍ୟାନ୍‌ରେ ରଶି ଲଗାଇ ଝୁଲୁଥିବା ଉକ୍ତ ଘରେ ଭଡ଼ାରେ ରହୁଥିବା ଅନ୍ୟ ଜଣେ ମହିଳା ଓ ଘର ମାଲିକଙ୍କ ସାନବୋହୂ ଦେଖିବାକୁ ପାଇଥିଲେ। ଏହାପରେ ବାସୁଦେବପୁର ପୋଲିସ ଓ ମୃତ ଅନସୂୟାଙ୍କ ବଡ଼ଭଉଣୀ ସମେତ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା।

# ଡକାୟତି ଯୋଜନା ବେଳେ ଧରାପଡ଼ିଲା ୬ ଜଣିଆ ଗ୍ୟାଙ୍ଗ୍





ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

ବାଲେଶ୍ୱର, ୨୪।୮
(ବାଞ୍ଛାନିଧି ଦେ)

- ୨ ଅଫୁଟା ବୋମା, ମାରଣାସ୍ତ୍ର ଜବତ
- ପରିତ୍ୟକ୍ତ ଘରୁ ମିଳିଲା ୧୭ ଚୋରି ବାଇକ୍

ବାଲେଶ୍ୱର ଟାଉନ ଥାନା ଅଧୀନ ବାଲିଘାଟଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ୬ଜଣିଆ ଗ୍ୟାଙ୍ଗକୁ ପୋଲିସ କାବୁ କରିଛି। ସେମାନଙ୍କ ମଧ୍ୟରେ ୩ଜଣ ନାବାଳକ ଅଛନ୍ତି। ସେମାନଙ୍କଠାରୁ ୨ ଅଫୁଟା ବୋମା, ୨ ଧାରୁଆ ଖଣ୍ଡା, ମୋବାଇଲ ଓ ୧୭ ଚୋରି ବାଇକ ଜବତ ହୋଇଥିବା ଶନିବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ସିଟି ଡିଏସପି ଶୁଭ୍ରାଂଶୁ ଶେଖର ନାୟକ ଓ ଆଇଆଇସି ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ।

ଏହି ଗ୍ୟାଙ୍ଗ ଡକାୟତି ଯୋଜନା କରୁଥିବା ନେଇ ଟାଉନ ଥାନା ପୋଲିସ ଖବର ପାଇଥିଲା। ଆଇଆଇସି ଅଶୋକ କୁମାର ନାୟକ ସଦଳବଳେ ଚଢ଼ାଉ କରି ୬ଜଣିଆ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଧୀନ ପାତ୍ରପଡ଼ା ଅଞ୍ଚଳର। ପାତ୍ରପଡ଼ା ଅଞ୍ଚଳ ଆଲୁଆ ନିକଟରେ ଥିବା ଏକ ପରିତ୍ୟକ୍ତ ଘରୁ ଚୋରି ବାଇକ୍‌ଗୁଡିକ ମିଳିଥିଲା। ମାର୍କେଟ, କୋର୍ଟ ପରିସର ଏବଂ ବିଭିନ୍ନ ସର୍ବସାଧାରଣ ସ୍ଥାନରୁ ଅଭିଯୁକ୍ତମାନେ ବିଭିନ୍ନ ବାଇକ୍ ଚୋରିକରି ଅଳ୍ପ ଟଙ୍କାରେ ମଦ ବ୍ୟବସାୟୀ ଓ କାଠମାଫିଆଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଚୋରି, ଡକାୟତି ଆଦି ଆପରାଧିକ ମାମଲା ରହିଥିବା ବେଳେ କୁଲେକ୍‌ଠାରେ ଘଟିଥିବା ଦୁଇ ନାବାଳକଙ୍କ ହତ୍ୟା ମାମଲାରେ ସମ୍ପୃକ୍ତି ଥିଲା ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଥାନାରେ ୩୧୦(୪), ୩୧୦(୫), ୩୧୭(୩) ଧାରାରେ ଆର୍ମସ ଆକ୍ଟ ଓ ଇଣ୍ଡିଆନ ଏକ୍ସପ୍ଲୋସିଭ ଆକ୍ଟରେ ଏକ ମାମଲା (ନଂ. ୩୦୧/୨୪) ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଯାଞ୍ଚ କରାଯାଇ ଚୋରି ବାଇକ୍‌ର ମାଲିକଙ୍କୁ ବାଇକ୍ ଫେରାଇ ଦିଆଯିବ ବୋଲି ଏସ୍‌ପି ନାଥ କହିଛନ୍ତି।

# ବିଏମ୍‌ସି ପୂର୍ବତନ ଇଞ୍ଜିନିୟରଙ୍କ ୫.୮୬ କୋଟିର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୮
(ସୂର୍ଯ୍ୟକାନ୍ତ ବେହେରା)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜବତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ପୂର୍ବତନ ଇଞ୍ଜିନିୟର ସୁବାସ ଚନ୍ଦ୍ର ମିଶ୍ରଙ୍କ ୫.୮୬ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପତ୍ତି ମଧ୍ୟରେ ରହିଛି ଦୁଇ ମହଲା ବିଶିଷ୍ଟ ଗୋଟିଏ କୋଠା, ଏକ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର ରାଜାରାଣୀ ମନ୍ଦିର ପାଖ ଭୀମପୁର ଅଞ୍ଚଳରେ ଥିବା ୩ ପ୍ଲଟ, ବ୍ୟାଙ୍କ ଓ ବୀମା ଜମା, ଶେୟାର ବିନିଯୋଗ ଏବଂ ୨.୫ କେଜିରୁ ଅଧିକ ସୁନା ଅଳଙ୍କାର। ଭିଜିଲାନ୍ସ ପକ୍ଷରୁ ମିଶ୍ରଙ୍କ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ଦାଖଲ ହୋଇଥିବା ଚାର୍ଜଶିଟ୍‌କୁ ଆଧାର କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଆଶାପୂର୍ଣ୍ଣା ମହାପାତ୍ର ଶନିବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ସୁବାସଙ୍କ ସମ୍ପତ୍ତି ଖୁବ୍‌ଶୀଘ୍ର ଜବତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୁବାସଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୪ରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇ ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ ହୋଇଥିଲା। ଭିଜିଲାନ୍ସ ସେଲ୍‌ର ତତ୍କାଳୀନ ଡିଏସ୍‌ପି ତ୍ରିନାଥ ପଟେଲ ଏହି ମାମଲାର ତଦନ୍ତ ଭାର ନେଇଥିଲେ। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ପ୍ରଥମେ ୨୦୧୨ରେ ସୁବାସଙ୍କ ବିରୋଧରେ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ପରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ୨୦୧୫ରେ କୋର୍ଟରେ ଆଉ ଏକ ରିପୋର୍ଟ ଫାଇଲ ହୋଇଥିଲା। ଭିଜିଲାନ୍ସର ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରୁଥିଲେ। ଅନ୍ୟପଟେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଓଡିଶା ଭିଜିଲାନ୍ସ ପକ୍ଷରୁ ହୋଇଥିବା ମାମଲାର ଦଣ୍ଡାଦେଶ ହାର ୬୫-୭୫ ପ୍ରତିଶତ ରହିଛି, ଯାହା ଦେଶର ସମସ୍ତ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଂସ୍ଥା ମଧ୍ୟରେ ସର୍ବୋତ୍ତମ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍‌ସରେ ରୋଗୀଙ୍କୁ ଠକୁଥିବା ୫ ଦଲାଲ ଗିରଫ



ଗିରଫ ୫ ଅଭିଯୁକ୍ତ।

ଭୁବନେଶ୍ୱର,୨୪।୮
(ସୂର୍ଯ୍ୟକାନ୍ତ ବେହେରା)

**ଟିକେଟ, ଆଡ୍‌ମିଶନ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ କହି ୫ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ**

ଖଣ୍ଡଗିରି ପୋଲିସ ଭୁବନେଶ୍ୱର ଏମ୍‌ସରୁ ୫ଜଣ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ପ୍ରଦୀପ୍ତ କୁମାର ଗୌଡ, ପ୍ରକାଶ ନାୟକ, ସିଦ୍ଧେଶ୍ୱର ବେହେରା, ମନିସ ପଟ୍ଟନାୟକ ଓ ବିକ୍ରମ କେଶରୀ ମଲ୍ଲିକ। ଅଭିଯୁକ୍ତଙ୍କଠାରୁ ପୋଲିସ ୪ଟି ମୋବାଇଲ, ୫୦୦ ଟଙ୍କା, ରୋଗୀଙ୍କଠାରୁ ନେଇଥିବା ୭ ଆଧାରକାର୍ଡ ଆଦି ସାମଗ୍ରୀ ଜବତ କରିଛି। ସେମାନେ ନିଜକୁ ଏମ୍‌ସର କର୍ମଚାରୀର ପରିଚୟ ଦେଇ ଟିକେଟ, ଆଡ୍‌ମିଶନ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ କହି ରୋଗୀ ଓ ସମ୍ପର୍କୀୟଙ୍କଠାରୁ ଟଙ୍କା ଠକି ନେଉଥିଲେ। ବିଶେଷକରି ପଶ୍ଚିମବଙ୍ଗରୁ ଆସୁଥିବା ରୋଗୀମାନଙ୍କୁ ଟାର୍ଗେଟ କରି ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଏକ ହଜାର ଟଙ୍କାଠାରୁ ଆରମ୍ଭ କରି ୫ ହଜାର ପର୍ଯ୍ୟନ୍ତ ନେଇଥିବା ଜଣାପଡିଛି। ଏହାସହ ଅଭିଯୁକ୍ତମାନେ ବିଭିନ୍ନ ନର୍ସିଂ ହୋମ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଭଳି ସଂସ୍ଥାଠାରୁ ଅର୍ଥ ଆଣି ରୋଗୀମାନଙ୍କୁ ସେଠାକୁ ଯିବାକୁ ପ୍ରବର୍ତ୍ତାଇ ଥାଆନ୍ତି ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସେହିପରି ଫ୍ରିରେ ଆଭା ଆପ୍‌ରେ ଟିକେଟ ହେଉଥିଲେ ଅଭିଯୁକ୍ତମାନେ ନାନା ମିଛ କଥା କହି ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଲୁଟି ନେଇଥାନ୍ତି। ତେବେ ଏନେଇ ଅଭିଯୋଗ ଆସିବା ପରେ ଖଣ୍ଡଗିରି ଥାନା ପୋଲିସ ଏମ୍‌ସ ସୁରକ୍ଷା କର୍ମୀଙ୍କ ସହଯୋଗରେ ସମ୍ପୃକ୍ତ ଦଲାଲଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ର୍‌ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ଅଧିକ ତଦନ୍ତ କରୁଛି ପୋଲିସ।

# ବୋମାମାଡ଼ କରି ଗୋଡ଼ାଇ ହାଣିଲେ

ସୋରଡ଼ା,୨୪।୮
(ରଜନୀକାନ୍ତ ମହାପାତ୍ର)

ଗଞ୍ଜାମ ଜିଲା ସୋରଡା ଥାନା ଅନ୍ତର୍ଗତ କେଶରା ଗ୍ରାମରେ ଶନିବାର ଅପରାହ୍ନରେ ବୋମାମାଡ଼ ଓ ମରଣାନ୍ତକ ଆକ୍ରମଣରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେଶରା ଗ୍ରାମର ଲକ୍ଷ୍ମଣ ନାହାକ, ସୁରେଶ ପାଣିଗ୍ରାହୀ, କୃଷ୍ଣ ନାହକ, ପ୍ରସନ୍ନ ଗଉଡ ଓ ଟୁକୁନା ବିଷୋୟୀ। ଲକ୍ଷ୍ମଣ, ସୁରେଶ ଏବଂ କୃଷ୍ଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ପୂର୍ବ ଶତ୍ରୁତାରୁ ଏପରି ଘଟିଥିବା କୁହାଯାଉଛି।

# ମହାନଦୀକୁ ଡେଇଁ ଛାତ୍ରୀ ନିଖୋଜ

ସମ୍ବଲପୁର,୨୪।୮(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୧ ଚାଉଁରପୁର ମହାନଦୀ ଦ୍ୱିତୀୟ ସେତୁ ଉପରୁ ଡେଇଁ ଶନିବାର ସକାଳେ ଜଣେ ହାଇସ୍କୁଲ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଛାତ୍ରୀ ଜଣକ କ୍ଷେତରାଜପୁର ଥାନା ମନ୍ଦଲିଆ ତଳି ଅଞ୍ଚଳର। ସ୍ଥାନୀୟ ଏକ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଶନିବାର ସକାଳୁଆ ସ୍କୁଲ ପାଇଁ ଘରୁ ସାଇକେଲ ନେଇ ବାହାରିଥିଲେ। ସେ ବିଦ୍ୟାଳୟକୁ ଯିବା ପରିବର୍ତ୍ତେ ସିଧାସଳଖ ସମ୍ବଲପୁର-ଚାଉଁରପୁର ମହାନଦୀ ଦ୍ୱିତୀୟ ସେତୁ ଆଡ଼କୁ ଆସିଥିଲେ। ସେତୁ ଉପରେ ସାଇକେଲ ରଖି ମହାନଦୀକୁ ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସମ୍ବଲପୁର ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ସୁଦାମ କିସ୍‌କୁ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମ୍ବଲପୁର, ବୁର୍ଲା ଓ ମାନେଶ୍ୱରରେ ମଧ୍ୟ ଅଗ୍ନିଶମ ବିଭାଗର ୩ଟି ଟିମ୍ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ କରିଥିଲେ। ଅପରପକ୍ଷରେ ଶନିବାର ମଧ୍ୟାହ୍ନ ୧୨ଟାରେ ହୀରାକୁଦ ଜଳଭଣ୍ଡାରର ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଥିବାରୁ ମହାନଦୀରେ ଜଳସ୍ତର ବୃଦ୍ଧିହେବାରୁ ସନ୍ଧ୍ୟା ୬ଟା ପରେ ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇଥିବା ଜିଲା ଅଗ୍ନିଶମ ବିଭାଗ ଅଧିକାରୀ କିସ୍‌କୁ କହିଛନ୍ତି। ଅନ୍ୟପକ୍ଷେ ଘଟଣା ନେଇ ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ଏବଂ ଫାୟାର ଫୋର୍ସ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଛନ୍ତି।

# ରାତିରେ ଏଟିଏମ୍ ସହ ୧୨ ଗାଡ଼ି ଭଙ୍ଗାରୁଜା

**ଢେଙ୍କାନାଳ ସହରରେ ପୋଲିସକୁ ଚ୍ୟାଲେଞ୍ଜ୍**

**ଢେଙ୍କାନାଳ,୨୪।୮(ରତନ ନାୟାର):** ଢେଙ୍କାନାଳ ସହରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଶୁକ୍ରବାର ରାତିରେ ଏକ ଏଟିଏମ୍ ସହ ୧୨ ଗାଡ଼ିର କାଚ ଭାଙ୍ଗି ଦୁର୍ବୃତ୍ତମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଢେଙ୍କାନାଳ ସହର କୁଞ୍ଜକାନ୍ତଠାରୁ କଲେଜ ବାଇପାସ୍ ମଧ୍ୟରେ ଏହି ଘଟଣା ଘଟିଛି।

ପ୍ରକାଶ ଯେ, ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍, ବସ୍ ଓ କାର୍‌କୁ ମିଶାଇ ମୋଟ ୧୨ଟି ଗାଡି କାଚ ଭାଙ୍ଗି ଦେଇଛନ୍ତି। ଦୁର୍ବୃତ୍ତଙ୍କ ଫଟୋ ଓ ଭଙ୍ଗାରୁଜା କରିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ ରହିଛି। ଦୁର୍ବୃତ୍ତମାନେ ପ୍ରଥମେ କୁଞ୍ଜକାନ୍ତ ଅଞ୍ଚଳରେ ୨ଟି କାର୍‌ର ଆଗ ଓ ପଛକାଚ ଭାଙ୍ଗିବା ସହିତ କଲେଜ ଛକଠାରୁ କଲେଜ ବାଇପାସ ମଧ୍ୟରେ ଗୋଟିଏ ଘରୋଇ କଲେଜ ବସ୍ ଓ କାର୍‌ଗୁଡିକ ଭଙ୍ଗାରୁଜା କରିଥିଲେ। ଏ ନେଇ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ଟାଉନ ଥାନାରେ ଏତଲା ଦେଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କର କାର୍ ନଂ. ଓଡି.୦୬କେ-୨୨୦୬ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି କାର୍ତ୍ତିକେଶ୍ୱର ପରିଡା ମଧ୍ୟ କାର୍ ନଂ. ଓଆର.୦୨-ବିକେ-୮୩୮୨ ଭଙ୍ଗାରୁଜା ହୋଇଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ସିସିଟିଭି ଦୃଶ୍ୟ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର କହିଛନ୍ତି, ସିସିଟିଭି କ୍ୟାମେରା ଦୃଶ୍ୟକୁ ଆଧାରରେ ତଦନ୍ତ ଜାରି ରହିଛି।

# ୪ ଦିନରେ ୮୪୫ ଗିରଫ

କଟକ,୨୪।୮ (କାର୍ତ୍ତିକ ସାହୁ)

**ଚୋରା ମଦ ଧରପଗଡ଼ ଅଭିଯାନ**

**୧୩୭୭ ଅବକାରୀ ମାମଲା ରୁଜୁ**

ରାଜ୍ୟ ଅବକାରୀ ଆୟୁକ୍ତ ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ଚୋରା ମଦ କାରବାର ଉପରେ ରାଜ୍ୟସାରା ସପ୍ତାହବ୍ୟାପୀ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରି ରହିଛି। ଶନିବାର ଚତୁର୍ଥ ଦିନରେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଅବକାରୀ ଥାନା ଅଧୀନ ଚୋରା ଦେଶୀ ରନ୍ଧାମଦ ପ୍ରସ୍ତୁତ କରାଯାଉଥିବା ସ୍ଥାନରେ ଚଢ଼ାଉ କରାଯାଇଛି। ଏନେଇ ରାଜ୍ୟର ବିଭିନ୍ନ ଥାନାରେ ୪ ଦିନ ମଧ୍ୟରେ ୧୩୭୭ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ୮୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ୭୬, ୭୮୯ ଲିଟର ଦେଶୀ ରନ୍ଧାମଦ ଓ ୫,୬୦,୧୫୮ କିଗ୍ରା ପୋଚ ଜବତ କରାଯାଇଛି। ବେଆଇନ ଚୋରା ମଦ ପରିବହନରେ ବ୍ୟବହୃତ ହୋଇଥିବା ୭୮ଟି ଗାଡ଼ି ଜବତ କରାଯାଇଛି। ସେଥିମଧ୍ୟରୁ ୪୦ ଜଣ ଗାଡ଼ି ମାଲିକ ଗିରଫ ହୋଇଛନ୍ତି। ଅବଶିଷ୍ଟ ମାଲିକମାନେ ଚୋରାମଦ କାରବାରରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି। ସମ୍ପୃକ୍ତି ଥିବା ଜଣାପଡ଼ିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜବତ ଚୋରା ମଦ ଏବଂ ଗାଡ଼ିଗୁଡିକର ଆନୁମାନିକ ମୂଲ୍ୟ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି।

ଅପରପକ୍ଷରେ ବରଗଡ଼ ଅବକାରୀ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୧୪ଟିମାମଲା ରୁଜୁ କରାଯାଇଛି। ଏହି ମାମଲାଗୁଡ଼ିକରୁ ୨୭୦୨ ଲିଟର ରନ୍ଧାମଦ, ୩୭,୬୮୦ କିଗ୍ରା ମହୁଲ ପୋଚ ଓ ୩ଟି ବାଇକ୍ ଜବତ କରାଯାଇଛି। ସେହିପରି ନୂଆପଡ଼ା ଜିଲାରେ ୧୦ଟି ମାମଲା ରୁଜୁ କରାଯାଇ ୪୨୬ ଲିଟର ଦେଶୀ ରନ୍ଧାମଦ ଓ ୯୭୬୦ କିଗ୍ରା ପୋଚ ଜବତ ହୋଇଛି। ଏହି ଚୋରା କାରବାରରେ ସମ୍ପୃକ୍ତ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଆଇନ ମଦ ବ୍ୟବସାୟରୁ ଅଭିଯୁକ୍ତମାନେ ଠୁଳ କରିଥିବା ସମ୍ପତ୍ତିର ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ଏଥିସହ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚୋରା ମଦ କାରବାର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ଏଥିରେ ଲିପ୍ତ ଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଟଙ୍କା ପାଇଁ ହତ୍ୟା, ଅଟୋଚାଳକ ଗିରଫ

କେନ୍ଦୁଝର,୨୪।୮(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)



ଗିରଫ ଅଟୋଚାଳକ।

**ଗୋରୁ ବ୍ୟବସାୟୀଙ୍କୁ ହତ୍ୟା ଘଟଣା**

କେନ୍ଦୁଝର ଜିଲା ସଦର ପୋଲିସ ଗୋରୁ ବ୍ୟବସାୟୀ କାଳିଆ ନାଏକଙ୍କ ହତ୍ୟା ଘଟଣାରେ ଅଟୋ ଚାଳକ ସିପୁନ ବେହେରା(୨୨)ଙ୍କୁ ଗିରଫ କରିଛି। ସିପୁନଙ୍କ ଘର ହରିଚନ୍ଦନପୁର ଥାନା ହୁଣ୍ଡା ପଞ୍ଚାୟତ ବାଉଁଶପାଳ ଗ୍ରାମରେ। ବ୍ୟବହୃତ ଅଟୋକୁ ମଧ୍ୟ ପୋଲିସ ଜବତ କରିଛି। ଅଭିଯୁକ୍ତ ଗୋରୁ ବ୍ୟବସାୟୀଙ୍କ ନିକଟରେ ଟଙ୍କା ବିଡ଼ା ଦେଖି ଲୋଭ ସମ୍ଭାଳି ନ ପାରି ଏଭଳି ହତ୍ୟାକାଣ୍ଡ ଭିଆଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ଅଗଷ୍ଟ ୧୪ରେ ଅନୁଗୋଳ ଜିଲା ବନ୍ତଳା ଥାନା ଚନ୍ଦନପୁର ଗ୍ରାମର ଗୋରୁ ବ୍ୟବସାୟୀ କାଳିଆ ମୟୂରଭଞ୍ଜ ଜିଲା ଯଶିପୁର ଏବଂ ରାଇରଙ୍ଗପୁରରୁ ଗୋରୁ ବିକ୍ରି କରି ଟଙ୍କା ଧରି ଅଗଷ୍ଟ ୧୭ରେ କେନ୍ଦୁଝରକୁ ଆସିଥିଲେ। ବସ୍‌ଷ୍ଟାଣ୍ଡରେ ପହଞ୍ଚି ବସ୍ ନ ପାଇବାରୁ କେନ୍ଦୁଝର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ଅଟୋକୁ ଅଟକାଇଥିଲେ। ଅଟୋବାଲା ଅନ୍ୟ ଭଡ଼ା ଥିବା କହି ଅନ୍ୟ ଅଟୋ ଚାଳକ ସିପୁନ ବେହେରାଙ୍କୁ ଡାକିଥିଲେ। ସିପୁନ ପାଲଲହଡ଼ାରେ ୯୦୦ ଟଙ୍କା ଭଡାରେ ଛାଡ଼ି ଦେବେ ବୋଲି କହିଥିଲେ। ସେଠାରୁ ଯାଇ ନେଙ୍କଡାଘରଠାରେ ଅଟୋରେ ସିଏନ୍‌ଜି ଗ୍ୟାସ ଭର୍ତ୍ତି କରି କାଳିଆଙ୍କଠାରୁ ୬୦୦ ଟଙ୍କା ଅଗ୍ରିମ ନେଇଥିଲେ। ଏହି ସମୟରେ କାଳିଆଙ୍କ ପାଖରେ ୨ ବିଡ଼ା ଟଙ୍କା ଥିବା ସେ ଦେଖିଥିଲେ। ଯୋଜନା କରି କାଳିଆଙ୍କୁ ନରଣପୁରରେ ମଦ ଆଣି ଦେଇଥିଲେ। ଅଟୋରେ ମଦ ପିଇବା ପରେ ସେଠାରୁ ପାଲଲହଡ଼ା ଯାଇଥିଲେ। ବାୟାପଣ୍ଡାଦରଠାରୁ ୫ଶହ ମିଟର ଦୂର କାଞ୍ଜିପାଣି ରାସ୍ତାରେ କାଳିଆଙ୍କ ମୁହଁରେ ଗାମୁଛା ଦାବି ହତ୍ୟା କରି ଟଙ୍କା ଲୁଟି ନେଇଥିଲେ। କାଳିଆ ପାଲଲହଡ଼ାରେ ନ ପହଞ୍ଚିବାରୁ ଅଗଷ୍ଟ ୧୯ରେ କାଳିଆଙ୍କ ପୁଅ ରାହାସ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାଳିଆ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ନିକଟରୁ ଫୋନ୍ କରିଥିବା ନମ୍ବରକୁ ଆଧାର କରି ଧରଣୀ ବେହେରାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଜେରା ବେଳେ ଉକ୍ତ ଦିନ ଧରଣୀ ଏବଂ ଅନ୍ୟ ଜଣେ ପ୍ରଦୀପ ବେହେରା କାଳିଆ ମଦ ପିଇବା ପରେ ଅଟୋରେ ସିପୁନ ସହ ଯାଇଥିବା କହିଥିଲେ। ପୋଲିସ ସିପୁନଙ୍କୁ ଜେରା କରିବା ପରେ ସେ ଟଙ୍କା ପାଇଁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ସଦର ଥାନା ଅଧୀନ ବାୟାପଣ୍ଡାଦର ନିକଟରେ କାଳିଆଙ୍କ ଗଳିତ ମୃତଦେହ ଅଗଷ୍ଟ ୨୩ରେ ଜବତ କରିଥିଲା। ସିପୁନ ଲୁଟ୍ ୯୦ ହଜାର ଟଙ୍କା ମଧ୍ୟରୁ ଅଟୋ କିସ୍ତି ବାବଦ ୧୫ ହଜାର ଜମା କରିବା ସହ ୬ହଜାର ଖର୍ଚ୍ଚ କରିଛନ୍ତି। ୬୯ ହଜାର ମା' ସୁଶୀଳା ବେହେରାଙ୍କ ପାଖରୁ ଜବତ ହୋଇଛି। ଟାଉନ ପୋଲିସ ଏକ ମାମଲା(ନଂ. ୪୪୩ ଭାରତୀୟ ପିଙ୍ଗଳ କୋଡ୍ ୧୦୩/୩୦୯(୬)/୨୩୮, ୬୧(୨))ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ପରକୀୟା ପ୍ରୀତି ସନ୍ଦେହରେ ସାଙ୍ଗଙ୍କୁ ହତ୍ୟା

କେନ୍ଦ୍ରାପଡ଼ା,୨୪।୮(ଜଗନ୍ନାଥ ଧଳ)

ପରକୀୟା ପ୍ରୀତି ସନ୍ଦେହରେ ଜଣେ ଯୁବକଙ୍କୁ ତାଙ୍କ ସାଙ୍ଗ ହତ୍ୟା କରିଥିବା କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି । ରାଜସ୍ଥାନରୁ ଆସି କେନ୍ଦ୍ରାପଡ଼ା ସହରରେ ଆଇସ୍‌କ୍ରିମ୍ ବ୍ୟବସାୟ କରୁଥିବା କୁରବାନ ମନସୁରୀଙ୍କ ମୃତଦେହ ସହରର ଖଡିଅଙ୍ଗସ୍ଥ ଏକ ଘରୁ ଶନିବାର ଜବତ କରାଯାଇଛି । ତାଙ୍କୁ ନିଜ ସାଙ୍ଗ ତଥା ରାଜସ୍ଥାନର କୁଆଁରିଆ ଗ୍ରାମର ପ୍ରଦୀପ କୁମାର ବୈଷ୍ଣବ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଏ ସଂକ୍ରାନ୍ତରେ ଖଡିଅଙ୍ଗସ୍ଥ ମହମ୍ମଦ ବଦରୁଜ ଜମାନ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । କୁରବାନଙ୍କ ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ପ୍ରଦୀପଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ।

ବଦରୁଜଙ୍କ ଅଭିଯୋଗ ଅନୁଯାୟୀ, ସେ ରହୁଥିବା ଘର ପାଖରେ ଥିବା ଅନ୍ୟ ଏକ ଘରେ ପ୍ରଦୀପ ଓ ରାଜସ୍ଥାନ ବଳଭଦ୍ର ନଗର ଥାନା ନଓନିଆ ଗ୍ରାମର କୁରବାନ ରହି ଆଇସ୍‌କ୍ରିମ୍ ବ୍ୟବସାୟ କରନ୍ତି । ଶନିବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ପ୍ରଦୀପ ଆସି କହିଲେ, ଗତ ରାତିରେ ତାଙ୍କ ସ୍ତ୍ରୀ ସହିତ କୁରବାନ ଅନୈତିକ ସମ୍ପର୍କ ରଖିଥିବା ଦେଖି ତାଙ୍କୁ ସେ ମାଡ଼ ମାରିଥିଲେ । ଏଥିସହିତ କୁରବାନଙ୍କୁ ଘରେ ତାଲା ପକାଇ ରଖିଥିଲେ । ତେବେ ପୂର୍ବାହ୍ନରେ ସେ ମରିଯାଇଥିବା ପ୍ରଦୀପ ଦେଖିବାକୁ ପାଇଥିଲେ। ପରେ ଏ ସମ୍ପର୍କରେ ସେ ବଦରୁଜଙ୍କୁ ଜଣାଇଥିଲେ। ଏନେଇ ବଦରୁଜ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଦିଲୀପ ସାହୁ କହିଛନ୍ତି, ଏହି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ପରେ ସବୁ କଥା ସ୍ପଷ୍ଟ ହେବ।

# ଖଣି ସର୍ଭେ ବେଳେ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଆଉ ୨ ଗିରଫ

ନିରାକାରପୁର,୨୪।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆରେ ଗତ ଗୁରୁବାର ଖଣି ସର୍ଭେ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କ ସମେତ ଏକ ପ୍ରତିନିଧି ଟିମ୍‌କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏନେଇ ଖଣି ଅଧିକାରୀ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧୭/୨୪) ରୁଜୁକରି ତଦନ୍ତ ଚଳାଇ ଜଣେ ନାବାଳକଙ୍କୁ ଧରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଶନିବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ପୋଖରିଆ ଗ୍ରାମର ମନ୍ମଥ ସାମନ୍ତରାୟ (୨୯) ଓ ମାନସ ଚମ୍ପତି।

# ସଚେତନତା ହିଁ ସାଇବର ଠକେଇରୁ ରକ୍ଷା କରିବ

ବାଲିଅନ୍ତା,୨୪।୮(ନୀଳମାଧବ ସାହୁ)

ଓଡ଼ିଶା ୟୁଥ୍ ରେଡ୍‌କ୍ରସ ଓ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ସ୍କୁଲର ଏନ୍‌ଏସ୍‌ଏସ୍ ପକ୍ଷରୁ ଶନିବାର ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସିପି (ସାଇବର କ୍ରାଇମ) ଅଞ୍ଜନା ଟୁଡୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାଇବର ସୁରକ୍ଷା ସଚେତନତା ଉପରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ସୋସିଆଲ ମିଡ଼ିଆ ବ୍ୟବହାର ଓ ସାଇବର ଶିକାର ହେଲେ କ'ଣ କରିବେ ସେନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ଯୋଗଦେଇ କହିଲେ, ସାଇବର



ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଅପରାଧର କୌଣସି ଠିକଣା ନାହିଁ। ଏବେ ଏହି ଠକେଇକୁ ନେଇ ସମସ୍ତେ ଭୟ ଓ ଆତଙ୍କିତ। ସାଇବର ଠକାମିର ଶିକାରରୁ କେବଳ ସଚେତନତା ବଞ୍ଚାଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ କୃଷ୍ଣ କେଶବ ଆପଟ ଓ ରେଡ୍‌କ୍ରସ ଜୁନିୟର ଅଫିସର ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ସୋସିଆଲ ମିଡ଼ିଆ ବ୍ୟବହାରର ଉପକାରିତା ଓ ଅପକାରିତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ନିଜ ଭବିଷ୍ୟତ ପାଇଁ କଠିନ ପରିଶ୍ରମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଆୟୋଜକ ମାଧ୍ୟମିକ ସ୍କୁଲର ଭାରପ୍ରାପ୍ତ ଅଧକ୍ଷା ଜୟନ୍ତୀବାଳା ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଅଧାପିକା ରଶ୍ମି ଦାସ ଅତିଥି ପରିଚୟ ଓ ଅଧାପକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ଅଧାପିକା ମଧୁସ୍ମିତା ନାୟକ, ଶ୍ୱେତାଲିନା ଦାଶ, ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ସ୍କୁଲ ସମେତ ନିକଟସ୍ଥ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଓ ବାଲିଅନ୍ତା ହାଇସ୍କୁଲର ବହୁ ଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ମେଟ୍ରୋ ଟ୍ରେନ୍ କାମ ଆରମ୍ଭ ପାଇଁ ଭୂମି ପୂଜନ



ବାରଙ୍ଗ,୨୪।୮(ଲିଙ୍ଗରାଜ ରାଉତ)

ବାରଙ୍ଗ-ତ୍ରିଶୁଳିଆ ମୁଖ୍ୟରାସ୍ତା କଡ଼ ବାରଙ୍ଗ ପ୍ରେସ୍‌କ୍ଲବ ନିକଟରେ ମେଟ୍ରୋ ଟ୍ରେନ୍ ଚାଲିବା ନିମନ୍ତେ କାମ ଆରମ୍ଭ ପାଇଁ ଶନିବାର ଭୂମି ପୂଜା କରାଯାଇଛି। ଏନେଇ କାହାକୁ କୌଣସି ସୂଚନା ମଧ୍ୟ ଦିଆଯାଇ ନ ଥିବାବେଳେ ରାସ୍ତାକଡ଼ରେ ଏକ ଟେଣ୍ଟ ବାନ୍ଧି କିଛି ପଦାଧିକାରୀଙ୍କ ଉପସ୍ଥିତିରେ କିଛି ସମୟ ମଧ୍ୟରେ ଭୂମିପୂଜା ସରିଥିଲା। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ଟ୍ରେନ୍ ପାଇଁ ଜାନୁଆରୀ ୧ରେ ରତାଗଡ଼ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର କିଛିଦିନ ପରେ ନବୀନ ସରକାର ବଦଳିବା ସହ ଭାଜପା ସରକାର ଆସିବାରୁ ମେଟ୍ରୋ ଟ୍ରେନ୍ ଚାଲିବାର ନେଇ ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ରହିଥିଲେ। ପରେ ଭାଜପା ସରକାର ମେଟ୍ରୋ ଟ୍ରେନ୍ ପାଇଁ ବ୍ୟୟବରାଦ କରିଥିବାବେଳେ ଆଜିର ଭୂମିପୂଜନ ମେଟ୍ରୋ ଟ୍ରେନ୍ ଚାଲିବା ନିମନ୍ତେ କାମ ଆରମ୍ଭ ହେବ ବୋଲି ଆଲୋଚନା ହେଉଛି।

# ଆଜ୍‌ମା ଭଲ କରିବାରେ ବ୍ରୋଙ୍କୋମ୍ ଉପଯୋଗୀ: ପତଞ୍ଜଳି

ପତଞ୍ଜଲି

ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା)

ଆଜ୍‌ମା ରୋଗର ଉପଚାର ପାଇଁ ଆୟୁର୍ବେଦିକ ଔଷଧ ବ୍ରୋଙ୍କୋମ୍ ବିଶେଷ ଉପଯୋଗୀ। ବିଶ୍ୱର ପ୍ରମୁଖ ପ୍ରକାଶନୀ ସଂସ୍ଥା ସ୍ପ୍ରିଞ୍ଜର ନେଚର ପକ୍ଷରୁ ପ୍ରକାଶ ପାଉଥିବା ଅନ୍ତର୍ଜାତୀୟ ଗବେଷଣା ଜର୍ନାଲ 'ମଲିକୁଲାର ମେଡିସିନ୍'ରେ ଏହି ତଥ୍ୟ ପ୍ରକାଶ ପାଇଥିବା ପତଞ୍ଜଳି ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଆଚାର୍ଯ୍ୟ ବାଳକୃଷ୍ଣ ଦାଶ କହିଛନ୍ତି, ଯେତେବେଳେ ରୋଗୀ ଶରୀରରେ କୌଣସି ଔଷଧ କାର୍ଯ୍ୟ କରି ନ ଥାଏ, ସେତେବେଳେ ଷ୍ଟେରଏଡ୍ ଦିଆଯାଇଥାଏ। ଏହି ଷ୍ଟେରଏଡ୍ କିଛି ସମୟ ପାଇଁ ଉପଶମ ଦେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମାନବ ପାଇଁ ଯନ୍ତ୍ରଣାଦାୟକ ପାଲଟିଯାଇଥାଏ। ଷ୍ଟେରଏଡ୍ ଦେବା ସତ୍ତ୍ୱେ ରୋଗ ଭଲ ହେବା ନେଇ କୌଣସି ଆଶା ଦେଖାଯାଇ ନ ଥାଏ ବୋଲି ଆଚାର୍ଯ୍ୟ କହିଛନ୍ତି। ବର୍ତ୍ତମାନ ଆୟୁର୍ବେଦିକ ଔଷଧ ବ୍ରୋଙ୍କୋମ୍ ଆଜ୍‌ମା ରୋଗୀଙ୍କୁ ନୂଆ ଜୀବନ ଦେଉଥିବାବେଳେ ଏହାର କୌଣସି କୁପ୍ରଭାବ ନଥିବା ଓ ବିଶ୍ୱକୁ ରୋଗମୁକ୍ତ କରିବା ପତଞ୍ଜଳିର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ବାଂଲାଦେଶରେ ହିନ୍ଦୁଙ୍କୁ ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ



ଭୀମେଶ୍ୱର ପାର୍କ ଫାଟକ ଆଗରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ପୁରୁଣା ଭୁବନେଶ୍ୱର,୨୪।୮
(ସୁବାସ ଚନ୍ଦ୍ର ପ୍ରଧାନ)

ବାଂଲାଦେଶରେ ହିନ୍ଦୁମାନଙ୍କୁ ଆକ୍ରମଣ ଏବଂ କୋଲକାତାସ୍ଥିତ ରାଧାଗୋବିନ୍ଦ କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ବିରୋଧରେ ଶନିବାର ସ୍ଥାନୀୟ ଭୀମେଶ୍ୱର ପାର୍କ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚ, ଭୀମଟାଙ୍ଗି ବିକାଶ ପରିଷଦ, ଭୀମେଶ୍ୱର ପାର୍କ ୱାକର୍ସ ଆସୋସିଏଶନ, ସହଯୋଗ, ଭୀମଟାଙ୍ଗି ଉନ୍ନୟନ ପରିଷଦ, ସେବା ପ୍ରତିନିଧି, କପିଳ ପ୍ରସାଦ ବିଡିଏ କଲୋନୀ ରେସିଡେନ୍ସ ଆସୋସିଏଶନ, ଫେଡେରେଶନ ଅଫ ସିନିୟର ସିଟିଜେନ ଆସୋସିଏଶନ୍ସ ଅଫ୍ ଓଡ଼ିଶା, ଓଡ଼ିଶା ୟୁଥ ଆସୋସିଏଶନ, ଆଶ୍ରୟ, ଭୀମେଶ୍ୱର ଶିଶୁ ଉଦ୍ୟାନ ସୁରକ୍ଷା କମିଟି, ଶିବଶିବା ମହିଳା ସମିତି, ଲିଙ୍ଗରାଜ ବିହାର ଲାଇବ୍ରେରୀ ଆଣ୍ଡ ଇନଫରମେଶନ ସେଣ୍ଟର, ଜନମତ ପରିକ୍ରମା ଓ ଭୀମେଶ୍ୱର ମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିଥିଲେ। ଏଥିରେ ଗୋଲକ ବିହାରୀ ନାୟକ ସଭାପତିତ୍ୱ କରିଥିଲେ। ବିଭିନ୍ନ ସଙ୍ଗଠନର ପ୍ରତିନିଧି ବଂଶୀଧର ପଣ୍ଡା, ନୀଳମଣି ମିଶ୍ର,ମାନସ ରଞ୍ଜନ ପଟ୍ଟନାୟକ, ପଦ୍ମନାଭ ଷଡ଼ଙ୍ଗୀ, ଗଣେଶ କୁମାର ପ୍ରଧାନ, କାମଦେବ ରଣସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

# ୧୮ତମ ରାଜ୍ୟ ସୋତୋକାନ୍ କରାଟେ ପ୍ରତିଯୋଗିତା

ପୁରୀ,୨୪।୮(ଅଜିତ୍ ମହାନ୍ତି)

୧୮ତମ ରାଜ୍ୟ ସୋତୋକାନ କରାଟେ ପ୍ରତିଯୋଗିତା ରେଲୱେ କଲ୍ୟାଣ ମଣ୍ଡପଠାରେ ଶନିବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱ ପାରମ୍ପରିକ ସୋତୋକାନ କରାଟେ ଫେଡେରେଶନର ଓଡ଼ିଶା ରାଜ୍ୟ କରାଟେ ପ୍ରତିଯୋଗିତା ଓ ପ୍ରଶିକ୍ଷଣ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରବି ନାରାୟଣ ଖୁଣ୍ଟିଆ, ଏସ୍.ଆର୍. ଶାସମଲ, ପ୍ରସନ୍ନ ପଟ୍ଟନାୟକ, ରାଜନାରାୟଣ ଖୁଣ୍ଟିଆ ଓ ସହଯୋଗୀ ପରିଚାଳନା କରୁଛନ୍ତି।

# ଆନ୍ଦୋଳନ ପ୍ରତ୍ୟାହୃତ ପରେ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ

କଟକ,୨୪।୮(ଶିଳ୍ପା ପ୍ରିୟଦର୍ଶିନୀ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ରାତିରେ ପ୍ରତ୍ୟାହୃତ ହୋଇଥିଲା। ଫଳରେ ଶନିବାରଠାରୁ ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଛି। ଜୁନିୟର ଡାକ୍ତର ସଂଘ ଆନ୍ଦୋଳନ ଡାକରା ଦେଇଥିବାବେଳେ ହାଉସ୍ ସର୍ଜନ ଓ ଡାକ୍ତର ଛାତ୍ର ସଂଘ ଏହାକୁ ସମର୍ଥନ କରିଥିଲା। ଡାକ୍ତରମାନେ କେବଳ ଜରୁରିକାଳୀନ ରୋଗୀ ସେବା କରୁଥିଲେ। ୯ ଦିନ ଧରି ଏସ୍‌ସିବିରୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ସେବା ନ ପାଇ ନିରାଶ ହୋଇ ଫେରି ଘରୋଇ ହସ୍ପିଟାଲକୁ ଯାଉଥିଲେ। ରୋଗୀ ସେବା ବାଧାପ୍ରାପ୍ତ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ହେଲେ ଶନିବାର ରୋଗୀ ସେବା ସ୍ୱାଭାବିକ ହେବା ପରେ ରୋଗୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।


## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल, सरायकेला – खरसावाँ
E-Mail Add :- rwdseraikelakharsawan@gmail.com,

**शुद्धि पत्र**

एतद् द्वारा सूचित किया जाता है कि इस कार्यालय द्वारा आमंत्रित की गई ई– अल्पकालीन पुनर्निविदा संख्या– 14/2024-25/EE/RWD /SRK दिनांक 21.08.2024 {PR 333448 Rural Work Department (24-25). D} के द्वारा प्रकाशित निविदा को अपरिहार्य कारणवश अगले आदेश तक स्थगित किया जाता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ

PR 333720 Rural Work Department(24-25).D

## कार्यालय, जिला परिषद, राँची
PR NO. - 332562

**शुद्धि–पत्र**

बैंक में तीन दिन के अवकाश रहने के कारण अति अल्पकालीन ई–निविदा आमंत्रण सूचना संख्या–टेण्डर रिफ्रेन्स नम्बर – DOPR / DE / Ranchi /10/2024-24 में ई–निविदा प्राप्ति की तिथि एवं समय–21.08.2024 से 28.08.2024 अपराह्न 5.00 बजे तक में आंशिक संशोधन करते हुए वेबसाईट में ई–निविदा की प्राप्त करने की अंतिम तिथि–02.09.2024 अपराह्न 5.00 बजे तक एवं निविदा खोलने की तिथि 03.09. 2024 को विस्तारित करते हुए निविदा को इस हद तक संशोधित समझा जाय। निविदा की शेष शर्त्ते यथावत रहेगी।

जिला अभियंता
जिला परिषद राँची

PR 333670 Panchayati Raj(24-25)#D

## झारखण्ड सरकार
कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल,साहेबगंज,विकास भवन, साहेबगंज

**ई– अल्पकालीन निविदा आमंत्रण सूचना**

ई0–अल्पकालीन निविदा संख्या–06 / 2024–2025 / EE/RWD/SAHIBGANJ दिनांकः–23.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल साहेबगंज द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टिफिकेशन संख्या | प्रखण्ड | कार्य का नाम | प्राक्कलित राशि (रू0 में) अंक में | प्राक्कलित राशि (रू0 में) अक्षर में | कार्य समाप्ति की अवधि | टेन्डर कॉल सं0 |
|---|---|---|---|---|---|---|---|
| 1 | RWD/SAHIBGANJ/ 15/2024-25 | बड़हरवा | चपूजाम से देबू तक पथ निर्माण कार्य। (लं0– 4.050 कि0मी0) | 729.314 | सात करोड़ उनतीस लाख एकतीस हजार चार सौ | 18 माह | एक |
| 2 | RWD/SAHIBGANJ/ 16/2024-25 | बड़हरवा | आर0ई0ओ0 पथ हस्तीपाड़ा से धोबी पोखर होते हुए जैदूर के घर तक पथ निर्माण कार्य। (लं0– 1.030 कि0मी0) | 86.273 | छियासी लाख सत्तईस हजार तीन सौ | 9 माह | |
| कुलः– | | | | 815.587 | आठ करोड़ पन्द्रह लाख अनठावन हजार सात सौ | | |

2. वेबसाईट में निविदा प्रकाशन की तिथि– 30.08.2024
3. ई–निविदा प्राप्ति की अंतिम तिथि एवं समयः– 12-09.2024 अपराह्न 05.00 बजे तक।
4. निविदा शुल्क एवं अग्रधन की राशि Jharkhandtenders.gov.in के माध्यम से ऑनलाईन मोड में स्वीकार की जाएगी।
5. निविदा खोलने की तिथि एवं समय– 13.09.2024 अपराह्न 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
7. . ई–निविदा प्रकोष्ठ का मोबाइल न0– 8292371115
8. विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग,कार्य प्रमंडल,साहेबगंज

PR 333554 Rural Work Department(24-25).D

## झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांकः–660 धनबाद / दिनांक–24.08.2024

**अति अल्पकालीन निविदा आमंत्रण सूचना**

ई– निविदा सूचना संख्या – RWD/SD/DHANBAD-12/2024-25
1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के बाधमारा प्रखण्ड अन्तर्गत झीझीपहाडी पंचायत अन्तर्गत बेंलजाबाद एवं कलाली फाटक के बीच कतरी नदी पर पुल निर्माण। (पुल की लम्बाई 67.12 मी0) | 327.39700 | परिमाण विपत्र की राशि 2% | 10000.00 | 18 महीना |

2. वेबसाइट में निविदा प्रकाशन की तिथि –04.09.2024
3. ई–निविदा प्राप्ति की तिथि एवं समय–दिनांक 04.09.2024 से दिनांक 11.09.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 13.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार), कार्यपालक अभियंता
ग्रामीण विकास विशेष प्रमंडल, धनबाद

PR 333713 Rural Work Department(24-25)#D

## कार्यपालक अभियंता का कार्यालय, ग्रामीण विकास विशेष प्रमंडल, गुमला
mail-rdsdgumla123@gmail.com

**अति अल्पकालीन ई–निविदा आमंत्रण सूचना**

ई– निविदा सूचना संख्या – RDD/SD/GUMLA/14/2024-25
1. कार्य की विस्तृत विवरणी :

| ग्रुप० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गुमला जिलान्तर्गत सिसई प्रखण्ड के बरगाँव पंचायत ग्राम कुलंगकेरा पतराटोली से पडरानी को जोड़ने वाले पथ पर कंश नदी पर उच्चस्तरीय पुल निर्माण। | 5,93,86,300.00 | 11,87,800.00 | 10,000.00 | 24 माह |
| 2 | गुमला जिलान्तर्गत सिसई प्रखण्ड के ओलमुण्डा पंचायत ग्राम खैराटोली से करमटोली को जोड़ने वाले पथ पर मथनिया नदी पर उच्चस्तरीय पुल निर्माण। | 4,03,97,100.00 | 8,08,000.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि – 04.09.2024
3. ई–निविदा प्राप्ति की तिथि एवं समय – दिनांक 04.09.2024 से दिनांक 11.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 13.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 8709875092 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गुमला

PR 333699 Rural Development(24-25)#D

## यूनियन बैंक ऑफ इंडिया Union Bank of India
ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଏମ୍-୧୪, ବରମୁଣ୍ଡା, ଏଚ୍.ବି. କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ସମ୍ପୂର୍ଣ୍ଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଢେଙ୍କାନାଳ ମୁଖ୍ୟ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭାଗବତ ପରିଡା, ୨) ଶ୍ରୀ ଭାଗବତ ପରିଡା, ପିତା: ଗଙ୍ଗାଧର ପରିଡା, ଉଭୟଙ୍କ ଠିକଣା ସା.: ଆନନ୍ଦ ନଗର, କାଠଗଡା, ମେଡିକାଲ ଲେନ୍, ଢେଙ୍କାନାଳ, ପିନ୍-୭୫୯୦୦୧ / ଜାମିନଦାର: ଶ୍ରୀମତୀ ମମତା କୁମାରୀ ସାହୁ, ସ୍ୱାମୀ: ରମେଶ ଚନ୍ଦ୍ର ବେହେରା, ସା.: ଅନନ୍ତ ବିହାର, ତାଳଚେର, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୦୦୧ | ୨୯.୦୫.୨୦୨୪ସୁଦ୍ଧା ଟ.୩୧,୨୮,୬୨୦.୬୬ ଏବଂ ସେବାବଦ ସୁଧ | ୧୦.୦୬.୨୦୨୪ / ୨୧.୦୮.୨୦୨୪ | ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭାଗବତ ପରିଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮/୫୩୩, ଖାତା ନଂ.: ୧୦୪/୯୫୮, ମୌଜା: କାଠଗଡା, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର ୦.୧୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପର୍ଶୁରାମ ମହାପାତ୍ର, ଦକ୍ଷିଣ: ଅଚ୍ୟୁତାନନ୍ଦ ପଣ୍ଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରଭାତ କୁମାର ମିଶ୍ର |
| **ଢେଙ୍କାନାଳ ମୁଖ୍ୟ ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ଉଭୟଙ୍କ ଠିକଣା ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ସା.: ଜବାହାର ନଗର, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧ / ଜାମିନଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ବିମଳ କୁମାର ଶର୍ମା, ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ସା.: ଜବାହାର ନଗର, ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧ | ୨୩.୦୫.୨୦୨୪ସୁଦ୍ଧା ଟ.୧,୭୯,୨୬,୨୪୦.୬୫ ଏବଂ ସେବାବଦ ସୁଧ | ୨୪.୦୫.୨୦୨୪ / ୨୧.୦୮.୨୦୨୪ | ସମ୍ପତ୍ତି-୧: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, ମୌଜା: ବଡଷାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର ନଂ.: ୩, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର ୦.୧୬୦ଡିସିମିଲି କିମ୍ବା ୬୯୬୯.୬ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାଖାପାଖି ରାସ୍ତା, ପଶ୍ଚିମ: ଦେବୀ ନନ୍ଦ, ସମ୍ପତ୍ତି-୨: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ରେଭିନ୍ୟୁ ଖାତା ନଂ.: ୨୯/୩୨, ମୌଜା: ଥୋରିୟାପଦା, ତହସିଲ: ଢେଙ୍କାନାଳ, ଓଡ଼ିଶା, କ୍ଷେତ୍ର: ଏକର ୦.୨୦୦ଡିସିମିଲି କିମ୍ବା ୮୭୧୨ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପରମାନନ୍ଦ ଷଡଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡଙ୍ଗୀ, ପଶ୍ଚିମ: ଶ୍ରୀ ଗୋଲଖ ସାହୁ |

ତାରିଖ: ୨୩.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ODISHA STATE CIVIL SUPPLIES CORPORATION LTD., DHENKANAL
At-Mahisapat, District-Dhenkanal, Pin-759001

**TENDER CALL NOTICE**
File No.-ESST/13/24-25

No.CAD-918 : The CSO-cum-District Manager, OSCSC Ltd., Dhenkanal issued a Tender Call Notice vide letter No. 1377 dated 23.08.2024 inviting sealed tenders from Intending Travel Agency/ Individual/Firm for hiring 01(one) no of vehicle in the model BOLERO for Official use of the District Manager, OSCSC Ltd., Dhenkanal.

The detailed notice inviting sealed tender is available in the Official Website of Dhenkanal district i.e https:/dhenkanal.odisha.gov.in.

The intending Travel Agency/Individual/Firm is requested to download the detailed Notice, Application form, Terms & Conditions from the above website.

**LAST DATE OF RECEIVING OF APPLICATION IS BY 5TH SEPTEMBER 2024 BY 5.00 PM. ONLY THROUGH REGD. POST/SPEED POST/COURIER SERVICE.**

Sd./-CSO-cum-District Manager
OSCSC Ltd., Dhenkanal

OIPR-07005/11/0001/2425

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL
Email - eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SE DKL (R&B). 08/2024-25

**Invitation for Bids** No.B-185

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below | | |
| 2 | Nature of work | : | Civil (Building) Works |
| 3 | No. of work | : | 01 No. |
| 4 | Bid Cost | : | Rs. 6,000/- |
| 5 | Class of Contractor | : | 'C' & 'D' Class |
| 6 | Availability of Bid Documents in the website | : | From 10.00 AM of 28.08.2024 to 5.00 PM of 11.09.2024 |
| 7 | Date of Opening of Bid | : | Dt. 12.09.2024 at 11.00 AM. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division

OIPR-34016/11/0006/2425

# ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

## ୧୦ ଲକ୍ଷ ପୁରସ୍କାର ଘୋଷଣା କରାଯାଇଥିଲା

ମାଲକାନଗିରି, ୨୪।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ କୁଖ୍ୟାତ ମାଓବାଦୀ ଦମ୍ପତି ଶନିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ଟିକେଶ୍ୱର ଭାଟି ଓ ପ୍ରମିଳା ଓରଫ ଗଣେଶୀ ନେତମ ଧମତରୀ ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ଅଞ୍ଜାନେୟ ଭାରଶନି ଏବଂ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ନାୟକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଉଭୟ ଅନେକ ହିଂସାକାଣ୍ଡରେ ଜଡିତ ଥିବାରୁ ଏମାନଙ୍କୁ ଧରାଇଦେବା ପାଇଁ ପୋଲିସ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ମୋଟ ୧୦ ଲକ୍ଷ ଟଙ୍କାର



ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

ପୁରସ୍କାର ରହିଥିଲା। ତେବେ ଏମାନଙ୍କ ଆତ୍ମସମର୍ପଣ ମାଓବାଦୀ ସଙ୍ଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇ ଏବଂ ମାଓବାଦୀ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଇ ଦୁର୍ବଳ ହେଉଥିବାରୁ ସଙ୍ଗଠନ ଛାଡି ମାଓବାଦୀ ଦମ୍ପତି ଟିକେଶ୍ୱର ଓ ପ୍ରମିଳା ଆତ୍ମସମର୍ପଣ କରିଛନ୍ତି । ଏମାନେ ଦୀର୍ଘ ବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଥିଲେ। ଟିକେଶ୍ୱର ସଙ୍ଗଠନର ଏଲ୍‌ଓଏସ୍ କ୍ୟାଡର ମାଓବାଦୀ ଏବଂ ପ୍ରମିଳା ଏସିଏମ୍ ସଦସ୍ୟା ଭାବେ କାର୍ଯ୍ୟ କରୁଥିଲେ। ଉଭୟ ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିବାବେଳେ ଅନେକ ହତ୍ୟାକାଣ୍ଡ, ଆଇଇଡି ବିସ୍ଫୋରଣ, ପୋଲିସ ଉପରକୁ ଆକ୍ରମଣ ଭଳି ଘଟଣାରେ ସାମିଲ ଥିଲେ। ଟିକେଶ୍ୱରଙ୍କ ବିରୋଧରେ ମୋଟ ୩୨ଟି ମାମଲା ଏବଂ ପ୍ରମିଳାଙ୍କ ବିରୋଧରେ ୧୪ଟି ଆପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି । ଏବେ ମାଓବାଦୀ ସଙ୍ଗଠନର ଚିନ୍ତାଧାରା ବଦଳି ଯାଇଥିବା ଏବଂ ମହିଳା ମାଓବାଦୀଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ପୋଲିସ ନିକଟରେ ଉଭୟ ପ୍ରକାଶ କରିଛନ୍ତି । ଉକ୍ତ ଦମ୍ପତିଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ଧମତରୀ ଏସ୍‌ପି ଅଞ୍ଜାନେୟ ଭାରଶନି ସୂଚନା ଦେଇଛନ୍ତି।

# ଡାକ୍ତରଖାନା ଶୌଚାଳୟରେ ନବଜାତ ଶିଶୁର ମୃତଦେହ

ଯାଜପୁର, ୨୪।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ୱାର୍ଡ ଶୌଚାଳୟରେ ଏକ ନବଜାତକ ଶିଶୁର ମୃତଦେହ ପଡ଼ିଥିବା ଶନିବାର ଦେଖିବାକୁ ମିଳିଛି। ଏହା ଜଣାପଡ଼ିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷେ ଏହି ସମ୍ବେଦନଶୀଳ ଘଟଣାକୁ ଲୁଚାଇବାକୁ ଯାଇ ଡାକ୍ତରଖାନା ସଫେଇ କର୍ମଚାରୀ ମୃତଦେହକୁ ଅଳିଆଗଦାରେ ଫିଙ୍ଗି ଦେଇଥିଲେ। ଶିଶୁର ମୃତଦେହ ଶୌଚାଳୟରେ ପଡ଼ିବା ଓ ଏହାକୁ ସଫେଇ କର୍ମଚାରୀ ଉଠାଇନେବା ଦୃଶ୍ୟ ଗଣମାଧ୍ୟମ କ୍ୟାମେରାରେ କଏଦ ହୋଇଥିବାରୁ ଏହାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି। ଦାୟିତ୍ୱରେ ଥିବା ୩ ଜଣ ନର୍ସ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଥିବାବେଳେ ରୋଗୀ ପଞ୍ଜୀକରଣ ଖାତାରେ ମଧ୍ୟ କୌଣସି ପ୍ରସୂତିଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବା ଜଣାପଡ଼ିଛି। ତେବେ ମୃତ ଶିଶୁଟି କେଉଁଠୁ ଆସିଲା ଏବଂ ଡାକ୍ତର ଓ ନର୍ସ କିପରି କିଛି ଜାଣିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ କେହି ସନ୍ତାନ ଜନ୍ମ କରିବାପରେ ତାହାକୁ ଲୁଚାଇବାକୁ ଯାଇ ଶୌଚାଳୟରେ ଫିଙ୍ଗିଦେଇଥିବା ଚର୍ଚ୍ଚା ହେଉଛି। ଏନେଇ ମେଡିକାଲ ଅଫିସର ଦେବାଶିଷ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ହେବା ପରେ ଏନେଇ ଡାକ୍ତରଖାନା କର୍ମଚାରୀଙ୍କୁ ଡକାଇ ଆଲୋଚନା କରିଛନ୍ତି ଏବଂ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଚାଲିଛି ।

# ସିକନ୍ଦରାବାଦରୁ ନାବାଳିକା ଶ୍ରମିକ ଅପହୃତ

ମୁନିଗୁଡ଼ା, ୨୪।୮ (ନନ୍ଦକିଶୋର ପଟ୍ଟନାୟକ)

**ଉଦ୍ଧାର ପାଇଁ ରାୟଗଡ଼ା ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଶିବପଦର ପଞ୍ଚାୟତ ଅନ୍ତର୍ଗତ ଷ୍ଟେଶନ ଦହିଖାଲ ଅଞ୍ଚଳର ଜଣେ ନାବାଳିକା କାମ କରିବାକୁ ସିକନ୍ଦରାବାଦ ଯାଇ ସେଠାରେ ନିଖୋଜ ହୋଇଯାଇଛନ୍ତି। ସେଠାରେ ତାଙ୍କୁ କେହି ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତଙ୍କ କବଳରୁ ଝିଅକୁ ଉଦ୍ଧାର ପାଇଁ ପରିବାର ଲୋକେ ରାୟଗଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ହରିଶ ବିଶିଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଦହିଖାଲ ଅଞ୍ଚଳର ଜଣେ ବ୍ୟକ୍ତି ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଗତ ଫେବୃଆରୀରେ ତାଙ୍କ ୧୧ ବର୍ଷର ଝିଅକୁ ନେଇ ତେଲଙ୍ଗାନାର ବାଲାପୁର ଥାନା ଅନ୍ତର୍ଗତ ସିକନ୍ଦରାବାଦ ଯାଇଥିଲେ। ସେଠାରେ ସେ ଏମ୍‌ଏମ୍ ପ୍ରୋଜେକ୍ଟ କମ୍ପାନୀର ଠିକାଦାର ଏମ୍‌ଡି ମୁସ୍ତାଫାଙ୍କ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଜୁନ୍ ୨୬ରେ ନାବାଳିକା ଜଣକ କାମ ସରିବା ପରେ ଘରକୁ ନ ଫେରିବାରୁ ବାପା ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ଝିଅଟି ମାଞ୍ଜି ସ୍କୁଲ ନିକଟରେ ଠିଆ ହୋଇଥିବା ସମୟରେ ତାଙ୍କୁ କେହି ଏକ କାର୍‌ରେ ନେଇ ଯାଉଥିବା ଜଣେ ଲୋକ କହିଥିଲେ। ପରେ ଝିଅ ନିଖୋଜ ଥିବା ନେଇ ବାଲାପୁର ଥାନାରେ ବାପା ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୨୪୧/୨୦୨୪ରେ ମାମଲା ରୁଜୁକରି ତଦନ୍ତ କରିବା ସହ ଅପହରଣସ୍ଥଳର ସିସି ଟିଭି ଯାଞ୍ଚ କରିଥିଲେ। ଦୁର୍ବୃତ୍ତମାନେ ଝିଅଟିକୁ ବଳପୂର୍ବକ ଗାଡ଼ିରେ ଉଠାଇନେଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଘଟଣାର ୨ ମାସ ବିତିଲାଣି ହେଲେ, ବାଲାପୁର ପୋଲିସ ଦୁର୍ବୃତ୍ତଙ୍କ ସୁରାକ ପାଉନାହିଁ। ବହୁଦିନ ସେଠାରେ ରହି ଖୋଜାଖୋଜି କରି ଝିଅକୁ ନ ପାଇବାରୁ ବାପା ନିରାଶ ହୋଇ ଗାଁକୁ ଫେରି ଆସିଥିଲେ। ଶୁକ୍ରବାର ସେମାନେ ଘଟଣା ବିଷୟରେ ସ୍ଥାନୀୟ ଅଞ୍ଚଳର ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରାଙ୍କୁ ଜଣାଇଥିଲେ। ଭାଜପା ନେତା ବେହେରା ଅପହୃତା ଝିଅର ମାଆଙ୍କୁ ନେଇ ଏସ୍‌ପି ବିଶିଙ୍କୁ ଦେଖାକରିବା ସହ ଝିଅକୁ ଫେରାଇ ଆଣିବାପାଇଁ ଏକ ଲିଖିତ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଝିଅକୁ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

# ଅଭିନେତା ନାଗାର୍ଜୁନଙ୍କ କନ୍‌ଭେନ୍‌ଶନ ସେଣ୍ଟର ଭାଙ୍ଗିଲା ପ୍ରଶାସନ

ହାଇଦ୍ରାବାଦ, ୨୪।୮ (ପି.ଟି.)

ହାଇଦ୍ରାବାଦର ମାଧପୁର ଅଞ୍ଚଳରେ ତେଲୁଗୁ ସୁପରିଷ୍ଟାର ନାଗାର୍ଜୁନଙ୍କ ଯୁଗ୍ମ ମାଲିକାନାରେ ଥିବା ଏନ୍-କନ୍‌ଭେନ୍‌ଶନ ସେଣ୍ଟରକୁ ସରକାରୀ କର୍ତ୍ତୃପକ୍ଷ ଶନିବାର ଭାଙ୍ଗିଦେଇଛନ୍ତି। ତୁମ୍ମିଡିକୁଣ୍ଟା ହ୍ରଦ ନିକଟରେ ଜବରଦଖଲ ଜମିରେ ଉକ୍ତ ସେଣ୍ଟର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଆଇନ ଉଲ୍ଲଂଘନ ପାଇଁ ନୁହେଁ, ବରଂ ଭୁଲ୍ ସୂଚନା ଆଧାରରେ ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେଇଥିବା ନାଗାର୍ଜୁନ ଅଭିଯୋଗ କରିଛନ୍ତି। କୋର୍ଟରେ ଉକ୍ତ ସେଣ୍ଟରକୁ ନେଇ ମାମଲା ଚାଲିବା ସହ ସ୍ଥଗିତାଦେଶ ଲାଗୁ ହୋଇଥିବାବେଳେ ପ୍ରଶାସନ ବେଆଇନ ଭାବେ ଏହାକୁ ଭାଙ୍ଗିଥିବାରୁ ମର୍ମାହତ ବୋଲି ନାଗାର୍ଜୁନ କହିଛନ୍ତି। ଏହା ଏକ ପଟ୍ଟା ଜମି ଏବଂ ଟ୍ୟାଙ୍କ ଯୋଜନାରେ ଥିବା ଜମିରୁ ଗୋଟିଏ ଇଞ୍ଚ ମଧ୍ୟ ଜବରଦଖଲ ହୋଇ ନ ଥିବା ଅଭିନେତା ଏକ୍ସ'ରେ ଲେଖିଛନ୍ତି।

ଏନ୍3 ଏଣ୍ଟରପ୍ରାଇଜେସ୍ ଉକ୍ତ କନ୍‌ଭେନ୍‌ଶନ ସେଣ୍ଟରକୁ ପରିଚାଳନା କରୁଥିବାବେଳେ ଅଭିନେତା ନାଗାର୍ଜୁନ ଏବଂ ନାଲ୍ଲା ପ୍ରିଥମ୍ ଏହାର ମାଲିକ। ହାଇଦ୍ରାବାଦ ବିପର୍ଯ୍ୟୟ ପ୍ରଶମନ ଏବଂ ସମ୍ପତ୍ତି ତଦାରଖ ତଥା ସୁରକ୍ଷା ସଂସ୍ଥା ଉକ୍ତ ସେଣ୍ଟରକୁ ଭାଙ୍ଗିଦେଇଛି। ନାଗାର୍ଜୁନ ବେଆଇନ ଭାବେ ଜବରଦଖଲ ଜମି ଉପରେ କନ୍‌ଭେନ୍‌ଶନ ସେଣ୍ଟର ନିର୍ମାଣ କରିଥିଲେ ଏବଂ ଉପଯୁକ୍ତ



ଆଇନଗତ ପ୍ରକ୍ରିୟା ଅନୁଯାୟୀ ଏହାକୁ ଭଙ୍ଗାଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି।

*Continue from previous page*

| | | | | | | |
|---|---|---|---|---|---|---|
| 85 | 61/113 | 767/1222 | GHARBARI | 0.040 | **0.040** | ଗୋପିନାଥ ପ୍ରଧାନ, ପି: ଦିନୁ ପ୍ରଧାନ, ସାଲମତି ପ୍ରଧାନ, ସ୍ୱା: ଗୋପିନାଥ ପ୍ରଧାନ, ଜା: କିଶାନ, ବା: କୁଶରା |
| 86 | 61/114 | 767/1223 | GHARBARI | 0.040 | **0.040** | ଦିଲିପ ବଡେକ, ପି: ପତି ବଡେକ, ଉପାରି ବଡେକ, ସ୍ୱା: ଦିଲିପ ବଡେକ, ଜା: କିଶାନ, ବା: କୁଶରା |
| 87 | 61/115 | 767/1224 | GHARBARI | 0.040 | **0.040** | ଜେମାଦେଇ ବଡେକ, ସ୍ୱା: ଠାକୁର ବଡେକ, ସନ୍ତୋଷିନୀ ବଡେକ, ବିଦେଶିନୀ ବଡେକ, ସରୋଜିନୀ ବଡେକ, ଜୟକୃଷ୍ଣ ବଡେକ, ପି: ଠାକୁର ବଡେକ, ଜା: କିଶାନ, ବା: କୁଶରା |
| 88 | 61/116 | 767/1225 | GHARBARI | 0.040 | **0.040** | ତୁଲସା ମିଞ୍ଜ, ପି: ଶଙ୍କର ମିଞ୍ଜ, ଜା: କିଶାନ, ବା: କୁଶରା |
| 89 | 61/117 | 767/1226 | GHARBARI | 0.040 | **0.040** | ଅଙ୍କୁର ବଡେକ, ପି: ଚନ୍ଦନ ବଡେକ, ମୁଆଁଦେଇ ବଡେକ, ସ୍ୱା: ଅଙ୍କୁର ବଡେକ, ଜା: କିଶାନ, ବା: କୁଶରା |
| 90 | 61/118 | 767/1232 | GHARBARI | 0.040 | **0.040** | କଦଳୀ ପ୍ରଧାନ, ସ୍ୱା: ମକ ପ୍ରଧାନ, ଜା: କିଶାନ, ବା: କୁଶରା |
| 91 | 61/119 | 767/1233 | GHARBARI | 0.040 | **0.040** | ସୁରେନ୍ଦ୍ର ବଡେକ, ପି: ବୈଶାଖୁ ବଡେକ, ଜୟମନ୍ତ ବଡେକ, ସ୍ୱା: ଦୁରେନ୍ଦ୍ର ବଡେକ, ଜା: କିଶାନ, ବା: କୁଶରା |
| 92 | 61/120 | 767/1234 | GHARBARI | 0.040 | **0.040** | ବିରେନ୍ଦ୍ର କୁଟୁଆଁ, ପି: ଭକ୍ତି କୁଟୁଆଁ, କୁମୁଦିନି କୁଟୁଆଁ, ସ୍ୱା: ବିରେନ୍ଦ୍ର କୁଟୁଆଁ, ଜା: ଭୂୟାଁ, ବା: କୁଶରା |
| 93 | 61/121 | 244/1235 | BA.SA. | 0.130 | **0.130** | ଧନସାଏ ବାଘ, ପି: ଉଦେନାଥ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 590 | MA.SA. | 0.220 | **0.220** | |
| | | 599/1239 | BE.SA. | 1.150 | **1.150** | |
| 94 | 61/122 | 126/1240 | MA.SA. | 0.510 | **0.510** | ଦେବକୀ ଦୁତୀୟା ଚାନ୍ଦ, ପି: ହଳସାଏ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 599/1243 | BE.SA. | 0.400 | **0.400** | |
| | | 600/1244 | MA.SA. | 0.600 | **0.600** | |
| | | 612/1245 | MA.SA. | 0.300 | **0.300** | |
| 95 | 61/123 | 612 | MA.SA. | 1.840 | **1.840** | ଅର୍ଜୁନ ବାଘ, ପି: ଉଦେନାଥ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| 96 | 61/124 | 109 | MA.SA. | 0.170 | **0.170** | ଭଗବତି ବାଘ, ସ୍ୱା: ଅଶୋକ କୁମାର ବାଘ, କୁନ୍ତୀ ବାଘ, ପି: ଅଶ୍ୱିନୀ କୁମାର ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 113 | MA.SA. | 0.200 | **0.200** | |
| | | 124/1248 | MA.SA. | 0.650 | **0.650** | |
| | | 126/1249 | MA.SA. | 0.210 | **0.210** | |
| | | 239 | BA.SA. | 0.570 | **0.570** | |
| | | 598 | BA.SA. | 0.370 | **0.370** | |
| | | 599/1252 | BE.SA. | 0.700 | **0.700** | |
| | | 599/1253 | BE.SA. | 0.400 | **0.100** | |
| | | 600 | MA.SA. | 0.800 | **0.800** | |
| 97 | 61/125 | 124/1254 | MA.SA. | 0.220 | **0.220** | ଯୋଗେନ୍ଦ୍ର ବାଘ, ପି: କୃର୍ଣ୍ଣୀ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 124/1255 | MA.SA. | 0.100 | **0.100** | |
| | | 126/1256 | MA.SA. | 0.130 | **0.130** | |
| | | 196/1257 | BE.SA. | 0.150 | **0.150** | |
| | | 197/1258 | MA.SA. | 0.120 | **0.120** | |
| | | 224/1259 | BE.SA. | 0.180 | **0.180** | |
| | | 237/1260 | GODA-2 | 0.080 | **0.080** | |
| | | 242/1262 | BA.SA. | 0.170 | **0.170** | |
| | | 245/1263 | BA.SA. | 0.130 | **0.130** | |
| 98 | 61/126 | 124/1267 | MA.SA. | 0.100 | **0.100** | ସୁନୀଲ ବାଘ, ପି: କୃର୍ଣ୍ଣୀ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 124/1268 | MA.SA. | 0.220 | **0.220** | |
| | | 196/1269 | BE.SA. | 0.150 | **0.150** | |
| | | 197/1270 | MA.SA. | 0.120 | **0.120** | |
| | | 224/1271 | BE.SA. | 0.170 | **0.170** | |
| | | 241/1272 | BE.SA. | 0.090 | **0.090** | |
| | | 242/1273 | BA.SA. | 0.170 | **0.170** | |
| | | 245/1274 | BA.SA. | 0.130 | **0.130** | |
| 99 | 61/127 | 111/1278 | MA.SA. | 0.100 | **0.100** | ଛାୟାବତୀ ମହାନନ୍ଦିଆ, ପି: କୃର୍ଣ୍ଣୀ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 124/1280 | MA.SA. | 0.240 | **0.240** | |
| | | 196 | BE.SA. | 0.150 | **0.150** | |
| | | 241/1282 | BE.SA. | 0.080 | **0.080** | |
| | | 245 | BA.SA. | 0.130 | **0.130** | |
| 100 | 61/128 | 111 | MA.SA. | 0.140 | **0.140** | ବୈଦେହୀ ବାଘ, ସ୍ୱା: ବିକ୍ରମ ବାଘ, ଟିକେଶ୍ୱର ବାଘ, ସବିତା ତାଜନ, ଗୀତା ବାଘ, ରିତା ବାଘ, ପି: ବିକ୍ରମ ବାଘ, ଜା: ଗଣ୍ଡା, ବା: ନିଜଗାଁ |
| | | 124/1287 | MA.SA. | 0.100 | **0.100** | |
| | | 124/1288 | MA.SA. | 0.350 | **0.350** | |
| | | 126 | MA.SA. | 0.850 | **0.850** | |
| | | 224 | BE.SA. | 0.140 | **0.140** | |
| | | 226 | BE.SA. | 0.350 | **0.350** | |
| | | 237/1289 | GODA-2 | 0.080 | **0.080** | |
| | | 241/1290 | BE.SA. | 0.250 | **0.250** | |
| | | 242 | BA.SA. | 0.310 | **0.310** | |
| | | 244/1291 | BA.SA. | 0.130 | **0.130** | |
| 101 | 61/129 | 127/1293 | MA.SA. | 0.380 | **0.380** | କମଳା ଗୁଖୁରା, ସ୍ୱା: ହୃଦାନନ୍ଦ ଗୁଖୁରା, ବିରଞ୍ଚି ଶଙ୍କର ଗୁଖୁରା, ବିରେନ୍ଦ୍ର ଗୁଖୁରା ଅମୀୟ ଗୁଖୁରା, ପି: ହୃଦାନନ୍ଦ ଗୁଖୁରା, ଜା: ଗଣ୍ଡା, ବା: ନିଜଗାଁ |
| | | 230/1298 | BE.SA. | 0.060 | **0.060** | |
| | | 231/1296 | GODA-2 | 0.120 | **0.120** | |
| | | 232 | MA.SA. | 0.030 | **0.030** | |
| | | 234/1297 | GODA-1 | 0.140 | **0.140** | |
| | | 235 | BE.SA. | 0.420 | **0.420** | |
| | | 240/1294 | BA.SA. | 0.150 | **0.150** | |
| 102 | 61/130 | 230/1305 | BE.SA. | 0.060 | **0.060** | ଧରଣିଧର ଗୁଖ୍ରା, ପି: ବିଭିଷଣ ଗୁଖ୍ରା, ଜା: ଗଣ୍ଡା, ବା: ନିଜଗାଁ |
| | | 232/1306 | MA.SA. | 0.030 | **0.030** | |
| | | 233/1300 | BE.SA. | 0.400 | **0.400** | |
| | | 237/1304 | GODA-2 | 0.120 | **0.120** | |
| | | 238/1299 | MA.SA. | 0.370 | **0.370** | |
| | | 240/1301 | BA.SA. | 0.150 | **0.150** | |
| 103 | 61/131 | 127/1307 | MA.SA. | 0.370 | **0.370** | ଚିନ୍ତାମଣୀ ଗୁଖ୍ରା, ପି: ବିଭିଷଣ ଗୁଖ୍ରା, ଜା: ଗଣ୍ଡା, ବା: ନିଜଗାଁ |
| | | 230/1308 | BE.SA. | 0.520 | **0.520** | |
| | | 231/1310 | GODA-2 | 0.120 | **0.120** | |
| | | 232/1312 | MA.SA. | 0.030 | **0.030** | |
| | | 234/1311 | GODA-1 | 0.150 | **0.150** | |
| | | 240 | BA.SA. | 0.150 | **0.150** | |
| 104 | 61/132 | 230/1319 | BE.SA. | 0.100 | **0.100** | ଶୋଭାରାମ ବୁଡା, ଚନ୍ଦ୍ରଭାନୁ ବୁଡା, ଅମିନ ଜୟପୁରିଆ, ମଙ୍ଗଳି ସିଂ ମା: ଉମ ବୁଡା, ପି: ଦିନ ବୁଡା, ଠାନ ସୁନ୍ଦର ସିଂ, ଦୋଳ ସିଂ, ମା: ମଙ୍ଗଳି ସିଂ, ପି: ହୃଦାନନ୍ଦ ସିଂ, ଜା: ଗଣ୍ଡା, ବା: ନିଜଗାଁ |
| | | 231/1316 | GODA-2 | 0.120 | **0.120** | |
| | | 232/1320 | MA.SA. | 0.030 | **0.030** | |
| | | 233/1314 | BE.SA. | 0.410 | **0.410** | |
| | | 238/1313 | MA.SA. | 0.370 | **0.370** | |
| | | 240/1315 | BA.SA. | 0.150 | **0.150** | |
| 105 | 61/133 | 112 | MA.SA. | 0.250 | **0.250** | ଶୋଭାରାମ ବୁଡା, ପି: ଦୀନ ବୁଡା, ଜା: ଗଣ୍ଡା, ବା: ନିଜଗାଁ |
| | | 127 | MA.SA. | 0.080 | **0.080** | |
| | | 230/1326 | BE.SA. | 0.100 | **0.100** | |
| | | 232/1327 | MA.SA. | 0.030 | **0.030** | |
| | | 233 | BE.SA. | 0.120 | **0.120** | |
| | | 237/1323 | GODA-2 | 0.120 | **0.120** | |
| | | 240/1322 | BA.SA. | 0.170 | **0.170** | |
| | | 241/1321 | BE.SA. | 0.260 | **0.260** | |
| 106 | 61/134 | 124 | MA.SA. | 0.200 | **0.200** | ଚନ୍ଦ୍ରଭାନୁ ବୁଡା, ପି: ଦୀନ ବୁଡା, ଜା: ଗଣ୍ଡା, ବା: ନିଜଗାଁ |
| | | 230 | BE.SA. | 0.100 | **0.100** | |
| | | 231 | GODA-2 | 0.100 | **0.100** | |
| | | 232/1 | MA.SA. | 0.030 | **0.030** | |
| | | 237/1328 | GODA-2 | 0.040 | **0.040** | |
| | | 238 | MA.SA. | 0.210 | **0.210** | |
| | | 241 | BE.SA. | 0.380 | **0.380** | |
| | | 244 | BA.SA. | 0.130 | **0.130** | |
| 107 | 61/135 | 115/1332 | MA.SA. | 0.050 | **0.050** | ସୁଷମା ଚୌଧୁରୀ, ସ୍ୱା: ଅରବିନ୍ଦ ଚୌଧୁରୀ, ଜା: ଆଗ୍ରିଆ, ବା: ନିଜଗାଁ |
| 108 | 61/137 | 114 | MA.SA. | 0.050 | **0.050** | ଚିନ୍ତାମଣି ନନ୍ଦ, ପି: ଦୁବରାଜ ନନ୍ଦ, ଜା: ବ୍ରାହ୍ମଣ, ବା: ଗମ୍ଭାରିଡିହି |
| 109 | 61/138 | 90/1026 | BE.SA. | 0.710 | **0.710** | ସଚିଦାନନ୍ଦ ପଟେଲ, ପି: ଦାଶରଥି ପଟେଲ, ଜା: ଆଗ୍ରିଆ, ବା: ସୁଲାହି, ଥା: ଲଇକେରା ଜି: ଝାରସୁଗୁଡା |
| | | 1026/1341 | GHARBARI | 0.040 | **0.040** | |
| | | 90/1027 | BE.SA. | 0.300 | **0.300** | |
| 110 | 61/139 | 88 | BE.SA. | 0.450 | **0.450** | ସୁବ୍ରତ କୁମାର ନାଏକ, ପି: ରୋହିତ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| | | 117/1028 | MA.SA. | 0.510 | **0.510** | |
| 111 | 61/140 | 90/1025 | BE.SA. | 0.880 | **0.880** | ଉମାକାନ୍ତ ନାଏକ, ପି: ବିପିନ ବିହାରୀ ନାଏକ, ଜା: ଆଗ୍ରିଆ, ବା: କିଞ୍ଜିର୍ମା ଥା: ଭଷ୍ମା |
| 112 | 61/143 | 130/1132 | BA.SA. | 0.550 | **0.550** | ଗୋପାଳ ଚନ୍ଦ୍ର ପଟେଲ, ପି: ଲୋକେଶ୍ୱର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| 113 | 61/144 | 131/1099 | BE.SA. | 0.300 | **0.300** | ସଂଗ୍ରାମ ଚୌଧୁରୀ, ପି: ପ୍ରଦୀପ ଚୌଧୁରୀ, ଜା: ଆଗ୍ରିଆ, ବା: ଦିଉଲି |
| 114 | 61/145 | 123/1345 | MA.SA. | 0.930 | **0.930** | ବୁଦ୍ଧଦେବ କୁଅଁର, ପି: ଗୋବନର୍ଦ୍ଧନ କୁଅଁର, ଜା: କୁଅଁର, ବା: ନିଜଗାଁ |
| | | 161 | BE.SA. | 0.180 | **0.180** | |
| | | 162 | BE.SA. | 0.150 | **0.150** | |
| | | 159 | BE.SA. | 0.300 | **0.300** | |
| 115 | 61/147 | 131 | BE.SA. | 0.290 | **0.290** | ସୁନନ୍ଦା ନାଏକ, ସ୍ୱା: ଅମୀୟ ରଞ୍ଜନ ପଟେଲ, ଜା: ଆଗ୍ରିଆ, ବା: ଚକ୍ରଧରପୁର, ଗିରିଂକେଲା |
| 116 | 61/156 | 1136/1364 | BE.SA. | 0.280 | **0.280** | ସୁନୀତ କୁମାର ପଟେଲ, ପି: ସଦାନନ୍ଦ ପଟେଲ, ଜା: ଆଗ୍ରିଆ, ବା: ଚକ୍ରଧରପୁର, ଗିରିଂକେଲା, ଥା: ଲେଫ୍ରିପଡା, ସୁନ୍ଦରଗଡ |
| 117 | 61/167 | 716/927 (P) | GODA-2 | 0.090 | **0.090** | ବିଜିଲି ଛିଡିକି, ପି: ରଥ ଛିଡିକି, ଜା: ଭୂୟଁର, ବା: କୁଶରା |
| 118 | 61/171 | 1283/1392 | BA.SA. | 0.100 | **0.100** | ଶ୍ରୀମତୀ ମହାନନ୍ଦିଆ, ସ୍ୱା: ଅମିୟ ରଞ୍ଜନ ଛୁରା, ଜା: ଗଣ୍ଡା, ବା: ସର୍ଗିପାଲି |
| 119 | 61/172 | 242/1283 | BA.SA. | 0.070 | **0.070** | ଟଙ୍କଧର ପୋଢ, ପି: ଉଜାଗର ପୋଢ, ଜା: ଗଣ୍ଡା, ବା: ସାହାସପୁର |
| 120 | 61/173 | 1279/1393 | MA.SA. | 0.050 | **0.050** | କୁନୁ ବେହେରା, ପି: ଅନାଦୀ ବେହେରା, ଜା: ଧୋବ, ବା: ଲୋଗଡେଗା ଥା: ଲେପ୍ରିପଡା |
| 121 | 61/179 | 124/1279 | MA.SA. | 0.050 | **0.050** | ଓମ ପ୍ରକାଶ ଦୀପ, ପି: କୌତୁକ ଦୀପ, ଜା: ଗଣ୍ଡା, ବା: ତିହାଡିପାଲି |
| | | 197 | MA.SA. | 0.100 | **0.100** | |
| 122 | 61/181 | 1131/1401 | BA.SA. | 0.050 | **0.050** | ମନୋଜ ନାଏକ, ପି: ଗିରିପାଳ ନାଏକ, ଜା: ଆଗ୍ରିଆ, ବା: କୁଶରା, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 1401/1413 | GHARBARI | 0.050 | **0.050** | |
| 123 | 61/182 | 1131/1402 | BA.SA. | 0.060 | **0.060** | ଶୁପ୍ରାଚି ନାଏକ, ପି: ନରୋତ୍ତମ ନାଏକ, ଜା: ଆଗ୍ରିଆ, ବା: କୁଶରା, ଥାନା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 1402/1410 | GHARBARI | 0.040 | **0.040** | |
| 124 | 61/190 | 224/1281 | BE.SA. | 0.170 | **0.170** | ଉର୍ମିଳା ଜଗଦଳା, ସ୍ୱା: କାହ୍ନୁ ଜଗଦଳା, ଜା: ଗଣ୍ଡା, ବା: ସୁନାରିମୁଣ୍ଡା, ଥା/ଜିଲ୍ଲା: ଝାରସୁଗୁଡା |
| 125 | 61/194 | 227 | BE.SA. | 0.330 | **0.330** | ହର୍ଷଦେବ ସେଠ, ପି: କନ୍ଦର୍ପ ସେଠ, ଜା: ଧୋବା, ବା: ବଲବସପୁର |
| 126 | 61/195 | 241/1261 | BE.SA. | 0.080 | **0.080** | ଅଦିତ୍ୟ ସିଂ, ପି: ଡୟରୁଧର ସିଂ, ଜା: ଗଣ୍ଡା, ବା: ଯମୁନାଢିପା, ଥା: ଭଷ୍ମା |
| 127 | 61/196 | 1131/1414 | BA.SA. | 0.030 | **0.030** | ପ୍ରତୀକ ପଟେଲ, ପି: ପ୍ରହଲ୍ଲାଦ ପଟେଲ, ଜା: ଆଗ୍ରିଆ, ବା: ବଲିଙ୍ଗା, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 1401/1415 | GHARBARI | 0.020 | **0.020** | |
| 128 | 61/197 | 147/1416 | BE.SA. | 0.020 | **0.020** | ବୋନିଶ ପଟେଲ, ପି: ସୁଶାନ୍ତ କୁମାର ପଟେଲ, ଜା: ଆଗ୍ରିଆ, ବା: ବଡବଙ୍ଗା, ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| 129 | 61/198 | 129/1417 | MA.SA. | 0.020 | **0.020** | ଜ୍ୟୋତ୍ସ୍ନା ନାଏକ, ସ୍ୱା: ସୁଶାନ୍ତ କୁମାର ନାଏକ, ଜା: ଆଗ୍ରିଆ, ବା: ବଡବଙ୍ଗା, ଥା: ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| 130 | 61/199 | 129/1418 | MA.SA. | 0.020 | **0.020** | ସବିତା ପଟେଲ, ସ୍ୱା: ଅନନ୍ତ କୁମାର ନାଏକ, ଗ୍ରାମ/ପୋ: ଲେଫ୍ରିପଡା, ଥା: ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| | | 147/1419 | BE.SA. | 0.020 | **0.020** | |
| 131 | 61/200 | 609/1420 | GODA-2 | 0.130 | **0.130** | ଶ୍ରୀମନ୍ତିନୀ ନାଏକ, ସ୍ୱା: ସୁମନ୍ତ କୁମାର ପଟେଲ, ଜା: ଆଗ୍ରିଆ, ବା: ଢେଲସରା (ବଞ୍ଜାରିବର), ଥା: ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| 132 | 61/201 | 608/1421 | MA.SA. | 0.070 | **0.070** | ସୁଜାତା ପଟେଲ, ପି: ରାଜେନ୍ଦ୍ର ପଟେଲ, ଜା: ଆଗ୍ରିଆ, ବା: ରେଙ୍ଗାଲବୁଡ, ଥା: ଭଷ୍ମା, ଜିଲ୍ଲା: ସୁନ୍ଦରଗଡ |
| 133 | 61/203 | 610/1423 | GODA-2 | 0.050 | **0.050** | ସୁବ୍ରତ କୁମାର ପଟେଲ, ପି: ଭୋଲାନାଥ ପଟେଲ, ଜା: ଆଗ୍ରିଆ, ବା: ଅଁଲାବାହାଲ, ଥା: ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| 134 | 61/204 | 610/1424 | GODA-2 | 0.050 | **0.050** | ସନ୍ଦୀପ କୁମାର ପଟେଲ, ପି: ଘନଶ୍ୟାମ ପଟେଲ, ଜା: ଆଗ୍ରିଆ, ବା: ସମାସିଂଘା, କୁଲାଗିରା, ଜିଲ୍ଲା: ଝାରସୁଗୁଡା |
| 135 | 61/205 | 610/1425 | GODA-2 | 0.050 | **0.050** | ହେମନ୍ତ କିଶାନ, ପି: ଗୁର ଚରଣ କିଶାନ, ଜା: କିଶାନ, ବା: ପୁର୍ଣ୍ଣା, ଥା/ଜିଲ୍ଲା: ଝାରସୁଗୁଡା |
| 136 | 61/206 | 610/1426 | GODA-2 | 0.050 | **0.050** | ଭରତ ଚନ୍ଦ୍ର ପଟେଲ, ପି: ବିଶ୍ୱନାଥ ପଟେଲ, ଜା: ଆଗ୍ରିଆ, ବା: ଅଁଲାବାହାଲ, ଥା: ଲେଫ୍ରିପଡା, ଜିଲ୍ଲା: ସୁନ୍ଦରଗଡ |
| 137 | 61/207 | 610 | GODA-2 | 0.050 | **0.050** | ଯୋଗେଶ୍ୱର ପଟେଲ, ପି: ବୈକୁଣ୍ଠ ପଟେଲ, ଜା: ଆଗ୍ରିଆ, ବା: ଗଣ୍ଡିବୁଡ, ଜିଲ୍ଲା: ଝାରସୁଗୁଡା |
| 138 | 61/209 | 605/1441 | BE.SA. | 0.050 | **0.050** | ସୁକେଶ ଚୌଧୁରୀ, ପି: ଅରବିନ୍ଦ ଚୌଧୁରୀ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 604/1433 | BE.SA. | 0.070 | **0.070** | |
| | | 120/1436 | MA.SA. | 0.410 | **0.410** | |
| | | 607/1439 | BE.SA. | 0.660 | **0.660** | |
| | | 608/1438 | MA.SA. | 0.610 | **0.610** | |
| | | 609 | GODA-2 | 0.050 | **0.050** | |
| | | 606/1440 | MA.SA. | 0.070 | **0.070** | |
| 139 | 61/210 | 605/1443 | BE.SA. | 0.140 | **0.140** | ସାଗରିକା ଚୌଧୁରୀ, ପି: ରାଜେଶ କୁମାର ଚୌଧୁରୀ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 607/1444 | BE.SA. | 0.660 | **0.660** | |
| | | 608/1446 | MA.SA. | 0.610 | **0.610** | |
| | | 611 | MA.SA. | 0.100 | **0.100** | |
| | | 604/901 | BE.SA. | 0.070 | **0.070** | |
| | | 606/1442 | MA.SA. | 0.070 | **0.070** | |
| 140 | 61/211 | 608/1448 | MA.SA. | 0.610 | **0.610** | ମୁକେଶ ଚୌଧୁରୀ, ପି: ଅରବିନ୍ଦ ଚୌଧୁରୀ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| 141 | 61/212 | 121 | MA.SA. | 0.310 | **0.310** | ସ୍ୱାଗତିକା ଚୌଧୁରୀ, ପି: ମୁକେଶ ଚୌଧୁରୀ, ଜା: ଆଗ୍ରିଆ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 591/1450 | BA.SA. | 0.370 | **0.370** | |
| | | 593/1452 | BA.SA. | 0.470 | **0.470** | |
| 142 | 61/213 | 607 | BE.SA. | 0.660 | **0.660** | ସ୍ୱାଗତ ଚୌଧୁରୀ, ପି: ମୁକେଶ ଚୌଧୁରୀ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| 143 | 61/214 | 115 | MA.SA. | 0.520 | **0.520** | ସୋମ୍ୟାରାଣୀ ଚୌଧୁରୀ, ପି: ମୁକେଶ ଚୌଧୁରୀ, ବା: କୁଶରା, ପୋ: ବରପାଲି, ଥା: ହେମଗିରି, ଜିଲ୍ଲା: ସୁନ୍ଦରଗଡ |
| | | 591/1454 | BA.SA. | 0.370 | **0.370** | |
| | | 593 | BA.SA. | 0.470 | **0.470** | |
| 144 | 61/245 | 119 | MA.SA. | 0.140 | **0.140** | ସନ୍ତୋଷ କୁମାର ନାଏକ, ଡିଲେଶ୍ୱର ନାଏକ, ପି: ହିରା ଧର ନାଏକ, ଜା: ଅଘରିଆ, ବା: ସାହାଜବାହଲ, ଥା: ଭଷ୍ମା, ଜିଲ୍ଲା: ସୁନ୍ଦରଗଡ |
| | | 591/1429 | BA.SA. | 0.380 | **0.380** | |
| | | 593/1430 | BA.SA. | 0.160 | **0.160** | |
| 145 | 61/247 | 596 | BA.SA. | 0.130 | **0.130** | ସନ୍ତୋଷ କୁମାର ନାଏକ, ଡିଲେଶ୍ୱର ନାଏକ, ପି: ହିରା ଧର ନାଏକ, ଜା: ଅଘରିଆ, ବା: ସାହାଜବାହଲ, ଥା: ଭଷ୍ମା, ଜିଲ୍ଲା: ସୁନ୍ଦରଗଡ |
| | | 597 | BA.SA. | 0.170 | **0.170** | |
| 146 | 61/249 | 605 | BE.SA. | 0.090 | **0.090** | ସନ୍ତୋଷ କୁମାର ନାଏକ, ଡିଲେଶ୍ୱର ନାଏକ, ପି: ହିରା ଧର ନାଏକ, ଜା: ଅଘରିଆ, ବା: ସାହାଜବାହଲ, ଥା: ଭଷ୍ମା, ଜିଲ୍ଲା: ସୁନ୍ଦରଗଡ |
| | | 107 | MA.SA. | 0.290 | **0.290** | |
| | | 606 | MA.SA. | 0.070 | **0.070** | |
| | | 604/1447 | BE.SA. | 0.080 | **0.080** | |
| ମୌଜା- ବରପାଲୀ (ରିପୋର୍ଟିଙ୍ଗ୍ ତାରିଖ- **26.08.2024** ଓ ତା'ପରେ, ସମୟ- ରବିବାର ଏବଂ ଛୁଟି ଦିନ ବ୍ୟତୀତ ଯେ କୌଣସି କାର୍ଯ୍ୟ ଦିବସରେ | | | | | | |
| 1 | 60 | 78 | GODA DUI | 0.980 | **0.380** | ମଦନ କିଶାନ, ଆନନ୍ଦ କିଶାନ, ପି: ମିଚ୍ଛୁ କିଶାନ, ଜା: କିଶାନ, ବା: କୁସୁରା |

(PR-510)

ଡେପୁଟି ଚିଫ୍ ଇଂଜିନିୟର(CON)/ଝାରସୁଗୁଡ଼ା

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆପଣଙ୍କ ସେବାରେ

# ହିମାଂଶୁ, ପ୍ରଣବଙ୍କ ବିବାଦ ତେଜିଲା


କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ହିମାଂଶୁ ଶେଖର ସାହୁ ଓ ଦଳୀୟ ନେତା।


ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଦଳୀୟ ନେତା।

ଯାଜପୁର/ଧର୍ମଶାଳା/କାଏମା,୨୪।୮ (ହର୍ଷବର୍ଦ୍ଧନ ବେହେରା/ ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

## ଧର୍ମଶାଳା ରାଜନୀତି

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ମଧ୍ୟରେ ଜଙ୍ଗଲ ଜମିରେ ବିଜେଡି କାର୍ଯ୍ୟାଳୟ ନିର୍ମାଣ ଅଭିଯୋଗକୁ ନେଇ ବିବାଦ ତେଜିବାରେ ଲାଗିଛି। ଉଭୟେ ଉଭୟଙ୍କ ଦୋଷ ଦୁର୍ବଳତା ବଖାଣିବା ସହ କଳାପଥର ଲୁଟ ପ୍ରସଙ୍ଗକୁ ମଧ୍ୟ ଏହା ଭିତରକୁ ଟଣାଯାଇଛି।

ଶନିବାର ପୂର୍ବାହ୍ନ ୧୧ଟାରେ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଣବ କହିଛନ୍ତି, ଧର୍ମଶାଳା ବିଧାୟକଙ୍କ ସମର୍ଥକଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ ଓ ମନଗଢ଼ା। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ବଦନାମ କରାଯାଉଛି। ଲୋକଙ୍କ ସମସ୍ୟାର ସମାଧାନ ନ କରି ଖଣିରେ ମାତିଛନ୍ତି। ଧର୍ମଶାଳା ଛକ ବଜାରରେ ଆଲୋଚନା ହେଉଛି ଯେ କ୍ରଶର ଓ ଖାଦାନଗୁଡ଼ିକଠାରୁ ଚାନ୍ଦା ଆଦାୟ କରାଯାଉଛି। ଏକଥା ଖାଲି ଧର୍ମଶାଳା ନୁହେଁ, ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିଲାଣି। ଧର୍ମଶାଳାର ସାଧାରଣ ଲୋକେ ପାହାଡ଼ କିମ୍ବା ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପରିବାର ଚଳାଉଥିଲେ। ଏବେ ସେମାନେ କାମଧନ୍ଦା ନ ପାଇ ବାହାରକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଏହାବାଦ୍ ପ୍ଲଟ୍ ନଂ. ୮୦ ସରକାରୀ ଜମିର ୫.୪୧ ଏକରରେ ସେ ନୁହେଁ ସାଧାରଣ ଲୋକେ ରହୁଛନ୍ତି। ମାପଚୁପ ସରିଛି। ମାପ ପରେ ଆବଶ୍ୟକ ପଡ଼ିଲେ ତାଙ୍କ ଜମିର ମାପ କରାଯାଉ, ତାଙ୍କର ଯେତିକି ପଟ୍ଟା ଜମି ରହିଛି ସେତିକି ନେବେ। ଯଦି ସେ ସରକାରୀ ଜମି ମାଡ଼ିବସିଛନ୍ତି ତାହାକୁ ତୁରନ୍ତ ଭାଙ୍ଗି ସରକାରଙ୍କ ଦଖଲକୁ ନିଆଯାଉ। ଏହା ସହ ଭାଜପାର କୁମାରୀ କାର୍ଯ୍ୟାଳୟ ଜଙ୍ଗଲ ଜମିରେ ନିର୍ମାଣ ହୋଇନି ତ ବୋଲି ପୂର୍ବତନ ବିଧାୟକ ପ୍ରଣବ ପ୍ରଶ୍ନ କରିଛନ୍ତି।

ଏହା ପରେ ସନ୍ଧ୍ୟାରେ ବିଧାୟକ ହିମାଂଶୁ ଶେଖର ସାହୁ କୁମାରୀସ୍ଥିତ ତାଙ୍କ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ପୂର୍ବତନ ବିଧାୟକ ପ୍ରଣବଙ୍କ କାର୍ଯ୍ୟାଳୟର ମାପଚୁପ ଚାଲିଛି। ଏଯାଏ ତାହା ସରିନି। ଯିଏ ବି ମାପଚୁପ ପାଇଁ ଅଭିଯୋଗ କରିଛନ୍ତି ତାହା ତାଙ୍କର ବ୍ୟକ୍ତିଗତ ମାମଲା। କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟର ଜମି ବାବଦ ସମସ୍ତ ପଟ୍ଟା ଖବରଦାତାମାନଙ୍କୁ ସେ ଦେଖାଇଥିଲେ। ପୂର୍ବତନ ବିଧାୟକଙ୍କ କାର୍ଯ୍ୟାଳୟ ଜମିକୁ ଚଞ୍ଚକତା କରି ପଟ୍ଟା ହାସଲ କରାଯାଇଛି। ଯିଏ ଚୋରି କରିଛି ସେ ନିଶ୍ଚିତ ଭାବେ ଧରାପଡ଼ିବେ ଏବଂ ଜେଲଯିବା ସୁନିଶ୍ଚିତ। ସମସ୍ତ କାଗଜପତ୍ର ଯାଞ୍ଚ କରାଯାଉଛି। ବିଭିନ୍ନ ସମୟରେ ପୂର୍ବତନ ବିଧାୟକଙ୍କ ସମର୍ଥକମାନଙ୍କୁ ବେଆଇନ ଭାବେ ଜମି ଲିଜ୍ ସୂତ୍ରରେ ଦିଆଯାଇଛି। ଏହା ଏବର କଥା ନୁହଁ, ବହୁଦିନରୁ ଜମି କେଳେଙ୍କାରୀ ହୋଇଆସିଛି। ତେଣୁ ଯେଉଁମାନେ ବେଆଇନ କାର୍ଯ୍ୟକରି ସରକାରଙ୍କ ରାଜସ୍ୱ ହାନି କରିଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ହିମାଂଶୁ କହିଛନ୍ତି। ସେହିପରି ଭାଜପା ନେତା ସର୍ବେଶ୍ୱର ବେହୁରା କହିଛନ୍ତି, ପୂର୍ବରୁ କଳାପଥର ଲୁଟ ଉପରେ ଜରିମାନା ଆଦାୟ ହୋଇ ପାରୁ ନ ଥିଲା। କୋର୍ଟ କଚେରି ପର୍ଯ୍ୟନ୍ତ ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳୁ ନ ଥିଲା। ଏବେ ଜରିମାନା ଆଦାୟ ପାଇଁ ମାପଚୁପ କରାଯାଉଛି। ଅନୁମୋଦନ ଠାରୁ ଯେଉଁମାନେ ଅଧିକ କଳାପଥର ଲୁଟ କରିଛନ୍ତି, ସେମାନଙ୍କୁ ଛଡ଼ା ଯିବନି ବୋଲି ସେ କହିଛନ୍ତି।

# ଦକ୍ଷ ନେତା ଖୋଜୁଛି ଏଆଇସିସି

ଭୁବନେଶ୍ୱର,୨୪।୮ (ଅନିଲ ଦାସ)

## ବିନା ମଙ୍ଗୁଆଲରେ ପିସିସି

ମାସେରୁ ଊର୍ଦ୍ଧ୍ୱ ହେବ ରାଜ୍ୟ କଂଗ୍ରେସ ବିନା ମୁଖିଆରେ ଚାଲିଛି। ୨୦୨୪ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ଜୁଲାଇ ୨୧ରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପ୍ରଦେଶ କଂଗ୍ରେସ କମିଟି (ପିସିସି)କୁ ଭାଙ୍ଗି ଦେଇଥିଲା। ଏହାପରେ ଶରତ ପଟ୍ଟନାୟକ ପିସିସି ସଭାପତି ପଦ ମଧ୍ୟ ଛାଡ଼ି ଦେଇଥିଲେ। ସେବେଠାରୁ ରାଜ୍ୟ କଂଗ୍ରେସରେ ସଭାପତି ପଦ ଖାଲି ରହିଛି।

ରାଜ୍ୟ କଂଗ୍ରେସର ମଙ୍ଗ କିଏ ଧରିବେ ସେ ନେଇ କଂଗ୍ରେସ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ସଭାପତି ଦୌଡ଼ରେ ଆଗରେ ଥିବା କୁହାଯାଉଛି।

ଓଡ଼ିଶାରେ ଦୁଃସ୍ଥିତିରେ ଥିବା କଂଗ୍ରେସକୁ ଯିଏ ବଳ ଯୋଗାଇ ଆଗକୁ ନେଇ ପାରିବେ ସେଭଳି ଚେହେରା ଏଆଇସିସି ଖୋଜୁଛି। ଯଦିଓ ଓଡ଼ିଶା କଂଗ୍ରେସ ସଭାପତି ଖୋଜିବାକୁ ଅଗଷ୍ଟ ୨୨ ତାରିଖରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ନେତୃତ୍ୱରେ ଷ୍ଟିୟରିଂ କମିଟିର ପ୍ରଥମ ବୈଠକ ବସିଥିଲା, ହେଲେ ସେଥିରେ ମଧ୍ୟ କାହା ନାଁରେ ମୋହର ବାଜିପାରି ନ ଥିବା ଜଣାପଡ଼ିଛି। ଷ୍ଟିୟରିଂ କମିଟିର ସଦସ୍ୟ ତଥା ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, କମିଟି ଆଗେ ଜିଲାକୁ ଜିଲା ଗସ୍ତ କରିବ। ସେଠିକାର ସଭାପତି, ପୂର୍ବତନ ସଭାପତି, ବିଧାୟକ ଓ ବ୍ଲକ ସଭାପତିଙ୍କ ମତ ନିଆଯିବ। ସେଠୁ ଯାହା ନାଁରେ ସହମତି ଆସିବ ତାହାକୁ ଏଆଇସିସିକୁ ପଠାଯିବ। ପିସିସି ସଭାପତି ପଦ ପାଇଁ ଚର୍ଚ୍ଚାରେ ଥିବା ପ୍ରଶ୍ନରେ ମୋକିମ୍ କହିଛନ୍ତି, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ଠିକ୍ ଢଙ୍ଗରେ ତୁଲାଇବେ। ତେବେ ସବୁ ନିଷ୍ପତ୍ତି ଏଆଇସିସି ହାତରେ। ଜୟଦେବ କହିଛନ୍ତି, ସେ ସଭାପତି ରେସ୍‌ରେ ନାହାନ୍ତି। ଏଆଇସିସି ଜଣେ ସଚ୍ଚା କଂଗ୍ରେସ ଓ ଦକ୍ଷ ନେତାଙ୍କୁ ରାଜ୍ୟ କଂଗ୍ରେସ ମଙ୍ଗୁଆଳ ଦାୟିତ୍ୱ ଦେବ।

ଅନ୍ୟପକ୍ଷରେ ରାଜନୀତି ବିଶ୍ଲେଷକଙ୍କ ମତରେ କଂଗ୍ରେସ ଏବେ ଓଡ଼ିଶାରେ ଧୀରେ ଧୀରେ ମଜଭୁତ ହେବାରେ ଲାଗିଛି। ଦଳକୁ ସମ୍ଭାଳି ପାରୁଥିବା ନେତାଙ୍କ ଉପରେ ଏଆଇସିସି ମୋହର ମାରିପାରେ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦିନିକିଆ ଅନୁଗୋଳ ଗସ୍ତ

ଅନୁଗୋଳ,୨୪।୮ (ମାନସ ବିଶ୍ୱାଳ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୬ ତାରିଖରେ ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। କେନ୍ଦ୍ରମନ୍ତ୍ରୀ ୨୫ ତାରିଖ ରବିବାର ରାତିରେ ତାଳଚେର ଦିନଦୟାଲ ନଗରରେ ପହଞ୍ଚିବେ। ପରଦିନ ଅର୍ଥାତ୍ ୨୬ ତାରିଖ ସୋମବାର ଆଠମଲ୍ଲିକ ବ୍ଲକ ଗସ୍ତରେ ଯାଇ ବନମାଳୀପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ଓ ଛାତ୍ରୀନିବାସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରାଣିଆକଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ନୂତନ ଗୃହର ଉଦ୍‌ଘାଟନ କରିବେ। ବନମାଳୀପୁର ଓ କୃତ୍ତିବାସପୁର ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ଧରାପାଲି କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସେ ଯୋଗଦେବେ। ସେହିପରି ରେଢ଼ାଖୋଲ ହାଟପଦା କଲ୍ୟାଣ ମଣ୍ଡପଠାରେ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଗୋଳ ଜିଲା ସଭାପତି ଦିଲେଶର ପ୍ରଧାନ ସୂଚନା ଦେଇଛନ୍ତି।

# କ୍ଷମତା ପାଇଁ ଅରାଜକତା କରିବାକୁ ପଛାଏ ନାହିଁ କଂଗ୍ରେସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୮ (ଅନିଲଦାସ)


ମୋହନ ଚରଣ ମାଝୀ

କ୍ଷମତା ପାଇଁ କଂଗ୍ରେସ ଦେଶରେ ଅରାଜକତା, ବିଶୃଙ୍ଖଳା, ଅସ୍ଥିରତା, ବିଦ୍ୱେଷ ସୃଷ୍ଟି କରିବାକୁ ଆଦୌ ପଛଘୁଞ୍ଚା ଦିଏ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କଂଗ୍ରେସକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶ ବିଭାଜନକାରୀ ଓ ରାଷ୍ଟ୍ରବିରୋଧୀ ତତ୍ତ୍ୱ ସହ ହାତ ମିଳାଇ ବାରମ୍ବାର ଦେଶବାସୀଙ୍କ ସ୍ୱାର୍ଥ ଓ ରାଷ୍ଟ୍ରର ସୁରକ୍ଷାକୁ ବିପଦରେ ପକାଇଛି। ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଆଗାମୀ ଜମ୍ମୁ ଓ କଶ୍ମୀର ବିଧାନସଭା ନିର୍ବାଚନରେ ଅବଦୁଲ୍ଲା ପରିବାର ଦ୍ୱାରା ପରିଚାଳିତ 'ନ୍ୟାଶନାଲ କନ୍‌ଫରେନ୍ସ' ସହ ମେଣ୍ଟ କରି ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନ୍ୟାଶନାଲ କନ୍‌ଫରେନ୍ସ ନିଜ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପ୍ରସଙ୍ଗରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କୁ ସ୍ପଷ୍ଟୀକରଣ ଦେବା ଉଚିତ।

ଜମ୍ମୁ ଓ କଶ୍ମୀରରେ ପୃଥକ୍ ପତାକା ପାଇଁ ନ୍ୟାଶନାଲ କନ୍‌ଫରେନ୍ସର ପ୍ରତିଶ୍ରୁତିକୁ କଂଗ୍ରେସ ଦଳ ସମର୍ଥନ କରୁଛି କି। ଜମ୍ମୁ ଓ କଶ୍ମୀରରେ ପୁଣି ଥରେ ଧାରା ୩୭୦ ଓ ୩୫(କ)ର ପୁନଃସ୍ଥାପିତ କରିବାକୁ ନ୍ୟାଶନାଲ କନ୍‌ଫରେନ୍ସର ପ୍ରତିଶ୍ରୁତିକୁ କଂଗ୍ରେସ ଦଳ ସମର୍ଥନ କରୁଛି କି। ଏହା ଦ୍ୱାରା ଜମ୍ମୁ ଓ କଶ୍ମୀରରେ ପୁଣି ଥରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି କରି, ଅଶାନ୍ତ ବାତାବରଣ ସୃଷ୍ଟି କରାଯିବାକୁ ସମର୍ଥନ କରୁଛି କି ବୋଲି ମୁଖ୍ୟମନ୍ତ୍ରୀ କଂଗ୍ରେସକୁ ପ୍ରଶ୍ନ କରିଛନ୍ତି।

ଜମ୍ମୁ ଓ କଶ୍ମୀରବାସୀଙ୍କ ସହ କଥାବାର୍ତ୍ତା ହୋଇ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ବଦଳରେ ଚରମ ଶତ୍ରୁ ପାକିସ୍ତାନ ସହ କଥାବାର୍ତ୍ତା କରି ବିଚ୍ଛିନ୍ନତାବାଦୀଙ୍କୁ ପ୍ରୋତ୍ସାହନ ଦେବା ପ୍ରତି କଂଗ୍ରେସର ସମର୍ଥନ ଅଛି କି। ପାକିସ୍ତାନ ସହିତ ବାଣିଜ୍ୟ ଆରମ୍ଭ କରିବା ଆଳରେ ସୀମାରେ ଆତଙ୍କବାଦ କାର୍ଯ୍ୟକଳାପର ପ୍ରୋତ୍ସାହନକୁ କଂଗ୍ରେସ ସମର୍ଥନ କରୁଛି କି। ଏହାଦ୍ୱାରା ସ୍ଥାନୀୟ ଇକୋସିଷ୍ଟମ ପ୍ରଭାବିତ ହେବ ନାହିଁ କି। ଆତଙ୍କବାଦୀ ଓ ପଥର ମାଡ଼ କାର୍ଯ୍ୟରେ ସମ୍ପୃକ୍ତ ଲୋକ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କୁ ସରକାରୀ ଚାକିରି ଦେବା ନ୍ୟାଶନାଲ କନ୍‌ଫରେନ୍ସର ନିଷ୍ପତ୍ତିକୁ କଂଗ୍ରେସ ସମର୍ଥନ କରୁଛି କି। କଂଗ୍ରେସ - ମେଣ୍ଟ ଦ୍ୱାରା ସଂରକ୍ଷଣ ବ୍ୟବସ୍ଥାର ଅନ୍ତ ଘଟାଇବାର ଚକ୍ରାନ୍ତ କରାଯାଉଛି। ଦଳିତ, ଗୁଜ୍ଜର, ବକରବାଲ ଓ ପାହାଡ଼ ଅଞ୍ଚଳ ବାସିନ୍ଦାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରି ତାଙ୍କ ପ୍ରତି ଅନ୍ୟାୟ କରିବାକୁ ଯାଉଛି ନ୍ୟାଶନାଲ କନ୍‌ଫରେନ୍ସ। ଏହାକୁ କଂଗ୍ରେସ ଦଳ ସମର୍ଥନ କରୁଛି କି। 'ଶଙ୍କରାଚାର୍ଯ୍ୟ ପର୍ବତ'କୁ 'ତକ୍ତ-ଏ-ସୁଲେମାନ' ଏବଂ 'ହରି ପର୍ବତ'କୁ 'କୋହ-ଏ-ମାରନ୍' ନାମରେ ପରିଣତ କରିବାର ନ୍ୟାଶନାଲ କନ୍‌ଫରେନ୍ସର ଚକ୍ରାନ୍ତକୁ କଂଗ୍ରେସର ସମର୍ଥନ ରହିଛି କି। ଜମ୍ମୁ-କଶ୍ମୀରର ଅର୍ଥ ବ୍ୟବସ୍ଥାକୁ ପୁନର୍ବାର ଦୁର୍ନୀତି ମଧ୍ୟକୁ ଠେଲି ଦେଇ ଏକ ପାକିସ୍ତାନ ସମର୍ଥିତ ଏକ ନିର୍ଦ୍ଦିଷ୍ଟ ପରିବାରକୁ ହସ୍ତାନ୍ତର କରିବା ରାଜନୀତିକୁ କଂଗ୍ରେସ ସମର୍ଥନ କରୁଛି କି। ଜମ୍ମୁ ଏବଂ ଘାଟି ଅଞ୍ଚଳବାସିନ୍ଦାଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରି ଅସ୍ଥିରତା ସୃଷ୍ଟି କରିବାକୁ କଂଗ୍ରେସ ଦଳ ଚାହୁଁଛି କି। ଜମ୍ମୁ ଓ କଶ୍ମୀରକୁ ସ୍ୱାୟତ୍ତତା ପ୍ରଦାନ କରି ନ୍ୟାଶନାଲ କନ୍‌ଫରେନ୍ସର ବିଭାଜନକାରୀ ରାଜନୀତିକୁ କଂଗ୍ରେସ ସମର୍ଥନ କରୁଛି କି। କଂଗ୍ରେସ ଏବଂ ତାଙ୍କ ନେତା ରାହୁଲ ଗାନ୍ଧୀ ଦେଶବାସୀଙ୍କ ସମ୍ମୁଖରେ ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ଶନିବାର ଖବରଦାତା ସମ୍ମିଳନୀରେ ଦଳୀୟ ଘୋଷଣାପତ୍ର ଜାରି କରୁଛନ୍ତି।

# ୨ ସଦସ୍ୟଙ୍କ ବିରୋଧରେ ବିଧାନସଭାରେ ନିନ୍ଦା ପ୍ରସ୍ତାବ

ଭୁବନେଶ୍ୱର,୨୪।୮ (ଅନିଲଦାସ)

## ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବା ଘଟଣା

ବାଚସ୍ପତିଙ୍କୁ ଅସମ୍ମାନ ଘଟଣାରେ ଶନିବାର ବିଧାନସଭାରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ଗଞ୍ଜାମ ଜିଲା ଚିକିଟି ମଦମୃତ୍ୟୁ ପ୍ରସଙ୍ଗକୁ ନେଇ ଶୁକ୍ରବାର ବିଜେଡି ସଭ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମାଧବ ଧଡ଼ା ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। କିଛି ସମୟ ପାଇଁ ବାଚସ୍ପତିଙ୍କ ସୁରକ୍ଷାକର୍ମୀ ସହିତ ବିଜେଡି ସଦସ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏପରି ଆଚରଣକୁ ଶାସକ ଦଳ ପକ୍ଷରୁ କଡ଼ା ନିନ୍ଦା କରାଯାଇଥିଲା। ଉଭୟ ସଦସ୍ୟଙ୍କ ବିରୋଧରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଶନିବାର ଗୃହରେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ବାଚନିକ ଭୋଟରେ ବିଧାନସଭାରେ ଗୃହୀତ କରାଯାଇଥିଲା। ନିନ୍ଦା ପ୍ରସ୍ତାବ ଗୃହୀତ ହେବା ପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ୫ ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ

ଅନୁଗୋଳ,୨୪।୮ (ମାନସ ବିଶ୍ୱାଳ)

## ଅନୁଗୋଳ ଜିଲାରେ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଦଳର ସଦସ୍ୟତା ଅଭିଯାନ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାକୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଜିଲାରେ ଭାଜପାର ସଦସ୍ୟତା ଅଭିଯାନ ସର୍ବସ୍ପର୍ଶୀ ସର୍ବବ୍ୟାପୀ ସର୍ବସମାବେଶୀ କରିବାକୁ ଏମ୍‌ପି ପାଣି ଆହ୍ୱାନ ଦେଇଥିଲେ। ଅନୁଗୋଳ ଜିଲାରେ ୫ ଲକ୍ଷ ସଦସ୍ୟ ସଂଗ୍ରହ କରିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ।

ଭାଜପା ରାଜ୍ୟ ସମ୍ପାଦିକା ତଥା ଜିଲା ସଦସ୍ୟତା ଅଭିଯାନ ପ୍ରଭାରୀ ସିପ୍ରା ବାଜପେୟୀ ଯୋଗଦେଇ ସମସ୍ତ ମଣ୍ଡଳସ୍ତରରେ କର୍ମଶାଳା ଆୟୋଜନ କରିବା ସହ ଶକ୍ତିକେନ୍ଦ୍ର ଓ ବୁଥ୍‌ସ୍ତରରେ ଘରକୁ ଘର ଯାଇ ଭାଜପା କାର୍ଯ୍ୟକର୍ତ୍ତାମାନେ ସଦସ୍ୟତା କରିବା ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ଜିଲାର ସଦସ୍ୟତା ସହ ପ୍ରଭାରୀ ଭୁବନ ମୋହନ ଜେନା ଯୋଗଦେଇ ପ୍ରତି ଘରୁ ସଦସ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲ ମାଧ୍ୟମରେ ୮୮୦୦୦୦୨୦୨୪ ନମ୍ବରରେ ମିସ୍‌ଡ କଲ୍ ମାଧ୍ୟମରେ, ଭାଜପା ୱେବ୍ ସାଇଟରେ ଏବଂ ଫର୍ମ ପୂରଣକରି କିଭଳି ସଦସ୍ୟତା କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଜିଲା ଭାଜପା ସଦସ୍ୟତାର ଜିଲା ପ୍ରମୁଖ ଦିଲୀପ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରାକ୍ତନ ବିଧାୟକ ରମେଶ ସାଏ, ଜିଲା ସଦସ୍ୟତା ସହପ୍ରମୁଖ ସୁଦୀପ ଗଡ଼ନାୟକ, ପର୍ଶୁରାମ ବାରିକ, ଭବାନୀ ଜ୍ୟୋତିଷରାୟ, ପ୍ରତିମା ମିଶ୍ର ପ୍ରମୁଖ ସଦସ୍ୟତା ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଗାମୀ ୨୬, ୨୭, ୨୮ ତାରିଖରେ ସମସ୍ତ ୩୧ଟି ମଣ୍ଡଳରେ ଏଭଳି ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପଦାଧିକାରୀ, ଜିଲା ଟିମ, ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ମଣ୍ଡଳ ସଦସ୍ୟତା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସଦସ୍ୟତା ଅଭିଯାନ କର୍ମଶାଳାରେ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ସହିତ ଭାଜପା ନେତୃବୃନ୍ଦ।

# ବିଧାନସଭାରେ ସଂରକ୍ଷଣ ତାତି: ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର,୨୪।୮ (ଅନିଲଦାସ)

ବିଧାନସଭାରେ ଏସ୍‌ସି/ଏସ୍‌ଟି ଏବଂ ପଛୁଆ ବର୍ଗ(ଓବିସି) ସଂରକ୍ଷଣକୁ ନେଇ ବିରୋଧୀ ତୁମୁଳ କାଣ୍ଡ କରିଛନ୍ତି। ଏମ୍‌ବିବିଏସ୍ ଏବଂ ବିଡିଏସ୍ ନାମଲେଖାରେ ସଂରକ୍ଷଣ ଦେବାରେ ପାତରଅନ୍ତର ଅଭିଯୋଗ ଆଣି କଂଗ୍ରେସ ଓ ବିଜେଡି ସଦସ୍ୟ ସରକାରଙ୍କୁ ଘେରିଥିଲେ। ବିରୋଧୀ ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ବାଧ ହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଚତୁର୍ଥ ଶନିବାର ସରକାରୀ ଛୁଟିଥିବାରୁ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ ନ ଥିଲା। ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏସ୍‌ସି/ଏସ୍‌ଟି ଏବଂ ପଛୁଆ ବର୍ଗ(ଓବିସି) ସଂରକ୍ଷଣ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ଚଳିତବର୍ଷ ରାଜ୍ୟର ଏମ୍‌ବିବିଏସ୍ ଓ ବିଡିଏସ୍ ସିଟ୍‌ରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ମାତ୍ର ଚଳିତଥର ମଧ୍ୟ ରାଜ୍ୟ ଜନସଂଖ୍ୟାର ପ୍ରାୟ ୯୪ ଭାଗ (ଅନୁସୂଚିତ ଜନଜାତି, ଜାତି ଏବଂ ପଛୁଆବର୍ଗ) ଛାତ୍ରୀଛାତ୍ରଙ୍କ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ନିୟମକୁ ସମ୍ପୂର୍ଣ୍ଣ ରୂପରେ ଅଣଦେଖା କରାଯାଇଛି । ଏସ୍‌ଟି, ଏସ୍‌ସି ବର୍ଗଙ୍କୁ ସଂଖ୍ୟାନୁପାତରେ ୩୮.୭୫% ସଂରକ୍ଷଣ ପରିବର୍ତ୍ତେ ମାତ୍ର ୨୦% ପ୍ରଦାନ କରାଯାଉଛି । ସେହିଭଳି ରାଜ୍ୟର ଅଧା ଜନସଂଖ୍ୟାର ପ୍ରତିନିଧିତ୍ୱ କରୁଥିବା ପଛୁଆବର୍ଗଙ୍କୁ କୌଣସି ସଂରକ୍ଷଣ ପ୍ରଦାନ କରାଯାଉ ନାହିଁ । ଆସନ୍ତା ୨୯ ତାରିଖରୁ ହେବାକୁ ଥିବା ନାମଲେଖା ପ୍ରକ୍ରିୟା ବାତିଲ କରି ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କୁ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ପ୍ରଦାନ ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରାଯାଉ ବୋଲି ସେ ଦାବି କରିଥିଲେ। ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିବା ସହ ଲିଫ୍‌ଲେଟ ଉଡ଼ାଇଥିଲେ। ବିଜେଡି ସଭ୍ୟମାନେ ମଧ୍ୟ ଏଥିରେ ସ୍ୱର ମିଳାଇଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିବା ସହ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ ଏବଂ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ତେବେ ବିଜେଡି ସଦସ୍ୟମାନେ ଗୃହ କାର୍ଯ୍ୟରେ ସହଯୋଗ କରିଥିଲେ।

ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଦିନେ ଯିଏ ଓବିସିଙ୍କ ଚିନ୍ତା କଲେନି, ସେମାନେ ଆଜି ଠିଆ ହୋଇ ବିଧାନସଭାରେ ପ୍ରତିବାଦ କରୁଛନ୍ତି। ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଗୃହ ଚଳାଇ ନ ଦେବାକୁ ବିରୋଧୀ ଚେଷ୍ଟା କରୁଛନ୍ତି।


ବିଧାନସଭାରେ ଶନିବାର ବିରୋଧୀଙ୍କ ପକ୍ଷରୁ ହଟ୍ଟଗୋଳ କରାଯାଉଛି।

## କାଲି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୨୪।୮(ଅନିଲ ଦାସ)

ଆସନ୍ତା ଅଗଷ୍ଟ ୨୬ ତାରିଖ (ସୋମବାର)ରେ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ଜନ୍ମାଷ୍ଟମୀ ଉପଲକ୍ଷେ ସରକାରୀ ଛୁଟି ଥିବାରୁ ଏହି ଦିନ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏ ସମ୍ପର୍କରେ ଶନିବାର ଜନସାଧାରଣଙ୍କ ଅବଗତି ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ବିଜେଡି ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୮(ଅନିଲ ଦାସ)

ବିଜୁ ଜନତା ଦଳର ନବ ନିର୍ବାଚିତ ବିଧାୟକମାନଙ୍କର ପ୍ରଶିକ୍ଷଣ କର୍ମଶାଳା ଶଙ୍ଖଭବନଠାରେ ଅନୁଷ୍ଠିତ ହେବ। ରବିବାର ସକାଳ ୧୦ଟାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି କର୍ମଶାଳାକୁ ଉଦ୍‌ଘାଟନ କରିବେ। ଏଠାରେ ସୂଚନା ଯୋଗ୍ୟ ଯେ ଅଗଷ୍ଟ ୧୮ ଏବଂ ୧୯ ତାରିଖ ଦୁଇଦିନ ଧରି ବିଧାନସଭା ପକ୍ଷରୁ ନବ ନିର୍ବାଚିତ ବିଧାୟକମାନଙ୍କର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ମାତ୍ର ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାୟକମାନେ ଯୋଗ ଦେଇ ନ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଫଳେ ପେନ୍ଥା ପେନ୍ଥା,**
**କୟାଁ ଫଳେ ବଙ୍କା,**
**ପୁଅ ଯାଇଥିଲା କଲିକତା,**
**ଆଣିଛି ମୁଠାଏ ଟଙ୍କା।**

ପିଲା ଯେବେ ନିଜ ଗୋଡ଼ରେ ଛିଡ଼ା ହୋଇଯାଏ ସେତେବେଳେ ବାପା ମା'ଙ୍କ ମନ ଖୁସିରେ ଦ୍ୱିଗୁଣିତ ହୋଇଯାଏ। ଭଲ ରୋଜଗାର କରି ଚଳୁଥିବାର ଦେଖିଲେ ମନ କୁଣ୍ଢେମୋଟ ହୋଇଯାଏ। ଏପରିସ୍ଥଳେ ବିଦେଶରେ ରହି ଧନ ଉପାର୍ଜନ କରୁଥିବା ପୁଅର ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ କହି ବୁଲି ଗର୍ବକରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବେଳକୁ ପାଞ୍ଚ କଡ଼ା,**
**ପର ବେଳକୁ ତିନି କଡ଼ା।**

ସିଆଣିଆ ଲୋକ ନିଜ ଲାଭ ପାଇଁ ସଦା ସତର୍କ। ପର ବେପାର କ୍ଷତିରେ ଚାଲିଲେ ସେଥିକି ତାଙ୍କର ଚିନ୍ତା ହିଁ ନ ଥାଏ। ସ୍ୱାର୍ଥପର ବ୍ୟକ୍ତିଙ୍କ ଏପରି ମନ୍ଦ ପ୍ରକୃତି ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରତି ଗାଁ ହେବ 'ବିକଶିତ ଗ୍ରାମ'

## ଚଳିତ ଆର୍ଥିକ ବର୍ଷ ନିର୍ମାଣ ହେବ ୩୫୦ ସେତୁ

ଭୁବନେଶ୍ୱର,୨୪।୮(ଅନିଲ ଦାସ)

**ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଗୃହୀତ**



ରାଜ୍ୟର ପ୍ରତିଟି ଗାଁ ଏକ 'ବିକଶିତ ଗ୍ରାମ'ରେ ପରିଣତ ହେବ। ବିକଶିତ ଗ୍ରାମରୁ ବିକଶିତ ଓଡ଼ିଶା ଏବଂ ବିକଶିତ ଓଡ଼ିଶାରୁ ବିକଶିତ ଭାରତ ଗଠନର ଚରମ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ସଙ୍କଳ୍ପବଦ୍ଧ। ଶନିବାର ବିଧାନସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ଶେଷରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଗାଁକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରି ଦେଶର ଅର୍ଥନୈତିକ ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ପ୍ରମୁଖ ଲକ୍ଷ୍ୟ। ସାମଗ୍ରିକ ଭାବରେ ଓଡ଼ିଶାର ଗାଁଗୁଡ଼ିକ 'ଓଡ଼ିଆ ଅସ୍ମିତା'ର ଅନନ୍ୟ ପ୍ରତିନିଧି ରୂପେ ରହିଆସିଛି। ଆମ ରାଜ୍ୟ ଓଡ଼ିଶାର ପ୍ରଗତିରେ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'ର ପ୍ରମୁଖ ଯୋଗଦାନ ରହିଛି। ଗାଁ ଅପହଞ୍ଚ ରହିଥିଲା, ଏହି ଯୋଜନା ପାଇଁ ଆଜି ବିକାଶର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛି। ଜନଆଶୀର୍ବାଦକୁ ଆମ ଶକ୍ତି ଓ ସଂକଳ୍ପର ସ୍ରୋତ ରୂପେ ଗ୍ରହଣ କରି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ବଜେଟ ଓ ସମସ୍ତ କାର୍ଯ୍ୟ 'ଓଡ଼ିଆ ଅସ୍ମିତା'କୁ ସୁଦୃଢ଼ କରିବା ପାଇଁ ସମର୍ପିତ କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ଉଦ୍ଦିଷ୍ଟ ଏହି ବଜେଟ ଗ୍ରାମୀଣ ଦୃଶ୍ୟପଟରେ ରୂପାନ୍ତରଣ ଆଣିବା ନିମନ୍ତେ ରୂପରେଖର ଏକ ନକ୍ସା। ଏହି ବଜେଟ ଅନୁଦାନରେ ଗ୍ରାମ୍ୟ-ସଂଯୋଗୀକରଣ ସହ ପ୍ରତ୍ୟେକ ଗ୍ରାମକୁ ସଶକ୍ତ ଏବଂ ସମୃଦ୍ଧ କରାଯିବ। ଏହି ବଜେଟ କେବଳ ପାଣ୍ଠିର ଆବଣ୍ଟନ ନୁହେଁ, ବରଂ ଆମର ଗ୍ରାମୀଣ ଜନସାଧାରଣଙ୍କ ଆକାଂକ୍ଷା ପୂରଣ ପାଇଁ ଏକ ଦୃଢ ପ୍ରତିବଦ୍ଧତାକୁ ସୂଚାଉଛି। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଯୋଜନାରେ ଆମ ସରକାର ୧୦୦ରୁ ଅଧିକ ଜନସଂଖ୍ୟା ଥିବା ୭୩ଟି ପଡ଼ାଗ୍ରାମକୁ ସବୁଦିନିଆ ରାସ୍ତା ସଂଯୋଗ କରିବେ। ଏହି ଯୋଜନାରେ ୧୦୦ରୁ ଅଧିକ ଜନସଂଖ୍ୟାବିଶିଷ୍ଟ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ରହୁଥିବା ବାସସ୍ଥାନଗୁଡ଼ିକୁ ବିଭିନ୍ନ ମୌଳିକ ସୁବିଧା ସହ ସବୁଦିନିଆ ରାସ୍ତା ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିଅଛି। ଏହି ଯୋଜନା କେନ୍ଦ୍ର ସରକାରଙ୍କର ୬୦% ଏବଂ ରାଜ୍ୟ ସରକାରଙ୍କ ୪୦% ଆର୍ଥିକ ସହାୟତାରେ କାର୍ଯ୍ୟ କରୁଅଛି। ଚଳିତବର୍ଷ ବଜେଟରେ ଏଥି ପାଇଁ ୧୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶାର ଲକ୍ଷ୍ୟପୂରଣ ନିମନ୍ତେ ଏକ ରୋଡ୍ ମ୍ୟାପ ପ୍ରସ୍ତୁତି ଉପରେ ଧ୍ୟାନ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଗତ ୨୦୨୩-୨୪ ବଜେଟ ତୁଳନାରେ ଚଳିତ ବଜେଟ ୨୦୨୪-୨୫ ପ୍ରାୟ ଶତକଡ଼ା ୨୬ ଅଧିକ ଟଙ୍କାର ପ୍ରସ୍ତାବ ରଖାଯାଇଛି। ଏହି ବଜେଟ ଗ୍ରାମୀଣ ଭିତ୍ତିଭୂମିରେ ଉନ୍ନତି ଆଣିବାରେ ଯଥେଷ୍ଟ ସହାୟକ ହେବ। ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ୩୫୦ ସେତୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚାଲୁରହିଥିବା ଏବଂ ନୂତନ ସେତୁ ପ୍ରକଳ୍ପର ନିର୍ମାଣ ପାଇଁ ୧୯୯୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମୌସୁମୀ ସମୟରେ ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷଣ ଲକ୍ଷ୍ୟରେ ଛୋଟରୁ ମଧ୍ୟମ ସେତୁରେ ବ୍ରିଜ୍-କମ୍-ଓୟାର (ଆଡ଼ିବନ୍ଧ) ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାଦ୍ୱାରା କ୍ଷୁଦ୍ର ଜଳସେଚନ, ଘରୋଇ ବ୍ୟବହାର, ପଶୁପାଳନ, ଭୂତଳ ଜଳ ସଂରକ୍ଷଣ ଆଦି ହୋଇପାରିବ। ଏହି ବର୍ଷ ଉକ୍ତ ଯୋଜନାରେ ୮୭ ଗୋଟି ପ୍ରକଳ୍ପ ସାରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୮୮ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଶେଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ୯୪୫୭ କୋଟି ଟଙ୍କାର ଖର୍ଚ୍ଚଦାବି ବିଧାନସଭାରେ ବାଚନିକ ମତଦାନରେ ପାରିତ ହୋଇଛି।

## ୫ ବର୍ଷରେ ୧୫ ହଜାର କି.ମି. ରାସ୍ତାର ଉନ୍ନତୀକରଣ ହେବ

ଭୁବନେଶ୍ୱର,୨୪।୮(ଅନିଲ ଦାସ)

ଆଗାମୀ ୫ ବର୍ଷରେ ନିର୍ମାଣ ବିଭାଗ ରାଜ୍ୟରେ ୧୫ ହଜାର କି.ମି. ଉନ୍ନତମାନର ରାସ୍ତା ନିର୍ମାଣ କରିବାକୁ ଯୋଜନା କରିଛି। ଶନିବାର ବିଭାଗୀୟ ଖର୍ଚ୍ଚ ଦାବି ଆଲୋଚନା ବେଳେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।

ଶନିବାର ରାଜ୍ୟ ନିର୍ମାଣ ବିଭାଗର ୧୧,୧୩୮ କୋଟି ୨୫ ଲକ୍ଷ ୫୩ ହଜାର ଟଙ୍କର ଖର୍ଚ୍ଚଦାବି ଗୃହୀତ ହୋଇଛି। ଉକ୍ତ ଖର୍ଚ୍ଚଦାବିକୁ ବିଭାଗୀୟ ମନ୍ତ୍ରୀ ହରିଚନ୍ଦନ ଆଗତ କରି ବିଧାନସଭାରେ ଉପସ୍ଥାପନ ଗୃହର ଅନୁମୋଦନ ଲୋଡ଼ିଥିଲେ।

ମନ୍ତ୍ରୀ କହିଛନ୍ତି, ନିର୍ମାଣ ବିଭାଗ ଅଧୀନରେ ୪,୧୦୯ କି.ମି. ରାଜପଥ, ୨,୬୩୨ କି.ମି. ମୁଖ୍ୟ ଜିଲା ରାସ୍ତା, ୨୨,୮୭୮ କି.ମି. ଅନ୍ୟାନ୍ୟ ଜିଲା ରାସ୍ତା ରହିଛି। ମୋଟ୍ ୨୯,୬୧୭ କି.ମି. ରାସ୍ତା ରହିଛ। ତେବେ ୫,୭୫୩ କି.ମି. ରାସ୍ତା ଜାତୀୟ ରାଜପଥ ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ସେହିପରି ୧,୩୫,୧୪,୪୨୯ ବର୍ଗ ମିଟର ପରିମିତ କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ରାଜ୍ୟ ସରକାର ଧାର୍ଯ୍ୟ ସମୟ ୫ ବର୍ଷରେ ୧୫ ହଜାର କି.ମି. ଉନ୍ନତମାନର ରାସ୍ତାକାର୍ଯ୍ୟ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶେଷରେ ବିଧାନସଭାରେ ନିର୍ମାଣ ବିଭାଗର ଖର୍ଚ୍ଚଦାବି ବାଚନିକ ଭୋଟରେ ପାରିତ ହୋଇଛି।

## ଢାକାର ପୁରାତନ ମନ୍ଦିର ସୁରକ୍ଷା ପାଇଁ ହିନ୍ଦୁ, ମୁସଲମାନ ଏକାଠି ହୋଇଥିଲେ

ଢାକା,୨୪।୮(ପି.ଟି.)

ଅଗଷ୍ଟ ୫ରେ ବାଂଲାଦେଶରେ ଶେଖ୍ ହାସିନା ସରକାରଙ୍କ ପତନ ପରେ ଦେଶର ବିଭିନ୍ନ ସ୍ଥାନରେ ଥିବା ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଥିଲା। କିନ୍ତୁ ରାଜଧାନୀ ଢାକାରେ ଥିବା ପୁରାତନ ଢାକେଶ୍ୱରୀ ମନ୍ଦିରର ସୁରକ୍ଷା ପାଇଁ ହିନ୍ଦୁ, ମାସଲମାନଙ୍କ ସମେତ ଅନ୍ୟ ସମ୍ପ୍ରଦାୟର ଲୋକମାନେ ଏକାଠି ହୋଇଥିଲେ। ସେମାନେ ଏକତ୍ର ମନ୍ଦିରକୁ ଜଗିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ମନ୍ଦିର ପୂଜକ ଅସୀମ ମଇତ୍ରୋ କହିଛନ୍ତି। ବହୁ ଶହ ବର୍ଷର ପୁରୁଣା ଏହି ମନ୍ଦିରର ଦେବୀଙ୍କୁ ମାନବ ଜାତିର ମାଆ ବିବେଚନା କରାଯାଇଥାଏ। ମନ୍ଦିର ପରିସରରେ ଅନେକ ମସ୍‌ଜିଦ ମଧ୍ୟ ରହିଛି। ସେଠାରେ ଆଜାନ ବେଳେ ମନ୍ଦିରର ଘଣ୍ଟିଗୁଡ଼ିକ ବାଜିଥାଏ। ବିଭିନ୍ନ ଧର୍ମର ଲୋକେ ଏହି ମନ୍ଦିରକୁ ଆସିଥାନ୍ତି। ସେଠାରେ ପୂଜା ପାଉଥିବା ଦେବୀଙ୍କୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ ଧର୍ମାବଲମ୍ବୀଙ୍କ ସମେତ ସମସ୍ତଙ୍କ ମାଆ ବୋଲି କୁହାଯାଇଥାଏ।

## ନିଯୁକ୍ତି ଦେବାକୁ କହି ୨୪ ଲକ୍ଷ ଠକେଇ

ଟିଟିଲାଗଡ଼,୨୪।୮(ଶରତ ମିଶ୍ର)



ଗିରଫ ଅଭିଯୁକ୍ତ ସୁରେଶ ପାଣ୍ଡେ

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ଦେବା ନାମରେ ଟିଟିଲାଗଡ଼ ସହରର ଏକ ପରିବାରଠାରୁ ଜଣେ ବ୍ୟକ୍ତି ପ୍ରାୟ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଟିଟିଲାଗଡ଼ ଥାନା ପୋଲିସ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଶୁଖା ଗ୍ରାମର ସୁରେଶ ପାଣ୍ଡେ ନାମକ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସହରର ବ୍ଲକ ପଡାର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରିବାର ସହ ଘନିଷ୍ଠତା ବଢ଼ାଇ ତାଙ୍କ ପୁଅ ଝିଅଙ୍କୁ ଚାକିରି କରାଇଦେବା ନାମରେ ଅଭିଯୁକ୍ତ ସୁରେଶ ୨୦୨୨ ଡିସେମ୍ବରରୁ ବିଭିନ୍ନ ସମୟରେ ମୋଟ୨୨ ଲକ୍ଷ ୨୭ ହଜାର ଟଙ୍କା ଠକି ନେଇ ଯାଇଥିଲେ। ଠକାମିର ଶିକାର ହୋଇଥିବା ପରିବାର ଅନ୍‌ଲାଇନ ଜରିଆରେ ଏହି ଟଙ୍କା ପ୍ରଦାନ କରିଥିଲେ। ଏହାସହ ଏକ ସ୍କୁଟି ଏବଂ ଆଇଫୋନ ମଧ୍ୟ ଅଭିଯୁକ୍ତ ନେଇଥିଲେ। ଏସବୁ ମିଶି ପ୍ରାୟ ୨୪ ଲକ୍ଷ ଟଙ୍କା ଠକି ନେଇଥିଲେ। ସମ୍ପୃକ୍ତ ପରିବାରର ଝିଅ ଅଲିଶା ମୁଣ୍ଡାଙ୍କୁ ଏମ୍ସରେ ନର୍ସ ଚାକିରି ଏବଂ ତାଙ୍କ ଭାଇ ରାହୁଲ ମୁଣ୍ଡାଙ୍କୁ ଟ୍ରେନର ଲୋକୋ ପାଇଲଟ ଚାକିରିରେ ନିଯୁକ୍ତି ପ୍ରଦାନ ପାଇଁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ତେବେ ଚାକିରି ନ ପାଇବାରୁ ଗତବର୍ଷ ଜୁଲାଇରୁ ସମ୍ପୃକ୍ତ ପରିବାର ଟଙ୍କା ମାଗି ଚାଲିଥିବା ବେଳେ ଅଭିଯୁକ୍ତ ଦିନ ଗଡ଼ାଇ ଚାଲିଥିଲେ। ଏହାକୁ ନେଇ ଅଲିଶା ଏବଂ ରାହୁଲଙ୍କ ମା' ଗୀତାଞ୍ଜଳି ମୁଣ୍ଡା ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ଟିଟିଲାଗଡ଼ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଶନିବାର ସନ୍ଧ୍ୟାରେ ଟିଟିଲାଗଡ଼ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ଅଙ୍କିତା କୁମ୍ଭାର ଏବଂ ଆଇଆଇସି ମନବୋଧ ଏ ନେଇ ସୂଚନା ଦେଇଥିଲେ।

## ବାଂଲାଦେଶ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିଙ୍କୁ ସୀମାରେ ଅଟକ

ଢାକା,୨୪।୮(ପି.ଟି.)

**ଭାରତକୁ ଖସି ଆସୁଥିଲେ**



ଶମସୁଦ୍ଦିନ ଚୌଧୁରୀ ମାନିକ୍

ବାଂଲାଦେଶ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଭାରତ ସୀମାନ୍ତ ସିଲ୍‌ହେଟ୍ ନିକଟରୁ ବାଂଲାଦେଶ ସୀମା ସୁରକ୍ଷା ଗାର୍ଡ (ବିଜିବି) ଶୁକ୍ରବାର ବିଳମ୍ବିତ ରାତିରେ ଅଟକ ରଖିଛି। ସେ ଭାରତ ଖସିପଳାଇବାକୁ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଏହାର କିଛି ଘଣ୍ଟା ପୂର୍ବରୁ ଆୱାମୀ ଲିଗ୍ ନେତା ଏଏସ୍ଏମ୍ ଫିରୋଜଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ପୂର୍ବତନ ବିଚାରପତି ଶମସୁଦ୍ଦିନ ଚୌଧୁରୀ ମାନିକ୍‌ଙ୍କୁ ଅଟକ ରଖାଯାଇଥିବା ବିଜିବି ମୁଖ୍ୟାଳୟ ଏସ୍ଏମ୍ଏସ୍ ମାଧ୍ୟମରେ ସୂଚନା ଦେଇଛି। ତାଙ୍କୁ ବିଜିବି ଆଉଟପୋଷ୍ଟରେ ମଧ୍ୟରାତ୍ର ପର୍ଯ୍ୟନ୍ତ ରଖାଯାଇଥିଲା। ସୂଚନାଯୋଗ୍ୟ, ବାଂଲାଦେଶରେ ହିଂସାତ୍ମକ ଆନ୍ଦୋଳନରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ପରେ ଗତ ୫ ତାରିଖରେ ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଥିଲେ। ଏହା ପରେ ଆୱାମୀ ଲିଗ୍‌ର ବରିଷ୍ଠ ମନ୍ତ୍ରୀଙ୍କ ସମେତ ଅନେକ ନେତାଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି।

### ପ୍ରଥମ ପୃଷ୍ଠାରୁ...

## ମଦଭାଟିରେ ବୁଲ୍‌ଡୋଜର...

ଜବତ କରି ନଷ୍ଟ କରିଛି। ସେହିପରି ଏହି ସିକ୍ରେଟ ଚାମ୍ବର ପାଖରେ ଥିବା ଘରେ ୱାଇଫାଇ, ଏସି ଲାଗିଥିବା ସହ ବିଭିନ୍ନ ଆରାମଦାୟକ ସାମଗ୍ରୀର ସୁବିଧା ସୁଯୋଗ ରହିଥିବା ଦେଖିବାକୁ ମିଳିଥିଲା।

### ବାରମ୍ବାର ଚଢ଼ାଉ ସତ୍ତ୍ୱେ ପ୍ରଭାବ ପଡୁନି

ନିୟମିତ ବ୍ୟବଧାନରେ କମିଶନରେଟ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ସାଲିଆ ସାହିରେ ଚଢାଉ କରାଯାଉଛି। ଚଢାଉ ସମୟରେ ବିପୁଳ ପରିମାଣର ଦେଶୀ ମଦ ଜବତ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁଛି। ଏହାସତ୍ତ୍ୱେ କୌଣସି ପ୍ରଭାବ ସେମାନଙ୍କ ଉପରେ ପଡୁଥିବାର ଦେଖିବାକୁ ମିଳୁନାହିଁ। ଜେଲରୁ ଫେରି ପୁଣି ଥରେ ସେମାନେ ସେଇ ସମାନ ବେପାର ଆରମ୍ଭ କରି ଦେଉଛନ୍ତି। ନିଶା କାରବାର ଓ ଅପରାଧକୁ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ବସ୍ତିକୁ ଚାଲ,ମିତ୍ର ଭଳି ଅଭିଯାନ କରାଯାଉଛି। ହେଲେ ବେଧଡକ ନିଶା କାରବାର ଓ ଆପରାଧିକ କାର୍ଯ୍ୟକଳାପ ବନ୍ଦ ହେଉନାହିଁ, ଯାହାକି ବର୍ତ୍ତମାନ ପୋଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

## ଅବସର ନେଲେ ମିଷ୍ଟର...

ମୋ ସହ ରହିବ। ଏହି ଯାତ୍ରାରେ ମୋ ପ୍ରତି ଭଲ ପାଇବା ଓ ସମ୍ମାନ ଦେଖାଇଥିବା ସମସ୍ତ ଫ୍ୟାନ୍‌ଙ୍କ ନିକଟରେ ମୁଁ କୃତଜ୍ଞ'' ବୋଲି କହିବା ସହ ଅବସର ଘୋଷଣା କରିଥିଲେ ଶିଖର ଧାୱନ। ଜୀବନର ଗୋଟିଏ ପୃଷ୍ଠା ସମାପ୍ତ ହେବା ପରେ ଆଉ ଏକ ପୃଷ୍ଠାକୁ ଯିବା ଉଚିତ, ତେଣୁ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅବସର ଘୋଷଣା କରୁଛି ବୋଲି କହିଛନ୍ତି ଧାୱନ। ଭାରତୀୟ ଜାତୀୟ ଦଳ ପାଇଁ ଦୀର୍ଘଦିନ ଧରି ଖେଳିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ସେ କହିଥିଲେ। ଅବସର ଘୋଷଣା କରିବା ସମୟରେ ମୋ ହୃଦୟରେ ଶାନ୍ତି ରହିଛି ବୋଲି ମଧ ସେ କହିଥିଲେ। ଦିଲ୍ଲୀର ସୋନେଟ୍ କ୍ଲବ ପକ୍ଷରୁ ଖେଳୁଥିବା ଧାୱନ ଭାରତ ପାଇଁ ୩୪ ଟେଷ୍ଟ, ୧୬୭ ଦିନିକିଆ ଓ ୬୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ବିଗତ ଦୁଇବର୍ଷ ହେବ ସେ ଭାରତୀୟ ଦଳରୁ ବାହାରେ ରହିଛନ୍ତି। ଟେଷ୍ଟରେ ଶିଖରଙ୍କୁ ଏତେଟା ସଫଳତା ମିଳି ନ ଥିବା ବେଳେ ଦିନିକିଆରେ କିନ୍ତୁ ରହିଥିଲା ଚମତ୍କାର ରେକର୍ଡ। ଦିନିକିଆରେ ସେ ୪୪.୧୧ର ଆଭରେଜ ସହ ସ୍କୋର କରିଥିଲେ ୬୭୯୩ ରନ୍। ଏହା ମଧ୍ୟରେ ସାମିଲ ଥିଲା ୧୭ ଶତକ ଓ ୩୯ ଅର୍ଦ୍ଧଶତକ। ସେହିପରି ଟେଷ୍ଟରେ ସେ ୪୦.୬୧ର ଆଭରେଜ ସହ ୨୩୧୫ ରନ୍ ସ୍କୋର କରିଥିଲେ। ଜୀବନର ସେହିଅଧ୍ୟାୟରେ ମୁଁଆ ହୋଇଛି, ଯେଉଁଠିପଛକୁ ଦେଖିଲେ କେବଳ ସୁମଧୁର ସ୍ମୃତି ରହିଛି। ଏକ ନୂଆ ଦୁନିଆରେ ପାଦ ରଖିବା ଭଳି ମନେହେଉଛି। ଜୀବନରେ ଭାରତ ପାଇଁ ଖେଳିବା ଏକମାତ୍ର ଲକ୍ଷ୍ୟ ରହିଥିବା ବେଳେ ୧୦ ବର୍ଷରୁ ଅଧିକ ଭାରତ ପାଇଁ ଖେଳିବା ମୋ ଲାଗି ଗୌରବର ବିଷୟ ବୋଲି ସେ କହିଛନ୍ତି। କ୍ରିକେଟ କ୍ୟାରିୟରରେ ସମସ୍ତ ପ୍ରକାର ସହାୟତା ପାଇଁ ସେ ଡିଡିସିଏ ଓ ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି।

## ବନ୍ଦ ଘରେ ମହିଳା...

ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମୋନାଲିସାଙ୍କ ମୃତ୍ୟୁ ଖବରପାଇ ତାଙ୍କ ମାତାପିତା ଘଟଣାସ୍ଥଳରେ ପହଞ୍ଚିବା ପରେ ରୁମ୍ କବାଟକୁ ପୋଲିସ ଭାଙ୍ଗି ପଶିବା ପରେ ତଦନ୍ତ ଆରମ୍ଭ କରିଥିଲା। ବେଡ଼ରୁମରୁ ବ୍ୟାଗ, ମୋବାଇଲ, ମନିପର୍ସ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି। ତେବେ ପ୍ରୀତିରଞ୍ଜନ କିଏ ମୋନାଲିସାଙ୍କ ମାତାପିତା ଜାଣନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି। ପ୍ରୀତିରଞ୍ଜନଙ୍କ ସହ ମୋନାଲିସା ଯିବା ଆସିବା କରିବା, ମିଳିମିଶି ରହୁଥିବାରୁ ସେ ତାଙ୍କର ପୁରୁଷ ବନ୍ଧୁ ବୋଲି ସ୍ଥାନୀୟ ଲୋକେ ଅନୁମାନ କରିଛନ୍ତି। ଉକ୍ତ ଯୁବକଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏହି ଘଟଣା ପ୍ରେମଜନିତ କାରଣରୁ ହୋଇଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମହିଳାଙ୍କ ମୃତଦେହକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ବ୍ୟବଚ୍ଛେଦ କରାଯିବା ସହିତ ପରିବାରକୁ ହସ୍ତାନ୍ତର କରାଯାଇଛି।

## ସନ୍ଦୀପ, ୫ ଅଭିଯୁକ୍ତଙ୍କ...

ପୂର୍ବରୁ ଅପରାଧ ଦୃଶ୍ୟକୁ ବଦଳାଯାଇଥିଲା। ସ୍ଥାନୀୟ ପୋଲିସ ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ତଥ୍ୟ ଲୁଚାଇବାକୁ ଉଦ୍ୟମ କରିଥିବାରୁ ପଲିଗ୍ରାଫ୍ ପରୀକ୍ଷାର ଆବଶ୍ୟକତା ରହିଥିବା ସିବିଆଇ ଗୁରୁବାର ସୁପ୍ରିମକୋର୍ଟଙ୍କୁ କହିଥିଲା। ସ୍ଥାନୀୟ ଅଦାଲତଙ୍କ ଅନୁମତିକ୍ରମେ ଶନିବାର ଅଭିଯୁକ୍ତ ଓ ଅନ୍ୟମାନଙ୍କ ମିଛଧରା ପରୀକ୍ଷା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଗତ ୯ ତାରିଖ ବିଳମ୍ବିତ ରାତିରେ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଛାତି ବିଭାଗ ସେମିନାର ହଲ୍‌ରେ ୩୧ ବର୍ଷୀୟ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସକାଳେ ତାଙ୍କ ମୃତଦେହ ମିଳିବା ପରେ ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ଅପରାଧୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ମାମଲାର ତଦନ୍ତ ଦାୟିତ୍ୱ ପ୍ରଥମେ କୋଲକାତା ପୋଲିସ ନେଇଥିବାବେଳେ ୧୩ ତାରିଖରେ କୋଲକାତା ହାଇକୋର୍ଟ ଏହାକୁ ସିବିଆଇକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୪ ତାରିଖରୁ ସିବିଆଇ ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତଙ୍କ ସମେତ ୭ ଜଣଙ୍କ ପଲିଗ୍ରାଫ୍ ପରୀକ୍ଷା ପାଇଁ ଆବେଦନ କରିଥିଲା।

### ପଲିଗ୍ରାଫ ପରୀକ୍ଷା କ'ଣ

ପଲିଗ୍ରାଫ୍ ଟେଷ୍ଟ ସାଧାରଣତଃ ଲାଏ ଡିଟେକ୍ଟର ଟେଷ୍ଟ ଭାବେ ଜଣାଶୁଣା। ଏହି ପରୀକ୍ଷା ବେଳେ ଅଭିଯୁକ୍ତଙ୍କୁ ଜେରା କରାଯିବା ସହ ତାଙ୍କ ମନସ୍ତାତ୍ତ୍ୱିକ ସ୍ଥିତିକୁ ମପାଯାଇଥାଏ। ପଲିଗ୍ରାଫ୍ ମେଶିନ ବ୍ୟକ୍ତିଙ୍କ ହୃଦ୍‌ସ୍ପନ୍ଦନ, ରକ୍ତଚାପ, ଶ୍ୱାସକ୍ରିୟାରେ ପରିବର୍ତ୍ତନ, ଝାଳ ବାହାରିବା ସ୍ତର ଆଦି ମନସ୍ତାତ୍ତ୍ୱିକ ସୂଚକାଙ୍କକୁ ରେକର୍ଡ କରିଥାଏ। ବ୍ୟକ୍ତି ଜଣକ ସତ କହୁଛନ୍ତି କି ମିଛ କିମ୍ବା ଅନିଶ୍ଚିତ ରହିଛନ୍ତି, ତାହା ଏହି ପରୀକ୍ଷାରୁ ଜଣାପଡ଼ିଥାଏ। ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍ଆର୍‌ସି) ଗାଇଡ୍‌ଲାଇନ ଅନୁଯାୟୀ ଏହି ପରୀକ୍ଷା ପାଇଁ ଅଭିଯୁକ୍ତମାନଙ୍କ ମତାମତ ନେବାକୁ ପଡ଼ିଥାଏ। ପରୀକ୍ଷାର ଉଦ୍ଦେଶ୍ୟ, ପଦ୍ଧତି ଏବଂ ଆଇନଗତ ପରିଣାମ ସମ୍ପର୍କରେ ପ୍ରଥମେ ସେମାନଙ୍କୁ ପୋଲିସ ଏବଂ ଆଇନଜୀବୀଙ୍କ ଦ୍ୱାରା ବୁଝାଇଦିଆଯାଇଥାଏ। ଏହା ପରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କ ମତାମତକୁ ଔପଚାରିକ ଭାବେ ରେକର୍ଡ କରାଯାଇଥାଏ। ଯଦିଓ ଅଦାଲତରେ ମାମଲାର ବିଚାର ସମୟରେ ପଲିଗ୍ରାଫ ପରୀକ୍ଷାର ରିପୋର୍ଟ ଗ୍ରହଣୀୟ ହୋଇ ନ ଥାଏ, ତେବେ ତଦନ୍ତ ପ୍ରକ୍ରିୟାକୁ ଆଗେଇନେବାରେ ଏହା ସହାୟକ ହୋଇଥାଏ।

## ଶ୍ୱାସରୁଦ୍ଧ ହୋଇ ୩...

ତଳେ ନିର୍ମାଣ କରାଯାଇଥିଲା। ଶନିବାର ଉକ୍ତ ଟାଙ୍କି ସେଣ୍ଟ୍ରିଂ ଖୋଲିବା ଓ ଅନ୍ୟାନ୍ୟ କାମ କରିବାକୁ ବସନ୍ତ ୩ଜଣ ଶ୍ରମିକଙ୍କୁ ଡାକିଥିଲେ। ସେଣ୍ଟ୍ରିଂ ଖୋଲିବାକୁ ଶ୍ରୀକାନ୍ତ ପ୍ରଥମେ ପାଇଖାନା ଟାଙ୍କି ଭିତରକୁ ପଶିଥିଲେ। କିଛି ସମୟ ପରେ ତାଙ୍କୁ ଡାକିଲା ପରେ ବି ସେ ନ ଶୁଣିବାରୁ ଭରତ ଓ ଘର ମାଲିକ ବସନ୍ତ ଭିତରକୁ ପଶିଥିଲେ। କିଛି ସମୟ ଭିତରେ ସେମାନଙ୍କ ଚିତ୍କାର ଶୁଣି ପାଖରେ ଥିବା ଅନ୍ୟ କେତେକ ସେଠାରେ ପହଞ୍ଚି ଥିଲେ। ପାଇଖାନା ଛାତ ଭାଙ୍ଗି ସମସ୍ତଙ୍କୁ ଟାଙ୍କି ଭିତରୁ ବାହାରକୁ ଅଣାଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ଫାଶିମାଲ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ବସନ୍ତ, ଶ୍ରୀକାନ୍ତ ଏବଂ ଭରତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ସିଦ୍ଧାନ୍ତଙ୍କୁ ସମ୍ବଲପୁର ସ୍ଥାନାନ୍ତର କରାଯାଇଛି।

## କେନ୍ଦ୍ର ଆଣିଲା ଏକୀକୃତ...

କର୍ମଚାରୀମାନେ ଚାକିରି କାଳରେ କରିଥିବା ଅଂଶଦାନ ଆଧାରରେ ପେନ୍‌ସନ ଧାର୍ଯ୍ୟ ହୋଇଥାଏ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘଦିନରୁ ଅସନ୍ତୋଷ ରହିବା ସହ ବିଭିନ୍ନ ଅଣଭାଜପା ଶାସିତ ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା। ଆଗକୁ ହରିୟାଣା ଏବଂ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଥିବାବେଳେ ସରକାର ୟୁପିଏସ୍ ନାମରେ ନୂଆ ଯୋଜନା ଘୋଷଣା କରିଛନ୍ତି।

ୟୁପିଏସ୍ ଯୋଜନାରେ ସରକାରୀ କର୍ମଚାରୀ ଅନ୍ୟୂନ ୨୫ ବର୍ଷ କାର୍ଯ୍ୟକାଳ ପୂରଣ କରିଥିଲେ ପେନ୍‌ସନ ପାଇବାକୁ ହକ୍‌ଦାର ହେବେ। ସେମାନେ ଅବସର ସମୟର ଶେଷ ୧୨ ମାସରେ ପାଇଥିବା ହାରାହାରି ମୂଳ ଦରମାର ୫୦ ପ୍ରତିଶତ ପେନ୍‌ସନ ଭାବେ ପାଇବେ। ସର୍ବନିମ୍ନ ୧୦ ବର୍ଷ ନିଯୁକ୍ତି ସମୟ ପାଇଁ ଏହାର ଆନୁପାତିକ ହାରରେ ପେନ୍‌ସନ ମିଳିବ। ପେନ୍‌ସନଭୋଗୀଙ୍କର ମୃତ୍ୟୁ ଘଟିଲେ, ସେ ଶେଷ ସମୟରେ ଉଠାଇଥିବା ପେନ୍‌ସନ ରାଶିର ୬୦ ପ୍ରତିଶତ ତାଙ୍କ ପରିବାରକୁ ମିଳିବ। ଅନ୍ୟୂନ ୧୦ ବର୍ଷ ଚାକିରି ପରେ ଜଣେ ସରକାରୀ କର୍ମଚାରୀ ଅବସର ନେଇଥିଲେ, ତାଙ୍କୁ ମାସିକ ୧୦ ହଜାର ଟଙ୍କା ନିଶ୍ଚିତ ପେନସନ ଯୋଗାଇ ଦିଆଯିବ ବୋଲି ଉକ୍ତ ଯୋଜନାରେ ପ୍ରତିଶ୍ରୁତି ଦିଆଯାଇଛି।

ବର୍ତ୍ତମାନର ପେନ୍‌ସନ ଯୋଜନାରେ କର୍ମଚାରୀ ନିଜ ବେତନର ୧୦ ପ୍ରତିଶତ ଅଂଶଦାନ ଦେଉଥିବାବେଳେ କେନ୍ଦ୍ର ସରକାରଙ୍କ ଅଂଶଦାନ ପରିମାଣ ୧୪ ପ୍ରତିଶତ ରହିଥିଲା। ୟୁପିଏସ୍‌ରେ କେନ୍ଦ୍ରର ଅଂଶଦାନକୁ ୧୮.୫ ପ୍ରତିଶତକୁ ବଢ଼ାଇ ଦିଆଯିବ। ରାଜ୍ୟ ସରକାରଗୁଡ଼ିକ ଏହି ଯୋଜନାରେ ସାମିଲ ହେବାକୁ ଚାହିଁଲେ, ମୋଟ ଉପକୃତ କର୍ମଚାରୀଙ୍କ ସଂଖ୍ୟା ୯୦ ଲକ୍ଷକୁ ବୃଦ୍ଧି ପାଇବ। ୟୁପିଏସ୍‌ରେ ପରିବାର ପେନ୍‌ସନ ଗ୍ୟାରେଣ୍ଟି ରହିଛି। ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ, ତାଙ୍କ ସ୍ତ୍ରୀଙ୍କୁ ଫାମିଲି ପେନ୍‌ସନ ମିଳିବ। ଏହା ବ୍ୟତୀତ ପେନ୍‌ଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର୍) ଖାଉଟି ମୂଲ୍ୟ ସୂଚକାଙ୍କ ଆଧାରରେ ଦିଆଯିବ। ଅବସର ସମୟରେ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଭାବେ ପ୍ରତି ୬ ମାସର ସେବା ପାଇଁ ପାଉଥିବା ମାସିକ ବେତନର ଏକ-ଦଶମାଂଶ ମିଳିବ। ୟୁପିଏସ୍ ସରକାରୀ କର୍ମଚାରୀମାନଙ୍କ ମର୍ଯ୍ୟାଦା ଓ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କର୍ମଚାରୀମାନଙ୍କ ସ୍ୱାଚ୍ଛନ୍ଦ୍ୟ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ୟୁପିଏସ୍ ଯୋଜନା ଅଣାଯାଇଥିବା ସେ କହିଛନ୍ତି।

## ୟୁପିଏସ୍‌କୁ ସ୍ୱାଗତ, ଓପିଏସ୍ ଲାଗୁ ପାଇଁ ଦାବି

ଭୁବନେଶ୍ୱର, ୨୪।୮ (ବନ୍ଦନା ସେଠୀ)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଶନିବାର କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ନୂଆ ପେନ୍‌ସନ ସ୍କିମ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୟୁନିଫାଏଡ ପେନ୍‌ସନ ସ୍କିମ୍ (ୟୁପିଏସ୍)କୁ ମଞ୍ଜୁରି ମିଳିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏହି ନୂଆ ଯୋଜନା ଦ୍ୱାରା ୨୩ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଉପକୃତ ହେବେ। ୟୁପିଏସ୍‌ରେ ସରକାରଙ୍କ ଅବଦାନ ୧୮.୫% ହେବ। ଏହି ଯୋଜନା ୨୦୨୫ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ସୂଚନା ଦିଆଯାଇଛି। ତେବେ ସରକାରଙ୍କ ଏହି ଘୋଷଣାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଓଡ଼ିଶା ପୁରୁଣା ପେନସନ୍ ଅଭିଯାନ ସଭାପତି ବିଜୟ ମଲ୍ଲ କହିଛନ୍ତି, କେନ୍ଦ୍ର ସରକାର ୟୁନିଫାଏଡ ପେନ୍‌ସନ ସ୍କିମ୍‌କୁ ଅନୁମୋଦନ କରିଥିବାରୁ କର୍ମଚାରୀମାନଙ୍କ ତରଫରୁ ଏହାକୁ ସ୍ୱାଗତ କରାଯାଉଛି। ମାତ୍ର କର୍ମଚାରୀମାନଙ୍କ ପାଇଁ ଅବିକଳ ପୁରୁଣା ପେନ୍‌ସନ (ଓପିଏସ୍) ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରାଯାଉଛି। ସେହିପରି ୟୁନିଫାଏଡ୍ ପେନ୍‌ସନ ସ୍କିମ୍‌ରେ ୨୫ ବର୍ଷରୁ କମ୍ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କ କଥା ବିଚାର କରା ନ ଯିବା, ମହଙ୍ଗା ଭତ୍ତା ଏବଂ ଜିପିଏଫ୍ ସମ୍ବନ୍ଧରେ ସ୍ପଷ୍ଟୀକରଣ ନ ଦେବା କର୍ମଚାରୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଉଛି ବୋଲି ବିଜୟ କହିଛନ୍ତି। ସେହିପରି ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି କହିଛନ୍ତି, ସରକାରୀ କର୍ମଚାରୀଙ୍କୁ ପେନ୍‌ସନ୍ ଆବଶ୍ୟକ ବୋଲି ସରକାର ବହୁତ ଦିନ ପରେ ହୃଦ୍‌ବୋଧ କରିଛନ୍ତି। ତେଣୁ 'ନାହିଁ ମାମୁ ଠାରୁ କଣା ମାମୁ ଭଲ' ନ୍ୟାୟରେ ଏହି ଯୋଜନାକୁ ସମସ୍ତେ ସ୍ୱାଗତ କରୁଛୁ। ସରକାର 'ଏନ୍‌ପିଏସ୍'ର ଏନ୍ ବଦଳରେ 'ୟୁ' ଲଗାଇ ତାହାକୁ ୟୁପିଏସ୍ କରିଛନ୍ତି। ତେବେ ଏଥିରେ ଯେଉଁସବୁ ସର୍ତ୍ତ ରଖାଯାଇଛି, ସେଥିରେ ସମସ୍ତ ସରକାରୀ କର୍ମଚାରୀ ଲାଭ ପାଇବେ ନାହିଁ। ସରକାର 'ୟୁପିଏସ୍' ବଦଳରେ ପୂର୍ବରୁ ଥିବା ଜିପିଏଫ୍ ବ୍ୟବସ୍ଥା 'ଓପିଏସ୍' ଲାଗୁ କରିବା ଆବଶ୍ୟକ। ଅମଲା ସଂଘ ମିଡିଆ ସଂଯୋଜକ ଗୁରୁ ଗୋବିନ୍ଦ ଦଳାଇ କହିଛନ୍ତି, ଆଜି କେବଳ କ୍ୟାବିନେଟ୍ ମୋହର ବାଜିଛି, ସେଥିରେ କ'ଣ କ'ଣ ରହିବ ସେ ନେଇ ଗାଇଡ୍‌ଲାଇନ୍ ବାହାରିନାହିଁ। ତେବେ ୨୦୦୫ ପୂର୍ବରୁ ଥିବା ଓପିଏସ୍ ବା ପୁରୁଣା ପେନ୍‌ସନ ସ୍କିମ ଲାଗୁ କରିବା ଆମ ସମସ୍ତଙ୍କର ଦାବି ଥିଲା। ୟୁପିଏସ୍ ଯଦିଓ ଓପିଏସ୍ ଭଳି ନୁହେଁ, ତଥାପି ଯାହା ହୋଇଛି କର୍ମଚାରୀଙ୍କ ପାଇଁ ଭଲ ହୋଇଛି ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଅଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଠିନ ପରିଶ୍ରମରୁ ସ୍ୱତନ୍ତ୍ର ପରିଚୟ

## ୨୨ ରାଜ୍ୟରେ 'କପିଳା'ର କାରବାର

**ନୂଆଦିଲ୍ଲୀ,୨୪।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କାମଧେନୁ କାଟେଲ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ୍ 'କପିଳା' ପଶୁ ଆହାରର ଲୋକପ୍ରିୟତା ଧୀରେ ଧୀରେ ରାଜ୍ୟ ପରେ ରାଜ୍ୟ ବ୍ୟାପିଚାଲିଛି। ଦୀର୍ଘ ୩୨ବର୍ଷ ମଧ୍ୟରେ ବ୍ରାଣ୍ଡ୍ ୨୨ ରାଜ୍ୟର ବିଭିନ୍ନ ସହରରେ କାରବାର କରୁଛି। ୧୯୯୨ରେ ଦୈନିକ ପ୍ରାୟ ୫୦ ଟନ ଉତ୍ପାଦନ କ୍ଷମତାରେ ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ ବର୍ତ୍ତମାନ ଦିନକୁ ୨୫୦୦ ଟନ ଉତ୍ପାଦନ କରୁଛି।

ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶର ହମିରପୁରସ୍ଥିତ ଭରୁଆ ନିବାସୀ



ସୁରେନ୍ଦ୍ର ନାଥ ଶିବହାରେ

ସୁରେନ୍ଦ୍ର ନାଥ ଶିବହାରେ ପିଲାଟି ଦିନରୁ କଠିନ ପରିଶ୍ରମ ଥିଲେ। ଉଚ୍ଚଶିକ୍ଷା ପରେ ସେ ହମିରପୁର ଭରୁଆ ଶିଳ୍ପାଞ୍ଚଳରେ ଦୈନିକ ୫୦ଟନ୍ କ୍ଷମତା ବିଶିଷ୍ଟ ଉତ୍ପାଦନ ୟୁନିଟ୍ ଆରମ୍ଭ କରିଥିଲାବେଳେ କଠିନ ପରିଶ୍ରମ ତାଙ୍କୁ ଆଜି ଜଣେ ସଫଳ ଉଦ୍ୟୋଗୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସେ ବର୍ତ୍ତମାନ ଦୈନିକ ୨୫୦୦ଟନ୍ ଉତ୍ପାଦନ ସହ ୧୦୫୦ କୋଟି ଟର୍ନ ଓଭର କାରବାର କରୁଛନ୍ତି।

ଏ ସମ୍ପର୍କରେ କପିଳା ପଶୁ ଆହାରର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ଶିବହାରେ କହିଛନ୍ତି, ଆମେ ଗ୍ରାହକଙ୍କ ଚାହିଦା ଓ ଗୁଣାତ୍ମକ ଉତ୍ପାଦର ସମ୍ଭାର ବଜାରରେ ଉପଲବ୍ଧ କାରବାରକୁ ଗୁରୁତ୍ୱ ଦେଇଆସୁଛି। ଫଳରେ ବ୍ରାଣ୍ଡ୍ ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଉଛି। ସେହିଭଳି ନୂତନ ଉତ୍ପାଦ ଓ ଗୁଣବତ୍ତାକୁ ବ୍ରାଣ୍ଡ୍ ପ୍ରାଥମିକତା ଦେଉଥିବାବେଳେ ଗ୍ରାହକ ବିଶ୍ୱାସଭାଜନ ପାଇଁ ଆମେ କଠିନ ପରିଶ୍ରମ ଓ ସ୍ୱଚ୍ଛତାକୁ ମୂଳମନ୍ତ୍ର ଭାବେ କାର୍ଯ୍ୟ କରିଥାଉ।


**12th Happy Birthday**



**Aaryan Anshuman (Anshu)**

Ratilo, Nimapada, Puri

May you continue to improve as a person With each passing year. Wishing you a very Happy Birthday.

ଧ-୭୫୫୬୧


# ଦେଶରେ ଆରମ୍ଭ ହେବ ୬ଜି ସେବା

**ଭୁବନେଶ୍ୱର,୨୪।୮ (ଅନୁରାଧା ମହାରଣା)**

ଦେଶରେ ୫ଜି ପରେ ୬ଜି ସେବା ପାଇଁ କେନ୍ଦ୍ର ଟେଲିକମ୍ ମନ୍ତ୍ରଣାଳୟ ପ୍ରସ୍ତୁତ ହେଉଛି। ଶନିବାର ଏଭଳି ଏକ ଖବର ସାମ୍ନାକୁ ଆସିଛି। ଭାରତୀୟ ଟେଲିକମ୍ କମ୍ପାନୀଗୁଡ଼ିକ ସମସ୍ତ ୬ଜି ପେଟେଣ୍ଟରେ ୧୦ ପ୍ରତିଶତ ଅଂଶଧନ ହାସଲ କରିବାକୁ ଏବଂ ଆଗାମୀ ୩ ବର୍ଷ ମଧ୍ୟରେ ବିଶ୍ୱ ମାନଦଣ୍ଡରେ ଷଷ୍ଠାଂଶ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶନିବାର ଏକ ସରକାରୀ ବିବୃତିରେ ଏହି ସୂଚନା ଦିଆଯାଇଛି। ଟେଲିକମ୍ ଇଣ୍ଡଷ୍ଟ୍ରି କମ୍ପାନୀଗୁଡ଼ିକ ଅନୁସନ୍ଧାନକୁ ଭାରତର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବା ଏବଂ ଏକ ଜୀବନ୍ତ 'ମାନକ ସମ୍ପ୍ରଦାୟ'



ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଅଧ୍ୟକ୍ଷତାରେ ଟେଲିକମ୍ ସେବା ପ୍ରଦାନକାରୀ (ଟିଏସ୍‌ପି) ଉପରେ ହିତାଧିକାରୀ ପରାମର୍ଶଦାତା କମିଟି (ଏସ୍‌ଏସି)ର ଦ୍ୱିତୀୟ ବୈଠକରେ ଏହି ପ୍ରସ୍ତାବ ଆସିଛି। ଉକ୍ତ ବିବୃତିରେ କୁହାଯାଇଛି, ଶିଳ୍ପପତିମାନେ ଅନୁସନ୍ଧାନକୁ ଭାରତର ଆବଶ୍ୟକତା ଅନୁଯାୟୀ ଅନୁକୂଳ କରିବା ଏବଂ ଏକ ଜୀବନ୍ତ

### ପେଟେଣ୍ଟରେ ୧୦% ଅଂଶ ହାସଲ ଲକ୍ଷ୍ୟରେ ଟେଲିକମ୍ କମ୍ପାନୀ

ମାନକ ସମ୍ପ୍ରଦାୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ବୈଠକରେ ଅନ୍ତର୍ଜାତୀୟ ମାନକ ତଥା ବୌଦ୍ଧିକ ସମ୍ପତ୍ତି ଏବଂ ଷ୍ଟାଣ୍ଡାର୍ଡ ଏସେନ୍‌ସିଆଲ ପେଟେଣ୍ଟସ (ଏସ୍‌ଇପି)ରେ ଭାରତର ଅଂଶ, ଟେଲିକମ୍‌ରେ ସଂଯୋଗ ବ୍ୟବଧାନ ଏବଂ ଟେଲିକମ୍ ସେବାର ଗୁଣ ଉପରେ ଆଲୋଚନା କରାଯାଇଥିଲା। ବିବୃତିରେ କୁହାଯାଇଛି, ଭାରତ ପୂର୍ବରୁ ଅନେକ ପଦକ୍ଷେପ ନେଇଛି ଯେପରିକି ଭାରତ ୬ଜି ଭିଜନ ଏବଂ ଭାରତ ୬ଜି ଆଲାଇନ୍ସ, ପେଟେଣ୍ଟ ଏବଂ ଆଇପିଆର୍ ସମର୍ଥନ ଫ୍ରେମ୍‌ୱାର୍କ, ଟେଷ୍ଟବେଡ୍ କମିଶନ ଏବଂ ଦେଶ ସମସ୍ତ ୬ଜି ପେଟେଣ୍ଟର ୧୦ ପ୍ରତିଶତ ଏବଂ ବିଶ୍ୱ ମାନଦଣ୍ଡରେ ଷଷ୍ଠାଂଶ ଯୋଗଦାନ କରିବାନେଇ ଆଶା କରାଯାଉଛି। ଏହି ଲକ୍ଷ୍ୟ ହାସଲ କରିବାକୁ ଏସ୍‌ଏସି ଏକ ୩ ବର୍ଷର ଯୋଜନା ପ୍ରସ୍ତାବ ଦେଇଛି। ଏହି ବୈଠକରେ ରିଲାଏନ୍ସ ଜିଓ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ପାୱାର, ଭୋଡାଫୋନ ଆଇଡିଆର ସିଇଓ ଅକ୍ଷୟ ମୁନ୍ଦଡା, ବିଏସ୍‌ଏନ୍‌ଏଲ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ରବର୍ଟ ଜେ. ରବି, ବୋର୍ଡର ଚେୟାରମ୍ୟାନ ଏନ୍‌ଜି ସୁବ୍ରମଣ୍ୟମ ଏବଂ ଶିଳ୍ପସଂସ୍ଥା ସିଓଏଆଇ ନିର୍ଦ୍ଦେଶକ ଜେନେରାଲ ଏସ୍.ପି. କୋଚର ଯୋଗ ଦେଇଥିଲେ।

# ବିଏମ୍‌ଏଫ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୪।୮ (ଅଭୟ ଦାଶ)**

ବନ୍ଧନ ମ୍ୟୁଚୁଆଲ ଫଣ୍ଡ(ବିଏମ୍‌ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ ବିଏସ୍‌ଇ ହେଲ୍‌ଥକେୟାର ଇଣ୍ଡେକ୍ସ ଫଣ୍ଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା ଏକ ଓପନ ଏଣ୍ଡେଡ ସ୍କିମ୍ ହୋଇଥିଲାବେଳେ ଏହି ନୂଆ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ୨୦୨୪ ସେପ୍ଟେମ୍ବର ୩ ରେ ଏହା ବନ୍ଦ ହେବ। ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଆମେ ଆମର ନୂତନ ଉତ୍ପାଦର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅସାଧାରଣ ସ୍ଥିରତା ଓ ଉଦ୍ଭାବନ (ବିଶେଷକରି କୋଭିଡ୍-୧୯ ମହାମାରୀ ଭଳି ଅନ୍ତର୍ଜାତୀୟ ଆହ୍ୱାନଗୁଡ଼ିକ ସମୟରେ) ପ୍ରଦର୍ଶିତ କରିଛି। ସ୍ୱାସ୍ଥ୍ୟସେବା ଶିଳ୍ପ ଭାକ୍ସିନ ଉତ୍ପାଦନ, ଜେନେରିକ ଡ୍ରଗ୍ ଉତ୍ପାଦ ଓ ମେଡିକାଲ ଟୁରିଜମ ପାଇଁ ବିଶ୍ୱବ୍ୟାପୀ ସୁପରିଚିତ ଥିଲାବେଳେ ବର୍ତ୍ତମାନ ଶିଳ୍ପ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ରହିଛି।

# ଜେଏସ୍‌ପିକୁ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର

**ଭୁବନେଶ୍ୱର,୨୪।୮ (ଅଭୟ ଦାଶ)**

ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଜେଏସ୍‌ପିର ଉଲ୍ଲେଖନୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ପାଇଁ କମ୍ପାନୀ ୨ଟି ପୃଥକ୍ ବର୍ଗରେ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର ଲାଭ କରିଛି। ସେହିଭଳି ଗୋଆର ପଞ୍ଜିମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ କମ୍ପାନୀକୁ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର ଦିଆଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ଜେଏସ୍‌ପିର ସଭାପତି ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୋଆ ସିଏସ୍‌ଆର୍ ଅଥରିଟିର ପ୍ରମୁଖ ପରାମର୍ଶଦାତା ଡ.ଗୁରୁରାଜ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କର୍ପ ଆଫେୟାରର



ପୂର୍ବତନ ମହାନିର୍ଦ୍ଦେଶକ ଡ.ଭାସ୍କର ଚାଟାର୍ଜୀ, ସିଏସ୍‌ଆର୍ ଟାଇମ୍ସର ସମ୍ପାଦକଙ୍କ ସମେତ ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଦୁଇଟି ବର୍ଗରେ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର ପାଇବା ଆମ ପାଇଁ ଗୌରବର କଥା ହୋଇଥିଲାବେଳେ ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଆମର ନିରନ୍ତର ପ୍ରୟାସକୁ ଏହି ପୁରସ୍କାର ପ୍ରତିଫଳିତ କରୁଛି।

ସେହିଭଳି ଆମେ ବିଶ୍ୱାସ କରୁ ଯେ ଜୀବିକା ଉପାର୍ଜନ ଏକ ମୌଳିକ ଅଧିକାର ଏବଂ ସମାଜରେ ଜୀବିକା ଅସମାନତାକୁ ଦୂରକରିବା ପାଇଁ ଆମେ ସର୍ବଦା କାର୍ଯ୍ୟ କରୁଛୁ। ଜନ ଜୀବିକା କେନ୍ଦ୍ର, ଡୋକ୍ରା କଳା, ଟେରାକୋଟା, ଏସ୍‌ଏଚ୍‌ଜି ମାଧ୍ୟମରେ ମହିଳା ସଶକ୍ତୀକରଣ ଭଳି ବିଭିନ୍ନ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କ ଆର୍ଥିକ ଏବଂ ସାମାଜିକ ଉନ୍ନତି ଆଣିବା ପାଇଁ ଜେଏସ୍‌ପି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି।

# ଡିଜିଟାଲ ମୁଦ୍ରା ସଫଳତାକୁ ନେଇ ଆଶଙ୍କା

**ଭୁବନେଶ୍ୱର,୨୪।୮ (ଅନୁରାଧା ମହାରଣା)**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଡିଜିଟାଲ ମୁଦ୍ରା ଲଞ୍ଚ କରିଥିବାବେଳେ ସଫଳତା ଉପରେ ଏହାର ପୂର୍ବତନ ଡେପୁଟି ଗଭର୍ନର ଏସ୍.ଏସ୍. ମୁନ୍ଦ୍ରା ଆଶଙ୍କା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁସାରେ ଦେଶରେ ୟୁପିଆଇ ବ୍ୟବସ୍ଥା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ପ୍ରଥମ ଦିନରୁ ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏପରି ସ୍ଥିତିରେ ଡିଜିଟାଲ ଟଙ୍କା ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ହେବା ପରି ମନେହେଉନାହିଁ। ଦେଶରେ ୟୁପିଆଇ କାରବାର ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି। ଜୁଲାଇରେ, ୟୁପିଆଇ କାରବାର ୨୦.୬୪ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏକ ଘରୋଇ ବ୍ୟାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁନ୍ଦ୍ରା ଏପରି ମତ ରଖିଛନ୍ତି। ସେ କହିଛନ୍ତି, ସମସ୍ତ ଉଦ୍ୟମ ସତ୍ତ୍ୱେ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି) କିମ୍ବା ଇଲେକ୍ଟ୍ରୋନିକ୍ ଟଙ୍କା ଲୋକପ୍ରିୟ ହୋଇନାହିଁ। ୟୁପିଆଇ କାରବାର ସଫଳ ହେଉଥିବାବେଳେ ଲୋକମାନେ ଇଲେକ୍ଟ୍ରୋନିକ୍ ମୁଦ୍ରାର କୌଣସି ବିଶେଷ ଲାଭ ବୁଝିବାକୁ ସକ୍ଷମ ହେବେ ନାହିଁ। ଅନ୍ୟପଟେ ସିବିଡିସି ରହିବା ଉଚିତ ବୋଲି ସେ ମତ ରଖିଛନ୍ତି। ସୂଚନା ଥାଉ କି, ବର୍ତ୍ତମାନ ଆର୍‌ବିଆଇ ଇଲେକ୍ଟ୍ରୋନିକ୍ ମୁଦ୍ରା ସଫଳ କରିବାକୁ ଚେଷ୍ଟା କରୁଛି। ଖୁଚୁରା ବିଭାଗରେ ଏହାକୁ ଲୋକପ୍ରିୟ କରିବା ପାଇଁ, ସିବିଡିସି ୱାଲେଟ ଲଞ୍ଚ କରିବା ପାଇଁ ଅଣ ବ୍ୟାଙ୍କ ପେମେଣ୍ଟ ସିଷ୍ଟମ ଅପରେଟରଙ୍କ ଦ୍ୱାରା ମଧ୍ୟ ଉଦ୍ୟମ ଚାଲିଛି। ସେ କହିଛନ୍ତି, ମୁଦ୍ରାକୁ ଅନ୍ତର୍ଜାତୀୟ ମୁଦ୍ରା କରିବା ପାଇଁ ଠିକ୍ ସମୟ ଆସିନାହିଁ। ଏଥିପାଇଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ। ସେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାକୁ ନିରନ୍ତର ମଜଭୁତ କରିବା ସପକ୍ଷରେ ଅଛି। ଆମେ ଏହାକୁ ପରିବର୍ତ୍ତନ କରିବାରେ ସକ୍ଷମ କରିବାକୁ ଚାହୁଁଛୁ ଯାହାଦ୍ୱାରା ବିଶ୍ୱର ପୁଞ୍ଜି ବିନିଯୋଗ ଯେକୌଣସି ସମୟରେ ଭାରତୀୟ ବଜାରରୁ ବାହାରକୁ ଯାଏ ତେବେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ। ମୁନ୍ଦ୍ରା କହିଛନ୍ତି, ବ୍ୟାଙ୍କଗୁଡ଼ିକ ସେମାନଙ୍କର ଭବିଷ୍ୟତ ରଣନୀତି ବିଷୟରେ ପୁନର୍ବାର ଚିନ୍ତା କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ।

# ବଜାରରେ ଓପୋ ଏଫ୍‌୨୭ ୫ଜି

**ନୂଆଦିଲ୍ଲୀ,୨୪।୮ (ଅଭୟ ଦାଶ)**

ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'ଓପୋ ଏଫ୍ ୨୭ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ମଡେଲରେ ଅନେକ ବୈଶିଷ୍ଟ୍ୟ ସଂଯୋଗ ସହ ଓପୋର ନୂଆ ହାଲୋ ଲାଇଟ୍ ଏବଂ ଆଡଭାନ୍ସଡ ଏଆଇ କ୍ୟାମେରା ଫିଚର ସାମିଲ ରହିଛି। ସେହିଭଳି ଓପୋ ଏଫ୍‌୨୭ ୫ଜି ଦୁଇଟି ରଙ୍ଗ ଯଥା ଆମ୍ବର ଅରେଞ୍ଜ ଓ ଏମର୍ଲାଡ୍ ଗ୍ରୀନ୍‌ରେ ଉପଲବ୍ଧ। ଏପରିକି ଏହା ୧୨୮ଜିବି ଷ୍ଟୋରେଜ ସହ ୨୨,୯୯୯ ଟଙ୍କାରେ ଓ ୨୫୬ଜିବି ଷ୍ଟୋରେଜ ସହ ୨୪,୯୯୯ ଟଙ୍କାରେ ବିକ୍ରି ହେଉଛି। ଓପୋ ଏଫ୍‌୨୭ ୫ଜିର ପ୍ରଥମ ସେଲ୍ ଉପରେ ଗ୍ରାହକମାନେ ନିମ୍ନଲିଖିତ ଅଫରଗୁଡ଼ିକୁ ହାସଲ କରିପାରିବେ। ଏପରିକି ଗ୍ରାହକମାନେ ଏସ୍‌ବିଆଇ କାର୍ଡ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କୋଟାକ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା କାର୍ଡ, ଡିବିଏସ୍ ବ୍ୟାଙ୍କ, ୱାନ କାର୍ଡ ଓ ଫେଡେରାଲ ବ୍ୟାଙ୍କ ଭଳି ଅଗ୍ରଣୀ ବ୍ୟାଙ୍କ କାର୍ଡ ସହ ସିସିଇଏମ୍‌ଆଇ ଓ ଡିସିଇଏମ୍‌ଆଇ ଉପରେ ୧୦% କ୍ୟାଶ୍‌ବ୍ୟାକ୍ (୧୮୦୦ଟଙ୍କା ପର୍ଯ୍ୟନ୍ତ) ପାଇପାରିବେ।

# ୨୯ରେ ରିଅଲ୍‌ମି ୧୩ ସିରିଜ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୮ (ଅଭୟ ଦାଶ)**

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ୍ ତଥା ରିଅଲ୍‌ମିର ନୂତନ ନମ୍ବର ସିରିଜ 'ରିଅଲ୍‌ମି ୧୩ ସିରିଜ୍ ୫ଜି'ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) ୨୦୨୪ ଅଗଷ୍ଟ ୨୯ରେ କରାଯିବ ବୋଲି ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଏହା ଡାଇମେନ୍‌ସିଟି ୭୩୦୦ଏନର୍ଜି ୫ଜି ଚିପ୍‌ସେଟ, ୮୦ ୱାଟ ଅଲଟ୍ରା ଚାର୍ଜ ଓ ୨୬ଜିବି ପର୍ଯ୍ୟନ୍ତ ଡାଇନାମିକ ରାମ୍ ଏକ୍ସପାନଶନ+ ୨୫୬ଜିବି ରମ୍ ସହ ଶକ୍ତିଶାଳୀ ସ୍ପିଡ୍ ଟ୍ରିଓ ପ୍ରଦାନ କରୁଛି। ସେହିଭଳି ବ୍ରାଣ୍ଡର ଏହି ନୂଆ ସିରିଜ୍ ମିଡିଆଟେକ୍ ଡାଇମେନ୍‌ସିଟି ୭୩୦୦ଏନର୍ଜି ୫ଜି ଚିପ୍‌ସେଟ ଥିବା ପ୍ରଥମ ସ୍ମାର୍ଟଫୋନ୍ ହେବ। ଏପରିକି ଏକ ଅତ୍ୟାଧୁନିକ ୪ଏନ୍‌ଏମ୍ ପ୍ରୋସେସ୍ ଟେକ୍ନୋଲୋଜି ଉପରେ ନିର୍ମିତ ଏହି ସ୍ମାର୍ଟଫୋନ୍ ଚମତ୍କାର ଶକ୍ତି ଓ ଦକ୍ଷତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଏବଂ ସୁଗମ ମଲ୍ଟିଟାସ୍କିଙ୍ଗ୍ ଓ ଗେମିଙ୍ଗ୍ ଅନୁଭୂତି ସୁନିଶ୍ଚିତ କରୁଛି। ପୂର୍ବ ମଡେଲଗୁଡ଼ିକ ତୁଳନାରେ ଏହାର ଚିପ୍‌ସେଟ୍ ଶକ୍ତି ଦକ୍ଷତାରେ ୩୦%ବୃଦ୍ଧି ପ୍ରଦାନ କରୁଛି।

# Classified Everyday

**0674-2580101, 2549949**



MATRIMONIAL

### BRIDE WANTED

Seeking alliance for MBA-qualified boy, Manager-Talent Acquisition at a Bangalore IT firm (Work from home). Looking for a beautiful, well-educated girl from Karana, Khandayat, or Kshatriya families. Age: Up to 30 years, Height: 5'3". Contact Father: 9438772415 (Call/WhatsApp), 9937717477 (Call). D-75449

Bride (Caste: Khandayat/Karana, Service: Software/Govt Job) wanted for 30 yrs Odia Boy working for IT MNC in Bangalore. WhatsApp only: 9007188787. D-1105

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ Divorcee) ପୁଅ ପାଇଁ ଯେକୌଣସି ଜାତିର 30-42Yrs. ଝିଅ ଆବଶ୍ୟକ। Candidate- 9861141891. D-1130

### GROOM WANTED

47 ବର୍ଷ, Vatnary Dr. ଅଛନ୍ତି। ଉପଯୁକ୍ତ ବୟସ ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-1122

Seeking a handsome, well-educated boy for a MTech Gold Medalist girl, ORS, serving as Land Acquisition Officer, Govt. of Odisha. Born April 1989. Prefer proposals from Karana, Khandayat, or Kshatriya families. Contact- Father: 9438772415 (Call/WhatsApp), 9937717477 (Call). D-75448



REAL ESTATE

### SALE

**Land for sale-** 10 Acres land available for sale at prime location near tourist destination. Just 18 KM drive from Bhubaneswar. Interested party please contact on this number 9937441023

Antique Historical Oxford Dictionary Book of Great Britain 4 volume of 1936 sale. Mobile- 6370057949. D-1111

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1123

 କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75774

Ready to move 4BHK duplex Bunglow, Botanda, Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76020

**Individual Gharabari 2700 Sum Hospital-2 Nakhara, 1500, 2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

Highway facing plot near Pira Bazar for sale. Phone No- 9124915059. D-1107

A gharabari plot in yellow zone with clear title, in and around Bhubaneswar is required which must be suitable for immediate construction. General caste Owners only may contact 6239688712. D-1115

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1121



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**38000sqft. Open Space Available for Rent at Backside of Audi Workshop near Pahala. Contact- 7008398175.** D-1129





**Full body massage experience good looking therapist @ 999 (Bhubaneswar). 9078484455.** D-999

Newly open health benefits SPA by expert therapist. Contact- 6371861658. D-76146

Newly open health benefits SPA special offer @ 999 Bapuji Nagar. 8018429809. D-76145

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

### AFFIDAVIT

I, Govind Chandra Prusty, H/o- Late Smt. Banita Prusty, R/o- House No.- E375, Janta flat, Jasola Vihar Pocket 11. PIN- 110025, New Delhi. Do hereby solemnly affirm and declare that Bachan Hati and Banita Prusty both names are one and same person and she was my wife. D-1126

By virtue of an affidavit sworn before Executive Magistrate, Chandbali, dated 20.08.2024, I Surati Mohanty, Dob- 08.04.1997, W/o- Amar Kumar Bhuyan, Vill- Ambol, P.O.- Tentulidihi, P.S.- Chandbali, Dist.- Bhadrak, declare that I have changed my name from "Ashima Bhuyan" to "Surati Mohanty". Henceforth, I shall be known as "Surati Mohanty" for all purposes. D-1125

By virtue of an affidavit sworn before Executive Magistrate, Khaira, dated 23.08.24 I, Ramakanta Behera, At- Kantabania, P.O.- Arakhapur, P.S.- Khaira, Dist.- Balasore, Odisha-756182 declare that I have changed my minor son's name from Rakesh Behera to Raaz Sekhar Behera. Henceforth he shall be known as Raaz Sekhar Behera for all purposes. D-1124

# ପ୍ୟାଶନ୍‌ରୁ ପ୍ରଫେଶନ୍











**ନିଜ ଇଚ୍ଛା ଅନୁସାରେ କ୍ୟାରିୟର ଗଢ଼ିବା ସୁଯୋଗ ମିଳିଲେ ଏହା ଜଣଙ୍କୁ ଅଧିକ ଉତ୍ସାହିତ କରିବା ସହ ଉର୍ଜାବାନ ମଧ୍ୟ କରିଥାଏ। ଆଉ ଏମିତିରେ ଯଦି ନିଜ ପ୍ୟାଶନ୍ କିମ୍ବା ହବିକୁ ନେଇ କ୍ୟାରିୟର ଗଢ଼ିବାର ଅଫର ମିଳିଯାଏ, ତେବେ ଏହାଠାରୁ ଭଲ ଆଉ କ'ଣ ବା ହୋଇପାରେ! ତେବେ ବର୍ତ୍ତମାନ ଡ୍ରଇଂ, ରାଇଟିଂ, କୁକିଂ, ଫ୍ୟାଶନ୍ ଡିଜାଇନିଂ, ଆକ୍ଟିଂ, ଡ୍ୟାନ୍ସିଂ ଇତ୍ୟାଦି ଭଳି ରୁଚିଥିବା ଯେକୌଣସି କ୍ଷେତ୍ରରେ କ୍ୟାରିୟର କରି ସଫଳତା ପାଇବାର ସୁଯୋଗ ରହିଛି। ହେଲେ ଏଥିପାଇଁ ସାଧନା ସହ କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ...**

**ରିସର୍ଚ୍ଚ:** ଆପଣଙ୍କର ପ୍ୟାଶନକୁ ଯଦି ପ୍ରଫେଶନ୍ କରିବାକୁ ଚାହାନ୍ତି, ତେବେ ପ୍ରଥମେ ଏହାର ମାର୍କେଟ୍‌ରେ ଡିମାଣ୍ଡ କେତେ, ଏଥିରେ କ୍ୟାରିୟର ଏବଂ ରୋଜଗାର ଅପ୍ସନ କ'ଣ ଭଲ ଭାବେ ରିସର୍ଚ୍ଚ କରନ୍ତୁ। କେଉଁମାନେ ପୂର୍ବରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ଏହା ପାର୍ଟଟାଇମ୍ ନା ଫୁଲ୍‌ଟାଇମ୍ ଭଲ ଭାବେ ବୁଝିନିଅନ୍ତୁ। କାରଣ କ୍ୟାରିୟରକୁ ନେଇ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ରିସର୍ଚ୍ଚ କରିନେଲେ ଆପଣଙ୍କୁ ଆଗକୁ ବଢ଼ିବା ଏବଂ ସଫଳତା ହାସଲ କରିବା ସହଜ ହୋଇପାରିବ।

**ପରାମର୍ଶ ନିଅନ୍ତୁ:** ଯଦି ରୁଚିଥିବା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ଠିକ୍ ହେବ କି ନାହିଁ ନିଷ୍ପତ୍ତି ନେବାକୁ ଅସୁବିଧା ହେଉଛି, ତେବେ ପ୍ରଥମେ ନିଜ ମା'ବାପା କିମ୍ବା ଅନ୍ୟ ଗୁରୁଜନ ଓ ବନ୍ଧୁଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକସ୍ଥଳେ କୌଣସି ଏକ୍ସପର୍ଟ କିମ୍ବା କ୍ୟାରିୟର କାଉନ୍‌ସିଲରଙ୍କ ପରାମର୍ଶ ନେଲେ ଉପକୃତ ହୋଇପାରିବେ।

**ଆରମ୍ଭ ଭଲ ହେବା ଦରକାର:** ନିଜକୁ ପୂର୍ବରୁ ଭଲ ଭାବେ ପ୍ରସ୍ତୁତ କରିନେଲେ କୌଣସି କାର୍ଯ୍ୟ ଆରମ୍ଭ କରିବା ବେଳେ ତାହା ଖୁବ୍ ଭଲ ହୋଇପାରିବ। ଦମ୍‌ଦାର୍ ଆରମ୍ଭ ହିଁ ସବୁବେଳେ ଆପଣଙ୍କ କାମ ପ୍ରତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ, ଯାହାକି ଆଗକୁ ବଢ଼ିବାର ମାର୍ଗ ସୁଗମ କରିଥାଏ।

**ସ୍କିଲ୍ ଡେଭେଲପ୍‌ମେଣ୍ଟ ଜରୁରୀ:** କେବେକେବେ ଅନ୍ୟକୁ ଦେଖି ଅନେକ ଯୁବପିଢ଼ି ପ୍ରଭାବିତ ହୋଇ ଉକ୍ତ ପ୍ରଫେଶନ୍‌କୁ ବାଛିନିଅନ୍ତି, ଯେଉଁଥିରେ ସେମାନଙ୍କର ରୁଚିଥାଏ ହେଲେ ଦକ୍ଷତା ନ ଥାଏ। ହେଲେ ଏପରି ନ କରି ଯଦି ରୁଚିଥିବା କ୍ଷେତ୍ରକୁ କ୍ୟାରିୟର ଭାବେ ବାଛିବାକୁ ଚାହୁଁଛନ୍ତି, ତେବେ ଏ ଦିଗରେ ଦକ୍ଷତା ବୃଦ୍ଧି କରିବା ଦିଗରେ ଅଧିକ ଫୋକସ୍ କରନ୍ତୁ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍କିଲ୍ ଡେଭେଲପ୍‌ମେଣ୍ଟ ଶର୍ଟଟର୍ମ କୋର୍ସ ଉପଲବ୍ଧ। ତେଣୁ ଆପଣ ଶର୍ଟଟର୍ମ କୋର୍ସ କରି ଅଧିକ ଉପକୃତ ହୋଇପାରିବେ।

**ଆୟ ଭଲ ହେବା ଦରକାର:** ଏକ ମଜଭୁତ କ୍ୟାରିୟର ଗଢ଼ିବାର ଅର୍ଥ ଭଲ ରୋଜଗାର କରିବା। ତେଣୁ ଯଦି ପ୍ୟାଶନ୍‌କୁ ପ୍ରଫେଶନ୍ କରୁଛନ୍ତି, ତେବେ ସେଥିରେ କିଭଳି ଭଲ ଆୟ ହୋଇପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ତେଣୁ ପ୍ରଥମେ ମାର୍କେଟ୍ ଷ୍ଟଡି କରନ୍ତୁ, ଆପଣଙ୍କ ଫିଲ୍ଡରେ କିଏ ସବୁ କମ୍ପିଟିଟର ଅଛନ୍ତି ଏବଂ ସେମାନଙ୍କ କାର୍ଯ୍ୟଶୈଳୀ ଓ ଇନ୍‌କମ୍ ସୋର୍ସ ସମ୍ପର୍କରେ ଭଲଭାବେ ଜାଣନ୍ତୁ। ଏହାଦ୍ୱାରା ଆପଣଙ୍କର କାମ ଠିକ୍ ଚାଲିବା ସହିତ ଭଲ ଆୟ ମଧ୍ୟ ହୋଇପାରିବ।

**ବଜେଟ ସେଟ୍ କରନ୍ତୁ:** ଯଦି ନିଜ ପ୍ୟାଶନ୍‌କୁ ନେଇ ଷ୍ଟାର୍ଟଅପ୍ କରିବାକୁ ଚିନ୍ତା କରୁଛନ୍ତି, ତେବେ କେତେ ଟଙ୍କା ଖର୍ଚ୍ଚ କରିବେ, କେତେଜଣ ସହକର୍ମୀ ରଖୁଥିଲେ ସେମାନଙ୍କୁ କେତେ ଦରମା ଦେବେ ଇତ୍ୟାଦିର ବଜେଟ ଭଲ ଭାବେ ପୂର୍ବରୁ ନିର୍ଦ୍ଧାରିତ କରି ରଖନ୍ତୁ। ଏସବୁ ଖର୍ଚ୍ଚ ବାଦ୍ ଆଗାମୀ ୬ ମାସ ପର୍ଯ୍ୟନ୍ତ ଆବଶ୍ୟକ ଅର୍ଥକୁ ଏକ ଏମର୍ଜେନ୍ସି ଫଣ୍ଡ କରି ଜମା ରଖନ୍ତୁ। କାରଣ କୌଣସି କାରଣରୁ ଟଙ୍କା କମ୍ ପଡ଼ିଲେ ଏହା ବେଶ୍ କାମରେ ଆସିଥାଏ।

**ବିକଳ୍ପ ଚିନ୍ତା କରନ୍ତୁ:** କେବେକେବେ ଆୟ କମ୍ ହେବା କିମ୍ବା ଆଶାନୁରୂପ ସଫଳତା ନ ମିଳିବାରୁ ହେଉ ଅବା ଠିକ୍ ସମୟରେ ବ୍ୟାଙ୍କ୍ ଲୋନ୍ ଶୁଝି ନ ପାରିବାରୁ ଅନେକେ ହତାଶ ହୋଇଯାଆନ୍ତି। ଏମିତିକି କେହି କେହି ଦୀର୍ଘ ଦିନ ବେକାର ହୋଇ ବସି ରହନ୍ତି। ଏପରି ସମସ୍ୟା ନ ଉପୁଜିବା ଲାଗି କୌଣସି ଜବ୍ ସହିତ ନିଜ ପ୍ୟାଶନ୍‌କୁ ସାଇଡ୍ ଇନ୍‌କମ୍ ସୋର୍ସ ଭାବେ ବାଛି ପରିବେ କିମ୍ବା ଏହାକୁ ମେନ୍ ପ୍ରଫେଶନ୍ କରୁଥିଲେ ବିକଳ୍ପ ବ୍ୟବସ୍ଥା ଭାବେ ଅନ୍ୟ ପାର୍ଟ ଟାଇମ୍ ଜବ୍ ମଧ୍ୟ କରିପାରିବେ।







## ଜାଣନ୍ତୁ ଦୁନିଆ

# ଗାଡ଼ିର ରଙ୍ଗ, କିଛି କଥା

**କେଉଁ ରଙ୍ଗକୁ କାହାର ପ୍ରତୀକ ଭାବେ କାହିଁକି ବ୍ୟବହାର କରାଯାଏ, ରଙ୍ଗକୁ ନେଇ ଆମ ମନରେ ଏମିତି ଅନେକ ପ୍ରଶ୍ନ ରହିଛି। ଜାଣିବା ସେଭଳି କେତେକ ରଙ୍ଗର ଗାଡ଼ି ଓ ଏହାର ବିଶେଷତ୍ୱ ସମ୍ପର୍କରେ...**




**ଦମକଳ ରଙ୍ଗ ଲାଲ୍:** ଲାଲ୍ ରଙ୍ଗର ୱେଭ୍‌ଲେନ୍ଥ ସବୁଠୁ ଅଧିକ। ଯେଉଁଥିପାଇଁ ସବୁଠୁ କମ୍ ଏନର୍ଜିରେ ଏହା ସହଜରେ ଦେଖାଯାଏ। ଏମିତିକି ବର୍ଷା, କୁହୁଡ଼ିରେ ବି ଏହି ରଙ୍ଗ ଦେଖାଯାଏ। ଯେହେତୁ ଦମକଳ ଏବଂ ଫାୟାର ସିଲିଣ୍ଡର ନିଆଁ ଲିଭାଇବା ଭଳି ଏମର୍ଜେନ୍ସି କାର୍ଯ୍ୟରେ ବ୍ୟବହାର କରାଯାଏ, ତେଣୁ ଭିଡ଼ରେ ସହଜରେ ଦେଖାଯିବା ପାଇଁ ଏହାକୁ ଲାଲ୍ ରଙ୍ଗ ଦିଆଯାଇଥାଏ। ତା'ଛଡ଼ା କେତେଜଣ ଐତିହାସିକଙ୍କ ମତରେ ୧୯୦୦ ମସିହା ଆରମ୍ଭ ବେଳକୁ ଯେବେ କାର୍ ଉତ୍ପାଦନ ଧୀରେ ଧୀରେ ବଢ଼ିଲା, ସେତେବେଳେ କେବଳ କଳା କାର୍ ହିଁ ବିକ୍ରି ହେଉଥିଲା। ତେଣୁ ରାସ୍ତାରେ କଳାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ଭଲ ଭାବେ ଅଲଗା ଦେଖାଯିବା ଲାଗି ଦମକଳକୁ ଲାଲ୍ ରଙ୍ଗ ଦିଆଯାଏ।



**ହଳଦିଆ ସ୍କୁଲ୍ ବସ୍:** ବିଭିନ୍ନ ରଙ୍ଗ ମଧ୍ୟରୁ ସ୍କୁଲ୍ ବସ୍‌ଗୁଡ଼ିକ ପାଇଁ ହଳଦିଆ ରଙ୍ଗ କାହିଁକି ବଛାଯାଇଛି, ଏକଥା ଅନେକଙ୍କ ମନରେ ଆସିଥାଏ। ତେବେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଏହାର ୱେଭ୍‌ଲେନ୍ଥ ଯଦିଓ ଲାଲ୍‌ଠାରୁ କମ୍, ହେଲେ ଲାଟେରାଲ୍ ପେରିଫେରାଲ୍ ଭିଜନ୍ ବା ଏଲ୍‌ପିଭି ଲାଲ୍ ରଙ୍ଗ ତୁଳନାରେ ୧.୨୪ ଗୁଣ ଅଧିକ ହୋଇଥିବାରୁ ଏହା ଅନ୍ୟ ରଙ୍ଗ ମଧ୍ୟରେ ଦୂରରୁ ମଧ୍ୟ ସ୍ପଷ୍ଟ ଦେଖାଯାଇଥାଏ। ଏମିତିକି ବର୍ଷା ଏବଂ କୁହୁଡ଼ିରେ ବି ଏହି ରଙ୍ଗ ଦୂରରୁ ଦେଖାଯାଏ। ତେଣୁ ଦୁର୍ଘଟଣାରୁ ବଞ୍ଚିବା ପାଇଁ ସ୍କୁଲ୍ ବସ୍‌ଗୁଡ଼ିକୁ ହଳଦିଆ ରଙ୍ଗ ଦିଆଯାଇଥାଏ।

**ଆମ୍ବୁଲାନ୍ସ ରଙ୍ଗ ଧଳା:** ସାଧାରଣତଃ ଆମ୍ବୁଲାନ୍ସର ରଙ୍ଗ ଧଳା ରଖାଯାଇଥାଏ। ଏହା ପଛରେ ମଧ୍ୟ କେତେକ କାରଣ ରହିଛି। ଧଳା ରଙ୍ଗ ଦିବାଲୋକରେ ସ୍ପଷ୍ଟ ଦେଖାଯାଉଥିବା ବେଳେ ରାତିରେ ଲାଇଟ୍ ପଡ଼ିଲେ ଅନ୍ୟ ରଙ୍ଗ ଅପେକ୍ଷା ଭଲ ଭାବେ ଦେଖାଯାଏ। ଏହା ଉପରେ ବ୍ଲୁ ରଙ୍ଗରେ ଲେଖାଥିବା ଆମ୍ବୁଲାନ୍ସ ପଢ଼ିବା ସହଜ ହୋଇଥାଏ। ଧଳା ଶାନ୍ତି ଏବଂ ସ୍ୱଚ୍ଛତାର ପ୍ରତୀକ ହୋଇଥିବାରୁ ରୋଗୀଙ୍କୁ ନେବା ପାଇଁ ଏହି ରଙ୍ଗ ଗାଡ଼ି ବ୍ୟବହାର କରାଯାଏ। ରୋଗୀ ନେଉଥିବାରୁ ଆମ୍ବୁଲାନ୍ସର ହାଇଜିନ୍ ରକ୍ଷା କରିବା ଲାଗି ଏହାକୁ ମଇଳା ହେବା ମାତ୍ରେ ବାରମ୍ବାର ସଫା କରିବାକୁ ପଡ଼ିଥାଏ। ଯେହେତୁ ଧଳା ରଙ୍ଗ ଉପରେ ସାମାନ୍ୟ ମଳି ଲାଗିଲେ ସହଜରେ ଜଣାପଡ଼ିଥାଏ, ତେଣୁ ଏହାକୁ ସଫା କରିବା ସହଜ ହେଉଥିବାରୁ ଆମ୍ବୁଲାନ୍ସକୁ ଏହି ରଙ୍ଗ ରଖାଯାଇଥିବା ମଧ୍ୟ କୁହାଯାଏ।




## ଏ ସପ୍ତାହର ପ୍ରଶ୍ନ

୧– ଏକ୍ ରେଫ୍ୟୁଜି ସାଇଣ୍ଟିଷ୍ଟ ପୁସ୍ତକର ଲେଖକ......... ?
୨– କାଫୁଲି .............ର ଏକ ପ୍ରସିଦ୍ଧ ଖାଦ୍ୟ ?
୩– ପୃଥିବୀର ସବୁଠୁ ବଡ଼ ଗୁରୁଦ୍ୱାରା ........... ଠାରେ ଅବସ୍ଥିତ ?
୪– ପ୍ରେରଣା କାର୍ଯ୍ୟକ୍ରମ ............. ପକ୍ଷରୁ ଆରମ୍ଭ କରାଯାଇଛି ?
୫– ପୃଥିବୀର ସବୁଠୁ ସୁନ୍ଦର ହିଲ୍ ଷ୍ଟେଶନ୍ ............... ?

## ଗତ ଥରର ଉତ୍ତର

୧ କେନିୟା
୨ ରୌପ୍ୟ ପଦକ
୩ ଆନ୍ଧ୍ରପ୍ରଦେଶ
୪ ଜୋରୋଆଷ୍ଟ୍ରିଆନ୍
୫ ଆମେରିକାର ବ୍ରାଇଟ୍ କୁ

## ଉତ୍ତରଦାତା



ଶିବରାମ ମହାପାତ୍ର, ଝାରସୁଗୁଡ଼ା



ମାନସ କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ କିଡ୍ସ ପାର୍କ



୧– ଡିଜ୍‌ନିସ୍ ହଲିଉଡ୍ ଷ୍ଟୁଡିଓସ୍.............. ଫ୍ଲୋରିଡ଼ା, ଆମେରିକା
୨– ପୋର୍ଟଆଭେଞ୍ଚୁରା ୱାର୍ଲ୍ଡ................. କୋଷ୍ଟା ଡଉରାଡା, ସ୍ପେନ୍
୩– ଲିଗୋଲାଣ୍ଡ............................ ବିଲଣ୍ଡ, ଡେନ୍‌ମାର୍କ
୪– ଆକ୍ୱାଭେଞ୍ଚର ୱାଟରପାର୍କ............... ଦୁବାଇ
୫– ଗୋଲ୍ଡ ରିଫ୍ ସିଟି ........................ ଜୋହାନ୍ସବର୍ଗ, ସାଉଥ୍ ଆଫ୍ରିକା
୬– ଏଭରଲାଣ୍ଡ............................ ୟୋଙ୍ଗିନ୍, ସାଉଥ୍ କୋରିଆ
୭– ଚାଇନା ଡାଇନୋସର୍ସ ପାର୍କ.......... ଚାଙ୍ଗ୍‌ଝୌ, ଚାଇନା
୮– ସିୱାର୍ଲ୍ଡ ଅର୍ଲାଣ୍ଡୋ........................ ଫ୍ଲୋରିଡ଼ା, ଆମେରିକା
୯– ସିକ୍ସ ଫ୍ଲାଗ୍‌ସ ମେକ୍ସିକୋ................ ମେକ୍ସିକୋ ସିଟି
୧୦– ସନ୍‌ୱେ ଲାଗୁନ୍........................ ସେଲାଙ୍ଗୋର୍, ମାଲେସିଆ

## ୟୁଥ୍ ଆଲର୍ଟ

# ଫୋନ୍ ହ୍ୟାଙ୍ଗ୍ ହେଉଥିଲେ

**ଫୋନ୍ ବର୍ତ୍ତମାନ କେବଳ କଲ୍ ପାଇଁ ନୁହେଁ, ବରଂ ଅଫିସ୍ କାମଠୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, କ୍ୟାବ୍ ବୁକିଂ, ଏଡିଟିଂ ଭଳି ଅନେକ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏମିତିରେ କୌଣସି ଜରୁରୀ କାମ କରିବା ବେଳେ ଫୋନ୍ ବାରମ୍ବାର ହ୍ୟାଙ୍ଗ୍ ହେବା ଯୋଗୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଯଦି ଆପଣ ବି ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଜାଣିରଖନ୍ତୁ ଫୋନ୍‌କୁ ସ୍ପିଡ୍ କରିବାର କେତୋଟି ଉପାୟ...**



- ଫୋନ୍ ହ୍ୟାଙ୍ଗ୍ ହେଲେ ଏହାକୁ ଠିକ୍ କରିବାର ପ୍ରଥମ ଉପାୟ ହେଉଛି ରିଷ୍ଟାର୍ଟ କରିବା। ଏହାଦ୍ୱାରା ଫୋନ୍‌ର ସବୁ ସିଷ୍ଟମ୍ ରିଫ୍ରେଶ୍ ହୋଇଯାଏ ଏବଂ ପୂର୍ବରୁ ଚାଲୁଥିବା ଅନ୍ୟ ପ୍ରୋଗ୍ରାମ ଓ ଆପ୍ ବନ୍ଦ ହୋଇଯାଏ, ଯଦ୍ୱାରା ଫୋନ୍ ପୂର୍ବାପେକ୍ଷା ଅଧିକ ସ୍ପିଡ୍‌ରେ ଚାଲିଥାଏ।
- ଫୋନ୍‌ରେ ଷ୍ଟୋର ହୋଇ ରହିଥିବା କ୍ୟାଚେ ସଫା କରନ୍ତୁ। କାରଣ ଏହା ମଧ୍ୟ ଅନେକ ସମୟରେ ଲୋଡ୍ ହେବା ଯୋଗୁ ଫୋନ୍‌କୁ ସ୍ଲୋ କରିଥାଏ।
- ଫୋନ୍‌ର ସଫ୍ଟୱେର ଏବଂ ଆପ୍ଲିକେଶନ୍‌ଗୁଡ଼ିକୁ ଠିକ୍ ସମୟରେ ଅପ୍‌ଡେଟ୍ କରନ୍ତୁ, ଦେଖିବେ ଫୋନ୍‌ର ସ୍ପିଡ୍ ବଢ଼ିଯିବ। ଆବଶ୍ୟକ ହେଉ ନ ଥିବା ଆପ୍ଲିକେଶନ୍‌ଗୁଡ଼ିକୁ ଫୋନ୍‌ରୁ ଅନ୍‌ଇନ୍‌ଷ୍ଟଲ୍ କରିଦଅନ୍ତୁ। କାରଣ ଏହାସବୁ ଅଯଥାରେ ଫୋନ୍‌ର ଷ୍ଟୋରେଜ୍ ସ୍ପେଶ୍ ନଷ୍ଟ କରିଥାଏ। ତେଣୁ ସ୍ପେଶ୍ ଫ୍ରି ହୋଇଯିବା ଦ୍ୱାରା ସ୍ପିଡ୍ ବଢ଼ିଥାଏ।
- ସେହିପରି ଫୋନ୍‌ର ଷ୍ଟୋରେଜ୍ ଭର୍ତ୍ତି ହୋଇଗଲେ ମଧ୍ୟ ଫୋନ୍ ବାରମ୍ବାର ହ୍ୟାଙ୍ଗ୍ ହୋଇଥାଏ। ତେଣୁ ଫୋନ୍‌ରେ ଥିବା ଅନାବଶ୍ୟକ ଫଟୋ, ଭିଡିଓ, ମ୍ୟୁଜିକ୍, ଆପ୍ଲିକେଶନ୍ ଆଦିକୁ ଡିଲିଟ୍ କରି ସ୍ପେଶ୍ ଖାଲି କରନ୍ତୁ, ଦେଖିବେ ଫୋନ୍‌ର ସ୍ପିଡ୍ ପୂର୍ବାପେକ୍ଷା ବଢ଼ିଯିବ। ଆବଶ୍ୟକସ୍ଥଳେ ସମସ୍ତ ଡାଟାକୁ ବ୍ୟାକ୍‌ଅପ୍ ନେଇ ଫ୍ୟାକ୍ଟରି ରିସେଟ୍ ବି କରିପାରିବେ।
- କୌଣସି ଆପ୍‌ରେ କାମ କରିବା ବେଳେ ବ୍ୟାକ୍‌ଗ୍ରାଉଣ୍ଡରେ ଅନ୍ୟ ଆପ୍ ଖୋଲା ରଖନ୍ତୁ ନାହିଁ। ଏହାଦ୍ୱାରା ମଧ୍ୟ ଫୋନ୍ ସ୍ଲୋ ହେବା କିମ୍ବା ହ୍ୟାଙ୍ଗ୍ ହେବା ସମସ୍ୟା ଦେଖାଯାଇଥାଏ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୨୪ Bhubaneswar, Sunday, August 25/ 2024

# ପାରାଲିମ୍ପିକ୍ସ ମଶାଲ ଯାତ୍ରା ଆରମ୍ଭ

**ପ୍ୟାରିସ୍,୨୪।୮ (ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ର ମଶାଲ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଅଲିମ୍ପିକ୍ସ ସମାପ୍ତ ହେବା ପରେ ଆସନ୍ତା ୨୮ ତାରିଖରୁ ପାରାଲିମ୍ପିକ୍ସ ଆରମ୍ଭ ହେବ। ଫଳରେ ପାରାଲିମ୍ପିକ୍ସ ଗେମ୍ସର ଜନ୍ମସ୍ଥଳୀ କୁହାଯାଉଥିବା ଷ୍ଟୋକ୍ ମାଣ୍ଡେଭିଲେରେ ମଶାଲରେ

**ପ୍ୟାରିସ୍ ୨୦୨୪**

ଅଗ୍ନି ସଂଯୋଗ କରାଯାଇଛି। ଉତ୍ତର ପଶ୍ଚିମ ଲଣ୍ଡନରେ ଅବସ୍ଥିତ ଏହି ସହରରେ ଏକ ଭବ୍ୟ ସମାରୋହରେ ଅଗ୍ନି ସଂଯୋଗ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ଅଗ୍ନି ସଂଯୋଗ ପରେ ମଶାଲକୁ ବକିଂହାମ୍ ପ୍ୟାଲେସ୍‌କୁ ନିଆଯାଇଥିଲ। ମଶାଲଟି ଇଂଲିଶ ଚ୍ୟାନେଲ ଅତିକ୍ରମ କରି ୪ ଦିନ ପରେ ପ୍ୟାରିସ୍‌ରେ ପହଞ୍ଚିବ। ମଶାଲ ରୁଟ୍‌ରେ ଆଟ୍ଲାଣ୍ଟିକ୍ ସାଗର, ଭୂମଧ୍ୟ ସାଗର ସହିତ ପାଇରିନିସ୍ ଓ ଆଲ୍‌ପସ ପର୍ବତମାଳା ଭଳି ସ୍ଥାନ ରହିବ। ଏହାସହିତ ପାରାଲିମ୍ପିକ୍ସର ୧୧ ଦିନ ଯାକ ଅଲିମ୍ପିକ୍ସ ମଶାଲ ପ୍ୟାରିସ୍ ସହର ଉପରେ ଏକ ଉତ୍ତପ୍ତ ବେଲୁନ୍ ସାହାଯ୍ୟରେ ଉଡ଼ିବ।

୨୪ ଜଣ ବ୍ରିଟିଶ ଆଥ୍‌ଲେଟ ଅଲିମ୍ପିକ ମଶାଲ ସହ ଇଂଲିଶ ଚ୍ୟାନେଲରେ ପ୍ରବେଶ କରିବେ। ସାଗର ମଧ୍ୟରେ ଥିବା ୫୦ କି.ମି. ଲମ୍ବ ଟନେଲର ଅଧା ଯାଏ ବ୍ରିଟିଶ ଆଥ୍‌ଲେଟମାନେ ମଶାଲ ବହନ କରିବେ। ପରେ ୨୪ ଜଣ ଫ୍ରେଞ୍ଚ୍ ଆଥ୍‌ଲେଟ ଟନେଲର ଅପରପାର୍ଶ୍ୱ ଯାଏ ମଶାଲ ଧରିବେ। ଏହି ମଶାଲ ଯାତ୍ରା ୪ ଦିନ ଧରି ଚାଲିବାକୁ ଥିବାବେଳେ ଏହା ୫୦ ସହର ମଧ୍ୟରେ ଯାତ୍ରା କରିବ। ଏପରି କି ୧୦୦୦ ଜଣ ମଶାଲ ବାହକ ଏହି ଯାତ୍ରାରେ ଅଂଶଗ୍ରହଣ କରିବେ। ଯୁବ ପାରା ଆଥ୍‌ଲେଟ, ପୂର୍ବତନ ପାରା ଅଲିମ୍ପିଆନ୍ ଓ ଅନେକ ସ୍ୱେଚ୍ଛାସେବୀ ଏହି ମଶାଲ ଯାତ୍ରାରେ ଭାଗନେବେ। ବିଭିନ୍ନ ସହର ଦେଇ ଯାତ୍ରା କରିବା ପରେ ବୁଧବାର ଏହା ପ୍ୟାରିସ୍‌ରେ ପହଞ୍ଚିବ।



ଷ୍ଟୋକ୍ ମାଣ୍ଡେଭିଲେଠାରେ ପାରାଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ କରାଯାଉଛି।

## ପାରାଲିମ୍ପିକ୍ସ ଇତିହାସ

ପାରାଲିମ୍ପିକ୍ସ ଆରମ୍ଭରୁ ଅଲିମ୍ପିକ୍ସର ଅଂଶ ନ ଥିଲା। ତେବେ ୧୯୪୮ରେ ପ୍ରଥମ ଥର ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆହତ କିଛି ସୈନିକଙ୍କୁ ନେଇ ପ୍ରଥମ ପାରାଲିମ୍ପିକ୍ସ ଖେଳ ଆରମ୍ଭ କରାଯାଇଥିଲା। ମେରୁଦଣ୍ଡରେ ଆଘାତ ପାଇ ହ୍ୱିଲ ଚେୟାରରେ ଚଳପ୍ରଚଳ କରୁଥିବା କିଛି ସୈନିକଙ୍କୁ ନେଇ ଷ୍ଟୋକ୍ ମାଣ୍ଡେଭିଲେରେ ଏହି ଇଭେଣ୍ଟ ଆୟୋଜନ କରାଯାଇଥିଲା। ୧୯୬୦ ରୋମ୍‌ରେ ପ୍ରଥମ ଥର ପାରାଲିମ୍ପିକ୍ସ ଆୟୋଜିତ ହୋଇଥିଲା। ପାରାଲିମ୍ପିକ୍ସ ଗେମ୍ସର ଜନ୍ମସ୍ଥଳୀ ଷ୍ଟୋକ୍ ମାଣ୍ଡେଭିଲେ ୨୦୧୨ରେ ଗେମ୍ ଆୟୋଜନର ସୌଭାଗ୍ୟ ଅର୍ଜନ କରିଥିଲା।



ନୂଆଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭାରତୀୟ ପାରା ଶୁଟିଂ ଦଳ।

# ପ୍ୟାରିସ୍ ଅଭିମୁଖେ ଭାରତୀୟ ଶୁଟିଂ ଦଳ

**ପ୍ୟାରିସ୍,୨୪।୮ (ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪କୁ ମାତ୍ର ୪ ଦିନ ବାକି ରହିଥିବା ବେଳେ ଭାରତୀୟ ଶୁଟିଂ ଦଳ ଶନିବାର ପ୍ୟାରିସ୍ ଅଭିମୁଖେ ଯାତ୍ରା କରିଛି। ଭାରତର ୧୦ ଜଣିଆ ଦଳ ଯାତ୍ରା କରିଥିବା ବେଳେ ରାଇଫଲ ଶୁଟର ଅବନୀ ଲେଖାରା, ମୋନା ଅଗ୍ରୱାଲ ଓ ମନୀଷ ନରୱାଲଙ୍କ ପରି ଖେଳାଳି ଏହି ଦଳରେ ରହିଛନ୍ତି। ଭାରତ ଟୋକିଓ ତୁଳନାରେ ଭଲ ପ୍ରଦର୍ଶନ କରିବ ବୋଲି ମନୀଷ ନରୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପାରାଲିମ୍ପିକ୍ସ ୨୮ ତାରିଖରୁ ଆରମ୍ଭ ହେଉଥିବା ବେଳେ ଶୁଟିଂ ଇଭେଣ୍ଟ ୩୦ ତାରିଖ ପରେ ଆରମ୍ଭ ହେବ। ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଶୁଟରମାନେ ସମୁଦାୟ ୫ଟି ପଦକ ଜିତିଥିଲେ। ଏହା ମଧ୍ୟରେ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ସାମିଲ ଥିଲା। ଟୋକିଓ ପାରାଲିମ୍ପିକ୍ସ ପରେ ଭାରତୀୟ ଦଳ ବେଶ୍ କଠିନ ଅଭ୍ୟାସ କରିଛି। ପୂର୍ବଥରର ପଦକ ସଂଖ୍ୟା ଚଳିତବର୍ଷ ଆମେ ଅତିକ୍ରମ କରିବୁ ବୋଲି ନରୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମୀର ଅହମ୍ମଦ ଭଟ୍ଟ, ରୁଦ୍ରାଂଶ ଖଣ୍ଡେଲୱାଲ, ରୁବିନା ଫ୍ରାନ୍ସିସ, ସ୍ୱରୂପ ଉନହାଲାକର, ସିଦ୍ଧାର୍ଥ ବାବୁ, ଶ୍ରୀହର୍ଷ ଦେବାରେଡ୍ଡୀ ଓ ନିହାଲ ସିଂ ଭାରତୀୟ ଦଳରେ ସାମିଲ ଅଛନ୍ତି।

## ଲାଣ୍ଡୋ ନୋରିସଙ୍କୁ ପୋଲ ପୋଜିଶନ

**ଜାଣ୍ଡଭୁର୍ଟ, ୨୪।୮ (ଏପି):** ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରିରେ ମ୍ୟାକଲରେନର ଲାଣ୍ଡୋ ନୋରିସ ପ୍ରଥମ ବ୍ୟକ୍ତି ଭାବେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନଙ୍କୁ ତାଙ୍କ ଘରୋଇ ଗ୍ରାଉଣ୍ଡରେ ପରାସ୍ତ କରି ପୋଲ୍ ପୋଜିଶନ ହାସଲ କରିଛନ୍ତି। ଭର୍ଷ୍ଟାପେନ୍‌ଙ୍କୁ ସେ ଏକ ସେକେଣ୍ଡରୁ କମ୍ ସମୟ ବ୍ୟବଧାନରେ ପରାଜିତ କରିଛନ୍ତି। ୨୦୨୧ ଫର୍ମୁଲା ୱାନ କାର୍ଯ୍ୟସୂଚୀକୁ ଡଚ୍ ଗ୍ରାଁ ପ୍ରି ଫେରିବା ପରେ ଜାଣ୍ଡଭୁର୍ଟଠାରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସମସ୍ତ ୩ଟି ରେସ୍ ପୋଲ ପୋଜିଶନ ସହ ହାସଲ କରିଛନ୍ତି। ମ୍ୟାକଲରେନର ଦ୍ୱିତୀୟ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ତୃତୀୟ ଦ୍ରୁତତମ ବିବେଚିତ ହୋଇଥିଲେ। କ୍ୱାଲିଫାଇଂର ଦ୍ୱିତୀୟ ଭାଗରେ ଦୁଇଟି ବଡ଼ ଆଶ୍ଚର୍ଯ୍ୟଜନକ କଥା ଦେଖିବାକୁ ମିଳିଥିଲା। କାର୍ଲୋସ ସେଞ୍ଜ ଜୁନିୟର ୧୧ଶ ସ୍ଥାନ ଅଧିକାର କରିଥିବା ବେଳେ ବେଲଜିୟମ୍‌ରେ ଗତ ରେସ୍ ଜିତିଥିବା ୭ଥର ଚାମ୍ପିୟନ ମର୍ସିଡିଜର ଲୁଇସ ହାମିଲଟନ ଦ୍ୱାଦଶ ସ୍ଥାନରେ ରହିଥିଲେ।

# ରାକେଶ ରୋଶନ ଚାମ୍ପିୟନ

**ଭୁବନେଶ୍ୱର,୨୪।୮ (ସରୋଜ ଜେନା)**

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ଡ. ରାକେଶ ରୋଶନ ପ୍ରଧାନ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଆକାଶ ମହାପାତ୍ରଙ୍କୁ ୬-୩ରେ ପରାସ୍ତ କରିଥିଲେ ରାକେଶ। ପୂର୍ବତନ ସିନିୟର ଚାମ୍ପିୟନ ଆକାଶ ପ୍ରଥମ ଦୁଇ ଫ୍ରେମରେ

**ଅଲ୍ ଓଡ଼ିଶା ଓପନ ସ୍ନୁକର**

ବିଜୟୀ ହୋଇ ୨-୦ରେ ଆଗୁଆ ରହିଥିଲେ। ମାତ୍ର ରାକେଶ ରୋଶନ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଅନ୍ତିମ ୪ ଫ୍ରେମ୍‌ରେ ବିଜୟୀ ହୋଇଥିଲେ। ସପ୍ତମ ଫ୍ରେମ୍‌ରେ ଆକାଶ ଆଉ ଏକ ବିଜୟ ହାସଲ କରିଥିଲେ। ତେବେ ଅନ୍ତିମ ୨ ଫ୍ରେମ ଜିତିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ ରାକେଶ ରୋଶନ। ବିଜୟୀ ରାକେଶଙ୍କୁ ଟ୍ରଫି ସହ ୧୫ ହଜାର ଓ ଆକାଶଙ୍କୁ ଟ୍ରଫି ସହ ୮ ହଜାର ଟଙ୍କା ପୁରସ୍କାର ମିଳିଥିଲା। ଉଭୟ ସେମିଫାଇନାଲିଷ୍ଟଙ୍କୁ ୪ ହଜାର ଓ କ୍ୱାର୍ଟରେ ଫାଇନାଲିଷ୍ଟଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ବିଏସ୍ଏଓର ସଦସ୍ୟ ସମୀର ଅଲୀ, ଗୋବିନ୍ଦ ଶର୍ମା, ଭିନ୍‌ଟେଜ୍ କ୍ଲବ ମାଲିକ ଅମୀୟ ନାୟକ ଓ ସତ୍ୟଦୀପ ଦାସଙ୍କ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିଏସ୍ଏଓ ସଭାପତି ତାରା ରଞ୍ଜନ ପଟ୍ଟନାୟକ ସମସ୍ତ ଖେଳାଳିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍ ବିଜେତା ଡ. ରାକେଶ ରୋଶନ ପ୍ରଧାନ (ବାମ) ଓ ରନର୍‌ଅପ୍ ଆକାଶ ମହାପାତ୍ର ଟ୍ରଫି ସହ।

# ଏମିତି ଥିଲା ଧାୱନଙ୍କ ଆରମ୍ଭ

**ନୂଆଦିଲ୍ଲୀ,୨୪।୮**

କ୍ରିକେଟର ଶିଖର ଧାୱନଙ୍କ କ୍ୟାରିୟରର ଆରମ୍ଭ ୨୦୧୦ ମସିହାରେ ହୋଇଥିଲା। ବିଶାଖାପାଟଣାରେ କ୍ୟାରିୟର ଆରମ୍ଭ କରିଥିବା ବେଳେ ଖାତା ଖୋଲି ପାରି ନ ଥିଲେ। ପ୍ରଥମ ମ୍ୟାଚ୍‌ରେ ମାତ୍ର ଦୁଇଟି ବଲ୍ ଖେଳି ସେ ଆଉଟ ହୋଇଥିଲେ। ଅସ୍ଥିର ପ୍ରଦର୍ଶନ କାରଣରୁ ଭାରତୀୟ ଦଳରେ ସେ ନିଜର ସ୍ଥାନ ପକ୍କା କରି ପାରି ନ ଥିଲେ। ୨୦୧୩ ଯାଏ ଏଭଳି ପ୍ରଦର୍ଶନ ଜାରି ରହିଥିଲା। ଏପରିକି ୨୦୧୩ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଧାୱନ ତୃତୀୟ ପସନ୍ଦର ଓପନର ରହିଥିଲେ। ମୁରଲୀ ବିଜୟ ଓ ବୀରେନ୍ଦ୍ର ସେହ୍ୱାଗ ପ୍ରଥମ ପସନ୍ଦର ଓପନର ରହିଥିଲେ। ପ୍ରଥମ ୨ ଟେଷ୍ଟରେ ସେହ୍ୱାଗଙ୍କ ଖରାପ ପ୍ରଦର୍ଶନ ପରେ ଧାୱନଙ୍କୁ ସୁଯୋଗ ମିଳିଥିଲା। ତେବେ ଏଥର କିନ୍ତୁ ଭାଗ୍ୟ ଦେବୀ ତାଙ୍କ ଉପରେ ପ୍ରସନ୍ନ ଥିଲେ। ମିଚେଲ୍ ଷ୍ଟାର୍କଙ୍କ ବୋଲିଂରେ ମଙ୍କଡ ଆଉଟ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ଅପିଲ ପ୍ରତ୍ୟାହାର କରି ନେଇଥିଲା। ଏହି ଟେଷ୍ଟରେ ଧାୱନ ୮୫ ବଲ୍‌ରେ ଶତକ ପୂରଣ କରିବା ସହ ୧୮୫ ରନ୍ ସ୍କୋର କରିଥିଲେ। ସମାନ ବର୍ଷରେ ଚାମ୍ପିୟନ୍ସ ଟ୍ରଫିରେ ଧୂଆଁଧାର ପ୍ରଦର୍ଶନ କରିବା ସହ ୫ ମ୍ୟାଚ୍‌ରୁ ୩୬୩ ରନ୍ କରିଥିଲେ। ଭାରତ ଚାମ୍ପିୟନ ହେବା ସହ ସୀମିତ ଓଭର ଦଳରେ ଧାୱନଙ୍କ ସ୍ଥାନ ପକ୍କା ହୋଇଥିଲା।





## ପୁଅ ପାଇଁ ଭାବବିହ୍ୱଳ ମେସେଜ୍

**ନୂଆଦିଲ୍ଲୀ, ୨୪।୮:** ଅବସର ନେଇଥିବା ଭାରତୀୟ କ୍ରିକେଟର ଶିଖର ଧାୱନ ନିଜ ପୁଅ ଜୋରାୱର ପାଇଁ ଏକ ଭାବବିହ୍ୱଳ ମେସେଜ ଶେୟାର କରିଛନ୍ତି। ପତ୍ନୀ ଆୟେଶା ତାଙ୍କଠାରୁ ଡିଭୋର୍ସ ନେବା ପରେ ବର୍ତ୍ତମାନ ଅଷ୍ଟ୍ରେଲିଆରେ ରହୁଛନ୍ତି। ଶିଖର ଭାବବିହ୍ୱଳ ହେବା ସହ ପୁଅ ଜୋରାୱର ତାଙ୍କ କ୍ରିକେଟିଂ ଯାତ୍ରା ସମ୍ପର୍କରେ ଜାଣୁ ବୋଲି କହିଛନ୍ତି ଶିଖର। ତେବେ କେବଳ କ୍ରିକେଟ ଯାତ୍ରା ଅପେକ୍ଷା ସେ ଜଣେ ଭଲ ମଣିଷ ବୋଲି ଜୋରାୱର ମନେରଖୁ ବୋଲି ସେ ଚାହାନ୍ତି। ଜୋରାୱର ବର୍ତ୍ତମାନ ମାତ୍ର ୧୧ ବର୍ଷର ହୋଇଛି। ମୋ ଅବସର ସମ୍ପର୍କରେ ତାକୁ ସୂଚନା ମିଳିବା ଉଚିତ ବୋଲି ଧାୱନ କହିଛନ୍ତି।



# ସର୍ଫିଙ୍ଗ୍‌ରେ ଭାରତକୁ ପ୍ରଥମ ଏସିଆନ ଗେମ୍ସ କୋଟା

**ଥୁଲୁସଧୁ ୨୪।୮ (ପି.ଟି.):** ଭାରତୀୟ ସର୍ଫିଙ୍ଗ୍ ଟିମ୍ ଏସିଆନ ଗେମ୍ସ ପାଇଁ ପ୍ରଥମ ଥର କୋଟା ହାସଲ କରିଛି। ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ ର୍‌ୟାଙ୍କିଙ୍ଗ ପଏଣ୍ଟ ଭିତ୍ତିରେ ଏହା ସମ୍ଭବ ହୋଇଛି। ଜାପାନର ଆଇଚି ନାଗୋୟାଠାରେ ଆୟୋଜିତ ୨୦୨୬ ଏସିଆନ ଗେମ୍ସରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାଗ ନେଇପାରିବ। ଗେମ୍ସରେ କେଉଁ ଖେଳାଳି ଭାଗ ନେବେ ତାହା ସର୍ଫିଙ୍ଗ ଫେଡେରେଶନ ଅଫ୍ ଇଣ୍ଡିଆ ସ୍ଥିର କରିବ। କିଶୋର କୁମାର ଶନିବାର ୧୯ ବର୍ଷରୁ କମ୍ ବାଳକ କାଟେଗୋରିରେ ଅଳ୍ପକେ ସେମିଫାଇନାଲ ପର୍ଯ୍ୟାୟରେ ହାରିଯାଇଥିଲେ। ମାତ୍ର ସେ ରାଉଣ୍ଡ-୧ ଓ ରାଉଣ୍ଡ-୨ରେ ପ୍ରଥମ ସ୍ଥାନ ସହ କ୍ୱାର୍ଟରରେ ପ୍ରବେଶ କରିଥିବାରୁ ଭାରତ ଏସିଆନ ଗେମ୍ସ କୋଟା ହାସଲ କରିପାରିଥିଲା। କିଶୋର ସେମିଫାଇନାଲର ହିଟ୍-୨ରେ ୮.୨୬ ସ୍କୋର ସହ ଚାଇନାର ଚେଙ୍ଗ୍‌ଝେଙ୍ଗ୍ ୱାଙ୍ଗ୍ (୧୦.୦୦)ଙ୍କ ପଛକୁ ତୃତୀୟ ସ୍ଥାନରେ ରହିଥିଲେ। ଜାପାନର ଟାରୋ ଟାକାଇ (୧୪.୫୦) ପ୍ରଥମ ସ୍ଥାନ ହାସଲ କରିଥିଲେ। ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌କୁ ଏସିଆନ ଗେମ୍ସ ପାଇଁ ଏକ କ୍ୱାଲିଫାୟର ବିବେଚନା କରାଯାଇଥାଏ। ଅନ୍ୟପକ୍ଷରେ ହରିଶ ମୁଥୁ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ।

# ପାକିସ୍ତାନ ବିପକ୍ଷରେ ବାଂଲାଦେଶ ଅଗ୍ରଣୀ



ଶତକ ହାସଲ ପରେ ଉଲ୍ଲସିତ ମୁଶଫିକର ରହିମ୍।

**ରାୱଲପିଣ୍ଡି, ୨୪।୮ (ଏପି)**

ମୁଶଫିକର ରହିମ୍‌ଙ୍କ ଆକର୍ଷଣୀୟ ୧୯୧ ରନ ସହାୟତାରେ ବାଂଲାଦେଶ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚର ପ୍ରଥମ ଇନିଂସରେ ୫୬୫ ରନ୍ କରି ୧୧୭ରନରେ ଆଗୁଆ ରହିଛି। ପାକିସ୍ତାନ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଶନିବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧ଉଇକେଟରେ ୨୩ରନ କରିଛି। ମୁଶଫିକର ସାଢ଼େ ୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କ୍ରିଜ୍‌ରେ ରହି ତାଙ୍କ କ୍ୟାରିୟରର ୧୧ତମ ଟେଷ୍ଟ ଶତକ ହାସଲ କରିଥିଲେ। ମୁଶଫିକର ତାଙ୍କ ମାରାଥନ ଇନିଂସରେ ୩୪୧ ବଲ୍‌ର ସାମ୍ନା କରି ୨୨ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ୮ମ ଉଇକେଟରେ ସେ ଓ ମେହିଦି (୭୭) ପାକିସ୍ତାନ ପେସ୍ ବୋଲରଙ୍କୁ ଧୂଳେଇ କରି ପାର୍ଟନରଶିପ୍‌ରେ ରେକର୍ଡ ୧୯୬ ରନ ଯୋଗ କରିଥିଲେ। ୪୪୮/୬ ସ୍କୋରରେ ପ୍ରଥମ ଇନିଂସ ଘୋଷଣା କରିଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ଓପନର ସଇମ ଆୟୁବଙ୍କ ଉଇକେଟ ହରାଇଛି। ଦଳ ତଥାପି ବାଂଲାଦେଶର ପ୍ରଥମ ଇନିଂସଠାରୁ ଆହୁରି ୯୪ ରନ ପଛରେ ରହିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୪୪୮/୬ ଘୋଷଣା। ବାଂଲାଦେଶ ପ୍ରଥମ ଇନିଂସ: ୫୬୫/ଅଲଆଉଟ (ମୁଶଫିକର ରହିମ-୧୯୧, ଶଦମାନ ଇସ୍‌ଲାମ-୯୩, ମେହିଦି ହସନ ମିର୍ଜା-୭୭, ଲିଟନ ଦାସ-୫୬, ମୋମିନୁଲ-୫୦; ନସିମ ଶାହା-୩/୯୩, ଶାହିନ ଆଫ୍ରିଦି-୨/୮୮, ମହମ୍ମଦ ଅଲି-୨/୮୮, ଖୁରମ ଶାହାଜାଦ-୨/୯୦)।

# କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ବିଜୟୀ

**ବରଗଡ଼,୨୪।୮ (ପ୍ରେମାନନ୍ଦ ଖମାରୀ/ ଅଶ୍ୱିନୀ ପାତ୍ର/ ଚିତ୍ତରଞ୍ଜନ ସାହୁ)**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ଓ ବରଗଡ ଜିଲା କ୍ରୀଡା ସଂସଦ ଆନୁକୁଲ୍ୟରେ ବରଗଡ ଜିଲାରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ପି.ସି ବେହେରା ଟ୍ରଫି ଫୁଟବଲ ପ୍ରତିଯୋଗିତାରେ ଶନିବାର ବରଗଡ ଜୋନ୍‌ର ଆଜିର ଦୁଇଟି ମ୍ୟାଚ୍‌ରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ପୁରୀ ବିଜୟୀ ହୋଇଛନ୍ତି। ଶନିବାର ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ କେନ୍ଦ୍ରାପଡ଼ା ଓ ସମ୍ବଲପୁର ଦଳ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚରେ କେନ୍ଦ୍ରାପଡ଼ା ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା। କେନ୍ଦ୍ରାପଡ଼ା ଦଳ ପକ୍ଷରୁ ଶିଖା ମଲ୍ଲିକ ଦୁଇଟି ଗୋଲ ଦେଇଥିବା ବେଳେ ରକ୍ମିଣୀ ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ। ସମ୍ବଲପୁର ପକ୍ଷରୁ ଏକମାତ୍ର ଗୋଲଟି ମଲି ମୁଣ୍ଡା ଦେଇଥିଲେ। ବରଗଡ ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ରକ୍ମିଣୀ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୁନିଲ ସାହୁ।

ଦ୍ୱିତୀୟ ମ୍ୟାଚ୍ ଭଦ୍ରକ ଓ ସୁବର୍ଣ୍ଣପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଏକତରଫା ଭାବେ ୧୧-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍ ପରେ ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରାକ୍ତନ ଫୁଟବଲ ଖେଳାଳି ଆତିଶ ପଣ୍ଡା, ଜ୍ଞାନ ରଞ୍ଜନ ପୂଜାରୀ ପ୍ରମୁଖ ଭଦ୍ରକ ଦଳର ଖେଳାଳି ସାଧନାରାଣୀ ବାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

ବରଗଡ ଜିଲା ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ପି. ସି ବେହେରା ଆନ୍ତଃ ଜିଲା ସିନିୟର ମହିଳା ଫୁଟବଲ ପ୍ରତିଯୋଗିତାରେ ଦେବଗଡ଼ ଦଳକୁ ଜଗତସିଂପୁର ୪-୧ ଗୋଲରେ ପରାସ୍ତ କରିଛି। ଜଗତସିଂପୁର ପକ୍ଷରୁ ସାନଭି ମୂର୍ମୁ, ସୋନାଲି ଶବର, ଅଞ୍ଜଳି ମୁଣ୍ଡା ଓ ସୀମାରାଣୀ ଦେହୁରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦେବଗଡ ପକ୍ଷରୁ ପୁନମ ଓରାମ ଏକମାତ୍ର ଗୋଲ ଦେଇଥିଲେ। ଡ. ରଞ୍ଜନ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ଡ. ଶିଶିର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। କଦଳୀପାଲି ଆନନ୍ଦ ଖେଳ ପଡିଆରେ ଆୟୋଜିତ ମ୍ୟାଚ୍‌ରେ ବରଗଡକୁ ୬-୦ ଗୋଲରେ ପରାସ୍ତ କରିଛି ପୁରୀ।

**ଆନ୍ତଃଜିଲା ସିନିୟର ମହିଳା ପି. ସି ବେହେରା ଟ୍ରଫି ଫୁଟବଲ**





ବରଗଡ଼ ସୋହେଲା ଷ୍ଟାଡିୟମ୍‌ରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ